ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୮/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, September 28/2023 Page 16 ₹ 7.00
୪୯ଶ ଭାଗ ୩୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 304 ମୂଲ୍ୟ₹୭/-

# ଘାଟିରେ ବସ୍ ଓଲଟି ଖେଳ ଶିକ୍ଷକ ମୃତ, ୩୪ ଛାତ୍ରୀଛାତ୍ର ଆହତ



ଘାଟିରେ ବସ୍ ଓଲଟିବା ପରେ ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଉଛି ।

ଚନ୍ଦାହାଣ୍ଡି/ଝରିଗାଁ/ନବରଙ୍ଗପୁର,୨୭।୯ ( ଦିଲୀପ ଦାସ/ କିଶୋର ଚନ୍ଦ୍ର ମଣ୍ଡଳ/ସଦାଶିବ ପ୍ରହରାଜ)

ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଏକ ବସ୍ ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ବୁଧବାର ପୂର୍ବାହ୍ଣ ସାଢ଼େ ୧୧ଟାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଥିବା ଜଣେ ଖେଳ ଶିକ୍ଷକଙ୍କର ମୃତ୍ୟୁ ଘଟିଥିବାବେଳେ ୩୪ ଛାତ୍ରୀଛାତ୍ରଙ୍କ ସମେତ ୩୮ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୧୪ ଛାତ୍ରୀଛାତ୍ର, ୨ ଖେଳ ଶିକ୍ଷୟିତ୍ରୀ, ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ରହିଛି। ମୃତକ ହେଲେ ଉମରକୋଟ ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଭାସ କୁମାର ଜେନା(୨୪)। ତାଙ୍କ ଘର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବାରବାଟିଆ ଗାଁରେ। ବ୍ୟବଚ୍ଛେଦ ପରେ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ତାଙ୍କ ନିଜ ଗ୍ରାମକୁ ପଠାଯାଇଥିବା ସୂଚନା ମିଳିଛି।

ଚନ୍ଦାହାଣ୍ଡିରେ ବୁଧବାରଠାରୁ ୩ଦିନିଆ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା । ପୂର୍ବାହ୍ଣରେ ଉମରକୋଟ ବ୍ଲକର ବିଭିନ୍ନ ସ୍କୁଲର ୫୮ଜଣ ଛାତ୍ରୀଛାତ୍ରଙ୍କ ସହ ୫ଜଣ ମହିଳା, ପୁରୁଷ ଖେଳ ଶିକ୍ଷକ ଏକ

## ■ ଚନ୍ଦାହାଣ୍ଡିରେ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡ଼ାରେ ଭାଗନେବାକୁ ଯାଉଥିଲେ

ଘରୋଇ ବସ୍ ପ୍ରଧାନ ଟ୍ରାଭେଲ୍ସ(ଓଡି-୨୪-୨୯୭୯)ରେ ଚନ୍ଦାହାଣ୍ଡି ଅଭିମୁଖେ ବାହାରିଥିଲା। ଘାଟିରେ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡିବାରୁ ଘଟଣାସ୍ଥଳରେ ଖେଳ ଶିକ୍ଷକ ଜେନାଙ୍କ ମୃତ୍ୟୁ ଘଟିଥିଲା। ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଘଟଣାସ୍ଥଳରେ ଝରିଗାଁ ଅଗ୍ନିଶମ ବିଭାଗ କର୍ମଚାରୀ, ପୋଲିସ ପହଞ୍ଚି କେତେଜଣ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଏବଂ ଅନ୍ୟ ଗାଡ଼ିରେ ଝରିଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଗାଡି ଚାଳକ ନରେନ୍ଦ୍ର ମିସ୍ତ୍ରୀ(୩୨), କ୍ରୀଡ଼ା ଶିକ୍ଷୟିତ୍ରୀ ରଶ୍ମିତା ବରାଳ(୪୬), ନିବେଦିତା ସ୍ୱାଇଁ(୪୬), ଛାତ୍ର ଆନନ୍ଦ ମାରାଣ୍ଡି(୧୬), ମିଥୁନ ସାନ୍ତା(୧୬), ନୃପତି ଗୁଣ୍ଡା(୧୫), ବିଦ୍ୟା ବିଶ୍ୱଜିତ(୧୬), ପଲାସା ମଣ୍ଡଳ (୧୬), ଜୀବନ ପାଙ୍ଗି(୧୬), ☞ପୃଷ୍ଠା-୨

## ଘାଟି ତଳକୁ ଖସିଲା ସ୍କୁଟି, ୩ ଯୁବକ ମୃତ

କୋରାପୁଟ/ନାରାୟଣପାଟଣା, ୨୭।୯(ଅମିତାଭ ବେହେରା/ ରାଜକିଶୋର ଜେନା)

କୋରାପୁଟ ଜିଲା ନାରାୟଣପାଟଣା ଥାନା ଅନ୍ତର୍ଗତ ଲଙ୍ଗଳବେଡା ଗ୍ରାମ ନିକଟସ୍ଥ ଘାଟିରେ ବୁଧବାର ରାତି ୮ଟାରେ ଏକ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇ ୬୦ ଫୁଟ ତଳକୁ ଖସିପଡିଛି। ଫଳରେ ସ୍କୁଟିରେ ଥିବା ୩ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକମାନେ ଆନ୍ଧ୍ର ପ୍ରଦେଶ ପାର୍ବତୀପୁର ମାନ୍ୟମ ଜିଲା ଅନ୍ତର୍ଗତ ମକୁଆ ମଣ୍ଡଳର ଆନସୁଭଦ୍ରା ଗ୍ରାମର ଜୟ ରାଜୁ (୧୯), ମାରି ଶିବା (୨୦) ଓ ମାଲିକା ବାଲରାଜୁ (୨୧) ବୋଲି ଜଣାପଡଛି।

ଖବରରୁ ଜଣାପଡିଛି, ଆନ୍ଧ୍ରର ଆନାସୁଭଦ୍ରା ଅଞ୍ଚଳର ଏହି ୩ ଜଣ ଯୁବକ କୌଣସି କାମରେ ଏକ ସ୍କୁଟି ଯୋଗେ ନାରାୟଣପାଟଣାର ବୋରିଗି ଅଞ୍ଚଳକୁ ଆସିଥିଲେ। କାମ ସାରି ଘରକୁ ଫେରୁଥିବାବେଳେ ଲଙ୍ଗଳବେଡା ଘାଟିରେ ଦୁର୍ଘଟଣାର ଶିକାର ହୋଇଥିଲେ। ଫଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ନାରାୟଣପାଟଣା ପୋଲିସ ଆମ୍ବୁଲାନ୍ସ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲା। ସେମାନଙ୍କୁ ଘାଟି ତଳୁ ଉଦ୍ଧାର କରିବାକୁ ପ୍ରାୟ ଏକ ଘଣ୍ଟା ସମୟ ଲାଗିଥିଲା। ମୃତଦେହଗୁଡିକୁ ନାରାୟଣପାଟଣା ମେଡିକାଲରେ ରଖାଯାଇଛି। ଗୁରୁବାର ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଏନେଇ ଖବର ପାଇ ସେମାନଙ୍କ ପରିବାରଲୋକେପହଞ୍ଚିଥିବାଜଣାପଡ଼ିଛି।

**ଆଜିର ସମ୍ପାଦକୀୟ**
**ବିଶ୍ୱ ଜଳ ସଙ୍କଟ**

DSPL-246
5T TRANSPARENCY TECHNOLOGY TEAMWORK TIME TRANSFORMATION | ଓଡ଼ିଶା ସରକାର | ମୋ ସରକାର ☎ 14545

ବିଶ୍ୱ ଜଳାତଙ୍କ ଦିବସ
୨୮ ସେପ୍ଟେମ୍ବର ୨୦୨୩

"ସମୟୋଚିତ ପଦକ୍ଷେପ ଦ୍ୱାରା ଜଳାତଙ୍କ ରୋଗକୁ ପ୍ରତିରୋଧ କରାଯାଇପାରେ। ଆବଶ୍ୟକ ସ୍ଥଳେ ଯଥାଶୀଘ୍ର ଡାକ୍ତରୀ ସହାୟତା ନିଅନ୍ତୁ।"
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ସୁସ୍ଥ ଓଡ଼ିଶା
ସୁଖୀ ଓଡ଼ିଶା



- ଜଳାତଙ୍କ ପ୍ରତିଷେଧକ ଟୀକା ସମସ୍ତ ସରକାରୀ ଚିକିତ୍ସାଳୟରେ ମାଗଣା ଉପଲବ୍ଧ।
- କୌଣସି ପଶୁ କାମୁଡିଲେ ତୁରନ୍ତ ସେ ସ୍ଥାନକୁ କାର୍ବଲିକ୍ ସାବୁନ ଓ ପାଣିରେ ଧୋଇ ଦିଅନ୍ତୁ।
- ପଶୁମାନଙ୍କ ସଂସ୍ପର୍ଶରେ ବାରମ୍ବାର ଆସୁଥିବା ବ୍ୟକ୍ତି ପୂର୍ବରୁ ଜଳାତଙ୍କ ପ୍ରତିଷେଧକ ଟୀକା ନେଇଯିବା ଉଚିତ୍।
- ପଶୁ କାମୁଡିବା ପରବର୍ତ୍ତୀ ପ୍ରତିଷେଧକ ଟୀକା ପାଇଁ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ।

OIPR-10003/13/0110/2324
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/

DADLS-36
ସତ୍ୟମେବ ଜୟତେ



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଗଣେଶୀଲାଲ
(ଗଣେଶୀଲାଲ)

ଓଡ଼ିଶା ସରକାର



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶାର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର




ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ଇସଲାମ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

ପ୍ରଦିପ କୁମାର ଅମାତ
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା
OIPR-15001/13/0148/2324

# ୫୩ ସ୍ଥାନରେ ଏନ୍‌ଆଇଏ ଚଢ଼ାଉ

**ନୂଆଦିଲ୍ଲୀ,୨୭।୯:** ଆତଙ୍କବାଦୀ, ଗ୍ୟାଙ୍ଗଷ୍ଟର ଓ ଡ୍ରଗ୍ସ ଚାଲାଣକାରୀଙ୍କ ଅସାଧୁ ମେଣ୍ଟ ଉପରେ ବୁଧବାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୫ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ୫୫ଟି ସ୍ଥାନରେ ଏହି ଫେଡେରାଲ ଏଜେନ୍ସି ଚଢ଼ାଉ କରିଛି। ତାଲିକାଭୁକ୍ତ ଆତଙ୍କବାଦୀ ଅର୍ଶ ଦଲ୍ଲାଙ୍କ ସହଯୋଗୀ ଓ ଅନେକ ଦୁର୍ଦ୍ଦାନ୍ତ ଗ୍ୟାଙ୍ଗଷ୍ଟରଙ୍କ ବିରୋଧରେ ଚାଲିଥିବା ମାମଲାର ଖୋଳତାଡ଼ ପାଇଁ ପଞ୍ଜାବ, ହରିୟାଣା, ରାଜସ୍ଥାନ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ଦିଲ୍ଲୀ ଓ ଚଣ୍ଡିଗଡ଼ରେ ଚଢ଼ାଉ ବେଳେ ବନ୍ଧୁକ, ଅନ୍ୟ ଅସ୍ତ୍ରଶସ୍ତ୍ର, ଡିଜିଟାଲ ଉପକରଣ ଏବଂ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଏହି ଗ୍ୟାଙ୍ଗଷ୍ଟରମାନେ ପାକିସ୍ତାନ, ୟୁଏଇ, କାନାଡା, ପର୍ତ୍ତୁଗାଲ ସମେତ ଆଉ କେତେକ ଦେଶର ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ସହ ଯୋଗସୂତ୍ରରେ ରହି ଡ୍ରଗ୍ସ ଚାଲାଣ କରୁଥିଲେ ବୋଲି ଜଣେ ଏନ୍‌ଆଇଏ ଅଧିକାରୀ ସୂଚନା ଦେଇଛନ୍ତି।



ପ୍ୟାରିସ୍ ଫ୍ୟାସନ ୱିକ୍‌ରେ ଭାଗ ନେଇଥିବା ଜଣେ ମଡେଲ୍।

# ବଳାତ୍କାର ପୀଡ଼ିତାଙ୍କ ରକ୍ତସ୍ରାବ

## ଉଜ୍ଜୟିନୀରେ ଲଜ୍ଜା

### ମୂର୍ଚ୍ଛିତ ଅବସ୍ଥାରେ ରାସ୍ତାରୁ ଉଦ୍ଧାର

**ଉଜ୍ଜୟିନୀ,୨୭।୯**

ମଧ୍ୟପ୍ରଦେଶର ଧର୍ମ ନଗରୀ ଉଜ୍ଜୟିନୀରେ ସଭ୍ୟ ସମାଜର ମୁହଁ ତଳକୁ କରିଦେବା ଭଳି ଏକ ଅତି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରକ୍ତସ୍ରାବ ହେଉଥିବା ଜଣେ ୧୨ ବର୍ଷୀୟା ଅର୍ଦ୍ଧ ଉଲଗ୍ନ ଝିଅଙ୍କୁ ମହାକାଳ ଥାନା ଅଞ୍ଚଳର ରାସ୍ତାରେ ମୂର୍ଚ୍ଛିତ ଅବସ୍ଥାରେ ସୋମବାର ଠାବ କରାଯାଇଛି। ତାଙ୍କୁ ବଳାତ୍କାର କରାଯାଇଥିବା ଡାକ୍ତରୀ ପରୀକ୍ଷାରୁ ସ୍ପଷ୍ଟ ହୋଇଥିବା ପୋଲିସ କହିଛି। ବଳାତ୍କାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ମାମଲାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିବା ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରା ସୂଚନା ଦେଇଛନ୍ତି। ପୀଡ଼ିତାଙ୍କୁ ମଙ୍ଗଳବାର ଇନ୍ଦୋରର ଏକ ସରକାରୀ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ସେ ଗୁରୁତର ଥିଲେ ମଧ୍ୟ ବିପଦମୁକ୍ତ ବୋଲି ନରୋତ୍ତମ କହିଛନ୍ତି। ପୀଡ଼ିତା ଜଣକ ପଡ଼ୋଶୀ ଉତ୍ତର ପ୍ରଦେଶ ବାସିନ୍ଦା ହୋଇଥାଇପାରନ୍ତି। ତେବେ ସେ ପୋଲିସକୁ ନିଜ ନାମ ଓ ଠିକଣା କହିପାରି ନ ଥିବାରୁ ତାଙ୍କ ପରିଚୟ ଚିହ୍ନଟ ହୋଇପାରି ନାହିଁ ବୋଲି ଏସ୍‌ପି ସଚିନ ଶର୍ମା କହିଛନ୍ତି। ଏସ୍‌ଆଇଟି ପକ୍ଷରୁ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ଇତିମଧ୍ୟରେ ମଧ୍ୟପ୍ରଦେଶ କଂଗ୍ରେସ ମୁଖ୍ୟ କମଲନାଥ ପୀଡ଼ିତାଙ୍କୁ ୧ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ ଏବଂ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ଦାବି କରିଛନ୍ତି। ଏହି ଘଟଣା ମାନବିକତାକୁ ଲଜ୍ଜିତ କରିଦେଇଥିବା କମଲନାଥ ଏକ୍ସ'ରେ ନିନ୍ଦା କରିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ ସୁର୍ଯ୍ୟେୱାଲା ଏହାକୁ ୨୦୧୨ ନିର୍ଭୟା ମାମଲା ସହ ତୁଳନା କରି ବର୍ବର ଅପରାଧ ବୋଲି କହିଛନ୍ତି। ମଧ୍ୟପ୍ରଦେଶରେ ଦିନକୁ ୮ ବଳାତ୍କାର ଘଟୁଛି। ଭାଜପା ସରକାର ଜଣେ ୧୨ ବର୍ଷୀୟା ଝିଅଙ୍କୁ ନ୍ୟାୟ ଦେଇପାରି ନ ଥିବାରୁ ଗୋଟିଏ ମୁହୂର୍ତ୍ତ ବି କ୍ଷମତାରେ ରହିବାର ଅଧିକାର ନାହିଁ ବୋଲି ସୁର୍ଯ୍ୟେୱାଲା ସମାଲୋଚନା କରିଛନ୍ତି। ସେପଟେ ଗୃହମନ୍ତ୍ରୀ ନରୋତ୍ତମ ଆମେ କ'ଣ କଂଗ୍ରେସଠାରୁ ସାର୍ଟିଫିକେଟ ନେବୁ ବୋଲି ଓଲଟା ପ୍ରଶ୍ନ କରିଛନ୍ତି।

# କଂସେଇଙ୍କୁ ଗୋରୁ ବିକୁଛି ଇସ୍କନ୍

## ବିବାଦରେ ମାନେକା ଗାନ୍ଧୀଙ୍କ ମନ୍ତବ୍ୟ

**ନୂଆଦିଲ୍ଲୀ,୨୭।୯:** ଇଣ୍ଟରନ୍ୟାଶନାଲ ସୋସାଇଟି ଫର୍ କ୍ରିଷ୍ଣା କନ୍‌ସିଅସ୍‌ନେସ୍ (ଇସ୍କନ) ହେଉଛି ଦେଶରେ ସବୁଠୁ ବଡ଼ ଠକ। ଏହି ଧର୍ମୀୟ ସଂସ୍ଥା ନିଜ ଗୋଶାଳାଗୁଡ଼ିକର ଗୋରୁଙ୍କୁ କଂସେଇମାନଙ୍କୁ ବିକ୍ରି କରୁଛି ବୋଲି ଭାଜପା ଏମ୍‌ପି ମାନେକା ଗାନ୍ଧୀ ଟାର୍ଗେଟ କରିଛନ୍ତି। ତାଙ୍କ ମତରେ ଇସ୍କନ୍ ଗୋଶାଳା ପରିଚାଳନା କରି ସରକାରଙ୍କଠାରୁ ବିସ୍ତୃତ ଜମି ଓ ଅନ୍ୟ ସୁବିଧାଗୁଡ଼ିକ ହାସଲ କରୁଛି। ଫାଇଦା ଉଠାଇବା ପରେ ଗୋରୁଙ୍କୁ କଂସେଇଙ୍କ ହାତରେ ଟେକିଦେଉଛି। ପ୍ରାଣୀ ସୁରକ୍ଷା ଉପରେ ମତ ରଖୁଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକାଙ୍କ ଏହି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇ ବିବାଦ ସୃଷ୍ଟି କରିଛି। ତେବେ ଇସ୍କନ୍ ଏହି ଅଭିଯୋଗକୁ ଭିତ୍ତିହୀନ ଓ ମିଥ୍ୟା କହି ଖଣ୍ଡନ କରିଛି।

# ପୋଲିସ, ବିକ୍ଷୋଭକାରୀ ସଂଘର୍ଷ

## ଛାତ୍ରୀ, ଛାତ୍ରଙ୍କ ହତ୍ୟା ମାମଲା

**ଇମ୍ଫାଲ,୨୭।୯**

ଜାତିଆଣ ହିଂସା ପ୍ରଭାବିତ ମଣିପୁରରେ ମେଇତି ସମ୍ପ୍ରଦାୟର ନିଖୋଜ ଛାତ୍ରୀ ଲୁୱାଙ୍ଗ୍‌ବି ହିଜାମ୍ ଏବଂ ଛାତ୍ର ଫିଜାମ୍ ହେମନ୍‌ଜିତଙ୍କୁ ଅପହରଣ ଓ ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇ ସ୍ଥିତି ଅଣାୟତ୍ତ ହୋଇଛି। ଇମ୍ଫାଲରେ ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ଛାତ୍ରୀଛାତ୍ରମାନେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ଲୁହବୁହା ବାଷ୍ପ ପ୍ରୟୋଗ ସହ ଲାଠିମାଡ଼ କରିଛି। ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷର ଅନେକେ ଆହତ ହୋଇଛନ୍ତି। ସଂଘର୍ଷ ପରେ ତତ୍କାଳ ରାଜଧାନୀରେ କର୍ଫ୍ୟୁ ଜାରି କରାଯାଇଛି।

ଗତ ଜୁଲାଇ ୬ରେ ମେଇତି ସମ୍ପ୍ରଦାୟର ଲୁୱାଙ୍ଗ୍‌ବି ହିଜାମ୍ ଏବଂ ଫିଜାମ୍ ହେମନ୍‌ଜିତ ନିଖୋଜ ହୋଇଯାଇଥିଲେ। ଜଙ୍ଗଲରେ ଥିବା ଏକ ସଶସ୍ତ୍ର ଗୋଷ୍ଠୀର ଶିବିରରେ ଉଭୟେ ବସିଥିବାବେଳେ ୨ ଜଣ ବନ୍ଧୁକଧାରୀ ସେମାନଙ୍କ ପଛରେ ଛିଡ଼ା ହୋଇଥିଲେ। ଏହି



ମେଇତି ଛାତ୍ରୀ ଓ ଛାତ୍ରଙ୍କ ହତ୍ୟା ପ୍ରତିବାଦରେ ମଣିପୁରର ୱେଷ୍ଟ ଇମ୍ଫାଲ ଜିଲା ମୋଇରାଙ୍ଗ୍‌ଖୋମ୍‌ରେ ବିକ୍ଷୋଭ ବେଳେ ସୁରକ୍ଷା ବଳର କଡ଼ା ପ୍ରହରା।

### ମଣିପୁରରେ କର୍ଫ୍ୟୁ ଜାରି

ଫଟୋ ସୋମବାର ସାମ୍ନାକୁ ଆସିଥିଲା। ଏହା ପରେ ଲୁୱାଙ୍ଗ୍‌ବି ଏବଂ ଫିଜାମ୍‌ଙ୍କ ମୃତଦେହ ତଳେ ପଡ଼ିଥିବାର ଫଟୋ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଥିଲା। କୁକି ଉଗ୍ରପନ୍ଥୀମାନେ ଦୁହିଁଙ୍କୁ ଅପହରଣ ପରେ ହତ୍ୟା କରିଥିବା ରାଜ୍ୟ ସରକାର ସୂଚନା ଦେଇଥିଲେ। ବିକ୍ଷୋଭକାରୀମାନେ ବୁଧବାର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ବାସଭବନ ଆଡ଼କୁ ଶୋଭାଯାତ୍ରାରେ ଯାଉଥିବାବେଳେ ପୋଲିସ କାଙ୍ଗ୍ଲା ଗେଟ୍ ନିକଟରେ ଅଟକାଇଥିଲା। ଫଳରେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଅନେକ ବିକ୍ଷୋଭକାରୀ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣ ଗୁରୁତର ଥିବା ଜଣାପଡ଼ିଛି।

### ୬ ମାସ ବଢ଼ିଲା ଏଏଫ୍‌ଏସ୍‌ଏ

ମଣିପୁରକୁ ପୁଣି ଉତ୍ତେଜନା ଫେରିଥିବାରୁ ଉଗ୍ରପନ୍ଥୀ ଓ କଟ୍ଟରପନ୍ଥୀ ଗୋଷ୍ଠୀଙ୍କ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ସରକାର ରାଜ୍ୟକୁ ଅସ୍ଥିର ଅଞ୍ଚଳ ଘୋଷଣା କରିଛନ୍ତି। ରାଜ୍ୟପାଳ ରାଜ୍ୟରେ ସଶସ୍ତ୍ର ବଳ (ସ୍ୱତନ୍ତ୍ର କ୍ଷମତା) ଆଇନ (ଏଏଫ୍‌ଏସ୍‌ଏ)କୁ ଆଉ ୬ ମାସ ପାଇଁ ବୃଦ୍ଧି କରିଛନ୍ତି। ଏହି ବିବାଦୀୟ ଆଇନ ଅକ୍ଟୋବର ୧ରୁ ଲାଗୁ ହେବ। ତେବେ ଇମ୍ଫାଲ ଉପତ୍ୟକା ଅଧୀନ ୧୯ ଥାନା ଅଞ୍ଚଳରେ ଏହା ଲାଗୁହେବ ନାହିଁ ବୋଲି ଏକ ସରକାରୀ ବିଜ୍ଞପ୍ତିରେ କୁହାଯାଇଛି।

### ଇମ୍ଫାଲରେ ସିବିଆଇ ଟିମ୍

ଇତିମଧ୍ୟରେ ଘଟଣାର ତଦନ୍ତ ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସ୍ୱତନ୍ତ୍ର ନିର୍ଦ୍ଦେଶକ ଅଜୟ ଭଟ୍ଟନାଗରଙ୍କ ନେତୃତ୍ୱରେ ଏକ ଟିମ୍ ଇମ୍ଫାଲରେ ପହଞ୍ଚି ତନାଘନା ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ଓ କେନ୍ଦ୍ର ସରକାର ଏହି ମାମଲାକୁ ନେଇ ସମ୍ବେଦନଶୀଳ ଅଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ତଦନ୍ତ ପାଇଁ ସିବିଆଇ ଟିମ୍ ପଠାଇଛନ୍ତି।

**ଅଯୋଗ୍ୟ ମୁଖ୍ୟମନ୍ତ୍ରୀଙ୍କୁ ବହିଷ୍କାର କର**

ଭାଜପା ଯୋଗୁ ୧୪୭ ଦିନ ହେଲା ମଣିପୁର ଯୁଦ୍ଧଭୂମିରେ ପରିଣତ ହୋଇଛି। ରାଜ୍ୟରେ ମହିଳା ବିରୋଧୀ ହିଂସା ବଢ଼ୁଥିବାବେଳେ ଶିଶୁମାନଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି। ସ୍ଥିତି ନିୟନ୍ତ୍ରଣ କରିବାରେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଭାଜପାର ଏହି ଅଯୋଗ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତୁରନ୍ତ ବହିଷ୍କାର କରନ୍ତୁ।

**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

**ଅପରାଧୀଙ୍କୁ ଛଡ଼ାଯିବ ନାହିଁ: ଭାଜପା**

ମଣିପୁରରେ ୨ ଛାତ୍ରୀ ଓ ଛାତ୍ରଙ୍କୁ ଅପହରଣ ପରେ ହତ୍ୟା କରିଥିବା ଅପରାଧୀଙ୍କୁ ଛଡ଼ାଯିବ ନାହିଁ। ସ୍ୱରାଷ୍ଟ୍ରମନ୍ତ୍ରୀ ସିବିଆଇ ଅଧିକାରୀମାନଙ୍କ ଏକ ଟିମ୍‌କୁ ତଦନ୍ତ ପାଇଁ ପଠାଇଛନ୍ତି। ପୀଡ଼ିତ ପରିବାରକୁ ଯଥାଶୀଘ୍ର ସମ୍ଭବ ନ୍ୟାୟ ପ୍ରଦାନ କରାଯିବ।

**-ସମ୍ବିତ ପାତ୍ର, ଭାଜପା ମୁଖପାତ୍ର**

# କେଜ୍‌ରିୱାଲଙ୍କ ବଙ୍ଗଳା ବିବାଦ: ସିବିଆଇ ତଦନ୍ତ ଆରମ୍ଭ

**ନୂଆଦିଲ୍ଲୀ,୨୭।୯**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନୂଆ ସରକାରୀ ବାସଭବନ ନିର୍ମାଣରେ ଅନିୟମିତତା ଅଭିଯୋଗର ପ୍ରାଥମିକ ତଦନ୍ତ କରିଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)। ଦିଲ୍ଲୀର ଶାସକ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଅଭିଯୋଗକୁ ଖଣ୍ଡନ କରିଛି। ଭାଜପା ଏଏପିକୁ ଶେଷ କରିଦେବା ପାଇଁ ନିଜ ସବୁ ଶକ୍ତି ଲଗାଇଦେଇଥିବା କେଜ୍‌ରିୱାଲଙ୍କ ଦଳ ପକ୍ଷରୁ କୁହାଯାଇଛି। ଏଫ୍‌ଆଇଆର୍‌ରେ ଉଲ୍ଲେଖ ଅଭିଯୋଗର ସତ୍ୟାସତ୍ୟ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରଥମ ପଦକ୍ଷେପ ହେଉଛି ପ୍ରାଥମିକ ତଦନ୍ତ। ସିବିଆଇ ପକ୍ଷରୁ ଦିଲ୍ଲୀ ସରକାରଙ୍କ କେତେଜଣ କର୍ମଚାରୀଙ୍କ ବିରୋଧରେ ଏହି ତଦନ୍ତ କରାଯାଇଛି। ସିବିଆଇର ଦୁର୍ନୀତି ନିରୋଧୀ ଶାଖା କେଜ୍‌ରିୱାଲଙ୍କ ବାସଭବନ ନିର୍ମାଣ ସମ୍ପର୍କିତ ଅନୁମୋଦନ ରେକର୍ଡ, ଅଧିକାରୀମାନଙ୍କ ସୁପାରିସ, ଟେଣ୍ଡର ଦସ୍ତାବିଜ, କଣ୍ଟ୍ରାକ୍ଟରମାନଙ୍କ ଦ୍ୱାରା ଦାଖଲ ବିଡ୍, ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ ଆଦି ଯାଞ୍ଚ କରିଛି।

# ଇଂଲିଶ୍ ସାଇନବୋର୍ଡ ଦେଖି ରାଗିଲେ ନୀତୀଶ



**ପାଟନା, ୨୭।୯:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବୁଧବାର ବାଙ୍କା ଜିଲାକୁ ଏକ ପାଠାଗାର ଉଦ୍‌ଘାଟନ ପାଇଁ ଯାଇଥିଲେ। ନୂଆକରି ପ୍ରତିଷ୍ଠା ହୋଇଥିବା ଡିଜିଟାଲ ଲାଇବ୍ରେରିରେ ଇଂଲିଶ୍‌ରେ ସାଇନବୋର୍ଡ ଥିବା ଦେଖି ନୀତୀଶ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ ନିଜ ଉପରୁ ନିୟନ୍ତ୍ରଣ ହରାଇ ଉପସ୍ଥିତ ବରିଷ୍ଠ ଅଧିକାରୀମାନଙ୍କୁ ଭର୍ତ୍ସନା କରିଥିଲେ। ଆପଣମାନେ ହିନ୍ଦୀ ଭାଷାର ଗୁରୁତ୍ୱକୁ ଶେଷ କରୁଛନ୍ତି। ହିନ୍ଦୀ ଆମ ନିଜ ଭାଷା ଓ ପରମ୍ପରାର ଏକ ଅଂଶ। ଆମେ ବ୍ରିଟିଶ୍ କାଳରେ ନାହୁଁ ବୋଲି କହିବା ସହ ତୁରନ୍ତ ସେହି ସାଇନବୋର୍ଡକୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ମାର୍ଚ୍ଚରେ ମଧ୍ୟ ପାଟନାରେ ଆୟୋଜିତ ଏକ କୃଷକ ସମ୍ମିଳନୀରେ ଜଣେ ଚାଷୀ ଇଂଲିଶ୍ କହୁଥିବା ଦେଖି ନୀତୀଶ ରାଗି ଯାଇଥିଲେ।

# ବିବାହ ବେଳେ ନିଆଁ: ଶତାଧିକ ଦଗ୍ଧ

**ମୋସୁଲ,୨୭।୯**

ଇରାକ୍‌ର ଖ୍ରୀଷ୍ଟିଆନ୍ ବହୁଳ ସହର କାରାକୋଶରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବାହାଘର ଚାଲିଥିବାବେଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ତେବେ ସୌଭାଗ୍ୟବଶତଃ କନ୍ୟା ଓ ବର ବର୍ତ୍ତିଯାଇଛନ୍ତି।

ବିବାହ ଆରମ୍ଭ ହେବା ପରେ ସିଲିଂ ଡେକୋରେଶନ୍‌ରେ ହଠାତ୍ ନିଆଁ ଲାଗି ଚାହୁଁ ଚାହୁଁ ଚତୁର୍ଦ୍ଦିଗକୁ ବ୍ୟାପିଥିଲା। ଏଥିରେ ଅନ୍ୟୂନ ୧୧୩ ଜଣଙ୍କ ଜୀବନ ଯାଇଥିବା ନିନେଭେହ ପ୍ରଦେଶ ଡେପୁଟି ଗଭର୍ନର ହାସନ ଅଲ୍-ଅଲାଫ୍ ସୂଚନା ଦେଇଛନ୍ତି। ଦେଶର ଗୃହ ମନ୍ତ୍ରଣାଳୟ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ୱେଡିଂ ହଲ୍ ମାଲିକଙ୍କ ସମେତ ୪ ଜଣଙ୍କ ନାମରେ ଗିରଫ ପରୱାନା ଜାରି କରାଯାଇଛି।

ହମଦାନିୟା ନାମରେ ପରିଚିତ ଏହି ସହରରେ ବୁଧବାର ସକାଳେ ଲୋକେ ଆତ୍ମୀୟସ୍ୱଜନଙ୍କୁ ଖୋଜୁଥିଲେ। ମରିୟମ୍ ଖେଦର ନାମ୍ନୀ ଜଣେ ମହିଳା ନିଜ ୨୭ ବର୍ଷୀୟା ଝିଅ ରାଣା ୟାକୁବ ଓ ୩ ନାତୁଣୀନାତିଙ୍କ ମୃତଦେହ ନେବା ପାଇଁ ଅଧିକାରୀମାନଙ୍କୁ ଅପେକ୍ଷା କରିଥିଲେ। କାନ୍ଦି କାନ୍ଦି କହୁଥିଲେ, ଏହା ବାହାଘର ନୁହେଁ, ବରଂ ଏକ ନର୍କ। ପ୍ରକାଶ ଯେ, ୨୦୨୧ରେ ଇରାକ୍ ରାଜଧାନୀ ବାଗଦାଦ ଓ ନସିରିୟା ସହରର ୨ଟି ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିବାରୁ ଚିକିତ୍ସାଧୀନ ୧୭୪ କୋଭିଡ୍ ରୋଗୀ ପ୍ରାଣ ହରାଇଥିଲେ।



ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ନିକଟରେ ଆତ୍ମୀୟସ୍ୱଜନ କାନ୍ଦୁଛନ୍ତି।


# ୱାର୍ଲ୍ଡ ଟ୍ୟାଲେଣ୍ଟ ର‌୍ୟାଙ୍କିଂ: ୪ ପାଦ ଖସିଲା ଭାରତ

**ନୂଆଦିଲ୍ଲୀ,୨୭।୯:** ୱାର୍ଲ୍ଡ ଟ୍ୟାଲେଣ୍ଟ ର‌୍ୟାଙ୍କିଂରେ ଭାରତ ୨୦୨୨ରେ ୫୨ତମ ସ୍ଥାନରେ ଥିବାବେଳେ ଚଳିତ ବର୍ଷ ୪ ପାଦ ତଳକୁ ଖସି ୫୬ତମ ସ୍ଥାନରେ ରହିଛି। ଏନେଇ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ମ୍ୟାନେଜମେଣ୍ଟ ଡେଭେଲପ୍‌ମେଣ୍ଟ (ଆଇଏମ୍‌ଡି) ପକ୍ଷରୁ ବୁଧବାର ଏକ ରିପୋର୍ଟ ପ୍ରକାଶ ପାଇଛି। ଭାରତର ଭିତ୍ତିଭୂମିରେ ଉନ୍ନତି ଆସିଥିଲେ ମଧ୍ୟ ମେଧା ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି ପାଇଁ ଏଥିରେ ଆହୁରି ଅଗ୍ରଗତି ଆବଶ୍ୟକ ବୋଲି କୁହାଯାଇଛି। ୬୪ଟି ଅର୍ଥନୀତିକୁ ନେଇ ଏହି ସର୍ବେକ୍ଷଣ କରାଯାଇଥିଲା।

# ରକେଟ ଖେଳିବାବେଳେ ବିସ୍ଫୋରଣ: ୮ ମୃତ

**କରାଚୀ,୨୭।୯:** ପାକିସ୍ତାନର ସିନ୍ଧ ପ୍ରଦେଶସ୍ଥିତ କାନ୍ଧକୋଟ୍‌ରେ ପିଲାମାନେ ପଡ଼ିଆରେ ଖେଳୁଥିବାବେଳେ ଏକ ରକେଟ ଲଞ୍ଚର ସେଲ୍ ପାଇଥିଲେ। ସେମାନେ ତାକୁ ଧରି ଖେଳିବାକୁ ଲାଗିଥିବାବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା। ଏଥିରେ ଗୋଟିଏ ପରିବାରର ୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୪ ପିଲା ଅଛନ୍ତି। ତେବେ ପଡ଼ିଆକୁ ରକେଟ ଲଞ୍ଚର କିପରି ଗଲା ତାହା ଜାଣିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# ଆଉ ଏକ ମହାଦେଶ ଆବିଷ୍କୃତ



ଭୂବୈଜ୍ଞାନିକମାନେ ଏକ ମହାଦେଶ ଆବିଷ୍କାର କରିଛନ୍ତି। ସେଠାରେ କେତୋଟି ଦ୍ୱୀପ ରହିଛି, ଯାହାର ଆୟତନ ୧.୮୯ ନିୟୁତ ବର୍ଗ ମାଇଲ (୪.୯ ନିୟୁତ ବର୍ଗ କି.ମି.)। ମାଡାଗାସ୍କାରଠାରୁ ଏହା ୬ ଗୁଣା ବଡ଼ ହେବ। ନୂଆ ମହାଦେଶର ୯୪% ପାଣିରେ ବୁଡ଼ି ରହିଛି। ଜିଲାଣ୍ଡିଆ ବା ଟେ ରିଉ-ଏ-ମଉଇ ନାମକ ଟେକ୍ଟୋନିକ୍ସ ଜର୍ନାଲରେ ଏହି ମହାଦେଶ ସମ୍ପର୍କରେ ବିସ୍ତୃତ ଗବେଷଣା ପ୍ରକାଶ ପାଇଛି।

# ଆଇଏଏସ୍ ଅଫିସରଙ୍କୁ ଲଦାଖ ବଦଳି

## ଷ୍ଟାଡିୟମ୍‌ରେ କୁକୁର ବୁଲାଇବା ଘଟଣା

**ନୂଆଦିଲ୍ଲୀ,୨୭।୯**

ଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମ୍‌ରେ କୁକୁର ବୁଲାଇ ବିବାଦୀୟ ହୋଇଥିବା ଆଇଏଏସ୍ ଅଧିକାରୀ ସଞ୍ଜୀବ ଖୀରୱରଙ୍କୁ ଲଦାଖକୁ ବଦଳି କରାଯାଇଛି। ନିକଟରେ ପ୍ରକାଶିତ ୧୯୯୪ ବ୍ୟାଚ୍‌ର ଆଇଏଏସ୍ ଅଫିସର ସଞ୍ଜୀବ ଓ ତାଙ୍କ ସ୍ତ୍ରୀ ରିଙ୍କି ଦୁଗା ଆଥଲେଟିକ୍ ଟ୍ରାକ୍ ପିନ୍ଧି ଷ୍ଟାଡିୟମ୍‌କୁ କୁକୁରକୁ ବୁଲାଇବାକୁ ନେଇଥିଲେ। ଏହା ପୂର୍ବରୁ ସେଠାରୁ କ୍ରୀଡ଼ାବିତ୍‌ମାନଙ୍କୁ ଜବରଦସ୍ତି ବାହାର କରିଦିଆଯାଇଥିଲା। ଏହାର ଭିଡିଓ ଭାଇରାଲ ହେବା ପରେ ବିବାଦ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ଦିଲ୍ଲୀ ରାଜସ୍ୱ ବିଭାଗ ପ୍ରଧାନ ସଚିବ ଥିବା ସଞ୍ଜୀବଙ୍କୁ ଲଦାଖ ଓ ସ୍ତ୍ରୀ ରିଙ୍କି (ଆଇଏଏସ୍ ଅଧିକାରୀ)ଙ୍କୁ ଅରୁଣାଚଳ ପ୍ରଦେଶକୁ ବଦଳି କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏକ ନିର୍ଦ୍ଦେଶନାମାରେ କୁହାଯାଇଛି।



ସଞ୍ଜୀବ ଖୀରୱର | ରିଙ୍କି ଦୁଗା

# ଭାଜପା ଶାସିତ ରାଜ୍ୟରେ ୮୦%

## ମୁସଲମାନ ବିରୋଧୀ ଘୃଣା ମନ୍ତବ୍ୟ

**ୱାଶିଂଟନ୍,୨୭।୯**

୨୦୨୩ ପ୍ରଥମାର୍ଦ୍ଧରେ ଭାରତରେ ୨୫୫ ମୁସଲମାନ ବିରୋଧୀ ଘୃଣା ମନ୍ତବ୍ୟ ଦିଆଯାଇଛି। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ସର୍ବାଧିକ ମୁସଲମାନଙ୍କୁ ଟାର୍ଗେଟ କରାଯାଇଥିବା ବିଷୟ ହିନ୍ଦୁତ୍ୱ ୱାଚ୍ ରିପୋର୍ଟରେ ଦର୍ଶାଯାଇଛି। ଚଳିତବର୍ଷ ୫ ରାଜ୍ୟରେ ବିଧାନସଭା ଭୋଟ ଏବଂ ୨୦୨୪ରେ ସାଧାରଣ ନିର୍ବାଚନ ଥିବାବେଳେ ଏହି ଉଦ୍‌ବେଗଜନକ ତଥ୍ୟ ସାମ୍ନାକୁ ଆସିଛି।

ୱାଶିଂଟନ୍‌ସ୍ଥିତ ହିନ୍ଦୁତ୍ୱ ୱାଚ୍ ହେଉଛି, ଏକ ତଥ୍ୟ ଆଧାରିତ ଗବେଷଣା ଉଦ୍ୟମ, ଯାହାଦ୍ୱାରା ହିନ୍ଦୁ ଦକ୍ଷିଣପନ୍ଥୀ ସଙ୍ଗଠନଗୁଡ଼ିକର କାର୍ଯ୍ୟକଳାପ ଉପରେ ନଜର ରଖାଯାଇଥାଏ। ଏହି ସଂସ୍ଥା ପକ୍ଷରୁ ଜାରି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୩ର ପ୍ରଥମ ୬ ମାସ ମଧ୍ୟରେ ଦେଶରେ ଆୟୋଜିତ ସଭାଗୁଡ଼ିକରେ ୨୫୫ ଥର ମୁସଲମାନ ବିରୋଧୀ ମନ୍ତବ୍ୟ ଦିଆଯାଇଥିବା ରେକର୍ଡ କରାଯାଇଛି। ଏଥିରୁ ୨୦୫ ମାମଲା ବା ୮୦% ହେଉଛି ଭାଜପା ଶାସିତ ରାଜ୍ୟରେ ହୋଇଛି। ମୁସଲମାନ ବିରୋଧୀ ମନ୍ତବ୍ୟ ମହାରାଷ୍ଟ୍ରରେ ସର୍ବାଧିକ। ଏହି କ୍ଷେତ୍ରରେ କର୍ଣ୍ଣାଟକ ଦ୍ୱିତୀୟ ସ୍ଥାନରେ ଥିବାବେଳେ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଗୁଜରାଟ ମଧ୍ୟ ପଛରେ ପଡ଼ିନାହିଁ। ଭାରତର ୧%ରୁ କମ୍ ଜନସଂଖ୍ୟା ଥିବା ଉତ୍ତରାଖଣ୍ଡରେ ପ୍ରାୟ ୫ ପ୍ରତିଶତ ମୁସଲମାନ ବିରୋଧୀ ଘୃଣା ମନ୍ତବ୍ୟ ଦେଖିବାକୁ ମିଳିଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍), ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି), ବଜରଙ୍ଗ ଦଳ, ସକଳ ହିନ୍ଦୁ ସମାଜ ଏବଂ ଭାରତୀୟ ଜନତା ପାର୍ଟି (ଭାଜପା) ସହ ଜଡ଼ିତ ସଙ୍ଗଠନଗୁଡ଼ିକ ପକ୍ଷରୁ ଅଧିକାଂଶ ଘୃଣା ମନ୍ତବ୍ୟ ଦିଆଯାଇଥିବା ସମାବେଶ ଆୟୋଜିତ ହୋଇଛି। ଏହି ସଙ୍ଗଠନଗୁଡ଼ିକ ଅଧିକାଂଶ ସମୟରେ ଲଭ୍ ଜିହାଦ, ଲ୍ୟାଣ୍ଡ ଜିହାଦ, ସଂଖ୍ୟାଲଘୁଙ୍କ ଜନସଂଖ୍ୟା ବୃଦ୍ଧିକୁ ନେଇ ବିଭ୍ରାନ୍ତିକର ତଥ୍ୟ ଭଳି ମୁସଲମାନ ବିରୋଧୀ ଷଡ଼ଯନ୍ତ୍ର ସିଦ୍ଧାନ୍ତ ଉପରେ ଅଧିକ ଅପପ୍ରଚାର ଚଳାଇଛନ୍ତି। ଏମାନଙ୍କ ପ୍ରାୟ ୩୩% ସମାବେଶରେ ମୁସଲମାନମାନଙ୍କ ବିରୋଧରେ ହିଂସାକୁ ଉସୁକାଯାଉଛି। ପ୍ରାୟ ୧୧% କାର୍ଯ୍ୟକ୍ରମରେ ମୁସଲମାନଙ୍କୁ ବର୍ଜନ କରିବା ପାଇଁ ହିନ୍ଦୁଙ୍କୁ ଆହ୍ୱାନ ଦିଆଯାଉଛି। ସେହିପରି ୪% ସମାବେଶରେ ମୁସଲମାନ ମହିଳାମାନଙ୍କ ବିରୋଧରେ ଲିଙ୍ଗଗତ ଆକ୍ଷେପ ଜରିଆରେ ଟାର୍ଗେଟ କରାଯାଉଛି। ଗତ ମାର୍ଚ୍ଚ ମାସରେ ରାମନବମୀ ପଡ଼ିଥିବାବେଳେ ସବୁଠୁ ବେଶି ଘୃଣା ମନ୍ତବ୍ୟ ରେକର୍ଡ କରାଯାଇଥିଲା। ଭାରତ ସରକାରଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ 'ହେଟ୍ ସ୍ପିଚ୍' ପରିଭାଷିତ ହୋଇ ନ ଥିବାରୁ ହିନ୍ଦୁତ୍ୱ ୱାଚ୍ ଜାତିସଂଘର ବର୍ଗୀକରଣ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରିଛି। ଜାତିସଂଘ ଅନୁସାରେ ମୌଖିକ, ଲିଖିତ ବା ବ୍ୟବହାରିକ ଭାବେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ, ଜାତି, ଧର୍ମ କିମ୍ବା ସମ୍ପ୍ରଦାୟକୁ ଟାର୍ଗେଟ କରି ବ୍ୟବହୃତ ଭାଷା ହେଉଛି ଘୃଣା ମନ୍ତବ୍ୟ। ରିପୋର୍ଟ ପ୍ରସ୍ତୁତି ବେଳେ ସାମାଜିକ ଗଣମାଧ୍ୟମର ସହାୟତା ମଧ୍ୟ ନିଆଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୮/୨୦୨୩ Bhubaneswar, Thursday, September 28/2023 | ପୃଷ୍ଠା-୧



**ଫିଲ୍ମ 'ଡୁନ୍‌କି'ର ରିଲିଜ ଅପେକ୍ଷାରେ ତାପସୀ**
ନିଜ ସିନେମା 'ଡୁନ୍‌କି'ର ରିଲିଜକୁ ଅପେକ୍ଷା କରି ରହିଛନ୍ତି ତାପସୀ ପାନ୍ନୁ। ଏହି ଫିଲ୍ମରେ ଶାହାରୁଖ୍ ନାୟକ ସାଜିଛନ୍ତି।
୧୨

୧୪
**ନେପାଳର ବିଶ୍ୱରେକର୍ଡ**
କୁଶାଲ ମଲ୍ଲଙ୍କ ଦ୍ରୁତତମ ଅନ୍ତର୍ଜାତୀୟ ଶତକ ବଳରେ ଏସିଆନ୍ ଗେମ୍ସ କ୍ରିକେଟରେ ନେପାଳର ବିଶ୍ୱରେକର୍ଡ ବିଜୟ।



# ୧୦ରୁ ଘରୋଇ ବସ୍ ଧର୍ମଘଟ

## 'ଲକ୍ଷ୍ମୀ' ଯୋଜନାକୁ ବିରୋଧ

ଭୁବନେଶ୍ୱର,୨୭।୯ (ଅନିଲ ଦାସ)

ଅକ୍ଟୋବର ୧୦ରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ରାଜ୍ୟବ୍ୟାପୀ ଘରୋଇ ବସ୍ ଧର୍ମଘଟ ହେବ। ପ୍ରାୟ ୧୮ ହଜାର ବସ୍ ଧର୍ମଘଟରେ ସାମିଲ ହେବେ। ବୁଧବାର ଭୁବନେଶ୍ୱରଠାରେ ଅଲ୍ ଓଡ଼ିଶା ବସ୍ ମାଲିକ ସଂଘର ସଭାପତି ଲୋକନାଥ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କ 'ଲକ୍ଷ୍ମୀ' ବସ୍ ଯୋଜନାକୁ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଆସନ୍ତା ୨ ତାରିଖରେ ମାଲକାନଗିରିରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ ହେବ। ସେହିଦିନ କେବଳ ଅବିଭକ୍ତ କୋରାପୁଟ ଜିଲାର କୋରାପୁଟ, ମାଲକାନଗିରି, ଜୟପୁର ଓ ନବରଙ୍ଗପୁର ଜିଲାକୁ କୌଣସି ଘରୋଇ ବସ୍ ଚଳାଚଳ କରିବ ନାହିଁ। ଏହାପରେ ଅକ୍ଟୋବର ୧୦ରୁ ସାରା ରାଜ୍ୟରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବସ୍ ☞ପୃଷ୍ଠା-୨

# ଶୁଟିଂ: ଦିନକରେ ୭ ପଦକ

**ଏସିଆନ ଗେମ୍ସ**

- ମହିଳା ୨୫ ମିଟର ପିସ୍ତଲ ଟିମ୍‌କୁ ସ୍ୱର୍ଣ୍ଣିମ ସଫଳତା
- ବିଶ୍ୱ ରେକର୍ଡ ସହ ସିଫ୍ଟ ସମ୍ରାଙ୍କୁ ସ୍ୱର୍ଣ୍ଣ

ହାଙ୍ଗଝୋ, ୨୭।୯ (ପି.ଟି.)

ଏସିଆନ ଗେମ୍ସର ଚତୁର୍ଥ ଦିବସରେ ଭାରତୀୟ ଶୁଟରମାନେ ଚମକ ସୃଷ୍ଟି କରିଛନ୍ତି। ବୁଧବାର ଭାରତକୁ ମିଳିଥିବା ୮ଟି ପଦକ ମଧ୍ୟରୁ କେବଳ ଶୁଟରମାନେ ୨ ସ୍ୱର୍ଣ୍ଣ ସହ ୭ଟି ପଦକ ଜିତିଛନ୍ତି। ଅନ୍ୟ ପଦକଟି ସେଲିଂରୁ ଆସିଛି। ପ୍ରତିଭାସମ୍ପନ୍ନ ଶୁଟର ସିଫ୍ଟ କୌର ସମ୍ରା ବିଶ୍ୱ ରେକର୍ଡ ଏବଂ ଏସିଆନ ଗେମ୍ସ ରେକର୍ଡ ସହ ମହିଳା ୫୦ ମିଟର ରାଇଫଲ ୩ ପୋଜିଶନରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସେ ୪୬୯.୬ ପଏଣ୍ଟ ସହିତ ଏହି ସଫଳତା ପାଇଛନ୍ତି। ରାଇଫଲ ୩ ପୋଜିଶନରେ ସ୍ୱର୍ଣ୍ଣ ପଦକ ପାଇବାରେ ସେ ପ୍ରଥମ ଭାରତୀୟ ଶୁଟର। ☞ପୃଷ୍ଠା-୨



ଶୁଟିଂରେ ସ୍ୱର୍ଣ୍ଣ ଏବଂ ବ୍ରୋଞ୍ଜ ପଦକ ବିଜୟିନୀ ସିଫ୍ଟ କୌର ସମ୍ରା ଓ ଆଶି ଚୌକସେ।

# କଲେଜ, ବିଶ୍ୱବିଦ୍ୟାଳୟ ଖାଲି ପଦବୀକୁ ନେଇ ବିଧାନସଭାରେ ଉଦ୍‌ବେଗ

ଭୁବନେଶ୍ୱର,୨୭।୯(ଅନିଲ ଦାସ)

ରାଜ୍ୟର ବିଶ୍ୱବିଦ୍ୟାଳୟ, ବିଇଡି କଲେଜଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ଓ ବେସରକାରୀ କଲେଜରେ ବହୁ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲିପଡ଼ିଛି। ସରକାର ଏଥିପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି। କେବିକେ ଜିଲାରେ ଅବସ୍ଥା ଆହୁରି ଖରାପ। ଶିକ୍ଷକ ଓ ଅଣଶିକ୍ଷକ ଖାଲି ପଦବୀକୁ ନେଇ ବିରୋଧୀ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଅଡୁଆରେ ପକାଇଥିଲେ। ବୁଧବାର ପ୍ରଶ୍ନକାଳରେ ବିଧାନସଭାରେ ୯୨ ନମ୍ବର ପ୍ରଶ୍ନର ମୂଳ ପ୍ରଶ୍ନକର୍ତ୍ତା କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ପଚାରିଥିଲେ ଯେ ରାଜ୍ୟରେ କେତେ ସରକାରୀ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ରହିଛି। ସେଥିରେ ମଞ୍ଜୁରୀପ୍ରାପ୍ତ ପଦବୀ କେତେ ଓ କେତେ ପଦବୀ ଖାଲି ପଡ଼ିଛି। ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ରାଜ୍ୟରେ ମୋଟ ୪୮ଟି ସରକାରୀ ଡିଗ୍ରୀ କଲେଜ, ୧୬ଟି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଏବଂ ୨୯୮ଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ରହିଛି। ସରକାରୀ କଲେଜରେ ମୋଟ ୨୩୭୩ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ସେଥିରୁ ୩୮୫ ପଦବୀ ଖାଲି ପଡ଼ିଛି। ସେହିପରି ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ମୋଟ ୭୧୧୦ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ସେଥିରୁ ୧୦୬୫ ପଦବୀ ଖାଲି ପଡିଛି। ୧୦୬୫ ଅଧ୍ୟାପକ ପଦବୀ ପୂରଣ ପାଇଁ ସରକାର ଏସ୍ଏସ୍‌ବି ଦ୍ୱାରା ବିଜ୍ଞାପନ ପ୍ରକାଶ କରିଛନ୍ତି। ତାରା ଅଭିଯୋଗ କରିଥିଲେ ଯେ କୋରାପୁଟରେ ଥିବା ବିଇଡି କଲେଜ ଗତ ୩ ବର୍ଷ ହେବ ବନ୍ଦ ହୋଇ ପଡ଼ିଛି। ବିକ୍ରମ ଦେବ କଲେଜରେ ବହୁ ପଦବୀ ଖାଲି ରହିଛି। ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। କଂଗ୍ରେସ ସଭ୍ୟ ନରସିଂହ ମିଶ୍ର କହିଲେ, ବଲାଙ୍ଗୀର ଜିଲାରେ ଥିବା ରାଜେନ୍ଦ୍ର କଲେଜରେ ୧୨୮ ଅଧ୍ୟାପକ ପଦବୀରୁ ୧୦୮ ଖାଲି ପଡ଼ିଛି। ସେହିପରି ୧୫୮ଟି ଅଣଶିକ୍ଷକ ପଦବୀରୁ ୧୪୫ଟି ପଦବୀ ଖାଲିପଡ଼ିଛି। ☞ପୃଷ୍ଠା-୨

## ମୁଖ୍ୟମନ୍ତ୍ରୀ, ପୂର୍ତ୍ତମନ୍ତ୍ରୀଙ୍କ ନାଁରେ ସ୍ୱାଧିକାର ଭଙ୍ଗ ନୋଟିସ

ବିରୋଧୀ ଦଳ ବୁଧବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ମୁଖ୍ୟମନ୍ତ୍ରୀ ଏବଂ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ବିରୋଧରେ ଏହି ନୋଟିସ ଦେଇଛନ୍ତି। ବିଧାନସଭା ଶୂନ୍ୟକାଳରେ ମୋହନ ସ୍ୱାଧିକାର ଭଙ୍ଗ ପ୍ରସଙ୍ଗ ଉଠାଇ କହିଥିଲେ, ବିରୋଧୀ ଦଳ କିଛି ବିବୃତି ମାଗି ନ ଥିବା ବେଳେ ମୁଖ୍ୟମନ୍ତ୍ରୀ ଗତ ୨୫ ତାରିଖରେ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

"ଦେଶକୁ ବୈଶ୍ୱିକ ଅଭିବୃଦ୍ଧିର ଇଞ୍ଜିନରେ ପରିଣତ କରିବା ହେଉଛି ଲକ୍ଷ୍ୟ। ଭାରତ ଖୁବ୍‌ଶୀଘ୍ର ବିଶ୍ୱ ଅର୍ଥନୀତିର ପାୱାରହାଉସ୍ ପାଲଟିବାକୁ ଯାଉଛି।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁଆ, ଶକଟା, ପାରା ରଙ୍ଗ**
**ପଶା, ନ୍ୟାୟବଳ, ବେଶ୍ୟା ସଙ୍ଗ**
**ଏ ଷଡ଼ରସରେ ଯେଉଁ ପୁଅ ଥାଏ**
**ଭୋକେ ମରି ଟାକରା ଖାଏ।**

ଖରାପ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ ତେବେ ତାହା ଜୀବନକୁ ବରବାଦ କରିଦେଇଥାଏ। ଉପର ବର୍ଣ୍ଣିତ ମନ୍ଦ ବା କୁଅଭ୍ୟାସରେ ଲିପ୍ତ ରହିଥିବା ବ୍ୟକ୍ତି ଜୀବନରେ କେବେ ଉନ୍ନତି କରିପାରି ନଥାନ୍ତି। ବ୍ୟଭିଚାର ତଥା ଅନୀତିପୂର୍ଣ୍ଣ କାର୍ଯ୍ୟ କରିବସୁଥିବା ବ୍ୟକ୍ତି ଜୀବଦଶାରେ ଅନେକ ଦୁଃଖକଷ୍ଟ ଭୋଗ କରିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାଆ ଜେଉଳାର ଘର**
**ଶାଶୁ ଥାଉଁ ଥାଉଁ ନଣନ୍ଦ ଗଞ୍ଜିଲା**
**ମଲିଟି ଏଥର।**

ଶାଶୁ ଘରର ସଦସ୍ୟଙ୍କ ସହ ଭଲ ନ ପଡ଼ିଲେ ସ୍ଥଳବିଶେଷରେ ବୋହୂ ଅନେକ ଦୁଃଖକଷ୍ଟ ପାଇଥାଏ। ଏପରିସ୍ଥଳେ ଶାଶୁ ଓ ନଣନ୍ଦଠାରୁ ନିୟମିତ ଗଞ୍ଜଣା ଶୁଣୁଥିବା ବୋହୂ ଶାଶୁଘରେ ଚଳିବାରେ ନିଜକୁ ଅସୁରକ୍ଷିତ ମନେକରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




# ମଝିଘରିଆଣୀଙ୍କ ହୁଣ୍ଡିରୁ ମିଳିଲା ୬୮,୭୪,୧୪୦ ଟଙ୍କା, ୫୩ ଗ୍ରାମ ସୁନା




ରାୟଗଡ଼ା,୨୭।୯ (ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର)- ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିର ହୁଣ୍ଡି ବୁଧବାର ଖୋଲାଯାଇଛି । ଗଣତି ପରେ ହୁଣ୍ଡିରୁ ନଗଦ ୬୮ ଲକ୍ଷ ୭୪ ହଜାର ୧୪୦ ଟଙ୍କା ସହିତ ୫୩ ଗ୍ରାମ୍ ସୁନା ଓ ୧୭୯୭ ଗ୍ରାମ ରୁପା ବାହାରିଥିଲା। ଏଥିସହ ଆମେରିକୀୟ ଡଲାର ସମେତ ଅନ୍ୟ ଦେଶର କେତେକ ନୋଟ ହୁଣ୍ଡିରୁ ବାହାରିଛି । ୪ଟି ପୁରୁଣା ୫୦୦ ଟଙ୍କିଆ ନୋଟ ମଧ୍ୟ ହୁଣ୍ଡିରୁ ବାହାରିଛି। ଏଥିପୂର୍ବରୁ ଗତ ଜୁନ ୨୧ ତାରିଖରେ ମନ୍ଦିର ହୁଣ୍ଡି ଖୋଲାଯାଇଥିଲା। ସେହି ସମୟରେ ହୁଣ୍ଡିରୁ ୫୮ ଲକ୍ଷ ୨୪ ହଜାର ୯୫୦ ଟଙ୍କା ସହିତ ୩୯ ଗ୍ରାମ ସୁନା ଓ ୧୬୫୦ଗ୍ରାମ ରୁପା ବାହାରିଥିଲା ।

# ପର୍ଯ୍ୟାପ୍ତ ସମ୍ଭାବନା ହାସଲ କରିପାରିବା କ୍ଷେତ୍ରରେ ଶୀର୍ଷରେ ଭାରତ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଓ ଆଇବିଏମ୍ ମଧ୍ୟରେ ବୁଧବାର ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଡିଜିଟାଲ ସ୍କିଲିଂ ଏବଂ ଉଭା ହେଉଥିବା ସ୍କିଲିଂକୁ ନେଇ ଏହି ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଏକ ବିଶାଳ ଓ ଯୁବ ଜନସଂଖ୍ୟା ସହ ଭାରତ ପର୍ଯ୍ୟାପ୍ତ ସମ୍ଭାବନା ହାସଲ କରିପାରିବା କ୍ଷେତ୍ରରେ ଶୀର୍ଷରେ ରହିଛି। ଏହି ଜନସଂଖ୍ୟାଗତ ଲାଭକୁ ଉପଯୋଗ କରିବା ପାଇଁ ଆଜିର ଅଧୁନା କର୍ମକ୍ଷେତ୍ରରେ ଯୁବପିଢ଼ିଙ୍କୁ ଆବଶ୍ୟକ ଦକ୍ଷତା ପ୍ରଦାନ କରିବା ଜରୁରୀ। ଏହି ସହଯୋଗ ଆମର 'ସ୍କିଲ୍ ଇଣ୍ଡିଆ' ଲକ୍ଷ୍ୟ ଏବଂ ଆଇବିଏମ୍ ସ୍କିଲ୍ସ ବିଲ୍ଡ ପ୍ଲାଟ୍‌ଫର୍ମ ବ୍ୟବହାରକରି ଉଭା ହେଉଥିବା



ପ୍ରଯୁକ୍ତିବିଦ୍ୟାରେ ଡିଜିଟାଲ ଦକ୍ଷତା ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶକୁ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ବର୍ତ୍ତମାନ ସୃଷ୍ଟି ହୋଇଥିବା ଏହି ଭାଗୀଦାରି ଆମ ଶିକ୍ଷାର୍ଥୀମାନଙ୍କୁ ପ୍ରଯୁକ୍ତିବିଦ୍ୟାର ପ୍ରକୃତ ସମ୍ଭାବନାକୁ ଉପଯୋଗ କରିବା ସହ ସେମାନଙ୍କୁ ଭବିଷ୍ୟତର ୱେଲ୍‌ଥ କ୍ରିଏଟର ଓ ସମାଜର ଉଦ୍ୟୋଗୀରେ ପରିଣତ କରିବାରେ ସହାୟକ ହେବ। ଟେକ୍ନୋଲୋଜି ଏବଂ ଇନୋଭେଶନ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇସାରିଛି। ଆମେରିକା ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭବିଷ୍ୟତର ଦକ୍ଷତା ଇକୋସିଷ୍ଟମକୁ ଅଧିକ ପ୍ରାଥମିକତା ଦେଇଥିଲେ। ଆଇବିଏମ୍ ସ୍କୁଲ ଶିକ୍ଷା, ଉଚ୍ଚ ଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷାରେ ଆଇବିଏମ୍ ସହଯୋଗ ହୋଇ କାର୍ଯ୍ୟ କରିବ। ଏହାବ୍ୟତୀତ ଆଇବିଏମ୍ ଏକାଦଶ ଓ ଦ୍ୱାଦଶ ଛାତ୍ରୀଛାତ୍ରଙ୍କ ପାଇଁ ସିବିଏସ୍‌ଇର ଏଆଇ ପାଠ୍ୟକ୍ରମ ପ୍ରସ୍ତୁତ କରିବ। ହାଇସ୍କୁଲ ପିଲାଙ୍କ ପାଇଁ ସାଇବର ସ୍କିଲିଂ ଏବଂ ବ୍ଲକ୍ ଚେନ୍ ପାଠ୍ୟକ୍ରମ ମଧ୍ୟ ବିକଶିତ କରାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।



୧୫ ଦଫା ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରୁଥିବା ମଧ୍ୟାହ୍ନଭୋଜନ ପାଚିକା ସହାୟିକାମାନେ।

# ଜିଦ୍‌ରେ ଅଟଳ ମଧ୍ୟାହ୍ନଭୋଜନ ପାଚିକା ସହାୟିକା

ଭୁବନେଶ୍ୱର,୨୭।୯
(ଅନୁରାଧା ମହାରଣା)

୧୫ ଦଫା ଦାବି ନେଇ ମଧ୍ୟାହ୍ନଭୋଜନ ପାଚିକା ସହାୟିକାମାନେ ଲୋୟର ପିଏମଜିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ, ଏଚ୍‌ଏମ୍‌ଏସ୍ ସହବନ୍ଧିତ ପାଚିକା ସହାୟିକା ସଂଘ, ସିଆଇଟିୟୁ ସହବନ୍ଧିତ ଅଲ ଓଡ଼ିଶା ପାଚିକା ସହାୟିକା ସଂଘ, ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ, ଏଆଇସିସିଟିୟୁ ସହବନ୍ଧିତ ଓଡ଼ିଶା ପାଚିକା ମହାସଂଘକୁ ନେଇ ଗଠିତ ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ମିଳିତ ମଞ୍ଚ ପକ୍ଷରୁ ଏହି ଆନ୍ଦୋଳନ ଜାରି ରହିଛି। ତେବେ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନରୁ ଓହରିବେନି ବୋଲି ଆନ୍ଦୋଳନକାରୀମାନେ ଜିଦରେ ଅଟଳ ରହିଛନ୍ତି। ଶ୍ରମିକ ମାନ୍ୟତା, ଶିକ୍ଷା ବିଭାଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନ୍ୟତା, ମାସିକ ୨୬ ହଜାର ଟଙ୍କା ଦରମା, ବେଆଇନ ଛଟେଇ ବନ୍ଦ, ଛଟେଶ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ପ୍ରଦାନ, ଅବସର ବୟସ ସୀମା ୬୫ବର୍ଷକୁ ବୃଦ୍ଧି, ସାମାଜିକ ସୁରକ୍ଷା ବ୍ୟବସ୍ଥା, ୧୦ ମାସ ବଦଳରେ ୧୨ ମାସର ଦରମା ପ୍ରଦାନ ଆଦି ଦାବି ନେଇ ଆନ୍ଦୋଳନକାରୀମାନେ ନାରାବାଜି କରିଛନ୍ତି। ମଧ୍ୟାହ୍ନଭୋଜନ ଯୋଜନାକୁ କେନ୍ଦ୍ର ସରକାର ପିଏମ୍ ପୋଷଣରେ ପରିବର୍ତ୍ତନ କରିଥିଲେ ମଧ୍ୟ ବାର୍ଷିକ ବଜେଟରେ ବ୍ୟୟ ବରାଦ ହ୍ରାସ କରାଯିବା, ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମାସକୁ କେବଳ ୧୪୦୦ଟଙ୍କା, ବର୍ଷରେ ୧୦ ମାସ ଭତ୍ତା ମିଳିବାକୁ ବିରୋଧ କରାଯାଇଛି। ନୂତନ ଶିକ୍ଷାନୀତି ୨୦୨୦କୁ ବାତିଲ କରିବା ସହ ଅନ୍ୟାନ୍ୟ ଦାବିରେ ପାଚିକା ସହାୟିକାମାନେ ଅଡ଼ି ବସିଛନ୍ତି।

## ମୁଖ୍ୟମନ୍ତ୍ରୀ, ପୂର୍ତ୍ତମନ୍ତ୍ରୀଙ୍କ ...

ନିଜଆଡୁ ଗୃହରେ ବିବୃତି ରଖିଥିଲେ। ପୂର୍ବରୁ ଗୃହରେ କୌଣସି ବିଷୟରେ ବିରୋଧୀ ଦଳ ବିବୃତି ଦାବି କଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଦେଇ ନ ଥାଆନ୍ତି। ୫-ଟି ସଚିବଙ୍କୁ ସୁରକ୍ଷା ଦେବା ପାଇଁ ମୁଖ୍ୟମନ୍ତ୍ରୀ ବିବୃତି ରଖିଥିଲେ। ଜନସାଧାରଣ ଖୁସି, ଜନପ୍ରତିନିଧି ଖୁସି। ବିରୋଧୀ ଦଳ ରାଜନୈତିକ ଉଦ୍ଦେଶ୍ୟ ରଖି ବିରୋଧ କରୁଛନ୍ତି। ବିରୋଧୀମାନଙ୍କୁ ମୁଖ୍ୟମନ୍ତ୍ରୀ ଜନବିରୋଧୀ ବୋଲି କହିଥିଲେ। ଆମେ ଜନପ୍ରତିନିଧିମାନେ ଲକ୍ଷାଧିକ ଭୋଟ ପାଇ ବିଧାନସଭା ଆସିଛୁ। ଆମେ ଲୋକମାନଙ୍କର କାମ କରୁଛୁ। କିଏ ଜନବିରୋଧୀ ବୋଲି ମୋହନ ପ୍ରଶ୍ନ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ ଏବଂ ଏହି ଶବ୍ଦକୁ ବିଧାନସଭା ବିବରଣୀରୁ ବାଦ୍ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି। ପୂର୍ତ୍ତ ବିଭାଗ ତଥ୍ୟରେ ବହୁ ଅସତ୍ୟ ତଥ୍ୟ ରହୁଥିବାବେଳେ ଖାମଖିଆଲି ଭାବେ ଉତ୍ତର ଦିଆଯାଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କ ଖାମଖିଆଲି ଉତ୍ତରକୁ ନେଇ ସେ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣି ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପାଇଁ ପ୍ରିଭିଲେଜ କମିଟି ଗଠନ କରାଯାଉ ବୋଲି ସେ ଦାବି କରିଛନ୍ତି। ଏହାର ବିଚାର କରାଯିବ ବୋଲି ବାଚସ୍ପତି କହିଛନ୍ତି। ଏହା ପରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ କହିବାକୁ ବାଚସ୍ପତି ସୁଯୋଗ ନ ଦେବାରୁ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ବିରୋଧୀଙ୍କ ହୋହଲ୍ଲାକୁ ଦେଖି ବାଚସ୍ପତି ଗୃହକୁ ପୂର୍ବାହ୍ନ ୧୧ଟା ୪୨ରୁ ୧୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ମଧ୍ୟାହ୍ନ ୧୨ଟାରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ସମାନ ଅଭିଯୋଗ ଆଣି ପୁଣି ଗୃହରେ ହଙ୍ଗାମା କରିଥିଲେ। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ୧୨ଟା ୪ ମିନିଟରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ୍ୟ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। ଉଭୟ କଂଗ୍ରେସ ଓ ଭାଜପା ନିଜ ନିଜ ପ୍ରସଙ୍ଗକୁ ନେଇ ପୁଣି ହଙ୍ଗାମା କରିଥିଲେ। ବିରୋଧୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ବାଚସ୍ପତି ବାଧ୍ୟ ହୋଇ ବିଭିନ୍ନ ସମୟରେ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଗୃହକୁ ସ୍ୱାଭାବିକ କରିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ତାହା ଫେଲ୍ ମାରିଥିଲା। ଅପରାହ୍ନ ୫ଟା ୧୭ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହ କାର୍ଯ୍ୟରେ ସହଯୋଗ ନ କରି ବିରୋଧୀ ସଦସ୍ୟମାନେ ହଙ୍ଗାମା କରିଥିଲେ। କହିବାକୁ ସୁଯୋଗ ଦେଉ ନ ଥିବା ଅଭିଯୋଗ ଆଣି କଂଗ୍ରେସ ଦଳର ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ। ଭାଜପା ସଦସ୍ୟମାନେ ବିଧାନସଭା ବାହାରେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ।

## ଶୁଟିଂ: ଦିନକରେ...

ଫାଇନାଲ ପୂର୍ବରୁ କ୍ୱାଲିଫିକେଶନରେ ସେ ୬୦୦ରୁ ୫୯୪ ପଏଣ୍ଟ ଶୁଟ୍ କରି ଏକାଧିକ ରେକର୍ଡର ଅଧିକାରିଣୀ ହୋଇଥିଲେ। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଆଶି ଚୌକସେ ୪୫୧.୯ ପଏଣ୍ଟ ସହିତ ବ୍ରୋଞ୍ଜ ପଦକ ପାଇଛନ୍ତି। ମନୁ ଭାକର, ଇଶା ସିଂ ଓ ରିଦମ ସଙ୍ଗୱାନ ମହିଳା ୨୫ ମିଟର ପିସ୍ତଲ ଟିମ୍ ଇଭେଣ୍ଟରେ ଭାରତ ପାଇଁ ଅନ୍ୟ ସ୍ୱର୍ଣ୍ଣ ପଦକଟି ଜିତିଛନ୍ତି। ଏହି ତିନି ଶୁଟର ମୋଟ ୧୭୫୯ ପଏଣ୍ଟ ଅର୍ଜନ କରି ଭାରତକୁ ଚଳିତ ପ୍ରତିଯୋଗିତାରେ ଶୁଟିଂରୁ ଦ୍ୱିତୀୟ ଏବଂ ଓଭରଅଲ୍ ୪ର୍ଥ ସ୍ୱର୍ଣ୍ଣ ଦେଇଛନ୍ତି। ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି ଇଶା ସିଂ। ସେ ୩୪ ପଏଣ୍ଟ ପାଇଛନ୍ତି। ରୌପ୍ୟ ପଦକ ହାସଲ ପଥରେ ସେ ନିଜ ସିନିୟର ଖେଳାଳି ମନୁ ଭାକରଙ୍କୁ ପଛରେ ପକାଇ ଦେଇଛନ୍ତି। ଭାକର ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ଟିମ୍ ଇଭେଣ୍ଟରେ ରୌପ୍ୟ ପାଇଛନ୍ତି ଆଶି ଚୌକସେ, ମାନିନି କୌଶିକ, ସିଫ୍ଟ କୌର ସମ୍ରା। ସେହିପରି ଅନନ୍ତ ଜିତ୍ ସିଂ ନରୁକା ପୁରୁଷ ସ୍କିଟ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ଅନ୍ତିମ ରାଉଣ୍ଡରେ ୧୦ରୁ ୧୦ ପଏଣ୍ଟ ପାଇଥିଲେ। ପ୍ରତିଯୋଗିତା ଶେଷରେ ସେ ୬୦ରୁ ୫୮ ପଏଣ୍ଟ ପାଇଥିଲେ। ମାତ୍ର ତାହା ସ୍ୱର୍ଣ୍ଣ ପଦକ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। କୁଏଟର ଅବଦୁଲା ଅଲ୍‌ରଶିଦି ବିଶ୍ୱ ରେକର୍ଡ ସମକକ୍ଷ ୬୦ରୁ ୬୦ ପଏଣ୍ଟ ହାସଲ କରି ସ୍ୱର୍ଣ୍ଣ ପାଇଛନ୍ତି। ପୁରୁଷ ସ୍କିଟ୍ ଇଭେଣ୍ଟର ଦଳଗତ ବିଭାଗରେ ଭାରତର ଅନନ୍ତ ଜିତ୍ ସିଂ ନରୁକା, ଅଙ୍ଗଦ ବୀର ସିଂ ବାଜୱା ଓ ଗୁରଜୋତ ଖଙ୍ଗୁରା ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ଏହି ତିନି ଭାରତୀୟ ମୋଟ ୩୫୫ ପଏଣ୍ଟ ଶୁଟ୍ କରି ତୃତୀୟ ସ୍ଥାନରେ ରହିଥିଲେ। ଏଥିରେ ଚାଇନା ସ୍ୱର୍ଣ୍ଣ ଓ କାତାର ରୌପ୍ୟ ପଦକ ପାଇଥିଲା। ଭାରତୀୟ ମହିଳା ଦଳ ସ୍କିଟ୍ ଇଭେଣ୍ଟରେ ୪ର୍ଥ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ୧୦ରୁ ଘରୋଇ ...

ଧର୍ମଘଟ ଚାଲିବ ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ପଞ୍ଚାୟତରୁ ବ୍ଲକ ମୁଖ୍ୟାଳୟକୁ ଯାତ୍ରୀ ପରିବହନ ସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏହି ଯୋଜନାରେ ବସ୍ ଚଳାଚଳ କଲେ ଘରୋଇ ବସ୍ ମାଲିକଙ୍କୁ ଘୋର କ୍ଷତି ସହିବାକୁ ପଡ଼ିବ। ଏହା ଉପରେ ନିର୍ଭର କରି ଚଳୁଥିବା ହଜାର ହଜାର କର୍ମଚାରୀ ଜୀବିକା ହରାଇ ବସିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ କହିଛନ୍ତି, ଲକ୍ଷ୍ମୀ ଯୋଜନାରେ ବସ୍ ନ କିଣି ଆମ ବସ୍‌ଗୁଡ଼ିକୁ ଲିଜ୍‌ରେ ନେଇ ଚଳାଇବାକୁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲୁ। ଦୀର୍ଘ ୩ ମାସ ହେଲା ସରକାରଙ୍କ ସହିତ ଏହା ଉପରେ ଆଲୋଚନା କରିଥିଲୁ। ହେଲେ ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେଲେ ନାହିଁ। ଲକ୍ଷ୍ମୀ ଯୋଜନାରେ ସାରା ରାଜ୍ୟରେ ବସ୍ ସେବା ଆରମ୍ଭ ହେଲେ ଘରୋଇ ବସ୍ କେଉଁଠି ଚାଲିବ। ରାଜ୍ୟ ସରକାର ଆମକୁ ବରବାଦ କରିବା ପାଇଁ ଯୋଜନା କରୁଛନ୍ତି। ସମସ୍ୟାର ସମାଧାନ ନ ହେବା ଯାଏ ବସ୍ ଧର୍ମଘଟ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## କଲେଜ, ବିଶ୍ୱବିଦ୍ୟାଳୟ ...

ସରକାର ସେହିସବୁ କଲେଜ ବନ୍ଦ କରି ଦିଅନ୍ତୁ ନଚେତ୍ ଖାଲି ପଦବୀ ପୂରଣ କରନ୍ତୁ । ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ବିଶ୍ୱବିଦ୍ୟାଳୟରେ ଆଇନଗତ ସମସ୍ୟା ଯୋଗୁ ନିଯୁକ୍ତି ହୋଇପାରୁ ନାହିଁ। ଯେଉଁଠି ଆବଶ୍ୟକ ହେଉଛି ସେଠାରେ ଗେଷ୍ଟ ଫାକଲ୍‌ଟି ନିଯୁକ୍ତି ଦିଆଯାଉଛି। ଆଇନଗତ ପ୍ରତିବନ୍ଧକ ହଟାଇବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି। ୧ ହଜାର ଅଧ୍ୟାପକ ପଦବୀ ପୂରଣ ହୋଇଛି। ଆହୁରି ୧୦୬୫ ଅଧ୍ୟାପକ ପଦବୀ ପୂରଣ ପାଇଁ ବିଜ୍ଞାପନ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଘାଟିରେ ବସ୍...

ସନ୍ଧ୍ୟା ହରିଜନ(୧୪),ଶୀତଲ ପୂଜାରୀ(୧୫)ବବିହରିଜନ(୧୫), ଶ୍ରଦ୍ଧାଞ୍ଜଳି ପନକା(୧୫), ରୁମିତା ସାନ୍ତା(୧୪), ଜହ୍ନ ସାନ୍ତା(୧୫), ପୂର୍ଣ୍ଣ ସାନ୍ତା (୧୭) ଓ ଟୁନା ସାନ୍ତା (୧୭)ଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ୧୧ ଜଣଙ୍କୁ କୋରାପୁଟ ସ୍ଥାନାନ୍ତର କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାଳୀପ୍ରସାଦ ବେହେରା କହିଛନ୍ତି। ଖବର ଲେଖାଯିବା ବେଳକୁ ୩ଜଣଙ୍କୁ କୋରାପୁଟ ପଠାଯାଇଛି। ଆମ୍ବୁଲାନ୍ସ ନ ଥିବାରୁ ଅନ୍ୟମାନଙ୍କୁ ସ୍ଥାନାନ୍ତର କରିବାରେ ବିଳମ୍ବ ହେଉଥିବା ଜଣାପଡ଼ିଛି।

ଘଟଣାସ୍ଥଳରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଏସ୍‌ଡିସି ଉପଦେଷ୍ଟା ପ୍ରଦୀପ ମାଝି, ଏସ୍‌ପି ଏସ୍.ସୁଶ୍ରୀ, ଉଠାଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଡିଇଓ ପ୍ରଦୀପ କୁମାର ନାଗ, ଏଡିଇଓ ରେଶମଲାଲ ନାୟକ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକ, ବିଭାଶିଷ ଦେ, ଗୋପାଳ ପଟ୍ଟନାୟକ ପହଞ୍ଚି ଆହତ ଛାତ୍ରୀଛାତ୍ର ଏବଂ ଖେଳ ଶିକ୍ଷକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଦୁର୍ଘଟଣାସ୍ଥଳରେ ଏସ୍‌ପି ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଘାଟିରେ ପୂର୍ବରୁ ବହୁ ଦୁର୍ଘଟଣା ହେଉଥିବାବେଳେ ରାଜ୍ୟ ସରକାର ନୂତନ ଓସାରିଆ ରାସ୍ତା ନିର୍ମାଣ କରିଛନ୍ତି। ଘାଟିରେ ଲାଗିଥିବା ସମସ୍ତ ସାଇନ୍ ବୋର୍ଡ ଚୋରି ହୋଇସାରିଲାଣି। ଫଳରେ ସେହି ରାସ୍ତାରେ ଯାତାୟାତ କରୁଥିବା ନୂଆ ଚାଳକ ଘାଟି ସମ୍ପର୍କରେ ଅବଗତ ହୋଇପାରୁ ନ ଥିବା ଏମ୍‌ପି କହିଛନ୍ତି। କେଉଁ ପରିସ୍ଥିତିରେ ଦୁର୍ଘଟଣା ହେଲା ସେ ନେଇ ଆର୍‌ଟିଓ ଏବଂ ଏମ୍‌ଭିଆଇ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଦୁର୍ଘଟଣାରେ ମୃତ ଖେଳ ଶିକ୍ଷକଙ୍କ ପରିବାର ଏବଂ ଆହତଙ୍କୁ କିପରି ସରକାରୀ ସହାୟତା ମିଳିପାରିବ ସେ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଏସ୍‌ପି କହିଛନ୍ତି।

ଚନ୍ଦାହାଣ୍ଡିରେ ହେବାକୁ ଥିବା ୩ ଦିନିଆ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଜିଲାର ୧୦ ବ୍ଲକର ୫୫୦ ଛାତ୍ରୀଛାତ୍ର ଭାଗ ନେଇଥାନ୍ତେ। ଏଥିପାଇଁ ଜିଲାର ବିଭିନ୍ନ ହାଇସ୍କୁଲର ୫୦ ଜଣ କ୍ରୀଡ଼ା ଶିକ୍ଷକଙ୍କୁ କାର୍ଯ୍ୟକ୍ରମ ପରିଚାଳନା ପାଇଁ ନିୟୋଜିତ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ସତ୍ତ୍ୱେ ଆତ୍ମୀୟଙ୍କ ବିରୋଧରୁ ମାନସିକ ଶାନ୍ତି ବ୍ୟାହତ ହେବ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ପିଲାଙ୍କ ଆଚରଣରେ ପରିବର୍ତ୍ତନ କାରଣରୁ ସମସ୍ୟା ବୃଦ୍ଧି ପାଇପାରେ। ପାରିବାରିକ ସମସ୍ୟାକୁ ସରଳଭାବେ ସମାଧାନ କରିବେ।

**ବୃଷ** – ଆନୁଷ୍ଠାନିକ କ୍ଷେତ୍ରରେ ମିତ୍ର ବନ୍ଧୁରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ଲାଭବାନ ହେବେ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଦୀର୍ଘଦିନର ଆଶା ମଉଳି ଯିବ, କିନ୍ତୁ ଆର୍ଥିକ ଦିଗରୁ ଦିନଟି ପ୍ରାୟତଃ ଭଲ ରହିବ।

**ମିଥୁନ** – କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସମସ୍ୟା ସମାଧାନର ସମ୍ମୁଖୀନ ହେବେ। ସହକର୍ମୀଙ୍କ ସାହାଯ୍ୟରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ସହକର୍ମୀମାନଙ୍କର ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**କର୍କଟ** – କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବନ୍ଧୁଙ୍କ ପରାମର୍ଶରେ ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି।

**ସିଂହ** – ଆଜି ସକାଳୁ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ ମାତ୍ର ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** – ବନ୍ଧୁଙ୍କ ସମ୍ବନ୍ଧରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ଭାବପ୍ରବଣ ବଶତଃ ବନ୍ଧୁଙ୍କ ସହ ଓଲଟା କଥା ବାର୍ତ୍ତାକରି ଅପଦସ୍ତ ହେବେ। କଠୋର ପରିଶ୍ରମଜନିତ କ୍ଳାନ୍ତି ଓ ଅବସାଦ ଅନୁଭବ କରିପାରନ୍ତି।

**ତୁଳା** – ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠିକ୍ ହୋଇଯିବ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଶ୍ରୁତିରୋଧକ ମନ୍ତବ୍ୟ ଦେଇପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଜିଦ୍‌ଖୋର ସ୍ୱଭାବ ତ୍ୟାଗ କଲେ କେତେକାଂଶରେ ଉପକୃତ ହେବେ।

**ବିଛା** – ଆଜିର କର୍ମକ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ବନ୍ଧୁମାନଙ୍କ ଜରିଆରେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ, ନିର୍ମାଣ, ଆଲୋଚନା, ସଭା ସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ବହୁତ ଭଲ।

**ଧନୁ** – ଆକସ୍ମିକ ଭାବରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହୋଇପାରେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁକ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। କଠିନ ପରିଶ୍ରମଜନିତ ସାମାନ୍ୟ ଶାରୀରିକ କଷ୍ଟ ଅନୁଭବ କରିବେ।

**ମକର** – ଆଜି କାମ ଆରମ୍ଭ ପୂର୍ବରୁ ଅଫିସରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହେବେ। ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହେବାରୁ ଚିନ୍ତାକୁଳ ହୋଇପାରନ୍ତି। ବ୍ୟବସାୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ** – ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ। ଜଣାଶୁଣା ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ କିନ୍ତୁ ଭାବୁଥିବା କଥାଟିକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ବାଦବିବାଦ କ୍ରମେ ଜଟିଳ ହେବ କିନ୍ତୁ ଆପଣ ସଫଳତା ହାସଲ କରିବେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** – ପ୍ରତ୍ୟେକ କ୍ଷେତ୍ରରେ ଘଟଣାଗୁଡିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଅଫିସରେ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନକ ଦୁଃଖ ଅନୁଭବ କରିବେ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ ଗୁରୁବାର, ଅନନ୍ତବ୍ରତ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଶ୍ରୀଲିଙ୍ଗରାଜଦେବଙ୍କ ପାର୍ଶ୍ୱପରିବର୍ତ୍ତନ ଉତ୍ସବ, ଶକ୍ର ବିସର୍ଜନ ଓ ଇନ୍ଦ୍ରଧ୍ୱଜ ପୂଜା ସମାପ୍ତ, ପୂର୍ଣ୍ଣିମୀ ବିହିତ ଚନ୍ଦ୍ରୋପବାସ, ସେପ୍ଟେମ୍ବର ୨୮ ତାରିଖ, ବିଶ୍ୱ ଜଳାତଙ୍କ ଦିବସ, ଶହୀଦ ଭଗତ ସିଂ ଜୟନ୍ତୀ, କବିବର ରାଧାନାଥ ଜୟନ୍ତୀ, ମହାପୁରୁଷ ମହମ୍ମଦ ଜୟନ୍ତୀ (ମିଲଦ୍-ଉନ୍-ନବି), ରାଶି ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୦ ଗତେ ଘ.୦୭।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୦୬ ଗତେ ଘ.୦୨।୩୫ ମଧ୍ୟେ ରାହୁକାଳ।

# ଆଟେଣ୍ଡାଣ୍ଟ ସସ୍‌ପେଣ୍ଡ, ଡିଏନ୍‌ଏ ଟେଷ୍ଟ ଜିଦ୍‌ରେ ପ୍ରାଣକୃଷ୍ଣ

## କ୍ୟାପିଟାଲ ହସ୍ପିଟାଲରେ ଶିଶୁ ବଦଳ ଅଭିଯୋଗ ଘଟଣା

ଭୁବନେଶ୍ୱର, ୨୭।୯
(ଅସମାପିକା ସାହୁ)

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଶିଶୁ ଅଦଳବଦଳ ଅଭିଯୋଗ ଘଟଣାରେ ଲେବର ରୁମ୍‌ର ଆଟେଣ୍ଡାଣ୍ଟଙ୍କୁ ହସ୍ପିଟାଲ କର୍ତ୍ତୃପକ୍ଷ ସସ୍‌ପେଣ୍ଡ କରିଛନ୍ତି। ଦାୟିତ୍ୱରେ ଅବହେଳା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ହସ୍ପିଟାଲ ନିର୍ଦ୍ଦେଶକ ଡା. ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ତଦନ୍ତ ପାଇଁ ଗଠନ ହୋଇଥିବା କମିଟିର ରିପୋର୍ଟ ଅନୁସାରେ ନବଜାତ ଶିଶୁର ବାପାଙ୍କୁ ଖବର ଦେଇଥିବା ଆଟେଣ୍ଡାଣ୍ଟଙ୍କୁ ସସ୍‌ପେଣ୍ଡ କରାଯାଇଛି। ଭୁଲ୍ ବୁଝାମଣା ଯୋଗୁ ଏପରି ହୋଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ଶିଶୁ ଜନ୍ମ ହେବା ପରେ ରଖାଯାଇଥିବା ସମସ୍ତ ପ୍ରମାଣ ଝିଅ ଦର୍ଶାଉଛି। ଶିଶୁ ଜନ୍ମ ହେବା କ୍ଷଣି ଶିଶୁର ମାଆଙ୍କୁ ସୂଚନା ଦିଆଯାଇଥିଲା। ଶିଶୁର ପିତା ଝିଅ ଗ୍ରହଣ କରିବାକୁ ରାଜି ନ ଥିବାରୁ ପୋଲିସ ପଦକ୍ଷେପ ନେବ। ଏଥିସହ ହସ୍ପିଟାଲ କମିଟି ତଦନ୍ତ ଜାରି ରଖିବ। ଏଥିସହିତ ଯଦି ତାଙ୍କ ପରିବାର ଡିଏନ୍‌ଏ ଟେଷ୍ଟ ପାଇଁ ବାଧ କରିବେ, ତେବେ ଆମେ ଟେଷ୍ଟ କରିବାକୁ ରାଜି ଅଛୁ ବୋଲି କ୍ୟାପିଟାଲ ନିର୍ଦ୍ଦେଶକ କହିଛନ୍ତି।

କ୍ୟାପିଟାଲ ହସ୍ପିଟାଲରେ ନବଜାତ ଶିଶୁ ଅଦଳବଦଳ ହୋଇଥିବା ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳର ପ୍ରାଣକୃଷ୍ଣ ବିଶ୍ୱାଳ ଅଭିଯୋଗ ଆଣିଥିଲେ। ପ୍ରଥମେ ପୁଅ ଜନ୍ମ ହୋଇଥିବା କହି ପରେ ଝିଅ ଦିଆଯାଇଥିବା ନେଇ ସେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଓ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଏହାସହ ଶିଶୁର ଡିଏନ୍‌ଏ ଟେଷ୍ଟ ପାଇଁ ଦାବି କରିଥିଲେ। ଏପରିକି ଡିଏନ୍‌ଏ ଟେଷ୍ଟ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ପିଲାକୁ ନେବେ ନାହିଁ ବୋଲି କହି ପ୍ରାଣକୃଷ୍ଣ ଅଡି ବସିଥିଲେ। ଅଭିଯୋଗ ଆସିବା ପରେ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଏହାର ତଦନ୍ତ କରିଥିଲା। ତେବେ ପ୍ରାଣକୃଷ୍ଣଙ୍କ ସ୍ତ୍ରୀ ଝିଅ ଜନ୍ମ ଦେଇଥିବା ପ୍ରାଥମିକ ପର୍ଯ୍ୟାୟ ତଦନ୍ତରୁ ସ୍ପଷ୍ଟ ହୋଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଉଛି। ଏହାସତ୍ତ୍ୱେ ପ୍ରାଣକୃଷ୍ଣ ଡିଏନ୍‌ଏ ଟେଷ୍ଟ ନ ହେବା ପର୍ଯ୍ୟନ୍ତ ଶିଶୁକୁ ନେବେ ନାହିଁ ବୋଲି ରୋକ୍‌ଠୋକ୍ କହିଛନ୍ତି। ଡିଏନ୍‌ଏ ରିପୋର୍ଟ ଯାହା ଆସିବ ତାହାକୁ ସେ ଗ୍ରହଣ କରିବେ ବୋଲି କହିଛନ୍ତି।



ରାଜ୍ୟରେ ୫୦୦ ସରକାରୀ ଆୟୁର୍ବେଦିକ ଓ ୫୦୦ ସରକାରୀ ହୋମିଓପାଥିକ ଡିସ୍‌ପେନ୍‌ସାରୀ ଖୋଲି ନିଯୁକ୍ତି ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନରତ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର ବୁଧବାର ବ୍ୟାରିକେଡ୍ ଭାଙ୍ଗି ବିଧାନସଭା ଆଡକୁ ଯିବାକୁ ଉଦ୍ୟମବେଳେ ପୋଲିସ ଅଟକାଉଛି। (ଫଟୋ–ମନୋରଞ୍ଜନ ମିଶ୍ର)

# ସମୁଦ୍ରରେ ବୁଡ଼ି ପର୍ଯ୍ୟଟକ ମୃତ

ପୁରୀ, ୨୭।୯(ଅଜିତ ମହାନ୍ତି)

ପୁରୀ ସମୁଦ୍ରରେ ବୁଡ଼ିଯାଇ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର ବିଶାଲ ଓରାମ। ସମୁଦ୍ରରେ ଲହଡ଼ି ମାଡ଼ ତଥା କରେଣ୍ଟ ସଂସ୍ପର୍ଶରେ ଆସି ବିଶାଲଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଞ୍ଚି ଅଞ୍ଚଳରୁ ବିଶାଲ ଓ ତାଙ୍କର ୨୦ ଜଣ ସାଙ୍ଗ ପୁରୀ ବୁଲିବାକୁ ଆସିଥିଲେ। ବୁଧବାର ଅପରାହ୍ନରେ ସେମାନେ ସିଟି ରୋଡ୍‌ସ୍ଥିତ ଶଙ୍କର ଇଣ୍ଟରନ୍ୟାଶନାଲ ସମ୍ମୁଖ ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ କରେଣ୍ଟରେ ପଡ଼ି ବିଶାଲ ଭାସିଯାଇଥିଲେ। ଲାଇଫଗାର୍ଡ ଏବଂ ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଋଣବୋଝ ନେଲା ଚାଷୀଙ୍କ ଜୀବନ

## ମୃତଦେହ ରଖି ରାସ୍ତା ଅବରୋଧ

ବରଗଡ଼, ୨୭।୯
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଗାଇସିଲେଟ୍ ଥାନା ରାଇସଲପଦର ପଞ୍ଚାୟତର ଉମରାଡ ଗ୍ରାମରେ କୀଟନାଶକ ଖାଇ ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଚାଷୀ ହେଲେ ଉକ୍ତ ଗ୍ରାମର ପଦ୍ମନ ଭୁଏ(୩୪)। ଋଣବୋଝ ତଥା ଋଣ ଅସୁଲିରେ ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କ ତାଗିଦା ଯୋଗୁ ମାନସିକ ଭାରସାମ୍ୟ ହରାଇ ପଦ୍ମନ ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ ସନ୍ତୋଷିନୀ ଗାଇସିଲେଟ୍ ଥାନାରେ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ



ମୃତ ଚାଷୀଙ୍କ ଶୋକାକୁଳ ପରିବାର।

କରିଛି। ଅନ୍ୟପକ୍ଷେ ଗାଇସିଲେଟ୍ ବ୍ଲକ ଅଧୀନ ଶରଧାପାଲି ଛକରେ ଅଞ୍ଚଳବାସୀ ଚାଷୀଙ୍କ ମୃତଦେହ ରଖି ଲୋଇସିଂହା-ପଦ୍ମପୁର ରାସ୍ତାକୁ ଅବରୋଧ କରିଥିଲେ। ମୃତ ଚାଷୀଙ୍କୁ ଦୁର୍ବ୍ୟବହାର କରିଥିବା ମାଇକ୍ରୋ ଫାଇନାନ୍ସ କର୍ମଚାରୀଙ୍କୁ ଗିରଫ, ପରିବାର ଲୋକଙ୍କୁ ଇନ୍ଦିରା ଆବାସ ଏବଂ ୫ଲକ୍ଷ ଟଙ୍କାର ବୀମା କ୍ଷତିପୂରଣ ଦେବା ପାଇଁ ସେମାନେ ଦାବି କରିଥିଲେ। ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖବର ଲେଖାହେବା ସୁଦ୍ଧା (ରାତି ୮ଟା) ରାସ୍ତା ଅବରୋଧ ଆନ୍ଦୋଳନ ଜାରି ରହିଥିଲା।

ସୂଚନା ଅନୁସାରେ, ମୃତ ଚାଷୀ ପଦ୍ମନ ୩ ଏକର ଜମିରେ ଧାନଚାଷ କରିଛନ୍ତି। ଚାଷକାର୍ଯ୍ୟ, ସାର, କୀଟନାଶକ ପାଇଁ ମାଇକ୍ରୋ ଫାଇନାନ୍ସ ସଂସ୍ଥାରୁ ସେ ଋଣ ଆଣିଥିଲେ। ତେବେ ମଙ୍ଗଳବାର ଉକ୍ତ ମାଇକ୍ରୋ ଫାଇନାନ୍ସ ସଂସ୍ଥାର କର୍ମଚାରୀମାନେ ତାଙ୍କ ଘରକୁ ଆସି ଋଣ ପରିଶୋଧ ପାଇଁ କଟୁ ଭାଷାରେ ତାଗିଦା କରିଥିଲେ। ଅନ୍ୟପକ୍ଷେ ଋଣ ପରିଶୋଧ ପାଇଁ ଟଙ୍କା ନ ଥିବାରୁ ସେ ପରିଶୋଧ କରି ପାରି ନ ଥିଲେ ଏବଂ ପଦ୍ମନଙ୍କ ସ୍ତ୍ରୀ ସନ୍ତୋଷିନୀ ଋଣ ପରିଶୋଧ ସକାଶେ ଆବଶ୍ୟକ ଟଙ୍କା ଯୋଗାଡ଼ ପାଇଁ ତାଙ୍କ ବାପଘର ପତରାପାଲି ଗ୍ରାମକୁ ଯାଇଥିଲେ। ସେ ଫେରିବା ବେଳକୁ ପଦ୍ମନ କୀଟନାଶକ ଖାଇଦେଇଥିଲେ ବୋଲି ସନ୍ତୋଷିନୀ କହିଛନ୍ତି। ପରିବାର ଲୋକେ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର-ପୋଲିସ ଧସ୍ତାଧସ୍ତି

## ଅଧିକାର ପାଇଁ ଅଧିଆ ପଡ଼ିଲେ, ବ୍ୟାରିକେଡ୍ ଭାଙ୍ଗିଲେ

ଭୁବନେଶ୍ୱର, ୨୭।୯
(ଅସମାପିକା ସାହୁ)

ରାଜ୍ୟରେ ଗତ ୨୧ବର୍ଷ ହେବ ଆୟୁଷ ଡାକ୍ତରଙ୍କ ପାଇଁ ନିଯୁକ୍ତି ବାହାରିନି। ଫଳରେ ବହୁ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ର ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇଛନ୍ତି। ଶେଷରେ ନିଜ ଅଧିକାର ପାଇବାକୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜ୍ୟରେ ୫୦୦ ସରକାରୀ ଆୟୁର୍ବେଦିକ ଓ ୫୦୦ ସରକାରୀ ହୋମିଓପାଥିକ ଡିସ୍‌ପେନ୍‌ସାରି ଖୋଲି ନିଯୁକ୍ତି ଦାବିରେ ଲୋୟର ପିଏମ୍‌ଜିରେ ଚାଲିଥିବା ଏହି ଆନ୍ଦୋଳନ ବୁଧବାର ତିନିଦିନରେ ପହଞ୍ଚିଥିଲା। ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରମାନେ ଗାନ୍ଧୀମାର୍ଗରେ ଅଧିଆ ପଡ଼ି ଦାବି ପୂରଣ ପାଇଁ ଅଭିନବ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆମେ ଭିକାରୀ ନୁହେଁ, ଡାକ୍ତରୀ ଛାତ୍ର ବୋଲି କାନ୍ଦି କାନ୍ଦି କହିଥିଲେ। ସରକାର ସେମାନଙ୍କ ଦାବି ସମ୍ପର୍କରେ ଶୁଣୁ ନ ଥିବାରୁ ଶେଷରେ ସେମାନେ ବ୍ୟାରିକେଡ୍ ଭାଙ୍ଗି ବିଧାନସଭା ଆଡକୁ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଅଟକାଇଥିଲା। ଫଳରେ ପୋଲିସ ଓ ଆୟୁଷ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସନ୍ଧ୍ୟାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ସେମାନଙ୍କୁ ଡାକି ଆଲୋଚନା କରିଥିଲେ। ଦାବି ସମ୍ପର୍କରେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ଆଲୋଚନା କରାଯାଇ ସମାଧାନ ପାଇଁ ଚିନ୍ତା କରାଯିବ ବୋଲି ସଚିବ କହିଥିବା ଅଲ୍ ଓଡ଼ିଶା ଆୟୁଷ ଛାତ୍ର ସଂଘର ସାଧାରଣ ସମ୍ପାଦକ ଡା. ଲୋପାମୁଦ୍ରା ଖଟୋଇ କହିଛନ୍ତି। ସଂଘ ପକ୍ଷରୁ ଗତ ୩୧ ତାରିଖରୁ ରାଜ୍ୟର ୭ଟି ଆୟୁଷ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିଲେ। ଏଥିସହ ରୋଗୀ ସେବା ମଧ୍ୟ ନିରନ୍ତର ଭାବେ ଜାରି ରଖିଥିଲେ। ଦୀର୍ଘ ୨୧ବର୍ଷ ହେବ ନିଯୁକ୍ତି ବାହାରି ନ ଥିବାରୁ ଶତାଧିକ ଡାକ୍ତରୀ ଛାତ୍ରୀଛାତ୍ର ଏବେ ବେକାର ହୋଇ ବସିଛନ୍ତି। ତେଣୁ ସରକାର ତୁରନ୍ତ ଡିସ୍‌ପେନ୍‌ସାରି ଖୋଲିବା ସହିତ ପ୍ରତିବର୍ଷ ୧୦୦ ଏଏମ୍‌ଓ ଏବଂ ୧୦୦ ଏଚ୍‌ଏମ୍‌ଓ ପଦବୀ ପାଇଁ ନିଯୁକ୍ତି ଦିଅନ୍ତୁ ବୋଲି ସେମାନେ ଦାବି କରି ଆସୁଛନ୍ତି।

# ରେଳଧାରଣାକୁ ଚଢ଼ିଗଲା କଣ୍ଟେନର

ବାଲେଶ୍ୱର, ୨୭।୯
(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ୧୬ ନଂ. ଜାତୀୟ ରାଜପଥର ବାମପଦା ଛକ ନିକଟରେ କାର୍ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ରେଳ ଟ୍ରାକ୍ ଉପରକୁ ଚଢ଼ିଗଲା ଏକ କଣ୍ଟେନର। ଫଳରେ ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିଲା। ସ୍ଥାନୀୟ ପୋଲିସ, ରେଳ ବିଭାଗ କର୍ମଚାରୀ ପହଞ୍ଚି କଣ୍ଟେନରକୁ କ୍ରେନ ସାହାଯ୍ୟରେ ଉଠାଇବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ବୁଧବାର ଅପରାହ୍ନ ପ୍ରାୟ ୩ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା। ବାମପଦା ଛକ ନିକଟରେ ଗୋଟିଏ କମ୍ପାନୀର କାର୍ ଟେଷ୍ଟ ଡ୍ରାଇଭ କରୁଥିବା ସମୟରେ ଦିଲ୍ଲୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା କଣ୍ଟେନରଟି ସାମ୍ନାକୁ ଆସିଯାଇଥିଲା। କାର୍‌କୁ ବଞ୍ଚାଇବାକୁ ଯାଇ କଣ୍ଟେନରଟି ଭାରସାମ୍ୟ ହରାଇ ରେଳଧାରଣାକୁ ଚଢ଼ି ଯାଇଥିଲା। କାର୍‌ରେ ଥିବା ୨ ଜଣ ଓ କଣ୍ଟେନର ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଟ୍ରାକ୍ ପାର୍ଶ୍ୱରେ କାମ କରୁଥିବା ଶ୍ରମିକମାନେ ଜୀବନ ବିକଳରେ ପଳାଇଯିବାରୁ ସେମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। କାର୍‌ର କ୍ଷତି ହେବା ସହ କଣ୍ଟେନର ମଧ୍ୟ କ୍ଷତି ହୋଇଛି।




ରେଳଧାରଣାରେ ଫସି ରହିଥିବା କଣ୍ଟେନର।

# ରଘୁରାଜପୁରକୁ ଭାରତର ସର୍ବୋତ୍ତମ ପର୍ଯ୍ୟଟନ ଗ୍ରାମ ସମ୍ମାନ



ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବୁଧବାର ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପମ୍‌ରେ ଆୟୋଜିତ 'ଟ୍ରାଭେଲ୍ ଫର୍ ଲାଇଭ୍' କାର୍ଯ୍ୟକ୍ରମରେ ପର୍ଯ୍ୟଟନ ସଚିବ ଓଡ଼ିଶାର ରଘୁରାଜପୁରକୁ ରୌପ୍ୟ ବର୍ଗରେ ସର୍ବୋତ୍ତମ ଗ୍ରାମ ପୁରସ୍କାର ପ୍ରଦାନ କରୁଛନ୍ତି। (ଫଟୋ: ଚମନ ଗୌତମ)

ଭୁବନେଶ୍ୱର, ୨୭।୯
(ଶର୍ମିଷ୍ଠା ପାଣିଗ୍ରାହୀ)

ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଶିଳ୍ପୀଗ୍ରାମ ପୁରୀର ରଘୁରାଜପୁରକୁ ଭାରତର ସର୍ବୋତ୍ତମ ପର୍ଯ୍ୟଟନ ଗ୍ରାମ ୨୦୨୩ ସମ୍ମାନ ମିଳିଛି। ବୁଧବାର ଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପର୍ଯ୍ୟଟନ ସଚିବ ଭି.ବିଦ୍ୟାଭାତି ଏହି ସମ୍ମାନ ପ୍ରଦାନ କରିଛନ୍ତି। ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଏ ନେଇ ଟୁଇଟ୍ କରି ସୂଚନା ଦିଆଯାଇଛି। ପଟ୍ଟଚିତ୍ର କଳା ପାଇଁ ରଘୁରାଜପୁର ପୂର୍ବରୁ ଅନେକ ସମ୍ମାନ, ପୁରସ୍କାର ହାସଲ କରିଛି। ପୁଣି ଥରେ ପର୍ଯ୍ୟଟନ ଦିବସରେ ଏହି ସମ୍ମାନ ଆଣି ଓଡ଼ିଶାକୁ ଗର୍ବିତ କରିଛି ରଘୁରାଜପୁର। ଗ୍ରାମୀଣ ପର୍ଯ୍ୟଟନ କ୍ଷେତ୍ରରେ ଏହି ଜାତୀୟ ସମ୍ମାନ ମିଳିଛି। ଗ୍ରାମୀଣ ପର୍ଯ୍ୟଟନର ସଂରକ୍ଷଣ, ସଂସ୍କୃତି ଓ ଐତିହ୍ୟର ପ୍ରଚାର ପ୍ରସାର ଏବଂ ପର୍ଯ୍ୟଟନର ନିରନ୍ତର ବିକାଶ କ୍ଷେତ୍ରରେ ରଘୁରାଜପୁର ଦେଶରେ ଶୀର୍ଷ ସ୍ଥାନରେ ରହିଛି। ରଘୁରାଜପୁର ସହ ଅନ୍ୟ ୩୫ ଗ୍ରାମକୁ ମଧ୍ୟ ଏହି ସମ୍ମାନ ଦିଆଯାଇଛି। ଗୋଲ୍ଡ, ସିଲଭର୍, ବ୍ରୋଞ୍ଜ ଆଦି ୩ ବିଭାଗରେ ସମ୍ମାନ ଦିଆଯାଇଥିବାବେଳେ ରଘୁରାଜପୁରକୁ ସିଲଭର୍ ବିଭାଗରେ ସମ୍ମାନିତ କରାଯାଇଛି।

# ସର୍ଭିସ୍ ବନ୍ଧୁକରୁ ଗୁଳି ଫୁଟାଇ ଯବାନଙ୍କ ଆତ୍ମହତ୍ୟା

ସୁନାବେଡା, ୨୭।୯
(କୃତ୍ତିବାସ ପ୍ରଧାନ)

ସୁନାବେଡ଼ାସ୍ଥିତ ୨୦୨ କୋବ୍ରା ବାଟାଲିୟନର ଜଣେ ଯବାନ ବୁଧବାର ନିଜ ସର୍ଭିସ୍ ବନ୍ଧୁକରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଥିବା ସୁନାବେଡ଼ା ଥାନାରେ ଏତଲା ହୋଇଛି। ତାଙ୍କ ନାମ ସେର ଦିଲୀପ (୨୬)। ସେ ଗୁଜରାଟର ଦ୍ୱାରକା ଜିଲା ଭାରିଆ ଦେବଗଡ଼ ଥାନା ଜରେରା ଗ୍ରାମର ଗୋବ ଭାଇଙ୍କ ପୁଅ। ବୁଧବାର ଭୋର ୩ଟା ୪୦ରେ ଡ୍ୟୁଟି କରୁଥିବା ବେଳେ ଦିଲୀପ ନିଜ ସର୍ଭିସ୍ ବନ୍ଧୁକ ଏକେ-୪୭କୁ ନିଜ ଗଳାରେ ଲଗାଇ ଫୁଟାଇ ଦେଇଥିଲେ। ଏ ସମ୍ପର୍କରେ ବାଟାଲିୟନର ରାଜେଶ ସୁନାବେଡ଼ା ଥାନାକୁ ଜଣାଇଥିଲେ। ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇ, ଏସ୍‌ଡିପିଓ ମନୋଜ ବେହେରା, ଏସ୍‌ଆଇ ସଞ୍ଜୀବ ବେହେରା ପ୍ରମୁଖ ପହଞ୍ଚି ମୃତଦେହ ଜବତ କରିଥିଲେ। ସୁନାବେଡ଼ା ଥାନାରେ କେସ୍ ନଂ. ୨୪/୨୩ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି।









# ନିଶାସକ୍ତ ଅବସ୍ଥାରେ ତଳେ ଗଡ଼ିଲେ ପ୍ରଧାନ ଶିକ୍ଷକ

## ଗରଗଡ଼ ବାହାଲ ପ୍ରାଥମିକ ବିଦ୍ୟାଳୟ

କେନ୍ଦୁଝର, ୨୭।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ବଡ଼ପଳାଶପାଳ ପଞ୍ଚାୟତ ଗରଗଡ଼ ବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଏକ ଲଜ୍ଜାଜନକ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସ୍କୁଲର ପ୍ରଧାନ ଶିକ୍ଷକ ନିଶାସକ୍ତ ଅବସ୍ଥାରେ ସ୍କୁଲ ଆସିଥିବା ବେଳେ ଚାଲି ନ ପାରି ବିଦ୍ୟାଳୟ ପରିସରରେ ପଡ଼ିଥିଲେ। ଅଭିଭାବକମାନେ ଘଟଣା ସମ୍ପର୍କରେ ଶିକ୍ଷା ଅଧିକାରୀଙ୍କ ନଜରକୁ ଆଣିଛନ୍ତି। ଏହାର ତଦନ୍ତ ହେଉଥିବା ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ ପିଲା ପଢୁଛନ୍ତି। ପ୍ରଧାନ ଶିକ୍ଷକଙ୍କୁ ମିଶାଇ ୨ ଜଣ ଶିକ୍ଷକ ଥିବା ବେଳେ ପୂର୍ବାହ୍ନ ୯.୩୦ରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ମୁଣ୍ଡା ନିଶାସକ୍ତ ଅବସ୍ଥାରେ ସ୍କୁଲ ଆସିଥିଲେ। ନିଶାରେ ଟଳମଳ ହୋଇ ବହୁ କଷ୍ଟରେ ଗେଟ୍ ଖୋଲି ଭିତରକୁ ପଶିଥିବା ବେଳେ ସ୍କୁଲ ବାରଣ୍ଡାରେ ପହଞ୍ଚିବା ପୂର୍ବରୁ ତଳେ ଗଡି ପଡ଼ିଥିଲେ। ପ୍ରଧାନ ଶିକ୍ଷକଙ୍କ ଏଭଳି ଅବସ୍ଥା ଦେଖି ପିଲାମାନେ ଗ୍ରାମରେ ଜଣାଇଥିଲେ। ଗ୍ରାମବାସୀ ପହଞ୍ଚି ପ୍ରଧାନ ଶିକ୍ଷକ ବିଦ୍ୟାଳୟ



ବିଦ୍ୟାଳୟ ପରିସରରେ ପଡ଼ିଥିବା ପ୍ରଧାନ ଶିକ୍ଷକ।

ପରିସରରେ ଏକ ଗଛମୂଳରେ ଗଡୁଥିବା ଦେଖି ପାଣି ଛିଞ୍ଚି ଉଠାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଦୀର୍ଘ ଘଣ୍ଟା ଧରି ଉଠିପାରି ନ ଥିଲେ। କେତେଜଣ ଏହାର ଭିଡିଓ ରେକର୍ଡ କରି ଭାଇରାଲ କରିଦେଇଥିଲେ। ଭିଡିଓ ଭାଇରାଲ ପରେ ଅଭିଭାବକମାନେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ମଦ୍ୟପାନ କରି ଶିକ୍ଷକ ବିଦ୍ୟାଳୟକୁ ଆସିବା ଫଳରେ ପିଲାମାନଙ୍କ ଉପରେ ଖରାପ ପ୍ରଭାବ ପଡୁଛି। ଏଣୁ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ଗୌରୀରାଣୀ ନାୟକ କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ଅଛନ୍ତି। ଏ ନେଇ ବ୍ଲକ୍ ଶିକ୍ଷା ଅଧିକାରୀ ତଦନ୍ତ କରିବାକୁ ସ୍ଥାନୀୟ ସିଆର୍‌ସିଙ୍କୁ ପଠାଇଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ବିଦ୍ୟାଳୟରେ ପାଠପଢ଼ା ହୋଇଥିଲା ଏବଂ ପିଲାମାନଙ୍କୁ ମିଡ୍ ଡେ ମିଲ୍ ଦିଆଯାଇଥିବା ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୮ ସେପ୍ଟେମ୍ବର, ୨୦୨୩

"ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। **-ଶ୍ରୀଅରବିନ୍ଦ**



# ବିଶ୍ୱ ଜଳ ସଙ୍କଟ



ଜୋଶୁଆ କାଷ୍ଟେଲିନୋ

ମାର୍ଚ୍ଚ ୧୯୭୭ରେ ଜାତିସଂଘ ଜଳ ସମ୍ମିଳନୀରେ ଆର୍ଜେଣ୍ଟିନାର ମାର୍ ଡେଲ ପ୍ଲାଟାରେ ୧୧୬ଟି ଦେଶର ପ୍ରତିନିଧି ଏକାଠି ହୋଇଥିଲେ। ସେହି ସମୟରେ ଏହି ସମ୍ମିଳନୀ ଉପରେ ଖୁବ୍ କମ୍ ଧ୍ୟାନ ଦିଆଯାଇଥିଲା। କାରଣ ବିଶ୍ୱ ରାଜନୀତିରେ ପ୍ରାଧାନ୍ୟ ବିସ୍ତାର କରିଥିବା ହାତଗଣତି କେତେକ ଶକ୍ତିଶାଳୀ ଦେଶଗୁଡ଼ିକ ମଧ୍ୟରେ ଥିବା ଅଧିକାଂଶ ନାତିଶୀତୋଷ୍ଣ ଦେଶରେ ଜଳାଭାବ, ଅତ୍ୟଧିକ ପ୍ରଦୂଷଣ ଏବଂ ବନ୍ୟାସ୍ଥିତିକୁ ପ୍ରମୁଖ ପ୍ରସଙ୍ଗ ଭାବରେ ବିବେଚନା କରାଯାଇ ନ ଥିଲା। କିନ୍ତୁ ଚଳିତବର୍ଷ ମାର୍ଚ୍ଚରେ ନ୍ୟୁୟର୍କରେ ଅନୁଷ୍ଠିତ ଜାତିସଂଘର ଜଳ ସମ୍ମିଳନୀରେ ବାତାବରଣ ପୂରା ଅଲଗା ଥିଲା ଓ ଜଳ ସଙ୍କଟ ଏକ ବିଶ୍ୱସ୍ତରୀୟ ସମସ୍ୟା ବୋଲି ସ୍ପଷ୍ଟ ଅନୁଭବ କରାଯାଇଥିଲା। ଏବେ ପୃଥିବୀର ପ୍ରତ୍ୟେକ ଦେଶ ଜଳ ସମ୍ବନ୍ଧୀୟ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଏହା ଆମ ସାମୂହିକ ଦୁର୍ବଳତାକୁ ଦର୍ଶାଉଛି, କାରଣ ଗ୍ରହର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ସମ୍ପଦ ଜଳ ଦିନକୁଦିନ ବିପଦ ମଧ୍ୟକୁ ଚାଲିଯାଉଛି। ବୈଜ୍ଞାନିକସମୂହ ଏବଂ ନାଗରିକ ସମାଜର ଦୃଢ଼ ଯୋଗଦାନ ଏହି ସଙ୍କଟର ସୁଦୂରପ୍ରସାରୀ ପରିଣାମ ଉପରେ ଆଲୋକପାତ କରିବାରେ ପ୍ରମୁଖ ଭୂମିକା ନେଇଛି।

ଆଶ୍ଚର୍ଯ୍ୟଜନକ ଭାବେ ୧୯୭୭ରେ ଯେଉଁ ଦେଶଗୁଡ଼ିକ ଅଧିକ ବିପଦରେ ଥିଲେ, ସେମାନେ ଏବେ ବି ଅସୁରକ୍ଷିତ। ପୃଥିବୀରେ ପ୍ରାକୃତିକ ସମ୍ପଦର ବେପରୁଆ ଶୋଷଣ ମାନବିକତାର ସୀମା ଉଲ୍ଲଂଘନକୁ ଦର୍ଶାଇଛି। ସମୁଦ୍ର ପତ୍ତନ ବୃଦ୍ଧି ପାଇ ବିସ୍ତୃତ ଅଞ୍ଚଳକୁ ଜଳମଗ୍ନ କରୁଛି। ଜଳ ଉତ୍ସ ହ୍ରାସ ପାଇବା ଏବଂ ଭୂତଳ ଜଳସ୍ତର କମିବା ଯୋଗୁ ଶୁଷ୍କ ଅଞ୍ଚଳ ଉଦ୍‌ବେଗଜନକ ହାରରେ ବଢ଼ୁଛି। ଏହି ସମୟରେ ମାନବ ଦ୍ୱାରା ସୃଷ୍ଟ ବର୍ଜ୍ୟବସ୍ତୁରୁ ପ୍ରଦୂଷଣ ବଢ଼ୁଛି, ଶିଳ୍ପ କାର୍ଯ୍ୟକଳାପରୁ ଜାତ ଉପଉତ୍ପାଦ ଯୋଗୁ ନଦୀ, ହ୍ରଦ ଏବଂ ମହାସାଗର ଦୂଷିତ ହେଉଛି । ଜଳାଭାବ ବଢୁଥିବାବେଳେ ଏହାର ଅତ୍ୟଧିକ ଉପଯୋଗ ଲାଗି ଅଧିକ ତୃଷ୍ଣା ସଙ୍କଟକୁ ଆହୁରି ବିଗାଡ଼ି ଦେଇଛି। ବାସ୍ତବତା ହେଉଛି, ଏହି ସଙ୍କଟରେ କେତେକେ ପ୍ରଭାବିତ ନ ହେବା ସେମାନଙ୍କ ବିଶେଷାଧିକାରକୁ ପ୍ରମାଣିତ କରୁଛି। ଅନେକେ ପରିବେଶଗତ ଅବକ୍ଷୟକୁ ଅନୁଭବ କରୁଥିବାବେଳେ ଦୁନିଆର କେତେକ ଗରିବ ଦେଶ ଶୀଘ୍ର ବଦଳୁଥିବା ଅବସ୍ଥା ସହିତ ଖାପ ଖୁଆଇବାକୁ ଚେଷ୍ଟା କରୁଛନ୍ତି। ହେଲେ ଏଥିପାଇଁ ସେମାନେ ଦୃଷ୍ଟାନ୍ତମୂଳକ ପରିଣାମର ସମ୍ମୁଖୀନ ହେଉଛନ୍ତି।

ଜଳବାୟୁ ସଙ୍କଟର ପ୍ରତିକ୍ରିୟା ଭଳି ଜଳ ସଙ୍କଟର ପଦକ୍ଷେପରେ ବୈଶ୍ୱିକ ସମନ୍ୱୟର ଅଭାବ ରହିଛି। ଗୁରୁତ୍ୱପୂର୍ଣ୍ଣ ସଂସ୍କାରରେ ବାଧା ଦେବାକୁ ଚେଷ୍ଟା କରୁଥିବା ଗୋଷ୍ଠୀ ବା ସଂସ୍ଥାକୁ ବିରୋଧ କରାଯାଉନାହିଁ। ଭାରତୀୟ ପରିବେଶ କାର୍ଯ୍ୟକର୍ତ୍ତା ବନ୍ଦନା ଶିବ କହିଛନ୍ତି ; ସମାଜର ଧନୀ, ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଅର୍ଥନୈତିକ ଶକ୍ତି ପୃଥିବୀର ସମ୍ବଳର ଯଥାର୍ଥ ଅଂଶରୁ ଅଧିକ ଉପଯୋଗ କରୁଥିବାବେଳେ ଆଦିବାସୀ ସମ୍ପ୍ରଦାୟ ଏବଂ ସଂଖ୍ୟାଲଘୁ ଗୋଷ୍ଠୀ ଜୀବନ ଏବଂ ଜୀବିକା ପାଇଁ ଜଳର ପ୍ରାପ୍ୟ ଭାଗରୁ ବଞ୍ଚିତ ହେଉଛନ୍ତି। ସେ ଲେଖିଛନ୍ତି, ଏହା ସମଗ୍ର ସମୁଦାୟକୁ ଜଳାଭାବର ଚାପ ବହନ କରିବାକୁ ବାଧ କରିଛି। ନିକଟରେ ବିଶିଷ୍ଟ ଜଳ ଅଧିକାର କର୍ମୀ ରାଜେନ୍ଦ୍ର ସିଂଙ୍କ ଏକ ଆବେଦନ ଆଗକୁ ସମ୍ଭାବ୍ୟ ପଥ ଦେଖାଇଛି। ମରୁଡ଼ି ଏବଂ ବନ୍ୟାର ପିପୁଲ୍ସ ୱାର୍ଲ୍ଡ କମିଶନର ଅଧ୍ୟକ୍ଷ ସିଂ ଜଳ ସମନ୍ୱୟକୁ ପୁନଃସ୍ଥାପିତ କରିବା ପାଇଁ ଆବଶ୍ୟକ ଦଶଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରିଛନ୍ତି। ତାଙ୍କର ପ୍ରସ୍ତାବିତ ପ୍ରତିଶ୍ରୁତି ବିଶ୍ୱର ଜଳଚକ୍ରକୁ ନବୀକରଣ କରିବା ଏବଂ ସମସ୍ତ ଜୀବଜନ୍ତୁଙ୍କ ଉନ୍ନତି ପାଇଁ ଏହାର ଅପାର ଶକ୍ତି ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। ସିଂଙ୍କ ପ୍ରତିଶ୍ରୁତିରେ ଜଳବାୟୁଭିତ୍ତିକ ବିଚାରଧାରାରେ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସଜାଡ଼ିବାର ନୀତି ରହିଛି। ଏହି ନୀତିର ସମ୍ଭାବ୍ୟ ଦୃଷ୍ଟିକୋଣ ମାନବତାକୁ ବୃହତ୍ ସାମଗ୍ରିକତାର ଏକ ଅଂଶ ଭାବେ ବିଚାର କରେ ଓ ଆମ ସହିତ ପୃଥିବୀରେ ରହୁଥିବା ବିଭିନ୍ନ ଜୀବଙ୍କୁ ଅନ୍ତର୍ଭୁକ୍ତ କରେ। ଲାଭ ଏବଂ ନିରନ୍ତର ବ୍ୟବହାର ପାଇଁ ପ୍ରାକୃତିକ ସମ୍ପଦକୁ ଏକ ଉପଯୋଗୀ ବସ୍ତୁ ଭାବେ ବିବେଚନା କରିବା ବଦଳରେ ଏହି ନୀତି ଲୋକଙ୍କୁ ସେମାନଙ୍କ କାର୍ଯ୍ୟକଳାପର ସମ୍ଭାବ୍ୟ ପରିଣାମ ବିଷୟରେ ଚିନ୍ତା କରିବାକୁ ଏବଂ ସେମାନେ କରିଥିବା କୌଣସି କ୍ଷତିକୁ ସୁଧାରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଲାଗି ପ୍ରେରିତ କରେ। ଏହା ତିନୋଟି ମୌଳିକ ପ୍ରଶ୍ନ ସାମ୍ନାକୁ ଆଣିଛି। ପ୍ରଥମେ, ବିଶ୍ୱ ଜଳ ସଙ୍କଟ ଦୂର କରିବା ପାଇଁ କେଉଁସବୁ ପଦକ୍ଷେପ ଆବଶ୍ୟକ ? ଦ୍ୱିତୀୟତଃ, କେଉଁ ପ୍ରମୁଖ ହିତାଧିକାରୀମାନଙ୍କୁ ଆଗକୁ ଆସିବାକୁ ହେବ ? ତୃତୀୟରେ, ଏହି ହିତାଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥିତ ପରିବର୍ତ୍ତନଗୁଡ଼ିକୁ କାର୍ଯ୍ୟକାରୀ କରନ୍ତି ବୋଲି ଆମେ କିପରି ସୁନିଶ୍ଚିତ ହେବା ?



ଦୀର୍ଘ ଦିନ ଧରି ନୀତି ନିର୍ଦ୍ଧାରକମାନେ ଘରେ ଜଳ ବ୍ୟବହାର ଅଭ୍ୟାସରେ ସାମାନ୍ୟ ପରିବର୍ତ୍ତନ କରିବାକୁ ଗୁରୁତ୍ୱ ଦେଇ ଆସିଛନ୍ତି। ତେବେ ଜଳ ସଙ୍କଟ କ୍ଷେତ୍ରରେ ଏହାର ଖୁବ୍ କମ୍ ଅବଦାନ ରହିଛି। ହେଲେ ଅନୈତିକ ଭାବେ ପରିବାର ଏବଂ ସମାଜକୁ ଦାୟୀ କରି ସେମାନଙ୍କ ଉପରେ ଅଯଥା ଚାପ ପକାଯାଉଛି। ଜଳାଭାବର ମୂଳ କାରଣ ହେଉଛି ବୃହତ୍ ଶିଳ୍ପ ଉତ୍ପାଦନ, ଜଳର ମାନକୁ ଅଣଦେଖା ଏବଂ ବ୍ୟାପକ ପ୍ରଦୂଷଣ ଦୂର କରିବାରେ ବିଫଳତା। ଉତ୍ପାଦନକାରୀ ଶିଳ୍ପ ଏବଂ ଅଧିକ ଲାଭଭିତ୍ତିକ ଏକ ଅର୍ଥନୈତିକ ବ୍ୟବସ୍ଥା ବିଶ୍ୱର ତାପମାତ୍ରାକୁ ବଢ଼ାଇବା ସହ ଜଳଚକ୍ରରେ ବାଧା ସୃଷ୍ଟି କରୁଛି। ଜଳର ଘରୋଇ ବ୍ୟବହାର ହ୍ରାସ ଉପରେ ଜୋର ଦିଆଯାଉଥିବାବେଳେ ସମ୍ଭାବ୍ୟ ପ୍ରଭାବ ହ୍ରାସ କରିବା ଲାଗି କର୍ପୋରେଟ୍‌ଗୁଡ଼ିକୁ ପରିବେଶ ଉପଯୋଗୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବାଧ କରାଯାଇ ପାରୁନାହିଁ। ରାଜନୀତି ଏବଂ ବଡ଼ ବ୍ୟବସାୟ ମଧ୍ୟରେ ବଢୁଥିବା ପାରସ୍ପରିକ ସମ୍ପର୍କ ଏହି କାର୍ଯ୍ୟକୁ ଜଟିଳ କରିଛି।

ନିକଟରେ ଅନୁଷ୍ଠିତ ମିଳିତ ଜାତିସଂଘର ଜଳ ସମ୍ମିଳନୀ ଆଜିର ସଙ୍କଟ ସମାଧାନର ଆବଶ୍ୟକତାକୁ ଦର୍ଶାଇଛି। ଯଦି ସରକାରଗୁଡ଼ିକ ଗଠନମୂଳକ ସଂସ୍କାର ଆଣିବାକୁ ଅନିଚ୍ଛା ପ୍ରକାଶ କରନ୍ତି କିମ୍ବା ଅସମର୍ଥ ହୁଅନ୍ତି, ତେବେ ସେମାନଙ୍କ ସ୍ଥାନରେ ଅନ୍ୟ ରାଜନୈତିକ ନେତାଙ୍କୁ ଆଣିବାକୁ ପଡ଼ିବ । ପୃଥିବୀର ସମସ୍ତ ଜୀବନକୁ ବଞ୍ଚାଇ ରଖିଥିବା ପ୍ରାକୃତିକ ସମ୍ପଦ ଜଳକୁ ବିପଦରେ ପକାଉଥିବା ବ୍ୟବସ୍ଥାକୁ ସୁଧାରିବା ଲାଗି ଦୃଷ୍ଟିକୋଣ ଓ ପ୍ରତିବଦ୍ଧତା ଏମାନଙ୍କର ଥିବା ଦରକାର। ମୁଁ ଭାରତରେ ବଢ଼ିଛି ଓ ଅନୁଭବ କରିଛି ଯେ, ଭାରତ ସବୁବେଳେ ଧନୀ ଅର୍ଥ ବ୍ୟବସ୍ଥାଗୁଡ଼ିକ ସହ ସମାନ ହେବା ଲାଗି ଆଗକୁ ବଢ଼ୁଛି। ଉଚ୍ଚଶିକ୍ଷାରେ ବିନିଯୋଗ, ରାସ୍ତା ଏବଂ ଡାକ୍ତରଖାନା ନିର୍ମାଣ ଏବଂ ବ୍ୟୟ ଓ ଉତ୍ପାଦନ ବୃଦ୍ଧି ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି ବଢ଼ାଇବା ଦ୍ୱାରା ଏକ ବିଚାର ସାମ୍ନାକୁ ଆସିଛି ଯେ, ଭାରତ ଅଧିକ ଧନୀ ହୋଇ ଦାରିଦ୍ର୍ୟ ଦୂର କରିପାରିବ। ମୁଖ୍ୟଧାରାର ଶିକ୍ଷା ବ୍ୟବସ୍ଥା ଲଗାତର ପ୍ରାକୃତିକ ସମ୍ପଦକୁ ଏକ ଦ୍ରବ୍ୟ ଭାବେ ଅତ୍ୟଧିକ ଉତ୍ତୋଳନକୁ ସମର୍ଥନ କରିଛି। ଏହା ଆମର ତ୍ରୁଟିପୂର୍ଣ୍ଣ ଅର୍ଥନୈତିକ ବ୍ୟବସ୍ଥାର ସ୍ଥପତିମାନଙ୍କୁ ସମ୍ମାନିତ କରିବା ସହ ସେମାନଙ୍କ କଥାକୁ ମହତ୍ତ୍ୱପୂର୍ଣ୍ଣ ମନେକରିଛି।

ଏହିପରି ପ୍ରଗତି ମାର୍ଗ ଭୁଲ୍ ବୋଲି ଆଦିବାସୀ ସମୁଦାୟ ଦୀର୍ଘ ଦିନରୁ ଚେତାବନୀ ଦେଇଆସୁଥିଲେ। କିନ୍ତୁ ସେମାନଙ୍କୁ ପରମ୍ପରାବାଦୀ ଓ ବାସ୍ତବତା ସହ କୌଣସି ସମ୍ପର୍କ ନାହିଁ ବୋଲି କହି ସେମାନଙ୍କ ଚେତବାନୀକୁ ଅଗ୍ରାହ୍ୟ କରିଦିଆଗଲା। ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱରେ ଜଳ ଏବଂ ଖାଦ୍ୟ ପ୍ରଣାଳୀରେ ବାଧା ସୃଷ୍ଟି କରୁଥିବାରୁ ଅନେକେ ଏବେ ଏହି ଚେତାବନୀଗୁଡ଼ିକର ଦୂରଦର୍ଶିତାକୁ ବୁଝିଛନ୍ତି। ସେହି ଦୃଷ୍ଟିରୁ ଶେଷ ପିଢ଼ି ଭାବେ ଆମେ ଜଳସଙ୍କଟର ସବୁଠୁ ଖରାପ ପ୍ରଭାବକୁ ହ୍ରାସ କରିବାରେ ସକ୍ଷମ ହୋଇପାରିବା। ଯେଉଁମାନେ ବ୍ୟକ୍ତିଗତ ଲାଭ ପାଇଁ ପୃଥିବୀକୁ ଶୋଷଣ କରୁଛନ୍ତି, ସେମାନଙ୍କୁ ଉତ୍ତରଦାୟୀ କରିବା ଆମର ଦାୟିତ୍ୱ।

**ଅନ୍ତଃରାଷ୍ଟ୍ରୀୟ ସଂଖ୍ୟାଲଘୁ ଅଧିକାର ଗୋଷ୍ଠୀର ସହ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ**

# ଆଲୋକବର୍ତ୍ତିକା



ଆରତି ମହାନ୍ତି

ତୁମେ ଯେତେବେଳେ ନିଜ ଭିତରେ ଆଲୋକ ପ୍ରଜ୍ୱଳିତ କର ସେତେବେଳେ ତୁମେ ସାରା ଜଗତର ଆଲୋକ ହୋଇଉଠ। ଏକଥାଟି କହିବାର ଆବଶ୍ୟକତା ବହୁତ ବେଶି। ତା'ର କାରଣ ଯାହା ହେଉ ନା କାହିଁକି ଯଦି ସେ ନିଜକୁ ଉପଲବ୍ଧି କରିଛି ତେବେ ତା'ର କଥାଗୁଡ଼ିକ ଆପଣାଛାଏଁ ଅନ୍ୟମାନଙ୍କ ଭିତରେ ଉପଲବ୍ଧ କରାଇହବ। ସେଥିପାଇଁ ସେମାନଙ୍କୁ କୌଣସି ପ୍ରକାରର ସଂସ୍ଥା, ସଂଘଟନ କରିବାର ଆବଶ୍ୟକତା ନ ଥାଏ। ସୂର୍ଯ୍ୟର ଆଲୋକ ପରି ସେହି ଆଲୋକର ସଂସ୍ପର୍ଶରେ ଆସିଲେ ଏପରି କି ସାଧାରଣ କଥା ଭିତରେ ବି ତାଙ୍କ ଉପଲବ୍ଧିର ଝଙ୍କାର ଥାଏ। ସେମାନଙ୍କୁ 'ମୁଁ ଅମୁକ କି ସମକ' କିବା ''ମୁଁ ସବୁ ଜାଣେ ତମକୁ ବଡେଇ ଦେବି କି ତମେ ତମର ଶିଖରରେ ପହଞ୍ଚିଯିବ'' ସେପରି ପ୍ରଚାର କରିବାର ଆବଶ୍ୟକତା ନ ଥାଏ। କାରଣ ଗୋଟାଏ ବିରାଟ ସମୁଦ୍ରକୁ ଯଦି ଜଣେ ନିଜର ଆଞ୍ଜୁଳି ଭିତରେ ଧରି କହେ ଯେ ଏଇ ହେଉଛି ସମୁଦ୍ର ତେବେ ସେଇ ରକମର ଧୃଷ୍ଟତା ସେଇ ବ୍ୟକ୍ତିମାନେ କରନ୍ତି, ଯେଉଁମାନେ ନିଜକୁ ସର୍ବେସର୍ବା ବୋଲି କହି ହୁଅନ୍ତି। ସେମାନଙ୍କ ମନ ଭିତରେ ଥିବା ଅହଂର ଗର୍ବ ସେମାନଙ୍କୁ ନିର୍ଦ୍ଦୟ ଓ ବ୍ୟଭିଚାରୀ କରି ଦେଇଥାଏ। ଅବଶ୍ୟ ତା' ଭିତରୁ କେହି ଜଣେ ଅଧେ ଅଛନ୍ତି ଯେଉଁମାନେ ସାଧାରଣ ଜନତାଙ୍କୁ ଦୁଃଖର କାରଣ ବିଷୟରେ ଅବଗତ କରାନ୍ତି। ସେମାନେ କେବଳ ଏତିକି କହନ୍ତି ଯେ ସେମାନେ କେବେହେଲେ କାହାରିକୁ ସେଇ ଶୀର୍ଷ ସ୍ଥାନରେ ନେଇ ପହଞ୍ଚେଇ ଦେଇପାରିବେ ନାହିଁ। ଯେ ପର୍ଯ୍ୟନ୍ତ ଜଣେ ଦୁନିଆ ଯାକର ନାନା ପ୍ରକାରର କୁସଂସ୍କାର, ପ୍ରଥା ପରମ୍ପରା ଭିତରେ ଦିନ କଟାଇ ଚାଲିଥିବ ତା 'ଅନ୍ତରରେ କଦାପି ସେଇ ଜ୍ଞାନର ପ୍ରଦୀପ ଜଳିପାରିବ ନାହିଁ।

ମଣିଷ ହିଁ ଭଲମନ୍ଦର ବିଚାର କରିପାରେ ଯେଉଁଟା ପଶୁମାନଙ୍କଠାରେ ନ ଥାଏ। ହେଲେ ସେଇ ପଶୁ ପ୍ରବୃତ୍ତିଗୁଡ଼ିକ ଆମେ ଛାଡ଼ି ପାରିନାହୁଁ। ଯଦିଓ ପଶୁଟିଏ ଗୋଟିଏ ଶିକାର କରି ତାକୁ ଖାଇସାରିବା ପରେ ବି ଅନ୍ୟ ଇତର ପଶୁମାନଙ୍କ ପାଇଁ ଅର୍ଥାତ୍ ଯେଉଁଗୁଡ଼ିକ ତା'ର ଆହାରର ବଳକା ଅଂଶଗୁଡ଼ିକ ଖାଇବାକୁ ଅପେକ୍ଷା କରି ଚାହିଁ ବସିଥାନ୍ତି ତାଙ୍କ ପାଇଁ ସ୍ଥାନ ଛାଡ଼ି ଚାଲିଯାଏ। ଅଥଚ ମଣିଷ ମନର ଲୋଭ ତାକୁ ସେପରି କରିବାକୁ ବାଟ ଛାଡ଼େନାହିଁ। ତା'ର ପିଲା ପରିବାରଙ୍କ ପାଇଁ ସାଇତି ରଖିଦିଏ। ଏପରି କି ଯାହା ବଳିଯାଏ ତାକୁ ଭବିଷ୍ୟତ ପାଇଁ ସାଇତିଦିଏ। ସେଇ ଦୃଷ୍ଟିରୁ ଦେଖିଲେ ମଣିଷର ବିବେକ ଥାଇ ନ ଥିବା ପରି ମନେହୁଏ। ତେବେ ତମେ କୁହ କୋଉ ଗୁଣରେ ମଣିଷ ପଶୁଠାରୁ ଉନ୍ନତ ? ଆହୁରି ପୁଣି ମଣିଷ କେଡ଼େ ଆସୁରିକ ପ୍ରବୃତ୍ତି ଧରି ରଖିଛି ତାହା ତ ବିଭିନ୍ନ ଖବରକାଗଜ ଦେଖିଲେ କି ଟିଭିର ଖବରଗୁଡ଼ିକ ଶୁଣିଲେ ସହଜରେ ବୁଝି ହୋଇଯାଏ। ଏଠି ଗୋଟିଏ ଉଦାହରଣ ଦେଉଛି ସେପରି ଉଦାହରଣଠାରୁ ଆହୁରି ବୀଭତ୍ସ ଉଦାହରଣରେ ଆମ ସମାଜ ଭରପୂର, ଯାହାକୁ ପୁଣି ସଭ୍ୟ ସମାଜ ବୋଲି କୁହାଯାଏ! ତା'ର ରେଖରୂପ ଦେଖିଲେ ଆମେ ମଣିଷମାନେ ଯେ କେତେ ବୀଭତ୍ସ, କେତେ ବିଶୃଙ୍ଖଳ ଓ ନୃଶଂସ ହୋଇପଡ଼ିଛେ ସହଜରେ ବୁଝିହୋଇଯିବ। ପୁଅଟିଏ ଝିଅକୁ ପ୍ରେମ କରି ଏକାଠି ରହିଲେ। ତା'ପରେ ଦିନେ ସେ ପୁଅଟିର ମୁଣ୍ଡରେ କ'ଣ ପଶିଲା ସେ ଗୋଟିଏ ଧାରୁଆ ଛୁରି ସାହାଯ୍ୟରେ ତାକୁ ହାଣି ଟିକି ଟିକି କରି ଲୁଚାଇବାକୁ ବାଟ ନ ପାଇ ତା ଫ୍ରିଜ୍ ଭିତରେ ପୂରେଇ ରଖିଲା। ଆଉ ଅଳ୍ପ ଅଳ୍ପ କରି କୌଣସି ଦୂର ଜାଗାରେ ନଷ୍ଟ କରିବାକୁ ଯାଉଥିଲା। ଧରା ତ ପଡ଼ିଲା ହେଲେ ଯେତେ ଯାହା କଲେ ବି କ'ଣ ସେଇ ପୂର୍ବ ଅବସ୍ଥାକୁ ଫେରି ପାରିଲା ? କୌଣସି କାରଣରୁ ଯଦି କେହି ଗୋରୁନେଇ ରାସ୍ତାରେ ଗଲା ତେବେ ଟଙ୍କା ପାଇବା ଆଶାରେ ତାକୁ ଧରି ଆଣି ଗୋଟାଏ ଖୁଣ୍ଟରେ ବାନ୍ଧି ଦୁଇତିନି ଜଣ ମିଶି ବାଡ଼ାଇ ମାରିଦେଉଛନ୍ତି। ଏଇ ହେଉଛି ଆମ ଧାର୍ମିକପଣିଆର ପୃଷ୍ଠପୋଷକତା। ଏମାନେ ସମସ୍ତେ ଭୁଲିଯାଇଛନ୍ତି ଯେ ଧର୍ମ ଅଧର୍ମର ନ୍ୟାୟନିକିତି ସଦାବେଳେ ଜାଗ୍ରତ। ତେଣୁ ନିଜ ଭିତରେ ନିଜ ବିବେକକୁ ଜାଗ୍ରତ କର। ତା' ଭିତର ଦେଇ ନିଜ ଜୀବନର ଟିକିନିଖି ଦେଖିନିଅ-ଭାବନା ଓ କର୍ମକୁ ନେଇ ଜୀବନ ପରିଚାଳିତ ହୋଇଥାଏ। ପ୍ରତି ମୁହୂର୍ତ୍ତରେ ଦେଖ, ତମ ଭିତରେ ନିଜ ବିବେକର ଆଲୋକ ବର୍ତ୍ତିକା ସଦୃଶ ଜାରି ରଖ, ଅଖଣ୍ଡ ପ୍ରଦୀପ ଜାଳିଲା ପରି ତାକୁ ବି ସଦାସର୍ବଦା ଜଳାଇ ରଖ ଯେତେ ଯାହା ହେଉପଛକେ ତାକୁ ଲିଭାଇ ଦିଅ ନାହିଁ।

**ଶ୍ରୀରାମ ନଗର, ଭୁବନେଶ୍ୱର**
**ମୋ : ୯୬୯୨୦୯୮୦୫୪**

## ଏଇ ଭାରତରେ

ହରିୟାଣାର ଦୌଡ଼ପରୀ ଜେଜେମା' ଭାବରେ ଜଣାଶୁଣା ୧୦୬ ବର୍ଷୀୟା ରାମବାଈଙ୍କ ଦୌଡ଼ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଚରଖି ଦାଦ୍ରି ଗାଁ ନିବାସୀ ରାମବାଈ ବିଦେଶ ମାଟିରେ ଚାରିଟିପଦକ ଜିତିବିଶ୍ୱ ରେକର୍ଡ କରିଛନ୍ତି। ଗତବର୍ଷ ବେଙ୍ଗାଲୁରୁରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ୧୦୦ ମିଟର ଦୌଡ଼କୁ ୪୫.୪୦ ସେକେଣ୍ଡରେ ପୂରଣ କରି ଏକ ନୂଆ ରେକର୍ଡ ସୃଷ୍ଟି କରିଥିଲେ। ପରେ ରାମବାଈ ବିଦେଶ ମାଟିରେ ଖେଳି ଦେଶ ପାଇଁ ପଦକ ଜିତିବାର ସ୍ୱପ୍ନ ଦେଖିଥିଲେ। ମାଲେସିଆରେ ୧୬ ଓ ୧୭ ସେପ୍ଟେମ୍ବରରେ ଅନୁଷ୍ଠିତ ବିଶ୍ୱ ମାଷ୍ଟର ଚାମ୍ପିୟନଶିପରେ ତାଙ୍କ ସ୍ୱପ୍ନ ପୂରଣ ହୋଇଛି। ରାମବାଈ ୧୦୦, ୨୦୦ ମିଟର ଦୌଡ଼, ସଟ୍‌ପୁଟ ଏବଂ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୧୦୦ ମିଟର ଦୌଡ଼ରେ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ରାମବାଈଙ୍କୁ ଉତ୍ସାହିତ କରୁଥିବା ନାତୁଣୀ ଶର୍ମିଳା କହିଛନ୍ତି, ଜେଜେମା'ଙ୍କ ଉତ୍ସାହ ଦେଖି ସେ ତାଙ୍କୁ ଗାଁ ପଡ଼ିଆରେ ଅଭ୍ୟାସ କରାଇଥିଲେ। ସ୍ଥାନୀୟ ଖାଦ୍ୟ ଖାଇବା ଏବଂ ମାଟିରାସ୍ତାରେ ଦୌଡ଼ି ସେ ନିଜକୁ ପ୍ରସ୍ତୁତ କରିଥିଲେ। ସରକାରଙ୍କଠାରୁ ଆର୍ଥିକ ସହାୟତା ନ ପାଇବାରୁ ରାମବାଈଙ୍କ ମନରେ କଷ୍ଟ ହୋଇଛି। ଏହା ସତ୍ତ୍ୱେ ପଦକ ଜିତିବା ପାଇଁ ତାଙ୍କର ସଂକଳ୍ପ ଜାରି ରହିବ ବୋଲି ସେ କହିଛନ୍ତି। ତାଙ୍କର ଖେଳ ପ୍ରତି ଉତ୍ସାହ ବଢ଼ିବାରେ ଲାଗିଛି। ସେ କ୍ରମାଗତ ଭାବେ ଦେଶ ପାଇଁ ପଦକ ଜିତିବାକୁ ଚାହୁଁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୮ ସେପ୍ଟେମ୍ବର ୧୯୯୮**

- ବିହାରର ଭୋଜପୁର ଜିଲାରେ ଲଗାତର ନୌକା ଦୁର୍ଘଟଣାରେ ୧୭ ଜଣଙ୍କ ମୃତ୍ୟୁ।
- ଗ୍ରାମି-ଆୱାର୍ଡ ବିଜେତା ତଥା ଜ୍ୟାଜର ଗଡ଼ମଦର ରୂପେ ପରିଚିତ ବିଶିଷ୍ଟ ଗାୟିକା ବେଟି କାର୍ଟରଙ୍କ ୬୯ ବର୍ଷ ବୟସରେ ପରଲୋକ।
- ଜର୍ମାନୀରେ ଅନୁଷ୍ଠିତ ହୋଇଥିବା ସାଧାରଣ ନିର୍ବାଚନରେ ସୋସିଆଲ୍ ଡେମୋକ୍ରାଟିକ ପାର୍ଟି (ଏସ୍‌ପିଡି)ର ପ୍ରାର୍ଥୀ ଗେରହାର୍ଡ ସ୍ରୋଏଡର ବିଜୟୀ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | 4 | | | 1 |
| 2 | 4 | | | 6 | | | | |
| | | | | | 5 | | | |
| | | 5 | | | | | | 3 |
| 9 | 6 | | | | | | 2 | |
| | | | 8 | 9 | | | | 7 |
| | | | | | | | 7 | 6 |
| 4 | 7 | | | | | 5 | 3 | |
| 1 | | | 6 | | | 4 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 9 | 1 | 5 | 2 | 7 | 4 | 3 |
| 7 | 2 | 5 | 4 | 9 | 3 | 1 | 6 | 8 |
| 4 | 1 | 3 | 8 | 7 | 6 | 2 | 9 | 5 |
| 2 | 9 | 1 | 5 | 8 | 4 | 6 | 3 | 7 |
| 3 | 4 | 7 | 6 | 2 | 1 | 5 | 8 | 9 |
| 5 | 8 | 6 | 9 | 3 | 7 | 4 | 1 | 2 |
| 1 | 5 | 2 | 3 | 6 | 8 | 9 | 7 | 4 |
| 6 | 7 | 8 | 2 | 4 | 9 | 3 | 5 | 1 |
| 9 | 3 | 4 | 7 | 1 | 5 | 8 | 2 | 6 |

ଗତକାଲିର ଉତ୍ତର

# ନିଶର ଦମ୍



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଉତ୍ତରପ୍ରଦେଶରେ ପ୍ରଭିନ୍‌ସିଆଲ ଆର୍ମଡ କନ୍‌ଷ୍ଟେବୁଲେରି (ପି.ଏ.ସି.) ନାମକ ସଶସ୍ତ୍ର ପୋଲିସ ବାହିନୀ ଅଛି। ସେମାନେ ରାଜ୍ୟର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ କାର୍ଯ୍ୟ କରନ୍ତି। ଡେପୁଟି ଇନ୍ସପେକ୍ଟର ଜେନେରାଲ କିମ୍ବା ତଦୂର୍ଦ୍ଧ୍ୱ ଅଫିସରଙ୍କ ଆଦେଶ ଦ୍ୱାରା ସେମାନେ ପରିଚାଳିତ। ଅନେକ ସମୟରେ ଆଇନଶୃଙ୍ଖଳାରେ ବିଭ୍ରାଟ ଗୁରୁତର ହେଲେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେମାନେ ପ୍ରେରିତ ହୋଇଥା'ନ୍ତି।

ଉତ୍ତେଜନାପୂର୍ଣ୍ଣ ଜନତାର ସମ୍ମୁଖୀନ ହେବା ବେଳେ ଅନେକ ସମୟରେ ପୋଲିସ ବାହିନୀର ଚେହେରା ଆପାତତଃ ପ୍ରଭାବ ପକାଇଥାଏ । ତେଣୁ ଉଚ୍ଛୃଙ୍ଖଳ ବ୍ୟକ୍ତିମାନଙ୍କ ମନରେ ପ୍ରାରମ୍ଭିକ ସ୍ତରରୁ ଭୀତି ସଞ୍ଚାର କରିବା ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷ ଉକ୍ତ ପୋଲିସ ଫୌଜର ସଦସ୍ୟମାନଙ୍କୁ ନିଶ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବ୍ରିଟିଶ୍ ସରକାରଙ୍କ ଅମଳରୁ ଏମିତି ଉପାଦେୟ ନିଶର ରକ୍ଷଣାବେକ୍ଷଣ ପାଇଁ ମାସିକ ପଚାଶ ଟଙ୍କା ଭତ୍ତା ଦିଆଯାଉଥିଲା। ଏହା 'ମୁଷ୍ଟାକ୍ ମେଣ୍ଟେନାନ୍‌ସ' ଭାବେ ଅଭିହିତ। କିନ୍ତୁ ୧୯୮୦ ଦଶକରେ ନୂତନ ଭାବେ ପୋଲିସ ପୋଷାକ ଆଇନ (୧୯୮୬) ପ୍ରଚଳିତ ହେଲା । ଏଥିରେ ନିଶକୁ ବାଧ୍ୟତାମୂଳକ କରାଯାଇ ନ ଥିଲା । ତେଣୁ ଫୌଜରେ ନିଶୁଆମାନେ କ୍ରମଶଃ ହ୍ରାସ ପାଇଲେ।

ନିଶ ପୋଲିସଙ୍କ ମନରେ ଉତ୍ସାହ ଓ ଜୋଶ୍ ଜାଗରିତ କରେ। ସେମାନେ ନିଜକୁ ବଳିଷ୍ଠ ପରି ଅନୁଭବ କରିଥା'ନ୍ତି। ଉପଦ୍ରବକାରୀଙ୍କୁ ଯଥାଶୀଘ୍ର ସାବାଡ଼ କରିଦିଅନ୍ତି। ଏତାଦୃଶ କାରଣରୁ ଉକ୍ତ ବାହିନୀରେ ନିଶର ପୁନଃ ପ୍ରଚଳନ ସମ୍ପ୍ରତି ଗୃହୀତ ହୋଇଛି। ବିନୋଦ କୁମାର ସିଂ ପି.ଏ.ସି.ର ଏ.ଡି.ଜେ. ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନିଶର ଗୁରୁତ୍ୱ ଉପଲବ୍ଧି କରି ପୋଲିସମାନଙ୍କୁ ନିଶ ନ କାଟିବା ପାଇଁ ପରାମର୍ଶ ଦେଲେ। ସମ୍ପ୍ରତି ଏହି 'ମୁଛ ଭତ୍ତା'କୁ ୫୦ ଟଙ୍କାରୁ ବଢ଼ାଇ ୨୫୦ ଟଙ୍କାରେ ନିର୍ଦ୍ଧାରଣ କରିବା ସକାଶେ ସରକାରଙ୍କୁ ପ୍ରସ୍ତାବ ଦିଆଗଲାଣି ।

ପ୍ରସଙ୍ଗକ୍ରମେ ସ୍ପେନୀୟ ଚିତ୍ରକର ସାଲଭାଡର ଡାଲି (୧୯୦୪-୧୯୮୯)ଙ୍କ ଜୀବନୀ ପ୍ରତି ଦୃଷ୍ଟି ଦିଆଯାଇପାରେ। ସେ ଜଣେ ଅବୋଲକରା ଥିଲେ ଛାତ୍ରାବସ୍ଥାରେ। ତେଣୁ ସ୍କୁଲରୁ ଦୁଇ ଥର ତଡ଼ା ଖାଇ ପରବର୍ତ୍ତୀ କାଳରେ ୧୯୧୭ରେ ଆରମ୍ଭ ହୋଇଥିବା ସର୍‌ରିଆଲିଜମ୍ ଚିତ୍ରକଳାର ସେ ଜଣେ ଅଗ୍ରଣୀ ଶିଳ୍ପୀ ଭାବେ ଆଦୃତ ହେଲେ। ଏହି ବିଶିଷ୍ଟ ଶିଳ୍ପୀଙ୍କ ଅନ୍ୟ ଏକ ବିଶେଷତ୍ୱ ହେଉଛି ତାଙ୍କର ଦର୍ଶନୀୟ ନିଶ। ସେ ଓ ତାଙ୍କ ଫଟୋଗ୍ରାଫର ଫିଲିପ୍ ହାଲ୍ସମ୍ୟାନ ମିଶି 'ଡାଲିସ୍ ମୁଷ୍ଟାକ୍' ନାମକ ଏକ ହାସ୍ୟ ରସାତ୍ମକ ପୁସ୍ତକ ୧୯୫୪ରେ ପ୍ରକାଶ କରିଥିଲେ। ସେଥିରେ ମୁଖମଣ୍ଡଳର କେଶକୁ ସମ୍ବେଦନଶୀଳ 'ଆଣ୍ଟେନା' ଭାବେ ଅଭିହିତ କରାଯାଇଛି ଏବଂ ଦର୍ଶାଯାଇଛି ଯେ, ଏହା ସୃଜନାତ୍ମକ ପ୍ରେରଣାର କାରକ। 'ଡାଲିସ୍ ମୁଷ୍ଟାକ୍' ବହିଟିକୁ ଏହି ପ୍ରକାରେ ଲେଖକ ଡାଲି ଉତ୍ସର୍ଗ କରିଛନ୍ତି ଗାଲାଙ୍କୁ। ''ଗାଲା, ଯିଏକି ମୋ ନିଶର ରକ୍ଷାକାରୀ କଳ୍ପିତ ଦେବଦୂତ''। ପ୍ରକାଶଥାଉ କି, ଗାଲା ହେଉଛନ୍ତି ଡାଲିଙ୍କ ପତ୍ନୀ । ସେମିତି ବହିର ଫଟୋଗ୍ରାଫର- ଲେଖକ ଜଣଙ୍କ ନିଜ ସ୍ତ୍ରୀଙ୍କୁ ଉତ୍ସର୍ଗ କରି ଲେଖିଛନ୍ତି ଯେ, ତାଙ୍କ (ପତ୍ନୀ) ପାଇଁ ମୁଁ ଦୈନିକ ଖିଅର ହୁଏ। ଉଲ୍ଲେଖନୀୟ , ଡାଲି ନିଶୁଆ,



ମାତ୍ର ତାଙ୍କ ଫଟୋଗ୍ରାଫରଙ୍କ ଗାଲ ଚିକ୍କଣ। ଡାଲିଙ୍କ ମୃତ୍ୟୁର ୨୮ବର୍ଷ ପରେ ଏକ ଅପ୍ରତ୍ୟାଶିତ ଘଟଣା ଘଟିଲା । ମାରିଆ ପିଲାର ନାମ୍ନୀ ଜଣେ ଯୁବତୀ ଦାବି କଲା ଯେ, ସେ ହେଉଛି ଡାଲିଙ୍କ ସନ୍ତାନ । ତେଣୁ ସେ ତାଙ୍କ ସମ୍ପତ୍ତିର ଏକ-ଚତୁର୍ଥାଂଶ ପାଇଁ ହକ୍‌ଦାର। ଏହି ମାମଲା ଅଦାଲତକୁ ଗଲା। କୋର୍ଟ ନିର୍ଦ୍ଦେଶାନୁସାରେ ଡାଲିଙ୍କ କବର ଖୋଳିବା ଦାୟିତ୍ୱ ନାର୍ସିସ ବ୍ରାଡଲେଟ୍‌ଙ୍କୁ ଦିଆଗଲା, ଯିଏକି କବର ଦେବା ଆଗରୁ ଡାଲିଙ୍କ ଶବକୁ ସଂରକ୍ଷିତ ରଖିବାକୁ ବ୍ୟବସ୍ଥା କରିଥିଲେ। ବ୍ରାଡଲେଟ୍ ଏହି ଖନନ ପାଇଁ କୌତୂହଳୀ ହୋଇଥିଲେ ; କାରଣ ସେ ଜାଣିବାକୁ ଚାହିଁଥିଲେ ଡାଲିଙ୍କ ଶବର ନିଶ ପୂର୍ବବତ୍ ରହିଛି ନା ବିଲୁପ୍ତ ହୋଇଛି । ଆଶ୍ଚର୍ଯ୍ୟର ବିଷୟ ଯେ, ଏହା କାନ୍ଥଘଡ଼ିର ଦଶଟା ବାଜି ଦଶ ମିନିଟ୍ ପରି ଅବସ୍ଥାରେ ଅକ୍ଷତ ଭାବେ ରହିଛି । ଏହା ହେଉଛି ଡାଲିଙ୍କ ଜୀବିତାବସ୍ଥାରେ ମୁଖମଣ୍ଡଳର ମହାର୍ଘ ପ୍ରତୀକ । ମଲା ମଣିଷର ଚିରକାଳ ସାକ୍ଷୀ। ସାକ୍ଷ୍ୟ-ପ୍ରମାଣ ଆଧାରରେ କୋର୍ଟ ଉକ୍ତ ଯୁବତୀଙ୍କ ମାମଲା ଖାରଜ କରି ଦେଇଥିଲା। ଏହି ଘଟଣା ସତେ ଯେମିତି ସୂଚାଉଛି ଏକ ପ୍ରକାର ଅକାଟ (ହୁଏତ ଅମରତ୍ୱ)ର ବାହକ ହେଉଛି ନିଶ-ଦାଢ଼ି। ତେଣୁ ବ୍ରିଟିଶ୍ ଅମଳର ନିଶ-ଭତ୍ତା ଏବେ ଯଦି ଉତ୍ତରପ୍ରଦେଶକୁ ଫେରିବ, ଆମେ ଏଥିରେ ବିସ୍ମିତ ହେବାର କାରଣ ନାହିଁ।

ଆମେ ଯଦି କୌଣସି ଅତ୍ୟାଧୁନିକ ସେଲୁନକୁ ନିଶ ବନାଇବାକୁ ଯାଉ, ତେବେ ହୁଏତ ସେଠାରେ ପରିଚାଳକ ଆମକୁ ବିଭିନ୍ନ ବିକଳ୍ପ ଥିବା ନିଶମାନଙ୍କର ଛବି ଦେଖାଇ ବୁଝାଇବେ ସେମାନଙ୍କ ପୃଷ୍ଠଭୂମି ସମ୍ପର୍କରେ। ଯଦି ଦୈବାତ ସେଇ ତାଲିକାଟି ବା ଗ୍ରେଣ୍ଟସ୍ପଟର୍ ଡଟ୍ ନେଟ୍ ଡଟ୍ ଇପିଆଇରୁ ଅବିକଳ ନକଲ ହୋଇଥିବ, ତାହାହେଲେ ନିମ୍ନ ନଅ ପ୍ରକାର ନିଶ ଆମ ନଜରକୁ ଆସିବ। ଯଥା ଅଭିନେତା ଟମ୍ ସେଲକଙ୍କ ଚେଭ୍ରନ ନିଶ, ୱାଲରସ (ଲମ୍ବା ଦୁଇଟି ଆଗ ଦାନ୍ତ ଥିବା ସିଲ୍ ଜାତୀୟ ଜନ୍ତୁ ବିଶେଷ) ନିଶ, କ୍ରିକେଟ୍ ଖେଳାଳି ଶିଖର ଧାୱନଙ୍କ ପରି ହ୍ୟାଣ୍ଡଲ ବାର୍ ନିଶ, କ୍ଲାର୍କ ଗବଲ, ଏରୋଲ ଫ୍ଲାଇନଙ୍କ ପରି ଷ୍ଟାରମାନେ ବଢ଼ାଇଥିବା ପେନ୍‌ସିଲ ନିଶ, ଆମେରିକୀୟ ମୁଷ୍ଟିଯୋଦ୍ଧା ହଲକ ହୋଗାନ ଓ ଫୁଟବଲ ଖେଳାଳି ଆରନ ରୋଡ୍‌ଜରସ ରଖିଥିବା ଘୋଡ଼ାପାଦର ନାଲ ପରି ନିଶ, ଟୟ ଷ୍ଟୋରିର କାଳ୍ପନିକ ଚରିତ୍ର ସେରିଫ ଉଡିଙ୍କ ନିଶ (ଯାହାକି ଆମେରିକାର କିଛି ଅଞ୍ଚଳର ଗୋପାଳକ କାଓବୟ ରଖିଥା'ନ୍ତି), କମିକ୍ ବହି ଫୁ ମାଞ୍ଚୁଙ୍କ ଅବାଗିଆ ବିକୃତ ନିଶ, ଅପରିଷ୍କାର (ସ୍କ୍ରାପିଂ) ନିଶ, ଯାହାର ଚାହିଦା ବହୁ ନାମଜାଦା ଅଭିନେତାଙ୍କ ସହଜସାଧ୍ୟ ଷ୍ଟାଇଲିଷ୍ଟ ନିଶ) ଏବଂ ପରିଶେଷରେ ଚିତ୍ରକର ଡାଲିଙ୍କ ନିଶ।

ଆମେ ଡାଲିଙ୍କ ଏକ ଅନାଲୋଚିତ ଚରିତ୍ରର ଦିଗ ଉପରେ ଆଲୋକପାତ କରିପାରୁ। ସେ ଏକଦା ମତବ୍ୟକ୍ତ କରିଥିଲେ, ''ସାଧାରଣତଃ ପୁରୁଷମାନେ ନାରୀମାନଙ୍କୁ (ସୁନ୍ଦରୀ ?) ସ୍ୱପ୍ନରେ ଦେଖିଥା'ନ୍ତି। କିନ୍ତୁ ମୁଁ (ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ) ହିଟ୍‌ଲରଙ୍କୁ ସ୍ୱପ୍ନରେ ଦେଖେ।'' ଏଥିରୁ ସ୍ପଷ୍ଟ ଯେ, ସେ ନାଜି ବା ଫାଶୀବାଦର ବିଶ୍ୱାସୀ। ଏହି କାରଣରୁ ତାଙ୍କୁ ଅର୍ନେଷ୍ଟ, ମାଗ୍ରିଟ୍, ବ୍ରେଟନଙ୍କ ପରି ସର୍‌ରିଆଲିଷ୍ଟଙ୍କ ଦଳରୁ ବହିଷ୍କୃତ କରାଯାଇଥିଲା। ଡାଲିଙ୍କ ମନୋଭାବରୁ ଆଭାସ ମିଳେଯେ, ଜନ୍ମଗତ ପ୍ରକୃତିବଶତଃ ସେ ବଳିଷ୍ଠ ପୁରୁଷଙ୍କଠାରେ ପରିଲକ୍ଷିତ ବଳ, ବୀର୍ଯ୍ୟ, ଶୌର୍ଯ୍ୟର ପରିପ୍ରକାଶକୁ ଆନନ୍ଦଦାୟକ ମନେକରନ୍ତି। ହୁଏତ କେତେକାଂଶରେ ତାଙ୍କ ସ୍ୱତନ୍ତ୍ର ନିଶ ଏହାର ପରିଚାୟକ।

**ମୋ:୯୦୭୮୭୪୩୮୪୩**

## ଚିରନ୍ତନୀ

କହେ ଡାକି ସେ ଶବଦ
''ଶୁଣ ଶୁଣ
ହେ ଜଗତବାସି!
''ଜୀବନ ବିଜୟ ଦୀପ
ଅସୀମ ଆକାଶେ ଜଳେ ଭାସି।
-(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଗଣତନ୍ତ୍ରର ସୀମା ଉଲ୍ଲଂଘନ

ମହାଶୟ,

ସାରା ଦେଶରେ ଯେ ଆଉ ଗଣତନ୍ତ୍ର ଶାସନ ଅଛି ବୋଲି କେହି ଅନୁଭବ କରୁ ନାହାନ୍ତି। ଯେଉଁ ଉଦ୍ଦେଶ୍ୟ ନେଇ ସମ୍ବିଧାନରେ ଗଣତନ୍ତ୍ର ଶାସନ ରଖାଯାଇଥିଲା ତାହା ଆଜି ଲୋପ ହେବାକୁ ବସିଲାଣି। କେନ୍ଦ୍ରରେ ସଂଖ୍ୟାଗରିଷ୍ଠ ସରକାର ଅଛି। ସରକାରଙ୍କର ବିମୁଦ୍ରୀକରଣଠାରୁ ଆରମ୍ଭ କରି ଦୁଇହଜାର ଟଙ୍କା ପ୍ରଚଳନ ଖୁବ କମ୍ ଅବଧି ମଧ୍ୟରେ ବନ୍ଦ ହେବାର କାରଣ କ'ଣ ? ଗ୍ୟାସ୍‌ଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକର ଦରବୃଦ୍ଧି କରି ଦେବାରେ ଶିଳ୍ପପତି ଆଦାନି, ଅମ୍ବାନୀଙ୍କୁ ଯେଭିଳ ଉତ୍ସାହିତ କରାଯାଇଛି ତାହା ଶାସନର ସଂଖ୍ୟା ଗରିଷ୍ଠର ଫଳ ନୁହେଁ କି ? ଯିଏ ସତ କହିବ ତାକୁ ଦଣ୍ଡ ଓ ଦେଶଦ୍ରୋହୀ ଆଖ୍ୟା ଦିଆଯାଉଛି। ବିନା କାରଣରେ ବିରୋଧୀ ଦଳ ଓ ବ୍ୟକ୍ତି ବିଶେଷ ବିରୁଦ୍ଧରେ ଇଡି ଓ ସିବିଆଇକକୁ ବ୍ୟବହାର କରାଯାଉଛି। ଏହା ଗଣତନ୍ତ୍ରର ସୀମା ଉଲ୍ଲଂଘନ ନୁହେଁ କି ? ଆଲୋ ସଖୀ, ଆପଣା ମହତ ଆପେ ରଖି। ବର୍ତ୍ତମାନ ସାରା ଦେଶରେ ଆଉ ଗଣତନ୍ତ୍ର ଶାସନ ନାହିଁ । ଓଡ଼ିଶାକୁ ସମାଲୋଚନା ନ କରି ଦେଶର ଶାସନକୁ ଚିନ୍ତା କରନ୍ତୁ।

**- ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା

ବାଲିପାଟଣା,୨୭।୯(ଅଭିମନ୍ୟୁ ନାୟିକ)- ବାଲିପାଟଣା ବ୍ଲକ ଅଧୀନ ବନମାଳୀପୁରସ୍ଥିତ ଆଦର୍ଶ ଶିଶୁ ନିକେତନ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ବିଦ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟ ୪୩ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବାଲିପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ଆକାଂକ୍ଷିତା ପ୍ରିୟଦର୍ଶିନୀ ପ୍ରଧାନ ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତ୍ୟେକ ପ୍ରକଳ୍ପ ବୁଲି ଦେଖିଥିଲେ। ଏଥିସହିତ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସଞ୍ଜୟ ନାୟକ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ନର୍ମଦା ପ୍ରଧାନ ବିଚାରପତି ଭାବେ ଯୋଗଦେଇ ଉଭୟ ଜୁନିୟର ଏବଂ ସିନିୟର ବିଭାଗରୁ ୩ଟି ଲେଖାଏଁ ପ୍ରକଳ୍ପକୁ ଚୟନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଚୟନ କରାଯାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅଧକ୍ଷା ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ପରିଚାଳନା କମିଟିର ସଦସ୍ୟ ଏଥିରେ ସହଯୋଗ କରିଥିଲେ।

### ଛିନ୍ତାଇ: ୨ ଜେଲ ଫେରନ୍ତା ଗିରଫ

ଭୁବନେଶ୍ୱର,୨୭।୯ (ସୂର୍ଯ୍ୟକାନ୍ତ ବେହେରା): ମହିଳାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଇ ଫେରାର ମାମଲାରେ ଲିଙ୍ଗରାଜ ଥାନା ପୋଲିସ ଦୁଇ ଜେଲ ଫେରନ୍ତାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲଣ କରିଛି। ସେମାନେ ହେଲେ ଖଣ୍ଡଗିରି ଅଞ୍ଚଳର ଶ୍ରୀଧର ପଟ୍ଟନାୟକ ଓ ଲିଙ୍ଗରାଜ ଦଳେଇ ଓରଫ ଚିଙ୍ଗୁଡ଼ି। ଉଭୟଙ୍କଠାରୁ ଗୋଟିଏ ସୁନା ଚେନ ଜବତ ହୋଇଛି। ଅଭିଯୁକ୍ତମାନେ ଲୁଟିନେଇଥିବା ସୁନା ଚେନକୁ ବଣିଆକୁ ବିକ୍ରି କରିବାକୁ ଉଦ୍ୟମ କରୁଥିବାବେଳେ ଖବର ପାଇ ପୋଲିସ ଚଢ଼ାଉ କରି ସେମାନଙ୍କୁ ଧରିଥିଲା। ସୂଚନାନୁସାରେ, ଓଲ୍ଡ ଟାଉନରେ ରହୁଥିବା ଜଣେ ମହିଳା ଚାଲି ଚାଲି ଘରକୁ ଫେରୁଥିବା ସମୟରେ ଗ୍ୟାରେଜ ଛକ ନିକଟରେ ଅଭିଯୁକ୍ତଦ୍ୱୟ ଏକ ସ୍କୁଟିରେ ଆସି ତାଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବାରୁ ୯ ଦିନ ପରେ ପୋଲିସ ସେମାନଙ୍କୁ ଧରିଛି। ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଶ୍ରୀଧର ଚଳିତ ମାସରେ ଓ ଲିଙ୍ଗରାଜ ଅଗଷ୍ଟରେ ଜେଲରୁ ମୁକୁଳିଥିବା ତଦନ୍ତବେଳେ ଜଣାପଡିଛି।

### ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୭।୯ (ସୂର୍ଯ୍ୟକାନ୍ତ ବେହେରା): ଗଜପତିରୁ ପଶ୍ଚିମବଙ୍ଗଙ୍କୁ ଗଞ୍ଜେଇ ଚୋରା ଚାଲଣବେଳେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଭରତପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ମଣ୍ଟୁ ନାୟକ। ତାଙ୍କଠାରୁ ୨୧ କେଜି ୬୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ପୋଲିସ ଏକ ବେଆଇନ ଗଞ୍ଜେଇ ବିକ୍ରି ମାମଲା ରୁଜୁ କରିବା ସହିତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଖଣିରେ ଚଢ଼ାଉ ବେଳେ ପୋଲିସକୁ ଆକ୍ରମଣ

■୨ କର୍ମଚାରୀ ଲହୁଲୁହାଣ, ମେଡିକାଲରେ ଭର୍ତ୍ତି

■ଆକ୍ରମଣକାରୀଙ୍କୁ ଧରିବାକୁ ଖାନତଲାସି ଜାରି

ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ମାଣିତ୍ରୀ ନିକଟସ୍ଥ ଏକ ଖଣିରେ ବୁଧବାର ରାତିରେ ଚଢାଉବେଳେ ମାଫିଆଙ୍କ ଆକ୍ରୋଶର ଶିକାର ହୋଇଛି ପୋଲିସ। ମାଫିଆଙ୍କ ଆକ୍ରମଣରେ ୨ଜଣ ପୋଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ସ୍ଥାନୀୟ ମେଡିକାଲ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡରେ ୬ରୁ ୮ଟି ଷ୍ଟିଚ୍ ପଡ଼ିଛି। ତେବେ ଏନେଇ କୌଣସି ପୋଲିସ ଅଧିକାରୀ ମୁହଁ ଖୋଲୁ ନାହାନ୍ତି। ଏହି ଘଟଣାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ସମ୍ପୃକ୍ତ ଆକ୍ରମଣକାରୀମାନଙ୍କୁ ଧରିବା ଲାଗି ପୋଲିସର ଏକ ଟିମ୍ ବିଭିନ୍ନ ସ୍ଥାନରେ ଖାନତଲାସି ଚଳାଇଛି।

ସୂଚନା ମୁତାବକ, ଦୁଇଜଣ ପୋଲିସ କର୍ମଚାରୀ ଏକ ବାଇକ ଯୋଗେ ଚଢାଉ ପାଇଁ ଉକ୍ତ ଖଣିକୁ ଯାଇଥିଲେ। ଦୁହେଁ ସେଠାରେ ପହଞ୍ଚିବା ମାତ୍ରେ ଉପସ୍ଥିତ ଥିବା ମାଫିଆ ଓ ତାଙ୍କ ସହଯୋଗୀମାନେ ଉଭୟଙ୍କୁ ଚାରିପଟୁ ଘେରିଯାଇଥିଲେ। ପୋଲିସ କର୍ମଚାରୀ ଦ୍ୱୟ ଜୀବନ ବିକଳରେ ଦୌଡ଼ି ଖସିଯିବାକୁ ଉଦ୍ୟମ କରିବାବେଳେ ସମ୍ପୃକ୍ତ ଲୋକେ ମାରଣାସ୍ତ୍ରରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସ୍ପେଶାଲ ସ୍କ୍ୱାଡ୍‌ର ଜଣେ କର୍ମଚାରୀଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ତାଙ୍କ ମୁଣ୍ଡ ଫାଟିଛି। ଅନ୍ୟ ଜଣେ ମଧ୍ୟ ନିସ୍ତୁକ ମାଡ଼ ଖାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ବ୍ୟକ୍ତିମାନେ ଉଭୟଙ୍କ ମୋବାଇଲ ଫୋନ୍ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏହାପରେ ପୋଲିସ କର୍ମଚାରୀ ଦ୍ୱୟ କୌଣସିମତେ ସେଠାରୁ ଚାଲିଆସି ଥାନାକୁ ଖବର ଦେଇଥିଲେ। ଉଭୟଙ୍କୁ ଉଦ୍ଧାର କରାଯିବା ପରେ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ପ୍ରଶ୍ନ ଉଠୁଛି, ପୋଲିସ କର୍ମଚାରୀ ଦ୍ୱୟ ରାତିରେ କାହିଁକି ଚଢାଉ ପାଇଁ ଯାଇଥିଲେ। ବିଭାଗୀୟ ଗାଡ଼ିରେ ଏକ ଟିମ୍ ପରିବର୍ତ୍ତେ ଦୁଇଜଣ କାହିଁକି ବାଇକରେ ଗଲେ, ସ୍ଥାନୀୟ ପୋଲିସ ନିକଟରେ ଏ ସଂକ୍ରାନ୍ତରେ ଖବର ଥିଲା କି ନାହିଁ ଇତ୍ୟାଦି ବିଭିନ୍ନ ପ୍ରଶ୍ନ ସାଧାରଣରେ ଉଙ୍କି ମାରିଛି। ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଜାତୀୟ ନାଟକ ମହୋତ୍ସବର ବୁଧବାର ସନ୍ଧ୍ୟାରେ ପରିବେଷିତ ଓଡ଼ିଆ ନାଟକ 'ରେମୋ'ର ଏକ ଦୃଶ୍ୟ।

# ଭୁବନେଶ୍ୱରକୁ ଶ୍ରେଷ୍ଠ ସ୍ମାର୍ଟ ସିଟି ପୁରସ୍କାର



'ସ୍ମାର୍ଟ ସିଟିଜ୍ କନ୍‌କ୍ଲେଭ୍-୨୦୨୩'ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ବିଏମ୍‌ସି ମେୟର ସୁଲୋଚନା ଦାସ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୨୭।୯(ଅନୁରାଧା ମହାରଣା)

ଇଷ୍ଟର୍ନ ରିଜିଅନରେ ଭୁବନେଶ୍ୱରକୁ 'ଶ୍ରେଷ୍ଠ ସ୍ମାର୍ଟ ସିଟି' ପୁରସ୍କାର ମିଳିଛି। ସ୍ମାର୍ଟ ସିଟି ପଦକ୍ଷେପ ଦ୍ୱାରା ସହରାଞ୍ଚଳରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା, ଭିତ୍ତିଭୂମିର ବିକାଶ ଏବଂ ଦୀର୍ଘ ସ୍ଥାୟିତ୍ୱକୁ ନିଶ୍ଚିତ କରାଇବା ସହ ନାଗରିକ ସୁଲଭ ରାସ୍ତା, ଦକ୍ଷ ବର୍ଜ୍ୟ ପରିଚାଳନା, ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସ୍ମାର୍ଟ ସଲ୍ୟୁଶନ ବ୍ୟବସ୍ଥା, ଭୁବନେଶ୍ୱରବାସୀଙ୍କ ଜୀବନ ଶୈଳୀକୁ ସମୃଦ୍ଧ କରିବା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ମଧ୍ୟପ୍ରଦେଶର ଇନ୍ଦୋରଠାରେ ଆୟୋଜିତ 'ସ୍ମାର୍ଟ ସିଟିଜ୍ କନ୍‌କ୍ଲେଭ୍-୨୦୨୩'ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ସୁଲୋଚନା ଦାସ, ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ ଓ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍(ବିଏସ୍‌ସିଏଲ)ର ଜେନେରାଲ୍ ମ୍ୟାନେଜର ସୁବ୍ରତ ବେହେରା ପୁରସ୍କାର ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ବିଏମ୍‌ସି, ବିଏସ୍‌ସିଏଲ୍ ଓ ହନିୱେଲର ସଦସ୍ୟମାନେ ଯୋଗଦେଇଥିଲେ। ଏଥିସହ ଭୁବନେଶ୍ୱରକୁ 'ପାର୍ଟନର ଏମ୍‌ଏସ୍‌ଆଇ ଆୱାର୍ଡ' ମଧ୍ୟ ପ୍ରଦାନ କରାଯାଇଛି। ଏହି ଅବସରରେ ବିଏସ୍‌ସିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଅମୃତା କୁଲାଙ୍ଗେ ଓ ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂହ ବିଏମ୍‌ସି, ବିଏସ୍‌ସିଏଲ୍, ହନିୱେଲର ଅଧିକାରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଧଉଳି ଗଣେଶ ଭସାଣି ଗୋଷ୍ଠୀ ସଂଘର୍ଷ ମାମଲା

### ଗୋଟିଏ ଗୋଷ୍ଠୀର ୭ ଗିରଫକୁ ନେଇ ଅସନ୍ତୋଷ

ଭୁବନେଶ୍ୱର,୨୭।୯ (ସୂର୍ଯ୍ୟକାନ୍ତ ବେହେରା)

ଗଣେଶ ଭସାଣିକୁ ନେଇ ଧଉଳି ଥାନା ଅନ୍ତର୍ଗତ ରଘୁନାଥପୁରରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ମାମଲାରେ ପୋଲିସ ଗୋଟିଏ ପକ୍ଷ ତଥା ତଳସାହିର ୭ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲଣ କରିଛି। ସେମାନେ ହେଲେ ଦିପୁ ସନ୍ଦୀପ ଭୋଇ, ଦୁଃଶାସନ ଭୋଇ, ଉମ୍ଫୁଲି ପ୍ରମୋଦ ଭୋଇ, କର୍ଲୈଇ ବାସୁଦେବ ବେହେରା, ବାପି ଜିସୁ ବେହେରା, ସନ୍ଦୀପ ଭୋଇ ଓ ଅବନି ଅବିନାଶ ଭୋଇ। ସେମାନଙ୍କଠାରୁ ଗୋଟିଏ ଖଣ୍ଡା ଓ ମୋଟରସାଇକେଲ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଉଭୟ ପକ୍ଷରୁ ଏତଲା ସତ୍ତ୍ୱେ ପୋଲିସର ଏକପାଖିଆ ପଦକ୍ଷେପକୁ ତଳସାହିର ଲୋକେ ବିରୋଧ କରିବା ସହ ଉପରସାହିର ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ମଙ୍ଗଳବାର ଥାନା ଆଗରେ ଧାରଣା ଦିଆଯାଇଥିଲା। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ପାଇବା ପରେ ସେମାନେ ଧାରଣାରୁ ଉଠିଥିଲେ। ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ଗଣେଶ ଭସାଣିବେଳେ ରଘୁନାଥପୁରର ଦୁଇ ସାହି ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ଉଭୟ ସାହିର ୧୨ ଜଣ ଆହତ ହୋଇଥିଲେ।

# ଏଥେନା ବୁକ୍ସର ରୌପ୍ୟ ଜୟନ୍ତୀ




ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ

ଅଗ୍ରଣୀ ପ୍ରକାଶନ ସଂସ୍ଥା ଏଥେନା ବୁକ୍ସର ରୌପ୍ୟ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବ ବୁଧବାର ସ୍ଥାନୀୟ ଭାରତୀୟ ବିଦ୍ୟାଭବନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଡ. ବିଧୁପ୍ରଭା ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ସାହିତ୍ୟିକା ବନଜ ଦେବୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ବିଜୟ କୁମାର ଶତପଥୀ, ସମ୍ମାନିତ ଅତିଥି ପ୍ରଫେସର ବିଜୟାନନ୍ଦ ସିଂହ, ମୁଖ୍ୟବକ୍ତା କୁଳମଣି ଓଝା, ସମ୍ମାନିତ ବକ୍ତା ହୃଷୀକେଶ ପଣ୍ଡା ଏବଂ ସତ୍ୟନାରାୟଣ ମହାପାତ୍ର ଅଭ୍ୟର୍ଥନା କମିଟି ସଭାପତି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ରଥଙ୍କ ଉପନ୍ୟାସ ମଧୁକ୍ଷରା ଓ ସମାଲୋଚନା, ସୀତାକାନ୍ତ ମହାପାତ୍ରଙ୍କ କାବ୍ୟ ମାନସ ମିଥ୍, ଓଝାଙ୍କ କବିତା ପୁସ୍ତକ ଚିରକାଳ ଆଦିମ ସକାଳ, ହୃଷୀକେଶଙ୍କ ସମାଲୋଚନା ପୁସ୍ତକ 'ସର୍ଜନା' ଓ ବିଲୋଚନା, ଶକ୍ତିପ୍ରସାଦ ଛୋଟରାୟଙ୍କ କବିତା ପୁସ୍ତକ 'ସେ ପକ୍ଷୀ ଫେରେନା', ସୁମିତା ବେହେରାଙ୍କ କବିତା ପୁସ୍ତକ 'ମୁଗ୍ଧ ନିରବତା' ଓ ସୌଦାମିନୀ ମିଶ୍ରଙ୍କ କବିତା ପୁସ୍ତକ 'ସ୍ୱପ୍ନର ପଦ୍ମବନ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ବିଜୟ କୁମାର ଶତପଥୀଙ୍କୁ ପ୍ରାବନ୍ଧିକ ଶ୍ୟାମସୁନ୍ଦର ରାଜଗୁରୁ ସ୍ମୃତି ସମ୍ମାନ, ପ୍ରଫେସର ବିଜୟାନନ୍ଦ ସିଂହଙ୍କୁ ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ସ୍ମୃତି ସମ୍ମାନ, କୁଳମଣି ଓଝାଙ୍କୁ ସନ୍ଥ ଅରକ୍ଷିତ ଦାସ ସ୍ମୃତି ସମ୍ମାନ, ହୃଷୀକେଶ ପଣ୍ଡାଙ୍କୁ କବି କଳହଂସ ଗୋପାଳକୃଷ୍ଣ ପଟ୍ଟନାୟକ ସ୍ମୃତି ସମ୍ମାନ, ବିଧୁପ୍ରଭା ରଥଙ୍କୁ ସାରସ୍ୱତ ସାଧିକା ସୀତା ଦେବୀ ଖାଡ଼େଙ୍ଗା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅଞ୍ଜଳି ଦାଶଙ୍କ ଉପସ୍ଥାପନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବି ଦୁର୍ଗାଚରଣ ଷଡ଼ଙ୍ଗୀ ଏଥେନା ବୁକ୍ସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଭାଷାବିତ୍ ଦେବାଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଉଚ୍ଚ ଶବ୍ଦ ମ୍ୟୁଜିକ୍‌କୁ ବାରଣ କରିବାରୁ ପିସିଆର୍ କର୍ମଚାରୀଙ୍କୁ ଆକ୍ରମଣ

## ଡିଜେ ଗାଡ଼ି ଜବତ, ୩ ଗିରଫ

ଭୁବନେଶ୍ୱର,୨୭।୯ (ସୂର୍ଯ୍ୟକାନ୍ତ ବେହେରା)

ଧଉଳି ଥାନା ଅନ୍ତର୍ଗତ ବସନ୍ତପୁର ଅଞ୍ଚଳରେ ଉଚ୍ଚ ଶବ୍ଦ ମ୍ୟୁଜିକ ବଜାଇ ଶୋଭାଯାତ୍ରାବେଳେ ପୋଲିସ ବାରଣ କରିବାରୁ ପିସିଆର ଗାଡିକୁ ଭଙ୍ଗାରୁଜା ସହ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ଏହି ଘଟଣାରେ ଧଉଳି ଥାନା ପୋଲିସ ଡିଜେ ପ୍ଲେୟାରଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲଣ କରିଛି। ସେମାନେ ହେଲେ କ୍ୟାପିଟାଲ ଥାନା ଅଞ୍ଚଳର ଡିଜେ ପ୍ଲେୟାର ସୁଶାନ୍ତ ବେହେରା (୨୪) ଓ ସତ୍ୟ ନାରାୟଣ ପ୍ରଧାନ (୨୨) ଏବଂ ଧଉଳିର ସନାତନ ନାୟକ(୨୩)। ସେମାନଙ୍କଠାରୁ ଡିଜେ ସାଉଣ୍ଡ ଗାଡି ଜବତ ହୋଇଛି। ସେହିପରି ଏହି ଘଟଣାରେ ଏକାଧିକ ବ୍ୟକ୍ତି ଫେରାର ଥିବାରୁ ସେମାନଙ୍କୁ ଗିରଫ ପାଇଁ ଉଦ୍ୟମ ଚାଲିଥିବା ପୋଲିସ କହିଛି।

ସୂଚନାନୁସାରେ, ମଙ୍ଗଳବାର ରାତି ସାଢେ ୧୦ରେ ବସନ୍ତପୁର ଅଞ୍ଚଳରେ ଥିବା ସାଇ କ୍ଲବ୍ ପକ୍ଷରୁ ଗଣେଶ ଭସାଣି ଶୋଭାଯାତ୍ରା ଚାଲିଥିଲା। ଅତିଉଚ୍ଚ ଶବ୍ଦରେ ମ୍ୟୁଜିକ ବଜାଇ କ୍ଲବ୍ ଓ ସ୍ଥାନୀୟ ଯୁବକମାନେ ମଉଜ କରୁଥିଲେ। ଏନେଇ ଅଭିଯୋଗ ପାଇବା ପରେ ପିସିଆର-୧୨ର ଇନ୍‌ଚାର୍ଜ ହାବିଲଦାର ସନ୍ତୋଷ କୁମାର ପଣ୍ଡା ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ଡିଜେ ପ୍ଲେୟାର ଅଭିଯୁକ୍ତ ସୁଶାନ୍ତଙ୍କୁ ଶୋଭାଯାତ୍ରା ଲାଗି ମିଳିଥିବା ଅନୁମତିପତ୍ର ସମ୍ପର୍କରେ ପଚାରିବା ସହିତ ଉଚ୍ଚ ଶବ୍ଦରେ ମ୍ୟୁଜିକ କାହିଁକି ବଜାଉଛନ୍ତି ବୋଲି ପ୍ରଶ୍ନ କରିଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ସୁଶାନ୍ତଙ୍କ ସହ ସତ୍ୟ, ସନାତନ ଓ ୨୦ରୁ ଅଧିକ ସହଯୋଗୀ ପିସିଆର କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହିତ ସେମାନଙ୍କୁ ମାଡ ମାରିଥିଲେ। ଏହା ସହିତ ହାବିଲଦାର ସନ୍ତୋଷଙ୍କ ଉପରକୁ ଇଟା ଓ ପଥର ମାଡ଼ କରିଥିଲେ। ଇଟା ଓ ପଥର ମାଡରେ ପିସିଆର ଭ୍ୟାନ କ୍ଷତିଗ୍ରସ୍ତ ହୋଇଥିଲା। ଏନେଇ ହାବିଲଦାର ସନ୍ତୋଷଙ୍କ ଅଭିଯୋଗ ଆଧାରରେ ମାମଲା ନଂ (୧୮୯/୨୩) ରୁଜୁ କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି।



ରସୁଲଗଡ଼ କେନାଲ ରୋଡ୍‌ରେ ମହିଳା ବ୍ରତଧାରୀମାନେ ଶେଷ ପାଳି ବୁଧିବାମନ ଓଷା କରୁଛନ୍ତି।



ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଧ୍ୟାହ୍ନଭୋଜନ ପାଚିକା ଓ ଅନ୍ୟ ଆନ୍ଦୋଳନକାରୀମାନେ ରାତିରେ ବିଶ୍ରାମ ନେଉଥିବାର ଦୃଶ୍ୟ।

# ବାଦ୍ ପଡ଼ିପାରନ୍ତି ୯୭ ହଜାର ଆଶାୟୀ

## ଓଟିଇଟି ପରୀକ୍ଷା ବିଳମ୍ବ

### ପରୀକ୍ଷା ପାଇଁ ଲାଗିବ ଆଉ ୨ମାସ ସମୟ

କଟକ,୨୭।୯( ସୁପ୍ରିୟା ପ୍ରିୟଦର୍ଶିନୀ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୨୦ ହଜାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଅକ୍ଟୋବର ୧୦ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ତେବେ ଏଥିରୁ ପ୍ରାୟ ୯୭ ହଜାର ଆଶାୟୀ ବାଦ୍ ପଡ଼ିବେ ବୋଲି ଜଣାପଡ଼ିଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୩ ପରୀକ୍ଷା ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରୁନାହିଁ। କିଛି ଦିନ ପୂର୍ବରୁ ଆଶାୟୀମାନେ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଖୁବଶୀଘ୍ର ପରୀକ୍ଷା କରିବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ ଆଶାୟୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାବତ୍ ପରୀକ୍ଷା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। ଆଶାୟୀଙ୍କ ଦାବିଗୁଡ଼ିକ ବିଷୟରେ ବୋର୍ଡ କର୍ତ୍ତୃପକ୍ଷ ସ୍କୁଲ ଓ ଗଣଶିକ୍ଷା ବିଭାଗ ଚିଠି କରି ଚୁପ ବସିଥିବା ଅଭିଯୋଗ ଉଠିଛି। ୩ସପ୍ତାହ ପୂର୍ବରୁ ଏହି ଚିଠି କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଭଳି ସ୍ଥିତିରେ ଶିକ୍ଷକ ଚାକିରି ପାଇଁ ଆବେଦନ କରିବାକୁ ଥିବା ରାଜ୍ୟର ପ୍ରାୟ ୯୭ ହଜାର ଆଶାୟୀଙ୍କ ନିକଟରେ ଓଟିଇଟି ଯୋଗ୍ୟତା ନ ଥିବାରୁ ସେମାନେ ଏଥିରୁ ବଞ୍ଚିତ ହେବାର ସମ୍ଭାବନା ରହିଛି। ଏନେଇ ବୋର୍ଡ ସଭାପତି ଜ୍ୟୋତିପ୍ରକାଶ ଦାସ କହିଛନ୍ତି ୨୦୨୩ ଓଟିଇଟି ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରହିଛି। ହେଲେ ଏଥିପାଇଁ ପ୍ରାୟ ୨ରୁ ଅଢ଼େଇ ମାସ ସମୟ ଲାଗିବ। ପରୀକ୍ଷା ପୂର୍ବରୁ ଅନେକ କାର୍ଯ୍ୟ ରହିଛି। ନିଯୁକ୍ତି ପ୍ରକ୍ରିୟା ସବୁବେଳେ ଜାରି ରହିଛି। ପରୀକ୍ଷା ଶୀଘ୍ର କରିବା ପାଇଁ ଆମେ ଚେଷ୍ଟା କରୁଛୁ। ଫଳପ୍ରକାଶ କରିବା ପାଇଁ ସମୟ ଲାଗିବ ବୋଲି ଦାସ କହିଛନ୍ତି।

ପ୍ରତିବର୍ଷ ବୋର୍ଡ ପକ୍ଷରୁ ଓଟିଇଟି ପରୀକ୍ଷା କରାଯାଉଛି। କିନ୍ତୁ ଗତ ୩ବର୍ଷ ଧରି ଠିକ୍ ଭାବେ ଏହି ପରୀକ୍ଷା କରାଯାଇପାରୁନାହିଁ। ୨୦୨୦ରେ କରୋନା ଯୋଗୁ ପରୀକ୍ଷାକୁ ବନ୍ଦ କରାଯାଇଥିଲା। ଏହାପରେ ୨୦୨୨ ଶିକ୍ଷାବର୍ଷରେ ଓଟିଇଟି-୨୦୨୧ପରୀକ୍ଷା କରାଯାଇଥିଲା। ୨୦୨୩ ଶିକ୍ଷା ବର୍ଷରେ ଓଟିଇଟି-୨୦୨୨ (ସ୍ପେଶାଲ) ଏବଂ ଓଟିଇଟି-୨୦୨୨(ଦ୍ୱିତୀୟ) ପରୀକ୍ଷା କରାଯାଇଛି। କିନ୍ତୁ ସେପ୍ଟେମ୍ବର ମାସ ଶେଷ ହେବାକୁ ବସିଲାଣି ହେଲେ ଓଟିଇଟି-୨୦୨୩ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ବୋର୍ଡ ଦ୍ୱାରା ପରୀକ୍ଷା କରାଯିବାରେ ବିଳମ୍ବ ନେଇ ଆଶାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ସେମାନେ ବୋର୍ଡ କାର୍ଯ୍ୟାଳୟ ଘେରାଉ କରିବା ସହ ଉପସଭାପତିଙ୍କୁ ଏକ ସ୍ମାରକପତ୍ର ଗତ ୧୧ ତାରିଖରେ ଦେଇଥିଲେ। ବର୍ଷକୁ ଥରେ ଓଟିଇଟି ପରୀକ୍ଷା ନ କରି ବୋର୍ଡ ନ୍ୟାଶନାଲ କାଉନ୍‌ସିଲ ଫର୍ ଟିଚର ଏଜୁକେଶନ (ଏନ୍‌ସିଟିଇ) ଗାଇଡ୍‌ଲାଇନ୍‌କୁ ଉଲ୍ଲଙ୍ଘନ କରୁଥିବା ସେମାନେ ଅଭିଯୋଗ ଆଣିଥିଲେ। ଏହାପରେ ବୋର୍ଡ ଦ୍ୱାରା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଚିଠି କରାଯାଇଥିଲା। ତେବେ ଏହି ଆବେଦନ ପ୍ରକ୍ରିୟା ସରିବା ପୂର୍ବରୁ ଓଟିଇଟି ପରୀକ୍ଷା କରାଯାଉ ନଚେତ୍ ଆଶାୟୀମାନଙ୍କୁ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଆବେଦନ ପାଇଁ ସୁଯୋଗ ଦିଆଯାଉ ବୋଲି ଦାବି କରାଯାଇଛି।

# ଖଣିରେ ଚଢ଼ାଉ ବେଳେ ପୋଲିସକୁ ଆକ୍ରମଣ

ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)

- ୨ କର୍ମଚାରୀ ଲହୁଲୁହାଣ, ମେଡିକାଲରେ ଭର୍ତ୍ତି
- ଆକ୍ରମଣକାରୀଙ୍କୁ ଧରିବାକୁ ଖାନତଲାସି ଜାରି

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ମାଣିତ୍ରୀ ନିକଟସ୍ଥ ଏକ ଖଣିରେ ବୁଧବାର ରାତିରେ ଚଢାଉବେଳେ ମାଫିଆଙ୍କ ଆକ୍ରୋଶର ଶିକାର ହୋଇଛି ପୋଲିସ। ମାଫିଆଙ୍କ ଆକ୍ରମଣରେ ୨ଜଣ ପୋଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ସ୍ଥାନୀୟ ମେଡିକାଲ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡରେ ୬ରୁ ୮ଟି ଷ୍ଟିଚ୍ ପଡ଼ିଛି। ତେବେ ଏନେଇ କୌଣସି ପୋଲିସ ଅଧିକାରୀ ମୁହଁ ଖୋଲୁ ନାହାନ୍ତି। ଏହି ଘଟଣାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ସମ୍ପୃକ୍ତ ଆକ୍ରମଣକାରୀମାନଙ୍କୁ ଧରିବା ଲାଗି ପୋଲିସର ଏକ ଟିମ୍ ବିଭିନ୍ନ ସ୍ଥାନରେ ଖାନତଲାସି ଚଳାଇଛି।

ସୂଚନା ମୁତାବକ, ଦୁଇଜଣ ପୋଲିସ କର୍ମଚାରୀ ଏକ ବାଇକ ଯୋଗେ ଚଢାଉ ପାଇଁ ଉକ୍ତ ଖଣିକୁ ଯାଇଥିଲେ। ଦୁହେଁ ସେଠାରେ ପହଞ୍ଚିବା ମାତ୍ରେ ଉପସ୍ଥିତ ଥିବା ମାଫିଆ ଓ ତାଙ୍କ ସହଯୋଗୀମାନେ ଉଭୟଙ୍କୁ ଚାରିପଟୁ ଘେରିଯାଇଥିଲେ। ପୋଲିସ କର୍ମଚାରୀ ଦ୍ୱୟ ଜୀବନ ବିକଳରେ ଦୌଡ଼ି ଖସିଯିବାକୁ ଉଦ୍ୟମ କରିବାବେଳେ ସମ୍ପୃକ୍ତ ଲୋକେ ମାରଣାସ୍ତ୍ରରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସ୍ପେଶାଲ ସ୍କ୍ୱାଡ୍‌ର ଜଣେ କର୍ମଚାରୀଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ତାଙ୍କ ମୁଣ୍ଡ ଫାଟିଛି। ଅନ୍ୟ ଜଣେ ମଧ୍ୟ ନିସ୍ଥୁକ ମାଡ଼ ଖାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ବ୍ୟକ୍ତିମାନେ ଉଭୟଙ୍କ ମୋବାଇଲ ଫୋନ୍ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏହାପରେ ପୋଲିସ କର୍ମଚାରୀ ଦ୍ୱୟ କୌଣସିମତେ ସେଠାରୁ ଚାଲିଆସି ଥାନାକୁ ଖବର ଦେଇଥିଲେ। ଉଭୟଙ୍କୁ ଉଦ୍ଧାର କରାଯିବା ପରେ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ପ୍ରଶ୍ନ ଉଠୁଛି, ପୋଲିସ କର୍ମଚାରୀ ଦ୍ୱୟ ରାତିରେ କାହିଁକି ଚଢାଉ ପାଇଁ ଯାଇଥିଲେ। ବିଭାଗୀୟ ଗାଡ଼ିରେ ଏକ ଟିମ୍ ପରିବର୍ତ୍ତେ ଦୁଇଜଣ କାହିଁକି ବାଇକରେ ଗଲେ, ସ୍ଥାନୀୟ ପୋଲିସ ନିକଟରେ ଏ ସଂକ୍ରାନ୍ତରେ ଖବର ଥିଲା କି ନାହିଁ ଇତ୍ୟାଦି ବିଭିନ୍ନ ପ୍ରଶ୍ନ ସାଧାରଣରେ ଉଙ୍କି ମାରିଛି। ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବୋଲେରୋ ଧକ୍କାରେ ଯୁବକ ମୃତ

ନିରାକାରପୁର, ୨୭।୯(ମାନସ ଚନ୍ଦ୍ର ପଟ୍ଟନାୟକ )




ବୋଲେରୋ ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ରାସ୍ତାରେ ଯାଉଥିବା ଯୁବକଙ୍କ ମୃତ୍ୟୁ ଘଟିଥିବା ନେଇ ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଜଗତସିଂହପୁର ଜିଲା ତରତଙ୍ଗ -ମୁଣ୍ଡା ସାହିର ପ୍ରଦ୍ୟୁମ୍ନ ବିଶ୍ୱାଳ (୨୬)। ତାଙ୍କ ଦାଦା ଚୈତନ୍ୟ ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ପୁତୁରା ତାଙ୍କ ପୁତୁରା ଜଙ୍କିଆ ଥାନା ଅଞ୍ଚଳରେ କିଛିଦିନ ହେବ ରହି ଏକ ମୋରମ ଖଣି ମାଲିକଙ୍କ ପାଖରେ କାର୍ଯ୍ୟ କରୁଥିଲେ। ତେବେ ସେ କୌଣସି କାର୍ଯ୍ୟ ବଶତଃ ଜଙ୍କିଆ ବଜାର ଅଞ୍ଚଳକୁ ଆସୁଥିଲେ। ଜଙ୍କିଆ ଥାନା ସନ୍ନିକଟ ୧୬ନମ୍ବର ଜାତୀୟ ରାଜପଥରେ ସେ ଆସି ଠିଆ ହୋଇଥିବା ସମୟରେ ବାଲୁଗାଁରୁ ଆସୁଥିବା ଓଡି-୩୩-ଏଏଚ-୪୭୪୦ନମ୍ବର ବିଶିଷ୍ଟ ବୋଲେରୋ ପ୍ରଦ୍ୟୁମ୍ନଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତାରେ ଛିଟିକି ପଡିବାରୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ସରକାରୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ପ୍ରଚୁର ରକ୍ତସ୍ରାବ ଯୋଗୁଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା | ଗାଡି ଚାଳକଙ୍କ ବେପରୁଆ ଓ ମନମୁଖୀ ଗାଡି ଚାଳନା ଯୋଗୁଁ ତାଙ୍କ ପୁତୁରାଙ୍କର ମୃତ୍ୟୁ ହୋଇଥିବା ନେଇ ସେ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଘଟଣାସ୍ଥଳରେ ଜଙ୍କିଆ ପୋଲିସ ପହଞ୍ଚି ଗାଡିଟିକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ଶବକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ସହ ତଦନ୍ତ ଚାଲିଥିବା ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞାରତ୍ନମ୍ବରା କର ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ୪୫ ଗ୍ରାମ ବ୍ରାଉନସୁଗାର ଜବତ: ବେପାରୀ ଗିରଫ

ଖୋର୍ଦ୍ଧା,୨୭।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ଥମିବାର ନା ଧରୁନି। ଖୋର୍ଦ୍ଧା ଅବକାରୀ ପୋଲିସ ବୁଧବାର ନୂଆବସ୍‌ଷ୍ଟାଣ୍ଡ ନିକଟରେ ଚଢାଉ କରି ଜଣେ ବେପାରୀଙ୍କଠାରୁ ୪୫ ଗ୍ରାମ ବ୍ରାଉନସୁଗାର ସହ ଏକ କଳା ରଙ୍ଗର ହିରୋହୋଣ୍ଡା ବାଇକ୍ (ନଂ. ଓଆର୍ ୧୬ ବି ୪୪୭୫) ଜବତ କରିଛି। ଅଭିଯୁକ୍ତ ବେପାରୀ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ପଲ୍ଲାହାଟର ସୁବ୍ରତ କୁମାର ପାତ୍ର(୩୩)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୪ ଲକ୍ଷ ୫୦ ହଜାର ଟଙ୍କା ହେବ। ସୂଚନା ଅନୁଯାୟୀ, ନୂଆବସ୍‌ଷ୍ଟାଣ୍ଡ ନିକଟରେ ସୁବ୍ରତ ବାଇକରେ ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ଅବକାରୀ ପୋଲିସ୍‌ର ଏକ ଟିମ୍ ସେଠାରେ ଚଢଉ କରିଥିଲା। ପଚାରଉତୁରା ବେଳେ ତାଙ୍କଠାରୁ ବ୍ରାଉନସୁଗାର ମିଳିଥିଲା। ଏନେଇ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ ୩୮/୨୩) ରୁଜୁ ହୋଇଛି।

### ରାସ୍ତା କଡ଼ରୁ ମହିଳାଙ୍କୁ ଉଦ୍ଧାର କଲା ପୋଲିସ

ବାରଙ୍ଗ,୨୭।୯ (ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ଷଣ୍ଢପୁର ଗ୍ରାମ ନିକଟରୁ ମଙ୍ଗଳବାର ବିଳମ୍ବିତ ରାତିରେ ଗୁରୁତର ଅବସ୍ଥାରେ ଜଣେ ଆଦିବାସୀ ମହିଳାଙ୍କୁ ଗୋଡିସାହି ଫାଣ୍ଡି ପୋଲିସ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି। ପ୍ରକାଶ ଯେ, ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତା କଡ଼ରେ ଗୁରୁତର ଅବସ୍ଥାରେ ଜଣେ ଆଦିବାସୀ ମହିଳା ଚେତାଶୂନ୍ୟ ଅବସ୍ଥାରେ ପଡିଥିଲେ। ମହିଳା ପିନ୍ଧିଥିବା ଶାଢି କେତେକାଂଶରେ ଚିରି ଯାଇ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ସହ ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଗ୍ରାମର କିଛି ଯୁବକ ଶୌଚ ପାଇଁ ପୁରୀ ମେନ କେନାଲକୁ ଯାଇଥିବାବେଳେ ମହିଳାଙ୍କୁ ଦେଖିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଗୋଡିସାହି ଫାଣ୍ଡି ପୋଲିସ ଆସି ଆହତ ମହିଳାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ନେଇଥିଲା। ତେବେ ମହିଳାଙ୍କ ଘର ମୟୂରଭଞ୍ଜ ଜିଲାରେ ହୋଇଥିବାବେଳେ ଏଠାକୁ କେମିତି ଆସିଲେ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ।

### ଚପଲକୁ ନେଇ ଗଣ୍ଡଗୋଳ, ୪ ଗିରଫ

ଭୁବନେଶ୍ୱର,୨୭।୯ (ସୂର୍ଯ୍ୟକାନ୍ତ ବେହେରା): ଘର ବାହାରେ ରଖାଯାଇଥିବା ଚପଲକୁ ଗୋଇଠା ମାରି ଫୋପାଡିବାକୁ କେନ୍ଦ୍ର କରି ଖାରବେଳନଗର ଥାନା ଅନ୍ତର୍ଗତ ଦୁର୍ଗାମଣ୍ଡପ ବସ୍ତିରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଗାଳିଗୁଲଜ କରିବା ସହିତ ବାଉଁଶ ଓ ପ୍ଲାଷ୍ଟିକ ଚୌକିରେ ପରସ୍ପରକୁ ଆକ୍ରମଣ କରିଥିଲେ। ଏଥିରେ ଉଭୟ ପକ୍ଷ ଗୁରୁତର ଆହତ ହୋଇଥିଲେ। ଅଭିଯୋଗ ପରେ ପୋଲିସ ପୃଥକ ମାମଲା ରୁଜୁ କରି ଉଭୟ ପକ୍ଷରୁ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସତ୍ୟନଗର ଦୁର୍ଗାମଣ୍ଡପ ବସ୍ତିରେ ରହୁଥିବା ବାଲେଶ୍ୱରର ୨ଭାଇ ଅଜୟ କୁମାର ନାୟକ ଓ ବିଜୟ କୁମାର ଏବଂ ନୟାଗଡର ୨ ଭାଇ ମାନସ ନାୟକ ଓ ପ୍ରକାଶ ନାୟକ। ଅଭିଯୁକ୍ତମାନେ ଦୁର୍ଗାମଣ୍ଡପ ବସ୍ତିରେ ଥିବା ଜଣେ ମାଲିକଙ୍କ ଘରେ ଭଡାରେ ରହୁଛନ୍ତି।

# ଜିଲାସ୍ତରୀୟ ବିଦ୍ୟାଳୟସମୂହ କ୍ରୀଡ଼ା ପ୍ରତିଯୋଗିତା




ଜଣେ ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)

### କ୍ରିକେଟରେ ଓମ୍ ଶୁଭମ ରାଜ୍ୟସ୍ତରକୁ ମନୋନୀତ

ଖୋର୍ଦ୍ଧା ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ବିଦ୍ୟାଳୟସମୂହ ୧୭ବର୍ଷରୁ କମ୍ ବାଳକ ଓ ବାଳିକା କ୍ରିକେଟ୍ ଏବଂ ଫୁଟବଲ୍ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ ପ୍ରଭାକର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି କ୍ରୀଡ଼ାରେ ଶୃଙ୍ଖଳାଜ୍ଞାନ ଜରୁରୀ ବୋଲି କହିଥିଲେ। ଜିଲା ଶାରୀରିକ ଶିକ୍ଷା କ୍ରୀଡ଼ା ଅଧିକାରୀ ପଠାଣି ଆଗା ସିଂ ଜିଲାରେ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ଓ ପ୍ରତିଭା ବିକାଶ ଉପରେ ଆଲୋକପାତ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କଠିନ ପରିଶ୍ରମ କ୍ରୀଡ଼ାରେ ସଫଳତା ଆଣିବ ବୋଲି ସେ କହିଥିଲେ। ନିରଞ୍ଜନ ମହାନ୍ତି, ବିବେକାନନ୍ଦ ବେହେରା ଓ କାଳୀଚରଣ ମୁଖୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲା ଶିକ୍ଷା ଅଧିକାରୀ ତରାଇ ଉପସ୍ଥିତ ଥିଲେ। ବିଜେବି ଉଚ୍ଚ ବିଦ୍ୟାଳୟର ଛାତ୍ର ଓମ୍ ଶୁଭମ୍ ପ୍ରଧାନ କ୍ରିକେଟରେ ରାଜ୍ୟସ୍ତରକୁ ମନୋନୀତ ହୋଇଥିବାରୁ ଅତିଥିମାନେ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଧନ୍ୟବାଦ ଦେଇଥିଲେ। ସହକାରୀ ଶିକ୍ଷକ ବିଭୁ ପ୍ରସାଦ ସେନାପତି ଓ କ୍ରୀଡା ଶିକ୍ଷକ ଚିନ୍ମୟ ମାର୍ଥା କାର୍ଯକ୍ରମ ସଂଯୋଜନା କରିଥିଲେ। ଜିଲାର ସମସ୍ତ କ୍ରୀଡ଼ା ସମ୍ପାଦକ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଗଞ୍ଜେଇ ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୭।୯(ସୂର୍ଯ୍ୟକାନ୍ତ ବେହେରା)

ଗଜପତିରୁ ପଶ୍ଚିମବଙ୍ଗଙ୍କୁ ଗଞ୍ଜେଇ ଚୋରା ଚାଲଣବେଳେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଭରତପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ମଣ୍ଟୁ ନାୟକ। ତାଙ୍କଠାରୁ ୨୧ କେଜି ୬୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ପୋଲିସ ଏକ ବେଆଇନ ଗଞ୍ଜେଇ ବିକ୍ରି ମାମଲା ରୁଜୁ କରିବା ସହିତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଗଣେଶପୂଜା ଭସାଣିରେ ଏସିଡ୍ ମାଡ଼, ଯୁବକ ଗୁରୁତର

ନିରାକାରପୁର,୨୭।୯(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳରେ ମଙ୍ଗଳବାର ଗଣେଶ ଭସାଣିରେ ଏକ ଅଘଟଣ ଘଟିଛି। ସରପାରି ଗ୍ରାମରେ ଭସାଣି ପାଇଁ ମେଢ଼ ଯାଉଥିବାବେଳେ ଜଣେ ଯୁବକଙ୍କ ଏସିଡ୍ ମାଡ଼ରେ ସେହି ଗ୍ରାମର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ସରପାରି ଗ୍ରାମର ସନ୍ତୋଷ ସାହୁ। ତାଙ୍କୁ ମେଡିକାଲକୁ ନେଇ ଚିକିତ୍ସା କରାଯିବା ପରେ ସେ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏ ନେଇ ସେ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ୨୩ତାରିଖରେ ଗ୍ରାମରେ ଗଣେଶ ପୂଜା ଭସାଣି ଉତ୍ସବ ହେଉଥିଲା। ତେବେ କୌଣସି କାରଣ ନ ଥାଇ ସେଇ ଗ୍ରାମର କାଳନ୍ଦୀ ବେହେରା ଓରଫ କାଳିଆ ଏକ ଏସିଡ ଭର୍ତ୍ତି ବୋତଲ ଧରି ହଠାତ ତାଙ୍କ ମୁଣ୍ଡକୁ ପିଟି ମୁଣ୍ଡ ଫଟାଇ ଦେବା ସହ ତାଙ୍କ ଉପରକୁ ଏସିଡ ଫିଙ୍ଗିଥିଲେ। ଏଥିଯୋଗୁ ତାଙ୍କର ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ସହ ପିଠି ଓ ବେକମୁଣ୍ଡା ପୋଡ଼ିଯାଇଥିଲା। ଏସିଡ ଜ୍ୱାଳା କଷ୍ଟରେ ସେ ଛଟପଟ ହେଉଥିବା ଦେଖି ପରିବାର ପକ୍ଷରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା ବୋଲି ସନ୍ତୋଷ ଏତଲାରେ ଉଲ୍ଲେଖ କରିଛନ୍ତି। ଏ ନେଇ ପୋଲିସ ଏକ କେସ୍ (ନଂ. ୩୩୮/୨୩) ରୁଜୁ କରି ତଦନ୍ତ ଚଳାଇଥିବା ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞାତୁମ୍ବରା କର କହିଛନ୍ତି।

## ଅଭିନେତ୍ରୀଙ୍କଠାରୁ ୨ଲକ୍ଷ ଠକେଇ, ଭିଡିଓ ଭାଇରାଲ ଧମକ

### ଦଲାଲଙ୍କ ନାଁରେ ମହିଳା ଥାନାରେ ମାମଲା

ଭୁବନେଶ୍ୱର,୨୭।୯(ସୂର୍ଯ୍ୟକାନ୍ତ ବେହେରା)

ଅଭିନେତ୍ରୀଙ୍କଠାରୁ ୨ଲକ୍ଷ ଟଙ୍କା ଠକିନେବା ପରେ ଏବେ ଗାଧୁଆ ବେଳର ଭିଡିଓକୁ ଭାଇରାଲ କରିଦେବାର ଧମକ ଦିଆଯାଉଛି। ଏନେଇ ଠକେଇର ଶିକାର ଅଭିନେତ୍ରୀ ଜଣକ ରିଙ୍କୁ ନାମକ ଜଣେ ଦଲାଲଙ୍କ ବିରୋଧରେ ମହିଳା ଥାନାରେ ବୁଧବାର ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୧୫୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଅଭିନେତ୍ରୀ ଜଣକ ରାଜଧାନୀରେ ଏକ ଏନ୍‌ଜିଓରେ କାମ କରନ୍ତି। ସେ ୟୁଟ୍ୟୁବ୍ ଭିଡିଓ ଓ ଶର୍ଟଫିଲ୍ମରେ ଅଭିନୟ କରନ୍ତି। କିଛିବର୍ଷ ତଳେ ରିଙ୍କୁଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ରିଙ୍କୁ ଜଣେ ଦଲାଲ ହୋଇଥିବାବେଳେ ସେ ବିଭିନ୍ନ ଯାତ୍ରାପାର୍ଟି, ଟିଭି ସିରିଏଲ ଓ ଡ୍ୟାନ୍ସ ଗ୍ରୁପ୍‌ରେ କଳାକାର ଯୋଗାଇଥାନ୍ତି। ତାଙ୍କ ପରାମର୍ଶରେ ଅଭିନେତ୍ରୀଜଣକ ଅନ୍ୟ ପ୍ରଯୋଜନା ସଂସ୍ଥାଠାରୁ ଦୂରେଇ ଯାଇଥିଲେ। ସମୟକ୍ରମେ ରିଙ୍କୁ ଅଭିନେତ୍ରୀଙ୍କୁ ନାନା ଆଳ ଦେଖାଇ ବିଭିନ୍ନ ପର୍ଯ୍ୟାୟରେ ୨ ଲକ୍ଷ ଟଙ୍କା ନେଇଥିଲେ। ଏହାସହ ଶାରୀରିକ ସମ୍ପର୍କ ରଖିବାକୁ ଉଦ୍ୟମ କରିବା ସହ ଦେହ ବେପାରରେ ନିୟୋଜିତ କରିବା ପାଇଁ ଯୋଜନା କରୁଥିଲେ। ସେଥିପାଇଁ ଶୁଟିଂ ବାହାନାରେ ତାଙ୍କୁ ବିହାର ନେଇଥିଲେ। ସେଠାରେ ତାଙ୍କୁ ବନ୍ଦୀ କରି ରଖାଯାଇଥିଲା। ଅଭିନେତ୍ରୀ ଜଣକ ସେଠାରୁ କୌଶଳକ୍ରମେ ଖସି ଆସିଥିଲେ ବୋଲି ସେ ଏତଲାରେ ଦର୍ଶାଇଛନ୍ତି।

# ବାଦ୍ ପଡ଼ିପାରନ୍ତି ୯୭ ହଜାର ଆଶାୟୀ

କଟକ,୨୭।୯( ସୁପ୍ରିୟା ପ୍ରିୟଦର୍ଶିନୀ)

### ଓଟିଇଟି ପରୀକ୍ଷା ବିଳମ୍ବ

- ପରୀକ୍ଷା ପାଇଁ ଲାଗିବ ଆଉ ୨ମାସ ସମୟ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୨୦ ହଜାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଅକ୍ଟୋବର ୧୦ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ତେବେ ଏଥିରୁ ପ୍ରାୟ ୯୭ ହଜାର ଆଶାୟୀ ବାଦ୍ ପଡ଼ିବେ ବୋଲି ଜଣାପଡ଼ିଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୩ ପରୀକ୍ଷା ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରୁନାହିଁ। କିଛି ଦିନ ପୂର୍ବରୁ ଆଶାୟୀମାନେ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଖୁବଶୀଘ୍ର ପରୀକ୍ଷା କରିବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ ଆଶାୟୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାବତ୍ ପରୀକ୍ଷା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। ଆଶାୟୀଙ୍କ ଦାବିଗୁଡ଼ିକ ବିଷୟରେ ବୋର୍ଡ କର୍ତ୍ତୃପକ୍ଷ ସ୍କୁଲ ଓ ଗଣଶିକ୍ଷା ବିଭାଗ ଚିଠି କରି ଚୁପ ବସିଥିବା ଅଭିଯୋଗ ଉଠିଛି। ୩ସପ୍ତାହ ପୂର୍ବରୁ ଏହି ଚିଠି କରାଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଭଳି ସ୍ଥିତିରେ ଶିକ୍ଷକ ଚାକିରି ପାଇଁ ଆବେଦନ କରିବାକୁ ଥିବା ରାଜ୍ୟର ପ୍ରାୟ ୯୭ ହଜାର ଆଶାୟୀଙ୍କ ନିକଟରେ ଓଟିଇଟି ଯୋଗ୍ୟତା ନ ଥିବାରୁ ସେମାନେ ଏଥିରୁ ବଞ୍ଚିତ ହେବାର ସମ୍ଭାବନା ରହିଛି। ଏନେଇ ବୋର୍ଡ ସଭାପତି ଜ୍ୟୋତିପ୍ରକାଶ ଦାସ କହିଛନ୍ତି ୨୦୨୩ ଓଟିଇଟି ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରହିଛି। ହେଲେ ଏଥିପାଇଁ ପ୍ରାୟ ୨ରୁ ଅଢ଼େଇ ମାସ ସମୟ ଲାଗିବ। ପରୀକ୍ଷା ପୂର୍ବରୁ ଅନେକ କାର୍ଯ୍ୟ ରହିଛି। ନିଯୁକ୍ତି ପ୍ରକ୍ରିୟା ସବୁବେଳେ ଜାରି ରହିଛି। ପରୀକ୍ଷା ଶୀଘ୍ର କରିବା ପାଇଁ ଆମେ ଚେଷ୍ଟା କରୁଛୁ। ଫଳପ୍ରକାଶ କରିବା ପାଇଁ ସମୟ ଲାଗିବ ବୋଲି ଦାସ କହିଛନ୍ତି।

ପ୍ରତିବର୍ଷ ବୋର୍ଡ ପକ୍ଷରୁ ଓଟିଇଟି ପରୀକ୍ଷା କରାଯାଉଛି। କିନ୍ତୁ ଗତ ୩ବର୍ଷ ଧରି ଠିକ୍ ଭାବେ ଏହି ପରୀକ୍ଷା କରାଯାଇପାରୁନାହିଁ। ୨୦୨୦ରେ କରୋନା ଯୋଗୁ ପରୀକ୍ଷାକୁ ବନ୍ଦ କରାଯାଇଥିଲା। ଏହାପରେ ୨୦୨୨ ଶିକ୍ଷାବର୍ଷରେ ଓଟିଇଟି-୨୦୨୧ପରୀକ୍ଷା କରାଯାଇଥିଲା। ୨୦୨୩ ଶିକ୍ଷା ବର୍ଷରେ ଓଟିଇଟି-୨୦୨୨ (ସ୍ପେଶାଲ) ଏବଂ ଓଟିଇଟି-୨୦୨୨(ଦ୍ୱିତୀୟ) ପରୀକ୍ଷା କରାଯାଇଛି। କିନ୍ତୁ ସେପ୍ଟେମ୍ବର ମାସ ଶେଷ ହେବାକୁ ବସିଲାଣି ହେଲେ ଓଟିଇଟି-୨୦୨୩ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ବୋର୍ଡ ଦ୍ୱାରା ପରୀକ୍ଷା କରାଯିବାରେ ବିଳମ୍ବ ନେଇ ଆଶାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ସେମାନେ ବୋର୍ଡ କାର୍ଯ୍ୟାଳୟ ଘେରାଉ କରିବା ସହ ଉପସଭାପତିଙ୍କୁ ଏକ ସ୍ମାରକପତ୍ର ଗତ ୧୧ ତାରିଖରେ ଦେଇଥିଲେ। ବର୍ଷକୁ ଥରେ ଓଟିଇଟି ପରୀକ୍ଷା ନ କରି ବୋର୍ଡ ନ୍ୟାଶନାଲ କାଉନ୍‌ସିଲ ଫର୍ ଟିଚର ଏଜୁକେଶନ (ଏନ୍‌ସିଟିଇ) ଗାଇଡ୍‌ଲାଇନ୍‌କୁ ଉଲ୍ଲଘଂନ କରୁଥିବା ସେମାନେ ଅଭିଯୋଗ ଆଣିଥିଲେ। ଏହାପରେ ବୋର୍ଡ ଦ୍ୱାରା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଚିଠି କରାଯାଇଥିଲା। ତେବେ ଏହି ଆବେଦନ ପ୍ରକ୍ରିୟା ସରିବା ପୂର୍ବରୁ ଓଟିଇଟି ପରୀକ୍ଷା କରାଯାଉ ନଚେତ୍ ଆଶାୟୀମାନଙ୍କୁ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଆବେଦନ ପାଇଁ ସୁଯୋଗ ଦିଆଯାଉ ବୋଲି ଦାବି କରାଯାଇଛି।

## ସଭାପତି ହେଲେ ଜେ. ସମ୍ପତ କୁମାର

### ଶ୍ରମିକ କଂଗ୍ରେସର ଜୋନାଲସ୍ତରୀୟ ନିର୍ବାଚନ

ଜଟଣୀ,୨୭।୯(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ୧୦ମ ଜୋନାଲସ୍ତରୀୟ ୨ ବାର୍ଷିକ ସାଧାରଣ ବୈଠକ ଓ ନିର୍ବାଚନ ମଙ୍ଗଳବାରଠାରୁ ଭିଶାଖାପାଟଣସ୍ଥିତ ଆଶୀର୍ବାଦ କମ୍ୟୁନିଟି ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ଜେ. ସମ୍ପତ କୁମାରଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜର ମନୋଜ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଏନ୍‌ଏଫ୍‌ଆଇଆର୍ ରାଷ୍ଟ୍ରୀୟ ସଚିବ ଡ. ଏମ୍ ରାଘଭେୟା, ସମ୍ମାନିତ ଅତିଥି ଭାବେ ପ୍ରିନ୍ସିପାଲ ସିପିଓ ସିଦ୍ଧାର୍ଥ କାଟି, ୱାଲ୍ଟିଆର ଡିଆର୍‌ଏମ୍ ସୌରଭ ପ୍ରସାଦ, ସିନିୟର ଡିପିଓ ରଞ୍ଜନ ମହାନ୍ତି, ଟି.ଭି. ମଉଳି, ଭୂପେସ ମୁଣ୍ଡ, ନରସିଂହ ରାଓ, ସି.ଏଚ ଗାନ୍ଧୀ, ସୁନୀଲ ଭଞ୍ଜ ପ୍ରମୁଖ ବରିଷ୍ଠ ଅଧିକାରୀ ଯୋଗେ ଦେଇଥିଲେ। ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଏକ ଲିଖିତ ସମ୍ପାଦକୀୟ ପାଠ କରିବା ସହିତ ରିଜୋଲ୍ୟୁଶନ ଦାରା ପାରିତ ହୋଇଥିବା ୧୩ ଦଫା ସମ୍ବଳିତ ଦାବିପତ୍ର ଜିଏମ୍ ମହୋଦୟଙ୍କୁ ପ୍ରଦାନ କରିଥିଲେ। 'ରେଲ୍ କି ଚକା ଚଲ ତେ ରହେ, ଦେଶ ହମାରା ବଢ଼ତେ ରହେ' ବୋଲି ସାହୁ କହିଥିଲେ। ଡ. ଏମ ରାଘଭେୟାଙ୍କ ଉପସ୍ଥିତିରେ ସମସ୍ତ ଶାଖାର ସମ୍ପାଦକ ଓ କେନ୍ଦ୍ରୀୟ ପଦାଧିକାରୀ ନିମ୍ନସ୍ତରରେ କର୍ମଚାରୀଙ୍କ ବିଭିନ୍ନ ଅସୁବିଧାର ପ୍ରତିକାର ନିମନ୍ତେ ଦାବି ଉପସ୍ଥାପନ କରିଥିଲେ। ଡ. ରାଘଭେୟା ପୁରାତନ ପରିଷଦକୁ ଭଙ୍ଗ ଘୋଷଣା କରି ସୁଧିର ପାଢୀଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦେଇ ନିର୍ବାଚନ ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ଭୋଟ ପରେ ସମସ୍ତଙ୍କ ଉପସ୍ଥିତିରେ ଭୋଟ ଗଣତି କରାଯାଇଥିଲା। ଜେ. ସମ୍ପତ କୁମାର ସଭାପତି, ରମେଶ ଚନ୍ଦ୍ର ସାହୁ ସାଧାରଣ ସମ୍ପାଦକ ଭାବରେ ବହୁ ଭୋଟ ବ୍ୟବଧାନରେ ପୁନଃ ବିଜୟୀ ହୋଇଥିଲେ। ଉପସ୍ଥିତ ସମସ୍ତ ଶ୍ରମିକ କଂଗ୍ରେସର କର୍ମୀ ଉତ୍ତରୀୟ ପୁଷ୍ପମାଳ ଦେଇ ଶୁଭେଚ୍ଛା ଜଣାଇଥିଲେ। ୱାଲ୍ଟିଆର୍ ମଣ୍ଡଳ ଶ୍ରମିକ କଂଗ୍ରେସର ସଭ୍ୟ ସମସ୍ତ ଆୟୋଜନ କରିଥିବା ମିଡିଆ ସେଲ୍ ମୁଖ୍ୟ ମହାନ୍ତି ସୂଚନା ଦେଇଥିଲେ।

## ଛିନ୍‌ତାଇ: ୨ ଜେଲ ଫେରନ୍ତା ଗିରଫ

ଭୁବନେଶ୍ୱର,୨୭।୯ (ସୂର୍ଯ୍ୟକାନ୍ତ ବେହେରା)

ମହିଳାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଇ ଫେରାର ମାମଲାରେ ଲିଙ୍ଗରାଜ ଥାନା ପୋଲିସ ଦୁଇ ଜେଲ ଫେରନ୍ତାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲଣ କରିଛି। ସେମାନେ ହେଲେ ଖଣ୍ଡଗିରି ଅଞ୍ଚଳର ଶ୍ରୀଧର ପଟ୍ଟନାୟକ ଓ ଲିଙ୍ଗରାଜ ଦଳେଇ ଓରଫ ଚିଙ୍ଗୁଡି। ଉଭୟଙ୍କଠାରୁ ଗୋଟିଏ ସୁନା ଚେନ ଜବତ ହୋଇଛି। ଅଭିଯୁକ୍ତମାନେ ଲୁଟିନେଇଥିବା ସୁନା ଚେନକୁ ବଣିଆକୁ ବିକ୍ରି କରିବାକୁ ଉଦ୍ୟମ କରୁଥିବାବେଳେ ଖବର ପାଇ ପୋଲିସ ଚଢ଼ାଉ କରି ସେମାନଙ୍କୁ ଧରିଥିଲା।

# ଜିଆଇଏମ୍‌ରେ 'ଆଗମନ ୨୦୨୩'

ଭୁବନେଶ୍ୱର, ୨୭।୯(ଅସମାପିକା ସାହୁ)




କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱରସ୍ଥିତ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ(ଜିଆଇଏମ୍) ପକ୍ଷରୁ 'ଆଗମନ ୨୦୨୩' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ନୂଆ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶମାଧ୍ୟମରେ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଆଇଏମ୍‌ର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ, ମଇଥାନ ଇସ୍ପାତ ଲିମିଟେଡ୍‌ର ମାନବ ସମ୍ବଳ ମୁଖ୍ୟ ଅଧିକାରୀ ମାନସ ରଞ୍ଜନ ମାନ୍ଧାତା, ଜିଆଇଏମ୍ ଅଧ୍ୟକ୍ଷ ପ୍ରଫେସର ଡ. ନରେନ୍ଦ୍ର କିଶୋର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ କିଭଳି ଏମ୍‌ବିଏ/ଏମ୍‌ସିଏ କ୍ଷେତ୍ରରେ ଭଲ ପାଠ ପଢ଼ି ଦେଶ ତଥା ରାଜ୍ୟ ପାଇଁ ସୁନାମ ଆଣିବେ ତାହା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଆଇଏମ୍ ଡିନ୍(ଆକଡେମିକ) ଡ. ମୁନମୁନ ମହାନ୍ତି ଅତିଥି ପରିଚୟ ଓ ଡିନ୍(ଆଡମିନିଷ୍ଟ୍ରେଟିଭ) ପ୍ରଫେସର ବିପୁଲ କୁମାର ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଦୁଇଟି ସେସନରେ ଜିଆଇଏମ୍‌ର ବରିଷ୍ଠ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବ ବିନିମୟ କାର୍ଯ୍ୟକ୍ରମ କରାଯାଇଥିଲା।

# ଜିଲାରେ ଶିଶୁ ଭିକ୍ଷାବୃତ୍ତି ସମ୍ପୂର୍ଣ୍ଣ ବନ୍ଦ ହେବ

ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)

### ଶିଶୁ ପାଇଁ ଦିନଟିଏ ଜିଲାସ୍ତରୀୟ ବୈଠକ

- ଶିଶୁ ଶ୍ରମିକ ଉଚ୍ଛେଦ, ବାଲ୍ୟ ବିବାହ ନିରୋଧ ଉପରେ ଗୁରୁତ୍ୱ
- ଭ୍ରୁଣହତ୍ୟା ରୋକିବା ପାଇଁ ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଶିଶୁ ପାଇଁ ଦିନଟିଏ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଜିଲାସ୍ତରୀୟ ବାଲ୍ୟବିବାହ ନିରୋଧ ଟାସ୍କଫୋର୍ସ, ବେଟି ବଚାଓ ବେଟି ପଢାଅ ଏବଂ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଶିଶୁଙ୍କ ସୁରକ୍ଷା ଓ ଶିକ୍ଷା ଉପରେ ଗୁରୁତ୍ୱ ଦେବା ସହ ବାଲ୍ୟ ବିବାହ ମୁକ୍ତ ଗ୍ରାମ, ପଞ୍ଚାୟତ ତଥା ଜିଲା ଘୋଷଣା ପାଇଁ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଜିଲାରେ ଶିଶୁ ଭିକ୍ଷାବୃତ୍ତି ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବାଲିଅନ୍ତା ଅଞ୍ଚଳର ବିଭିନ୍ନ ଇଟାଭାଟିରେ କାମ କରୁଥିବା ଶ୍ରମିକ ପରିବାରର ପିଲାଙ୍କୁ ଇଟାଭାଟି ମାଲିକମାନେ କ'ଣ ସବୁ ସୁବିଧା ଉପଲବ୍ଧ କରୁଛନ୍ତି, ତାହା ଉପରେ ସ୍କ୍ୱାଡ୍ ଗଠନ କରି ତଦାରଖ କରିବାକୁ ଜିଲାପାଳ ତାଗିଦା କରିଥିଲେ। ପଞ୍ଚାୟତଠାରୁ ଜିଲାସ୍ତର ପର୍ଯ୍ୟନ୍ତ ଶିଶୁ ଶ୍ରମିକ ଉଚ୍ଛେଦ, ଗ୍ରାମୀଣ ସ୍ତରରେ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟିକୁ କ୍ରିୟାଶୀଳ, ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ଚିହ୍ନଟ କରାଯିବ। ଏଥିସହିତ ଭ୍ରୁଣହତ୍ୟା ରୋକିବା ନିମନ୍ତେ ପଦକ୍ଷେପ ଗ୍ରହଣ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ବୈଠକର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅଧିକାରୀ ଡା. ରଘୁନାଥ ନାୟକ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ନିରୁପମା ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ରଞ୍ଜନ କୁମାର ଗୋଛାୟତ, ଅର୍ଚ୍ଚନା ରାୟ, ମନସ୍ୱିନୀ ମହାପାତ୍ର ଏବଂ ରୀତାଞ୍ଜଳି ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଆର୍‌ପିଏଫ୍ ପ୍ରତିଷ୍ଠା ଦିବସରେ ଅନାଥ ପିଲାଙ୍କୁ ଖାଦ୍ୟ ବଣ୍ଟନ

କଟକ,(କାର୍ତ୍ତିକ ସାହୁ): କଟକ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ପକ୍ଷରୁ ମଙ୍ଗଳବାର ୩୯ତମ ଆର୍‌ପିଏଫ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଧିକାରୀ ଓ କର୍ମଚାରୀମାନେ ବସୁନ୍ଧରା ଏବଂ ଖୋଲା ଆକାଶ ତଳେ ଦିନ କାଟୁଥିବା ଅନାଥ ପିଲାମାନଙ୍କୁ ଖାଦ୍ୟ ସହ ଫଳ ବଣ୍ଟନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ମାଧମରେ ଆର୍‌ପିଏଫ୍ ଅଧିକାରୀ ଓ କର୍ମଚାରୀ ପିଲାମାନଙ୍କ ସହ ଆଳାପ ଆଲୋଚନା କରିଥିଲେ। ଆର୍‌ପିଏଫ୍‌ର କାର୍ଯ୍ୟ ଓ ଦାୟିତ୍ୱ ସମ୍ପର୍କରେ ସେମାନେ ପିଲାମାନଙ୍କୁ ଅବଗତ କରାଇଥିଲେ। ରେଳଯାତ୍ରୀଙ୍କ ସୁରକ୍ଷା ଓ ନିରାପଦ ଯାତ୍ରା ପ୍ରତି ଆର୍‌ପିଏଫ୍ କର୍ମଚାରୀ ନେଉଥିବା ଯତ୍ନର ଗୁରୁତ୍ୱ ସମ୍ପର୍କରେ ସେମାନେ ଅନାଥ ପିଲାମାନଙ୍କୁ ବୁଝାଇଥିଲେ।

## ସଂକ୍ଷେପରେ

### ଶ୍ରୀରାମଚନ୍ଦ୍ର ଭବନରେ ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ ପାଇଁ ଦାବିପତ୍ର

କଟକ,୨୭।୯(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜର ଶ୍ରୀରାମଚନ୍ଦ୍ର ଭବନରେ ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ ନିମନ୍ତେ ବହୁଭାଷୀ ଅନୁଷ୍ଠାନ ସ୍ୱାଗତିକା ପକ୍ଷରୁ ପ୍ରସ୍ତାବ ରଖାଯାଇଛି। ଏହି ମର୍ମରେ ଏକ ଦାବିପତ୍ର ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚାନ୍ଦଙ୍କୁ ପ୍ରଦାନ କରାଯାଇଛି। ସ୍ୱାଗତିକାର ପ୍ରତିଷ୍ଠାତା ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ଉପସଭାପତି ତାପସ କୁମାର ଦ୍ୱିବେଦୀ ଓ ସହସମ୍ପାଦକ ସଞ୍ଜୟ ପଟ୍ଟନାୟକ ଡ. ଚାନ୍ଦଙ୍କୁ ଭେଟି ଏନେଇ ସାକ୍ଷାତ ଆଲୋଚନା କରିଛନ୍ତି। ଶ୍ରୀରାମଚନ୍ଦ୍ର ଭବନରେ ବରପୁତ୍ରମାନଙ୍କ ତୈଳଚିତ୍ର ଶୋଭା ପାଉଛି। ହେଲେ ଏଠାରେ ସଭାସମିତି ସରିଯିବା ପରେ ଅନ୍ଧକାର ହୋଇଯାଉଛି। ପ୍ରସିଦ୍ଧ କବି ହରପ୍ରସାଦ ଦାସ ଏଠାରେ ମହାପୁରୁଷମାନଙ୍କୁ ଅନ୍ଧାରରେ ରଖି ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ ନିମନ୍ତେ ପ୍ରଥମେ ପ୍ରସ୍ତାବ ଦେଇଥିଲେ ବୋଲି ଡ. ଚାନ୍ଦଙ୍କୁ ସ୍ୱାଗତିକା ପକ୍ଷରୁ ଅବଗତ କରାଯାଇଛି।

### 'ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମୃଦ୍ଧ ରାଷ୍ଟ୍ର ଗଠନର ମୂଳଦୁଆ'

କଟକ, ୨୭।୯ (କାର୍ତ୍ତିକ ସାହୁ)

ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍‌ପିଟାଲ ପକ୍ଷରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପୋଷଣ ସମ୍ବନ୍ଧୀୟ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମାତୃ ଓ ଶିଶୁସ୍ୱାସ୍ଥ୍ୟ ସମୃଦ୍ଧ ରାଷ୍ଟ୍ର ଗଠନର ମୂଳଦୁଆ ବୋଲି କହିଥିଲେ। ସମ୍ମାନନୀୟ ବକ୍ତା ଭାବେ ଡ୍ରିମ୍‌ସ ମେଡିକାଲ ସାଇନ୍ସ ଆଣ୍ଡ ହସ୍‌ପିଟାଲ ଅଧକ୍ଷ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ନିରୁପମା ଚୟନୀ, ପ୍ରଫେସର ଡା. ପ୍ରତିମା ମିଶ୍ର, ପ୍ରଫେସର ଡା. ଧୀରେନ୍ଦ୍ର ନାଥ ମହାରଣା, ସହକାରୀ ପ୍ରାଧ୍ୟାପକ ଡା. ନିରାମୟ ମଟ୍ଟୁଆଳ, ଡାଏଟିସିଆନ୍ ରୀତାଞ୍ଜଳି ପ୍ରଧାନ, ଶିଶୁ ରୋଗ ବିଶେଷଜ୍ଞ ଡା. ସତ୍ୟଜିତ୍ ସେନ୍ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉପରେ ମତ ଉପସ୍ଥାପନ କରିଥିଲେ। ହସ୍‌ପିଟାଲର ଡାଏଟିସିଆନ୍ ସ୍ୱାତୀ ସ୍ୱାଗତିକା ପ୍ରିୟଦର୍ଶିନୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବଟୁବାମନଙ୍କ ଜୟନ୍ତୀ, ସୁନିଆ ପାଳିତ

କଟକ,୨୭।୯(କାର୍ତ୍ତିକ ସାହୁ)

ଶ୍ରୀଗଡ଼ଗଡ଼େଶ୍ୱର ଧାମସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ କଳ୍କୀ ସେନା ପକ୍ଷରୁ ଗୁରୁବାର ବଟୁବାମନଙ୍କ ଜୟନ୍ତୀ ଓ ସୁନିଆ ପର୍ବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କଳ୍କୀ ବାବା ଉଦ୍‌ଘାଟନ କରିଥିଲେ। ପଣ୍ଡିତ ହୃଷୀକେଶ ପଣ୍ଡା ମଙ୍ଗଳାଷ୍ଟକ ଆବୃତ୍ତି କରିବା ପରେ ଦେବାଶିଷ ପଣ୍ଡା, କିରଣ କୁମାର ଦାଶ, ଅନିଲ କୁମାର ସାହୁ, ନୃସିଂହ ଚରଣ ପଣ୍ଡା ଏବଂ ଚୌଧୁରୀ ଅଭିଲାଷ ଜେନା ସମବେତ ଭାବେ ଶ୍ରୀଜଗନ୍ନାଥାଷ୍ଟକ ଓ କଳ୍କୀ ଭଜନ ଗାନ କରିଥିଲେ। ମହାନଗର ସଭାପତି ଲକ୍ଷ୍ମୀଧର ଦାସଙ୍କ ପୌରୋହିତ୍ୟରେ ମାଳିକା ଗବେଷକ ଡ. ଜ୍ଞାନଗୁରୁ ଦାସ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରବଚକ ଯୋଗେନ୍ଦ୍ରନାଥ ମାର୍ଥା, ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବାଦ୍ ପଡ଼ିପାରନ୍ତି ୯୭ ହଜାର ଆଶାୟୀ

କଟକ,୨୭।୯(ସୁପ୍ରିୟା ପ୍ରିୟଦର୍ଶିନୀ)

**ଓଟିଇଟି ପରୀକ୍ଷା ବିଳମ୍ବ**
**■ପରୀକ୍ଷା ପାଇଁ ଲାଗିବ ଆଉ ୨ମାସ ସମୟ**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୨୦ ହଜାର ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଅକ୍ଟୋବର ୧୦ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ତେବେ ଏଥିରୁ ପ୍ରାୟ ୯୭ ହଜାର ଆଶାୟୀ ବାଦ୍ ପଡ଼ିବେ ବୋଲି ଜଣାପଡ଼ିଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୩ ପରୀକ୍ଷା ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରୁନାହିଁ। କିଛି ଦିନ ପୂର୍ବରୁ ଆଶାୟୀମାନେ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଖୁବଶୀଘ୍ର ପରୀକ୍ଷା କରିବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ବୋର୍ଡ କର୍ତ୍ତୃପକ୍ଷ ଆଶାୟୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଯାବତ୍ ପରୀକ୍ଷା ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। ଆଶାୟୀଙ୍କ ଦାବିଗୁଡ଼ିକ ବିଷୟରେ ବୋର୍ଡ କର୍ତ୍ତୃପକ୍ଷ ସ୍କୁଲ ଓ ଗଣଶିକ୍ଷା ବିଭାଗ ଚିଠି କରି ଚୁପ ବସିଥିବା ଅଭିଯୋଗ ଉଠିଛି। ୩ସପ୍ତାହ ପୂର୍ବରୁ ଏହି ଚିଠି କରାଯାଇଥିଲେ ମଧ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏଭଳି ସ୍ଥିତିରେ ଶିକ୍ଷକ ଚାକିରି ପାଇଁ ଆବେଦନ କରିବାକୁ ଥିବା ରାଜ୍ୟର ପ୍ରାୟ ୯୭ ହଜାର ଆଶାୟୀଙ୍କ ନିକଟରେ ଓଟିଇଟି ଯୋଗ୍ୟତା ନ ଥିବାରୁ ସେମାନେ ଏଥିରୁ ବଞ୍ଚିତ ହେବାର ସମ୍ଭାବନା ରହିଛି। ଏନେଇ ବୋର୍ଡ ସଭାପତି ଜ୍ୟୋତିପ୍ରକାଶ ଦାସ କହିଛନ୍ତି ୨୦୨୩ ଓଟିଇଟି ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରହିଛି। ହେଲେ ଏଥିପାଇଁ ପ୍ରାୟ ୨ରୁ ଅଢ଼େଇ ମାସ ସମୟ ଲାଗିବ। ପରୀକ୍ଷା ପୂର୍ବରୁ ଅନେକ କାର୍ଯ୍ୟ ରହିଛି। ନିଯୁକ୍ତି ପ୍ରକ୍ରିୟା ସବୁବେଳେ ଜାରି ରହିଛି। ପରୀକ୍ଷା ଶୀଘ୍ର କରିବା ପାଇଁ ଆମେ ଚେଷ୍ଟା କରୁଛୁ। ଫଳପ୍ରକାଶ କରିବା ପାଇଁ ସମୟ ଲାଗିବ ବୋଲି ଦାସ କହିଛନ୍ତି।

ପ୍ରତିବର୍ଷ ବୋର୍ଡ ପକ୍ଷରୁ ଓଟିଇଟି ପରୀକ୍ଷା କରାଯାଉଛି। କିନ୍ତୁ ଗତ ୩ବର୍ଷ ଧରି ଠିକ୍ ଭାବେ ଏହି ପରୀକ୍ଷା କରାଯାଇପାରୁନାହିଁ। ୨୦୨୦ରେ କରୋନା ଯୋଗୁ ପରୀକ୍ଷାକୁ ବନ୍ଦ କରାଯାଇଥିଲା। ଏହାପରେ ୨୦୨୨ ଶିକ୍ଷାବର୍ଷରେ ଓଟିଇଟି-୨୦୨୧ପରୀକ୍ଷା କରାଯାଇଥିଲା। ୨୦୨୩ ଶିକ୍ଷା ବର୍ଷରେ ଓଟିଇଟି-୨୦୨୨ (ସ୍ପେଶାଲ) ଏବଂ ଓଟିଇଟି-୨୦୨୨(ଦ୍ୱିତୀୟ) ପରୀକ୍ଷା କରାଯାଇଛି। କିନ୍ତୁ ସେପ୍ଟେମ୍ବର ମାସ ଶେଷ ହେବାକୁ ବସିଲାଣି ହେଲେ ଓଟିଇଟି-୨୦୨୩ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ବୋର୍ଡ ଦ୍ୱାରା ପରୀକ୍ଷା କରାଯିବାରେ ବିଳମ୍ବ ନେଇ ଆଶାୟୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ସେମାନେ ବୋର୍ଡ କାର୍ଯ୍ୟାଳୟ ଘେରାଉ କରିବା ସହ ଉପସଭାପତିଙ୍କୁ ଏକ ସ୍ମାରକପତ୍ର ଗତ ୧୧ ତାରିଖରେ ଦେଇଥିଲେ। ବର୍ଷକୁ ଥରେ ଓଟିଇଟି ପରୀକ୍ଷା ନ କରି ବୋର୍ଡ ନ୍ୟାଶନାଲ କାଉନ୍‌ସିଲ ଫର୍ ଟିଚର ଏଜୁକେଶନ (ଏନ୍‌ସିଟିଇ) ଗାଇଡ୍‌ଲାଇନ୍‌କୁ ଉଲ୍ଲଘଂନ କରୁଥିବା ସେମାନେ ଅଭିଯୋଗ ଆଣିଥିଲେ। ଏହାପରେ ବୋର୍ଡ ଦ୍ୱାରା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଚିଠି କରାଯାଇଥିଲା। ତେବେ ଏହି ଆବେଦନ ପ୍ରକ୍ରିୟା ସରିବା ପୂର୍ବରୁ ଓଟିଇଟି ପରୀକ୍ଷା କରାଯାଉ ନଚେତ୍ ଆଶାୟୀମାନଙ୍କୁ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ଆବେଦନ ପାଇଁ ସୁଯୋଗ ଦିଆଯାଉ ବୋଲି ଦାବି କରାଯାଇଛି।



ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ(ସି) ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପ୍ରତିଶ୍ରୁତି ଖିଲାପକଲେ ବିରୋଧ ହେବ

ଖୁଣ୍ଟୁଣୀ, ୨୭।୯(ସଚ୍ଚିଦାନନ୍ଦ ପଣ୍ଡା)

**ବିକେ ଷ୍ଟିଲ୍‌ର ନୂତନ ପ୍ଲାଣ୍ଟ ପାଇଁ ପରିବେଶ ମଞ୍ଜୁରୀ ଜନଶୁଣାଣି**

ଦୀର୍ଘ ୧୧ବର୍ଷ ଧରି କଟକ ଜିଲା ଆଠଗଡ଼ ବ୍ଲକ ରମ୍ଭେଇ ଗ୍ରାମଠାରେ ବନ୍ଦ ପଡ଼ିଥିବା ମାହେଶ୍ୱରୀ କାରଖାନାକୁ ଏବେ ମେସର୍ସ ବି.କେ. ଷ୍ଟିଲ କାରଖାନା ହାତକୁ ନେଇଛି। ଏହି ପ୍ଲାଣ୍ଟକୁ ବି.କେ. ଷ୍ଟିଲ୍ ଚଳାଇବାକୁ ଉଦ୍ୟମ କରିଛି। ଏହି ଅବସରରେ ବୁଧବାର ପୂର୍ବାହ୍ନରେ ରମ୍ଭେଇସ୍ଥିତ ବିକେ ଷ୍ଟିଲ ମୁଖ୍ୟ ଫାଟକ ଆଗରେ ପରିବେଶ ମଞ୍ଜୁରୀ ସଂକ୍ରାନ୍ତୀୟ ଏକ ଜନଶୁଣାଣି ଆଠଗଡ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବି.କେ. ଷ୍ଟିଲର ପରିଚାଳକ ସନ୍ଦୀପ ବେହେରା କାରଖାନାରେ ହେବାକୁ ଥିବା ବିଭିନ୍ନ ୟୁନିଟ୍ ସମ୍ପର୍କରେ ସୂଚନା ଦେଇ ଡିଆର୍‌ଆଇ କ୍ଷମତା ବାର୍ଷିକ ୧ ଲକ୍ଷ ୨୦ ହଜାର ଟନ୍‌ରୁ ୪ ଲକ୍ଷ ୫୦ ହଜାର ଟନକୁ ବୃଦ୍ଧି, ଇଣ୍ଡକ୍ସନ ଫର୍ନେସ ସହିତ ବିଲେଟ ବାର୍ଷିକ ୬୫ ହଜାର ଟନରୁ ୪ ଲକ୍ଷ ୯୬ ହଜାର ଟନ, ଫେରୋ ଆଲଏଜ୍ ୧.୯ଏମ୍‌ଭିଏ, ଫେରୋକ୍ରମ ୧୨.୫୦୦ଟିପିଏ, ଫେରୋ ମାଙ୍ଗାନିଜ୍ ୨୧ହଜାର ଟିପିଏ, ଫେରୋକ୍ରମ ୪୫ ହଜାର ଟିପିଏ, ସିଲୋକ ମାଙ୍ଗାନିଜ୍ ୪୩ ହଜାର ୨୦୦ଟିପିଏ, ପିଗ୍ ଆଇରନ ୭୫ ହଜାର ୬୦୦ ଟିପିଏ, ତାପଜ ବିଦ୍ୟୁତ୍ କେନ୍ଦ୍ରର କ୍ଷମତା ୧୪ ମେଗାୱାଟରୁ ୪୪ ମେଗାୱାଟକୁ ବୃଦ୍ଧି, ନୂତନ ସିଣ୍ଟର ପ୍ଲାଣ୍ଟର ୪ ଲକ୍ଷ ୨୭ ହଜାର ୬୮୦ ଟନ ସହିତ ଦିନକୁ ଆସ୍‌ପଣ୍ଡରୁ ୬୧ ହଜାର ୧୦୦କ୍ଷମତା ବିଶିଷ୍ଟ ଇଟା କାରଖାନା ପ୍ରତିଷ୍ଠା ନିମନ୍ତେ ପରିବେଶ ମଞ୍ଜୁରୀ ପାଇଁ ଏହି ଜନଶୁଣାଣି କରାଯାଇଥିବା ମତ ରଖିଥିଲେ। ପ୍ରଥମେ ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ୍ୟ କମିଟିର ସଭାପତି ମନୋଜ କୁମାର ମିଶ୍ର ତାଙ୍କ ମତ ରଖିଥିଲେ। କାରଖାନା ଦେଇଥିବା ତା'ର ସମସ୍ତ ପ୍ରତିଶ୍ରୁତି ପାଳନ କରିବା ସହିତ ସରକାରୀ ସ୍କୁଲ ବାଟରେ ଭାରିଯାନ ନ ନେଇ ନିଜସ୍ୱ ବାଟରେ ନେଲେ ଗ୍ରାମ କମିଟି ସମସ୍ତ ପ୍ରକାର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୁଣ୍ଟୁଣୀ ସରପଞ୍ଚ କୈଳାସ ଚନ୍ଦ୍ର ଦାସ କାରଖାନାକୁ ଆମେ ବିରୋଧ କରିନାହୁଁ ହେଲେ କାରଖାନା କର୍ତ୍ତୃପକ୍ଷ ଯଦି ଲୋକଙ୍କ ସମସ୍ୟାକୁ ନ ବୁଝିବେ, ତେବେ ସେ ପ୍ରଥମ ବ୍ୟକ୍ତି ଭାବେ ବିରୋଧ କରିବେ ବୋଲି କହିଥିଲେ। ସମିତି ସଭ୍ୟ ଗଗନ ବିହାରୀ ପରିଡ଼ା କାରଖାନାରେ ପ୍ରଥମେ ନିଯୁକ୍ତି ପ୍ରଦାନ, ଗ୍ରାମରେ ଉଜ୍ଜ୍ୱଳ ଆଲୋକ, ରାସ୍ତାଘାଟ, ଶ୍ମଶାନ, ପୁଷ୍କରିଣୀ, ଡାକ୍ତରଖାନାରେ ଆମ୍ବୁଲାନ୍ସ ସେବା ଯୋଗାଇଦେବାକୁ କହିଥିଲେ। ବିପିନ ବିହାରୀ ପ୍ରଧାନ, ଆଲୋକ ସାହୁ, ନୃସିଂହ ଚରଣ ସାହୁ, ବିନୋଦ କୁମାର ମାଝି, ବିଧାନ ସ୍ୱାଇଁ ପ୍ରମୁଖ ତାଙ୍କ ମତ ରଖିଥିଲେ। ମୋଟାମୋଟି ଭାବେ ଦଳମତ ନିର୍ବିଶେଷରେ ବିକେ ଷ୍ଟିଲ କାରଖାନାକୁ ଲୋକମାନେ ନୈତିକ ସମର୍ଥନ ଜଣାଇଥିଲେ। ଜନଶୁଣାଣିରେ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡର କଟକ ଜିଲା ଆଞ୍ଚଳିକ ଅଧିକାରୀ ରଶ୍ମିତା ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ। କାରଖାନା ପକ୍ଷରୁ ମାନବ ସମ୍ବଳ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଓ ୫ଟି ପଞ୍ଚାୟତରୁ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।


ଜନଶୁଣାଣିରେ ଉପସ୍ଥିତ ଅଧିକାରୀ(ବାମ) ଏବଂ ଜନସାଧାରଣ।

## ସ୍ୱେରେଜ ଲାଇନ୍,ଚାମ୍ବର ପୁନରୁଦ୍ଧାର କରାଯାଉଛି

**ମୋକିମଙ୍କ ପ୍ରଶ୍ନରେ ଗୃହରେ ଉତ୍ତର ରଖିଲେ ମନ୍ତ୍ରୀ**

କଟକ,୨୭।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ବିଧାନସଭା ଅଧିବେଶନ ଆରମ୍ଭ କାଳରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ସଂକ୍ରାନ୍ତରେ ବାରବାଟୀ କଟକ ବିଧାୟକ ଇଂ.ମହମ୍ମଦ ମୋକିମ କଟକ ସିଡିଏ-ମର୍କତ ନଗର ଅଞ୍ଚଳରେ ସ୍ୱେରେଜ ବ୍ୟବସ୍ଥା ବହୁ ପୁରୁଣା, ଯାହାଫଳରେ ବର୍ତ୍ତମାନ ସ୍ୱେରେଜ ପାଣି ରାସ୍ତା ଉପରେ ଜମି ରହି ନିଷ୍କାସିତ ହୋଇପାରୁନାହିଁ। ତେଣୁ ଏହାର ସମାଧାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବୁଧବାର ଏକ ତଥ୍ୟ ମନ୍ତ୍ରୀଙ୍କଠାରୁ ଏକ ସ୍ପଷ୍ଟୀକରଣ ଚାହିଁଥିଲେ। ଏହାର ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଲେ କଟକ ସହରର ମର୍କତ ନଗର ସିଡିଏ ଅଞ୍ଚଳରେ ହୋଇଥିବା ସ୍ୱେରେଜ ଲାଇନ ଓ ସ୍ୱେରେଜ ଚାମ୍ବର ୨୧।୧।୨୦୨୦ରୁ ଜନସ୍ୱାସ୍ଥ୍ୟ ଖଣ୍ଡ ନଂ-୧, କଟକ ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟ ତୁଲାଇ ଆସୁଥିଲା। ପରବର୍ତ୍ତୀ ଅବସ୍ଥାରେ ୧।୫।୨୦୨୩ ଠାରୁ ୱାଟ୍‌କୋ ବିଭାଜନ, କଟକ ଉକ୍ତ କାର୍ଯ୍ୟ ତୁଲାଇ ଆସୁଅଛି। ରକ୍ଷଣାବେକ୍ଷଣ ସମୟରେ ଆବଶ୍ୟକତା ଅନୁଯାୟୀ ସ୍ୱେରେଜ ଲାଇନ୍ ଓ ଚାମ୍ବର ପୁନରୁଦ୍ଧାର କରାଯାଉଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଲିଖିତ ଭାବେ ତାଙ୍କ ଉତ୍ତରରେ କହିଥିଲେ। ସେହିପରି ମୋକିମ ବିଡାନାସୀ ମୁଖ୍ୟ ଡ୍ରେନର ସ୍ଥିତିକୁ ନେଇ ମନ୍ତ୍ରୀଙ୍କଠାରୁ ସ୍ପଷ୍ଟୀକରଣ ଚାହିଁଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ଦେବୀ କହିଲେ ବିଡାନାସୀ ଅଞ୍ଚଳରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ଡ୍ରେନର ଲମ୍ବା- ୨୦୦୦ ମିଟର ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪.୦ କୋଟି ଟଙ୍କା ଖର୍ଚ୍ଚରେ ୧୩୦୦ ମିଟର (ବାଇମୁଣ୍ଡି ନଗରଠାରୁ ବିଡାନାସୀ ବନ୍ଧ ଛକ ପର୍ଯ୍ୟନ୍ତ) ଡ୍ରେନ କାମ ସରିଛି। ସମ୍ପୂର୍ଣ୍ଣ କାର୍ଯ୍ୟ ସମାପ୍ତ ହେବା ପାଇଁ ସମ୍ଭାବ୍ୟ ରାଶି ୧୫.୦ କୋଟି ଟଙ୍କା ଖର୍ଚ୍ଚ ହେବ। ଅକ୍ଟୋବର ୨୦୨୩ ଶେଷ ସୁଦ୍ଧା ଏହି କାର୍ଯ୍ୟ ପୁନଶ୍ଚ ଆରମ୍ଭ କରିବା ଓ ଏପ୍ରିଲ ୨୦୨୪ ସୁଦ୍ଧା ଶେଷ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଲିଖିତ ଭାବେ ତାଙ୍କ ଉତ୍ତରରେ କହିଥିଲେ।

## ଶୈଳବାଳା ରସାୟନ ବିଜ୍ଞାନ ବିଭାଗରେ ସ୍ୱାଗତୋତ୍ସବ


ସ୍ୱାଗତ ଉତ୍ସବରେ ଉପସ୍ଥିତ ଛାତ୍ରୀ ଏବଂ ଅଧ୍ୟାପିକା ଅଧ୍ୟାପକ।

କଟକ,୨୭।୯(କାର୍ତ୍ତିକ ସାହୁ)

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ଯୁକ୍ତ ତିନି ପ୍ରଥମ ବର୍ଷ ଓ ପିଜି ପ୍ରଥମ ବର୍ଷ ଛାତ୍ରୀଙ୍କ ସ୍ୱାଗତୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ଯୋଗଦେଇ ନୂତନ ଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ଭଲ ପାଠପଢ଼ି ସୁନାମ ଆଣିବାକୁ କହିଥିଲେ। ବିଭାଗୀୟ ମୁଖ୍ୟ ସ୍ୱପ୍ନଶଙ୍କର ନାୟକ ପ୍ରାରମ୍ଭିକ ସୂଚନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀମାନଙ୍କ ମଧ୍ୟରେ ଏକ ଆନନ୍ଦୋଚ୍ଛ୍ୱାସ ସୃଷ୍ଟି ହୋଇଥିଲା। ଯୁକ୍ତ ତିନିରେ ନିବେଦିତା ପଣ୍ଡା ଓ ପିଜିରେ ନିବେଦିତା ଦାଶ ଫ୍ରେସର ଅଫ୍ ଦି ଇୟର ବିବେଚିତ ହୋଇଥିଲେ। ସେମିନାର ସମ୍ପାଦିକା ଶ୍ରଦ୍ଧାଞ୍ଜଳି ପାଣି ସ୍ୱାଗତ ଭାଷଣ ଦେଇଥିଲେ। ଡ. ଶଶିକାନ୍ତ ନାୟକ, ଡ. ସାଗରିକା ବେହେରା, ଡ. ସାଗରିକା ସାହୁ, ଡ. ଲିପିପୁଷ୍ପା ସାହୁ, ଅନସୂୟା ସାହୁ, ଜ୍ୟୋତ୍ସ୍ନାରାଣୀ ବେହେରା, ପ୍ରଜ୍ଞା ପ୍ରିୟଦର୍ଶିନୀ ଓ ମନୀଷା ମନସ୍ୱିନୀ ପ୍ରମୁଖ ଅଧ୍ୟାପିକାଅଧ୍ୟାପକମାନେ ଉପସ୍ଥିତ ଥିଲେ। ସହକାରୀ ସେମିନାର ସମ୍ପାଦିକା ଗାୟତ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ବର୍ଷ ଛାତ୍ରୀ ଶୁଭସ୍ମିତା ସ୍ୱାଇଁ, ଶୁଭଶ୍ରୀ ଶୁଭସ୍ମିତା, ରୀତା ଦାସ, ମହେସ୍ମିତା ସାହୁ, ସ୍ମୃତି ବସୁନ୍ଧରା, ବୈଷ୍ଣବୀ ଦାସ, ସୁଚିତ୍ରା ବେହେରା ଓ ଜୟଶ୍ରୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିମ୍ନମାନର ନିର୍ମାଣ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍: ମୋକିମ୍

କଟକ,୨୭।୯(ସୁପ୍ରିୟା ପ୍ରିୟଦର୍ଶିନୀ)

**ମହାନଦୀର ଗଡ଼ଗଡ଼ିଆ ଭୁଶୁଡ଼ିବା ଘଟଣା**

ବିଧାୟକ ମହମ୍ମଦ ମୋକିମ ଗଡ଼ଗଡ଼ିଆ ଘାଟରେ ଧସି ଯାଇଥିବା ପାହାଚକୁ ବୁଲି ଦେଖିଛନ୍ତି। ମହାନଦୀର ଗଡ଼ଗଡ଼ିଆ ଘାଟକୁ ହରିଦ୍ୱାର ରୂପ ଦେବା ନାଁରେ ନିମ୍ନମାନର କାମ କରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି, ଯାହାକି ଆଜି ସାମାନ୍ୟ ବନ୍ୟାପାଣିରେ ବର୍ଷେ ନ ପୂରୁଣୁ ଧୋଇଯାଇଛି। କୌଣସି ପ୍ରକାର ସତର୍କତା ଅବଲମ୍ବନ ନ କରିବା ସହ ସେହି ସ୍ଥାନରେ ପାଣିର ଗତି କେତେ ତାହାର ମାନ ନ ଜାଣି, ପାହାଚରେ ଲୁହାଛଡ଼ ଓ ତଳେ ବିମ୍ ନ ଦେଇ ନଈ ଭିତରେ ଖାଲି ସିମେଣ୍ଟ, ବାଲିରେ ଏହାକୁ ନିର୍ମାଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଧାୟକ ମୋକିମ କହିଛନ୍ତି। ତୁରନ୍ତ ଏହି କାର୍ଯ୍ୟ କରିଥିବା ସଂସ୍ଥା ଓ କଣ୍ଟ୍ରାକ୍ଟରଙ୍କୁ କଳାତାଲିକାଭୁକ୍ତ କରାଯିବା ସହ ଏହି ନିର୍ମାଣ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀ ଓ ବିଲ୍ ମଞ୍ଜୁରି କରିଥିବା ଅଧିକାରୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଧାୟକ ମୋକିମ୍ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଟକ ନଗର କଂଗ୍ରେସ କମିଟି ପୂର୍ବତନ ସଭାପତି ଗିରିବାଳା ବେହେରା, କର୍ପୋରେଟର ସନ୍ତୋଷ ଭୋଳ, ଲିଜା ରାଉତ ଓ ଜେ. କାମେଶ ରାଓ, ଅଶ୍ୱିନୀ ମହାରଣା, ଶରତ ଚନ୍ଦ୍ର ସେଠୀ, ନିତ୍ୟାନନ୍ଦ ରାଉତରାୟ, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପାତ୍ର, ସୁରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଗବତ ପାଠାଗାରରେ ସମ୍ବର୍ଦ୍ଧନା ସମାରୋହ


ଭାଗବତ ପାଠାଗାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କଟକ,୨୭।୯(କାର୍ତ୍ତିକ ସାହୁ)

ମଙ୍ଗଳାବାଗ ଗୋପାଳସାହିସ୍ଥିତ ଭାଗବତ ପାଠାଗାର ପକ୍ଷରୁ ଗଣେଶପୂଜା ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସମାରୋହ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫୪ଜଣ ଗୁରବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଭାବେ ମଙ୍ଗଳାବାଗ ପୂଜା କମିଟି ସଭାପତି ନୃସିଂହ ଚୌଧୁରୀ, ସମ୍ପାଦକ ଗଣେଶ ଦାସ, କର୍ପୋରେଟର ପ୍ରଦୀପ ସାହୁ, କର୍ପୋରେଟର ଜି. କାମେଶ ରାଓ, ଇଣ୍ଟରନ୍ୟାଶନାଲ କ୍ଲବ ଆବାହକ ସୁବାସ ଦାସ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝି ଓ ରାଣୀହାଟ ପୂଜା କମିଟି ସଭାପତି ପ୍ରଦ୍ୟୁମ୍ନ ମହାପାତ୍ର ମଞ୍ଚାସୀନ ଥିଲେ। ପାଠାଗାର ସଭାପତି ପ୍ରମୋଦ ଚନ୍ଦ୍ର ଦାସ ଅଧକ୍ଷତା କରିଥିଲେ। ପାଠାଗାରର ସମ୍ପାଦକ ଭିକାରୀ ବେହେରାଙ୍କ ନେତୃତ୍ୱରେ ସାହି ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଲିଙ୍ଗରାଜ କବି ଧନ୍ୟବାଦ ଦେଇଥିଲେ।

## କର୍ମଚାରୀଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

କଟକ, ୨୭।୯(କାର୍ତ୍ତିକ ସାହୁ)

**କଟକ ଜିଲା ମେଡିକାଲ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ**

କଟକ ଜିଲା ମେଡିକାଲ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ ସିଟି ହସ୍‌ପିଟାଲ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନବଘନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକକୁ ମୁଖ୍ୟଅତିଥି ଭାବେ ସଂଘ ମୁଖ୍ୟ ଉପଦେଷ୍ଟା ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଅଲ୍ ଓଡ଼ିଶା ରେଡିଓଗ୍ରାଫର ସଂଘ ସଭାପତି ସୁବାସ ଚନ୍ଦ୍ର ସେଠୀ, ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ, ସମ୍ପାଦକ ପ୍ରସନ୍ନ ସାମଲ, ସାମାଜିକ କର୍ମୀ ବ୍ରଜ ନନ୍ଦ, ଏସସିବି ସଂଘର ସମ୍ପାଦକ ରାମଚନ୍ଦ୍ର ପ୍ରଧାନ, ଯୁଗଳକିଶୋର ନାୟକ, ଶିବ ପ୍ରସାଦ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଦୀର୍ଘଦିନ ଧରି ଲାଗି ରହିଥିବା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ସଦସ୍ୟ ତଥା ଚାକିରିରୁ ଅବସର ଗ୍ରହଣ କରିଥିବା ରାମଚନ୍ଦ୍ର ନାୟକ, ରଘୁନାଥ ଦାସ ଏବଂ ଶାନ୍ତିଲତା ସିଂହଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରାରମ୍ଭରେ ପୂର୍ବତନ କର୍ମଚାରୀଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୋଚ୍ଛାୟତ ବିବରଣୀ ପାଠ କରିଥିଲେ। କଟକ ଜିଲା ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ।



ସିଟି ହସ୍ପିଟାଲ ପରିସରରେ କଟକ ମେଡ଼ିକାଲ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ।

# ସରିଲା ଚାଉଳିଆଗଞ୍ଜ ଖୁଦୁରୁକୁଣୀ ମେଳଣ

**ଘଣ୍ଟ-ଘଣ୍ଟା ନାଦରେ ମେଲାଣି ନେଲେ ମା'**

କଟକ,୨୭।୯(ସୁପ୍ରିୟା ପ୍ରିୟଦର୍ଶିନୀ)

ଚାଉଳିଆଗଞ୍ଜ ପ୍ରସିଦ୍ଧ ଖୁଦୁରୁକୁଣୀ ମେଳଣ ବୁଧବାର ଶେଷ ହୋଇଛି। ସ୍ଥାନୀୟ ଅଞ୍ଚଳର ୧୭ଟି ପୂଜା ମଣ୍ଡପରେ ଖୁଦୁରୁକୁଣୀଙ୍କୁ ପୂଜା କରାଯିବା ସହ ଭସାଣି ଉତ୍ସବ ଜାକଜମକରେ ପାଳନ କରାଯାଇଛି। ବୁଧବାର ୪ ସୁଦ୍ଧା ସବୁ ମେଢ଼ ଚାଉଳିଆଗଞ୍ଜ ଖେଳ ପଡ଼ିଆରେ ଏକାଠି ହୋଇଥିଲେ। ଏହା ପରେ ନମ୍ବର ଅନୁଯାୟୀ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଚାଉଳିଆଗଞ୍ଜ ଖେଳ ପଡ଼ିଆରୁ ମେଢ଼ ବାହାରି ମଠ ସାହି, ସାହି ଛକ, ଥଟାରି ସାହି, ଗାନ୍ଧୀ ଛକ, ନୀଳାଦ୍ରୀ ବିହାର, କୈବଲ୍ୟବିହାର, ଅପର୍ଣ୍ଣାନଗର ମୁଖ୍ୟରାସ୍ତା, ଦୁର୍ଗା ଛକ, ତଳସାହିରେ ପହଞ୍ଚିଥିଲା। ଇତିମଧ୍ୟରେ ସବୁ ମେଢ଼ପକ୍ଷରୁ ରଙ୍ଗ ବେରଙ୍ଗୀ ଆଲୋକ ସଜା ସହ ଭସାଣି ଶୋଭାଯାତ୍ରା ପାଇଁ ବ୍ରହ୍ମପୁର ବାଜା, ଜଗତ୍‌ସିଂହପୁର ଘଣ୍ଟୁଆ, ଯାଜପୁର ଶଙ୍ଖୁଆ ମୁଖ୍ୟ ଆକର୍ଷଣ ଥିଲା। ତେବେ ଶାନ୍ତି ଶୃଙ୍ଖଳାରେ ଭସାଣି ଉତ୍ସବ ସମାପନ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।


ଚାଉଳିଆଗଞ୍ଜରେ ଅନୁଷ୍ଠିତ ଖୁଦୁରୁକୁଣୀ ଭସାଣି ଶୋଭାଯାତ୍ରା।

## ସଂକ୍ଷେପରେ

### ଅଭିନେତ୍ରୀଙ୍କଠାରୁ ୨ଲକ୍ଷ ଠକେଇ, ଭିଡିଓ ଭାଇରାଲ ଧମକ

**ଭୁବନେଶ୍ୱର,୨୭।୯ (ସୂର୍ଯ୍ୟକାନ୍ତ ବେହେରା):** ଅଭିନେତ୍ରୀଙ୍କଠାରୁ ୨ଲକ୍ଷ ଟଙ୍କା ଠକିନେବା ପରେ ଏବେ ଗାଧୁଆ ବେଳର ଭିଡିଓକୁ ଭାଇରାଲ କରିଦେବାର ଧମକ ଦିଆଯାଉଛି। ଏନେଇ ଠକେଇର ଶିକାର ଅଭିନେତ୍ରୀ ଜଣକ ରିଙ୍କୁ ନାମକ ଜଣେ ଦଲାଲଙ୍କ ବିରୋଧରେ ମହିଳା ଥାନାରେ ବୁଧବାର ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୧୫୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ଦଲାଲଙ୍କ ନାଁରେ ମହିଳା ଥାନାରେ ମାମଲା**

ଅଭିଯୋଗ ଅନୁଯାୟୀ, ଅଭିନେତ୍ରୀ ଜଣକ ରାଜଧାନୀରେ ଏକ ଏନ୍‌ଜିଓରେ କାମ କରନ୍ତି। ସେ ୟୁଟ୍ୟୁବ୍ ଭିଡିଓ ଓ ଶର୍ଟଫିଲ୍ମରେ ଅଭିନୟ କରନ୍ତି। କିଛିବର୍ଷ ତଳେ ରିଙ୍କୁଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ରିଙ୍କୁ ଜଣେ ଦଲାଲ ହୋଇଥିବାବେଳେ ସେ ବିଭିନ୍ନ ଯାତ୍ରାପାର୍ଟି, ଟିଭି ସିରିଏଲ ଓ ଡ୍ୟାନ୍ସ ଗ୍ରୁପ୍‌ରେ କଳାକାର ଯୋଗାଇଥାନ୍ତି। ତାଙ୍କ ପରାମର୍ଶରେ ଅଭିନେତ୍ରୀଜଣକ ଅନ୍ୟ ପ୍ରଯୋଜନା ସଂସ୍ଥାଠାରୁ ଦୂରେଇ ଯାଇଥିଲେ। ସମୟକ୍ରମେ ରିଙ୍କୁ ଅଭିନେତ୍ରୀଙ୍କୁ ନାନା ଆଳ ଦେଖାଇ ବିଭିନ୍ନ ପର୍ଯ୍ୟାୟରେ ୨ ଲକ୍ଷ ଟଙ୍କା ନେଇଥିଲେ। ଏହାସହ ଶାରୀରିକ ସମ୍ପର୍କ ରଖିବାକୁ ଉଦ୍ୟମ କରିବା ସହ ଦେହ ବେପାରରେ ନିୟୋଜିତ କରିବା ପାଇଁ ଯୋଜନା କରୁଥିଲେ। ସେଥିପାଇଁ ଶୁଟିଂ ବାହାନାରେ ତାଙ୍କୁ ବିହାର ନେଇଥିଲେ। ସେଠାରେ ତାଙ୍କୁ ବନ୍ଦୀ କରି ରଖାଯାଇଥିଲା। ଅଭିନେତ୍ରୀ ଜଣକ ସେଠାରୁ କୌଶଳକ୍ରମେ ଖସି ଆସିଥିଲେ ବୋଲି ସେ ଏତଲାରେ ଦର୍ଶାଇଛନ୍ତି।

### ଛିନ୍‌ତାଇ: ୨ ଜେଲ ଫେରନ୍ତା ଗିରଫ

**ଭୁବନେଶ୍ୱର,୨୭।୯ (ସୂର୍ଯ୍ୟକାନ୍ତ ବେହେରା):** ମହିଳାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଇ ଫେରାର ମାମଲାରେ ଲିଙ୍ଗରାଜ ଥାନା ପୋଲିସ ଦୁଇ ଜେଲ ଫେରନ୍ତାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲଣ କରିଛି। ସେମାନେ ହେଲେ ଖଣ୍ଡଗିରି ଅଞ୍ଚଳର ଶ୍ରୀଧର ପଟ୍ଟନାୟକ ଓ ଲିଙ୍ଗରାଜ ଦଳେଇ ଓରଫ ଚିଙ୍ଗୁଡ଼ି। ଉଭୟଙ୍କଠାରୁ ଗୋଟିଏ ସୁନା ଚେନ ଜବତ ହୋଇଛି। ଅଭିଯୁକ୍ତମାନେ ଲୁଟିନେଇଥିବା ସୁନା ଚେନକୁ ବଣିଆକୁ ବିକ୍ରି କରିବାକୁ ଉଦ୍ୟମ କରୁଥିବାବେଳେ ଖବର ପାଇ ପୋଲିସ ଚଢ଼ାଉ କରି ସେମାନଙ୍କୁ ଧରିଥିଲା।

ସୂଚନାନୁସାରେ, ଓଲ୍ଡ ଟାଉନରେ ରହୁଥିବା ଜଣେ ମହିଳା ଚାଲି ଚାଲି ଘରକୁ ଫେରୁଥିବା ସମୟରେ ଗ୍ୟାରେଜ ଛକ ନିକଟରେ ଅଭିଯୁକ୍ତଦ୍ୱୟ ଏକ ସ୍କୁଟିରେ ଆସି ତାଙ୍କ ବେକରୁ ସୁନାଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିବାରୁ ୯ ଦିନ ପରେ ପୋଲିସ ସେମାନଙ୍କୁ ଧରିଛି। ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଶ୍ରୀଧର ଚଳିତ ମାସରେ ଓ ଲିଙ୍ଗରାଜ ଅଗଷ୍ଟରେ ଜେଲରୁ ମୁକୁଳିଥିବା ତଦନ୍ତବେଳେ ଜଣାପଡିଛି।

# ପର୍ଯ୍ୟଟକଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ

**ପର୍ଯ୍ୟଟନ ବିଭାଗର ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ**

**କୋଣାର୍କ,୨୭।୯(ଜ୍ୟୋତିରାଜ ମହାନ୍ତି)**



ସୂର୍ଯ୍ୟମନ୍ଦିର ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରେ ବୁଧବାର ପର୍ଯ୍ୟଟନ ବିଭାଗ ପକ୍ଷରୁ 'ବିଶ୍ୱ ପର୍ଯ୍ୟଟନ ଦିବସ' ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ସକାଳ ୭ଟାରେ ସୂର୍ଯ୍ୟମନ୍ଦିର ସମ୍ମୁଖରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗୋଲାପ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ପରେ ପର୍ଯ୍ୟଟନ ଅଧିକାରୀଙ୍କ ପକ୍ଷରୁ ଘୋଡ଼ାନାଚ ମାଧ୍ୟମରେ ସ୍ୱଚ୍ଛ ଭାରତ ଓ ପର୍ଯ୍ୟଟକଙ୍କୁ ନେଇ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଅତିଥି ଭାବେ ଓଡ଼ିଶା ନାଲ୍‌କୋର ମୁଖ୍ୟ ପରିଚାଳକ ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଓ ନାଲ୍‌କୋ ମହିଳା ସମିତି ଅଧ୍ୟକ୍ଷା ସସ୍ମିତା ପାତ୍ର, କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ଭଗବତୀ ମହାବିଦ୍ୟାଳୟ ଏନ୍‌ସିସି ଅଧିକାରୀ କମାଣ୍ଡାଣ୍ଟ ବିନୟ ଭୂଷଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପରେ ରାମଚଣ୍ଡୀ ମନ୍ଦିର ପରିସର ଓ ରାମଚଣ୍ଡୀ ପୀଠରେ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ ଜାଭିୟର ହୋଟେଲ ମ୍ୟାନେଜମେଣ୍ଟର ଛାତ୍ରୀଛାତ୍ରଙ୍କ ସହାୟତାରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ହୋଟେଲ ମ୍ୟାନେଜମେଣ୍ଟର ଛାତ୍ରୀଛାତ୍ର, ସ୍ୱର୍ଣ୍ଣଲତା ନର୍ସିଂ କଲେଜର ଛାତ୍ରୀ, ଭଗବତୀ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ର ସାମିଲ ହୋଇ ପର୍ଯ୍ୟଟକଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ସେଠୀ, ପର୍ଯ୍ୟଟନ ନିଗମର ଫୁଡ଼ ଆଣ୍ଡ ବିଭେରେଜର ମ୍ୟାନେଜର ବିକାଶ ସ୍ୱାଇଁ, ରଞ୍ଜନ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ଖଣିରେ ଚଢ଼ାଉ ବେଳେ ପୋଲିସକୁ ଆକ୍ରମଣ

**ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)**

- ୨ କର୍ମଚାରୀ ଲହୁଲୁହାଣ, ମେଡିକାଲରେ ଭର୍ତ୍ତି
- ଆକ୍ରମଣକାରୀଙ୍କୁ ଧରିବାକୁ ଖାନତଲାସି ଜାରି

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ମାଣିତ୍ରୀ ନିକଟସ୍ଥ ଏକ ଖଣିରେ ବୁଧବାର ରାତିରେ ଚଢାଉବେଳେ ମାଫିଆଙ୍କ ଆକ୍ରୋଶର ଶିକାର ହୋଇଛି ପୋଲିସ। ମାଫିଆଙ୍କ ଆକ୍ରମଣରେ ୨ଜଣ ପୋଲିସ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ସ୍ଥାନୀୟ ମେଡିକାଲ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡରେ ୬ରୁ ୮ଟି ଷ୍ଟିଚ୍ ପଡ଼ିଛି। ତେବେ ଏନେଇ କୌଣସି ପୋଲିସ ଅଧିକାରୀ ମୁହଁ ଖୋଲୁ ନାହାନ୍ତି। ଏହି ଘଟଣାକୁ ନେଇ ଆଲୋଡ଼ନ ସୃଷ୍ଟି ହୋଇଛି। ସମ୍ପୃକ୍ତ ଆକ୍ରମଣକାରୀମାନଙ୍କୁ ଧରିବା ଲାଗି ପୋଲିସର ଏକ ଟିମ୍ ବିଭିନ୍ନ ସ୍ଥାନରେ ଖାନତଲାସି ଚଳାଇଛି।

ସୂଚନା ମୁତାବକ, ଦୁଇଜଣ ପୋଲିସ କର୍ମଚାରୀ ଏକ ବାଇକ ଯୋଗେ ଚଢାଉ ପାଇଁ ଉକ୍ତ ଖଣିକୁ ଯାଇଥିଲେ। ଦୁହେଁ ସେଠାରେ ପହଞ୍ଚିବା ମାତ୍ରେ ଉପସ୍ଥିତ ଥିବା ମାଫିଆ ଓ ତାଙ୍କ ସହଯୋଗୀମାନେ ଉଭୟଙ୍କୁ ଚାରିପଟୁ ଘେରିଯାଇଥିଲେ। ପୋଲିସ କର୍ମଚାରୀ ଦ୍ୱୟ ଜୀବନ ବିକଳରେ ଦୌଡ଼ି ଖସିଯିବାକୁ ଉଦ୍ୟମ କରିବାବେଳେ ସମ୍ପୃକ୍ତ ଲୋକେ ମାରଣାସ୍ତ୍ରରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସ୍ପେଶାଲ ସ୍କ୍ୱାଡ୍‌ର ଜଣେ କର୍ମଚାରୀଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ତାଙ୍କ ମୁଣ୍ଡ ଫାଟିଛି। ଅନ୍ୟ ଜଣେ ମଧ୍ୟ ନିସ୍ତୁକ ମାଡ଼ ଖାଇଥିବା ଜଣାପଡ଼ିଛି। ସମ୍ପୃକ୍ତ ବ୍ୟକ୍ତିମାନେ ଉଭୟଙ୍କ ମୋବାଇଲ ଫୋନ୍ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏହାପରେ ପୋଲିସ କର୍ମଚାରୀ ଦ୍ୱୟ କୌଣସିମତେ ସେଠାରୁ ଚାଲିଆସି ଥାନାକୁ ଖବର ଦେଇଥିଲେ। ଉଭୟଙ୍କୁ ଉଦ୍ଧାର କରାଯିବା ପରେ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ପ୍ରଶ୍ନ ଉଠୁଛି, ପୋଲିସ କର୍ମଚାରୀ ଦ୍ୱୟ ରାତିରେ କାହିଁକି ଚଢାଉ ପାଇଁ ଯାଇଥିଲେ। ବିଭାଗୀୟ ଗାଡ଼ିରେ ଏକ ଟିମ୍ ପରିବର୍ତ୍ତେ ଦୁଇଜଣ କାହିଁକି ବାଇକରେ ଗଲେ, ସ୍ଥାନୀୟ ପୋଲିସ ନିକଟରେ ଏ ସଂକ୍ରାନ୍ତରେ ଖବର ଥିଲା କି ନାହିଁ ଇତ୍ୟାଦି ବିଭିନ୍ନ ପ୍ରଶ୍ନ ସାଧାରଣରେ ଉଙ୍କି ମାରିଛି। ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବେଳାଭୂମି ସଫେଇ କରି ସ୍ୱଚ୍ଛତା ବାର୍ତ୍ତା ବାଣ୍ଟିଲେ



ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀ ଓ ଅନ୍ୟମାନେ।

**ପୁରୀ, ୨୭।୯(ଅଜିତ ମହାନ୍ତି):** ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବୁଧବାର ନିମାପଡ଼ାର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେଲ୍ଫ ଇମ୍ପୋୱେରମେଣ୍ଟ ଗ୍ରୁପ୍' ଦ୍ୱାରା ପୁରୀ ପେଣ୍ଟକଟା ବେଳାଭୂମି ଅଞ୍ଚଳକୁ ସଫେଇ କରାଯାଇଛି। ପ୍ରାୟତଃ ଉକ୍ତ ବେଳାଭୂମି ଆବର୍ଜନାମୟ ରହୁଥିବାରୁ ସଦସ୍ୟମାନେ ଏହାକୁ ଆବର୍ଜନା ଓ ପ୍ଲାଷ୍ଟିକମୁକ୍ତ ରଖିବା ଉଦ୍ଦେଶ୍ୟରେ ସଫେଇ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରିଥିଲେ। ପୁରୀ ଦେଶର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ଆଗକୁ ପାର୍ବଣ ଋତୁ ଆସୁଛି। ଫଳରେ ପୁରୀକୁ ଅସଂଖ୍ୟ ଦେଶୀ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ହେବ। ଆଗନ୍ତୁକ ପର୍ଯ୍ୟଟକ ଓ ଅତିଥିଙ୍କୁ ସ୍ୱଚ୍ଛତାର ସନ୍ଦେଶ ଓ ଅନୁଭୂତି ଦେବା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଏହି ପ୍ରୟାସ କରାଯାଇଥିବା ସଭାପତି ଦୀପକ କୁମାର ସାହୁ କହିଥିଲେ। ବେଳାଭୂମି ସ୍ୱଚ୍ଛତା ରକ୍ଷା ପାଇଁ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଶଂସିତ ହୋଇଥିବା ରାହୁଲ ମହାରଣା ମଧ୍ୟ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଅନୁଷ୍ଠାନର ସମ୍ପାଦକ ଗୋପୀନାଥ ପାତ୍ରଙ୍କ ତତ୍ତ୍ୱାବଧାନରେ ସଦସ୍ୟାସଦସ୍ୟମାନେ ପର୍ଯ୍ୟଟକଙ୍କୁ ଗୋଲାପଫୁଲ ଦେଇ ସ୍ୱାଗତ କରିଥିଲେ। ସଫେଇ କାର୍ଯ୍ୟକ୍ରମରେ ଆଲୋକ ସାହୁ, ସୁଦର୍ଶନ ପ୍ରଧାନ, ରାକେଶ ମହାନ୍ତି, ନିହାର ମହାରଣା, ଜ୍ୟୋତି ଛୋଟରାୟ, ସ୍ୱପ୍ନଧର ପଣ୍ଡା, ତ୍ରିଲୋଚନ ପାଣି, ଇତିଶ୍ରୀ ସାହୁ, ବବୁଲ, ନିକି ଓ ମେଘା ପ୍ରମୁଖ ସାମିଲ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିସ୍ମୟ ମିଶ୍ର ଓ ସତ୍ୟନାରାୟଣ ସାହୁ ସହଯୋଗ କରିଥିଲେ।

### ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଗଞ୍ଜେଇ ଜବତ, ଜଣେ ଗିରଫ

**ଭୁବନେଶ୍ୱର,୨୭।୯ (ସୂର୍ଯ୍ୟକାନ୍ତ ବେହେରା):** ଗଜପତିରୁ ପଶ୍ଚିମବଙ୍ଗଙ୍କୁ ଗଞ୍ଜେଇ ଚୋରା ଚାଲଣବେଳେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଭରତପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ମଣ୍ଟୁ ନାୟକ। ତାଙ୍କଠାରୁ ୨୧ କେଜି ୬୫୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ପୋଲିସ ଏକ ବେଆଇନ ଗଞ୍ଜେଇ ବିକ୍ରି ମାମଲା ରୁଜୁ କରିବା ସହିତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଚପଲକୁ ନେଇ ଗଣ୍ଡଗୋଳ, ୪ ଗିରଫ

**ଭୁବନେଶ୍ୱର,୨୭।୯ (ସୂର୍ଯ୍ୟକାନ୍ତ ବେହେରା):** ଘର ବାହାରେ ରଖାଯାଇଥିବା ଚପଲକୁ ଗୋଇଠା ମାରି ଫୋପାଡିବାକୁ କେନ୍ଦ୍ର କରି ଖାରବେଳନଗର ଥାନା ଅନ୍ତର୍ଗତ ଦୁର୍ଗାମଣ୍ଡପ ବସ୍ତିରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଗାଳିଗୁଲଜ କରିବା ସହିତ ବାଉଁଶ ଓ ପ୍ଲାଷ୍ଟିକ ଚୌକିରେ ପରସ୍ପରକୁ ଆକ୍ରମଣ କରିଥିଲେ। ଏଥିରେ ଉଭୟ ପକ୍ଷ ଗୁରୁତର ଆହତ ହୋଇଥିଲେ। ଅଭିଯୋଗ ପରେ ପୋଲିସ ପୃଥକ ମାମଲା ରୁଜୁ କରି ଉଭୟ ପକ୍ଷରୁ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସତ୍ୟନଗର ଦୁର୍ଗାମଣ୍ଡପ ବସ୍ତିରେ ରହୁଥିବା ବାଲେଶ୍ୱରର ୨ଭାଇ ଅଜୟ କୁମାର ନାୟକ ଓ ବିଜୟ କୁମାର ଏବଂ ନୟାଗଡର ୨ ଭାଇ ମାନସ ନାୟକ ଓ ପ୍ରକାଶ ନାୟକ। ଅଭିଯୁକ୍ତମାନେ ଦୁର୍ଗାମଣ୍ଡପ ବସ୍ତିରେ ଥିବା ଜଣେ ମାଲିକଙ୍କ ଘରେ ଭଡାରେ ରହୁଛନ୍ତି।

# ରାଜନୀତି ବିଜ୍ଞାନର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କାକଟପୁର,୨୭।୯(ଶୁଭଦର୍ଶନ ମିଶ୍ର):** କାକଟପୁର ମଙ୍ଗଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ଯୋଗ ଦେଇଥିବା ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ନିକଟ ମୋତି କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଲଲାଟେନ୍ଦୁ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାରୋହରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟାପକ ସୁଧୀର ଭୂୟାଁ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶୋକ ତ୍ରିପାଠୀ, ପୂର୍ବତନ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ସରୋଜ ନାୟକ, ବିଭାଗୀୟ ଅଧ୍ୟାପକ ଡ. ଜ୍ୟୋତିପ୍ରକାଶ ପଲେଇ, ଅଧ୍ୟାପକ ଜିତେନ୍ଦ୍ର ଦାସ, ନୂତନ ଅଧ୍ୟାପିକା ପାୟଲ ପଦ୍ମିନୀ ସାମଲଙ୍କ ସମେତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିବା ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିରରୁ ୬୧ୟୁନିଟ୍ ରକ୍ତ ସଂଗ୍ରହ




**କଣାସ,୨୭।୯(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ଅଧୀନ ଦୟାବିହାରଠାରେ ପ୍ରତିଷ୍ଠିତ ଦୟାବିହାର ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଶିବିରରେ ଓଡ଼ିଶା ବ୍ଲଡ ବ୍ୟାଙ୍କର ଡ. ଦୀପକ ସାହୁ ଓ ତାଙ୍କ ଟିମ୍ ଯୋଗଦେଇ ୬୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାତାଙ୍କୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା। ଶିବିରକୁ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ପ୍ରସନ୍ନହରି ପ୍ରଧାନ ପରିଚାଳନା କରିଥିବାବେଳେ ସ୍ୱେଚ୍ଛାସେବୀ ଚନ୍ଦ୍ରଶେଖର ପାଢୀ, କାଶୀନାଥ ବିଶ୍ୱାଳ, ପଙ୍କଜ ପରିଡ଼ା, ସରିତା ପାତ୍ର, ଅନିତା ପ୍ରଧାନ, ଅନସୂୟା ମାନସିଂ, ମିନତି ଚମ୍ପତି ପ୍ରମୁଖ ସହଯୋଗ କରିଥିଲେ।

# 'ଆଧ୍ୟାତ୍ମିକ ଚେତନା ମାଧ୍ୟମରେ ଭଗବାନଙ୍କ ସାନ୍ନିଧ୍ୟ ପାଇପାରିବା'

**ପୁରୀ,୨୭।୯(ଅଜିତ ମହାନ୍ତି):** ଶ୍ରୀ ବାସ୍ତୁଜ୍ୟୋତି ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ମଙ୍ଗଳବାର କ୍ଷେତ୍ରାଧିପତି ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ 'କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିବ ସୁନ୍ଦର ମିଶ୍ର ଅତିଥି ପରିଚୟ ଓ ସମ୍ପାଦକ ଅଧ୍ୟାପକ ଦୟାନିଧି ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟ ସଭାପତି ଅଧ୍ୟାପକ ଡ. ବଳରାମ ଦାଶଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାଧୁ ମହାରାଜ ସ୍ୱାମୀ ଶୁଭାନନ୍ଦ ପୁରୀ ଯୋଗଦେଇ ଧ୍ୟାନ, ଭଜନ, କୀର୍ତ୍ତନ ତଥା ଆଧ୍ୟାତ୍ମିକ ଚେତନା ମାଧ୍ୟମରେ ହିଁ ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିପାରିବା ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଡ. ନରେଶ ଚନ୍ଦ୍ର ଦାଶ ଯୋଗଦେଇ ଭକ୍ତିଭାବରେ ସମର୍ପିତ ହୋଇ କ୍ଷେତ୍ରାଧିପତି ଶ୍ରୀଜଗନ୍ନାଥଙ୍କ ସେବା କରିପାରିଲେ ପରମ ମୁକ୍ତି ମିଳିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଗବେଷକ ଡ. ଭାସ୍କର ଚନ୍ଦ୍ର ମିଶ୍ର, ସେବାୟତ ମଧୁସୂଦନ ସିଂହାରୀ, ସାମାଜିକ କର୍ମୀ ଡ. ମନୋଜ କୁମାର ରଥ ଏବଂ ରାଜକିଶୋର ପାତ୍ର ଯୋଗଦେଇଥିଲେ। ଏହି ଅବସରରେ 'କ୍ଷେତ୍ରାଧିପତି' ଲୋକାର୍ପଣ ସହ ବିଜୟଲକ୍ଷ୍ମୀ ଦାଶ, ଡ. ଗୋପାଳକୃଷ୍ଣ କର, ଅନ୍ନପୂର୍ଣ୍ଣା କର, ଡ. ରାଧେଶ୍ୟାମ ରଥ, ନରେନ୍ଦ୍ର କୁମାର ଜେନା, ପ୍ରାନ୍ତସିନୀ ଜେନା, ଅଭିଲିପ୍ସା ଦାଶ, ସତ୍ୟନାରାୟଣ ମିଶ୍ର, କ୍ରିଷ୍ଣା ମହାପାତ୍ର, ସାରଙ୍ଗଧର ଷଡ଼ଙ୍ଗୀ, ଚାରୁଲତା ମିଶ୍ର, ମନୋରମା ଆଚାର୍ଯ୍ୟ, ବିଜୟଲକ୍ଷ୍ମୀ ସାହୁ, ପଦ୍ମଚରଣ ମିଶ୍ର, ସୌମ୍ୟାଶ୍ରୀ ଦାଶ, ଦେବାଶିଷ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ଉପଦେଷ୍ଟା ରବି ରଥ, ପଣ୍ଡିତ ଜଗନ୍ନାଥ ରଥ ଓ ଟୁନାମାଳି ପରିଡ଼ାଙ୍କୁ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ଶିବସୁନ୍ଦର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ସୁରେଶ ପଟ୍ଟନାୟକ ଓ ବିଜୟଲକ୍ଷ୍ମୀ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ କ୍ରିଷ୍ଣା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣନାଥଙ୍କୁ ମେଲାଣି, ବାଦ୍ୟ, ଘଣ୍ଟଧ୍ୱନିରେ କମ୍ପିଲା ବଜାର

**କଣାସ,୨୭।୯(ବିଭୂତି ଭୂଷଣ ତ୍ରିପାଠୀ)**

ଆଜିର ଯୁବସମାଜ ଗଣେଶ ପୂଜା, ସରସ୍ୱତୀ ପୂଜା, ଦୁର୍ଗା ପୂଜା ଉପରେ ଅଧିକ ଗୁରୁତ୍ୱ ଦେଇ ମୂର୍ତ୍ତିମାନ ବସାଇ ଉତ୍ସବକୁ ଯାକଜମକରେ ପାଳନ କରୁଛନ୍ତି। ଚଳିତ ଗଣେଶ ପୂଜା ଭସାଣି ଉତ୍ସବରେ କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ ଡିଜେ ବଜାଇବାକୁ ପର୍ମିଶନ ଦେଇ ନ ଥିଲେ। ଫଳରେ କଣାସ ଅଞ୍ଚଳର ବିଭିନ୍ନ ବଜାର ଓ ଗ୍ରାମାଞ୍ଚଳରେ ମୂର୍ତ୍ତିଙ୍କ ଭଷାଣି ଉତ୍ସବକୁ ପାରମ୍ପାରିକ ନୀତି ପ୍ରଥା ଅନୁଯାୟୀ ଘଣ୍ଟ, ଘଣ୍ଟା, ବାଦ୍ୟ ଓ ପେହଁକାଳି ଧ୍ୱନିରେ ପାଳନ କରିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର କଣାସ ଗୋଲାବଜାର ବ୍ୟବସାୟୀ ସଂଘ ପକ୍ଷରୁ ଗଣେଶଙ୍କ ଭସାଣି ଉତ୍ସବରେ ବାଜା, ଘଣ୍ଟ, ପେଁକାଳି ବଜାଇ ଯୁବକମାନେ ନାଚିନାଚି କଣାସ ଗୋଲାବଜାର, କଣାସ ବସ୍‌ଷ୍ଟାଣ୍ଡ, କଣାସ କୁଞ୍ଜେଶ୍ୱରୀ ବଜାର, ବାଲିଘାଇ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଆସି ପୁନଶ୍ଚ ଠାକୁରଙ୍କୁ ନେଇ ଶାନ୍ତି ଶୃଙ୍ଖଳାର ସହିତ ଦୟାନଦୀରେ ବିସର୍ଜନ କରିଥିଲେ। ସେହିପରି କଣାସ ବ୍ୟବସାୟୀ କୁଞ୍ଜେଶ୍ୱରୀ ଛକ ଏବଂ କଣାସ ବସ୍‌ଷ୍ଟାଣ୍ଡ ଯୁବକ ସଂଘ ଯୁବକମାନେ ରୀତିନୀତି ଅନୁଯାୟୀ, ଶାନ୍ତି ଶୃଙ୍ଖଳରେ ସହିତ ଘଣ୍ଟ, ଘଣ୍ଟା ବଜାଇ ଗଣେଶଙ୍କୁ ବଜାର ବୁଲାଇ ବିସର୍ଜନ କରିଥିଲେ। ଉତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା।



ଠାକୁରଙ୍କୁ ଶୋଭାଯାତ୍ରାରେ ବିସର୍ଜନ ପାଇଁ ନିଆଯାଉଛି।

# ଗାନ୍ଧିଜୀଙ୍କ ବିଚାରଧାରା ସମ୍ବଳିତ ଚଳଚ୍ଚିତ୍ର ଦେଖିଲେ ଛାତ୍ରୀଛାତ୍ର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



ପିଲାମାନେ ଚଳଚ୍ଚିତ୍ର ଦେଖୁଛନ୍ତି।

**ପୁରୀ, ୨୭।୯(ଅଜିତ ମହାନ୍ତି)**

ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶ ଓ ବିଚାରଧାରା ଚିର ଅମର ବୋଲି ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଡ. ଶରତ ଚନ୍ଦ୍ର ମହାପାତ୍ର କହିଛନ୍ତି। ବୁଧବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ଗାନ୍ଧୀ ପାନୋରମା ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଡ. ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଗାନ୍ଧିଜୀଙ୍କ ଜୀବନରୁ ଶୃଙ୍ଖଳା, ସତ୍ୟ ପ୍ରତି ନିଷ୍ଠା, ସରଳ ଜୀବନଯାପନ ପ୍ରତ୍ୟେକଙ୍କ ଧେୟ ହେବା ଉଚିତ ବୋଲି କହିବା ସହ ମନୋରଞ୍ଜନ ମାଧ୍ୟମରେ ଏହି ଶିକ୍ଷା ପିଲାମାନଙ୍କୁ ନିଶ୍ଚିତ ଅନୁପ୍ରାଣିତ କରିବ ବୋଲି କହିଥିଲେ। ବିଶିଷ୍ଟ ଗାନ୍ଧିବାଦୀ ଗୌରାଙ୍ଗ ଚରଣ ପରିଡ଼ା ଗାନ୍ଧିଜୀଙ୍କ ଜୀବନୀର ବିସ୍ତୃତ ବ୍ୟାଖ୍ୟା କରି ତୁଳସୀ ଦୁଇପତ୍ରରୁ ବାସିବା ଭଳି ଗାନ୍ଧିଜୀ ମଧ୍ୟ ପିଲା ଅବସ୍ଥାରୁ ତାଙ୍କ ବ୍ୟକ୍ତିତ୍ୱକୁ କିପରି ଗଢିଥିଲେ ତାହାର ବିବିଧ ଉଦାହରଣ ମାଧ୍ୟମରେ ଅବଗତ କରାଇଥିଲେ। ଗାନ୍ଧୀ ପାନୋରମାର ନିର୍ଦ୍ଦେଶକ ଦେବେନ୍ଦ୍ର ଖଣ୍ଡୁଆଲାଲ୍ ଚଳଚ୍ଚିତ୍ର ମାଧ୍ୟମରେ ଗାନ୍ଧିଜୀଙ୍କ ବିଚାରଧାରାର ପ୍ରଚାର ପ୍ରସାର, ଯୁବପିଢ଼ି ଓ ଶିଶୁମାନଙ୍କ ମଧ୍ୟରେ ଏହାର ମୂଲ୍ୟବୋଧକୁ ସମ୍ପ୍ରସାରିତ କରିବା ଏହି ପାନୋରମାର ଉଦ୍ଦେଶ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର, ହିମାଂଶୁ ଭୂଷଣ ସମର୍ଥା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏଥିରେ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଦୁଇଟି ପର୍ଯ୍ୟାୟରେ ଗାନ୍ଧିଜୀଙ୍କ ଅନୁପ୍ରେରଣା ଉପଯୋଗୀ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏହି ଚଳଚ୍ଚିତ୍ରକୁ ଦେଖିଥିଲେ। କାର୍ଯ୍ୟକ୍ରମରେ ପାନୋରମାର ସଦସ୍ୟ ଓ ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।



ଜଟଣୀ: ସପ୍ତମ ଯୁବ ସମ୍ମାନ ଉତ୍ସବରେ ମଞ୍ଚାସୀନ ଅତିଥି।


ପୋଷ୍ଟ ଅଫିସ୍ ଛକ ବ୍ୟବସାୟୀ ସଂଘ ପକ୍ଷରୁ ପୋଲିସ କର୍ମୀଙ୍କୁ ସମ୍ବର୍ଦ୍ଧନା।


ଗୋପବନ୍ଧୁ ବଜାର ବ୍ୟବସାୟୀ ସଂଘ ମଞ୍ଚରେ ଓଡ଼ିଶୀ ନୃତ୍ୟ ପରିବେଷଣ।


ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ।


ପୋଷ୍ଟ ଅଫିସ୍ ବ୍ୟବସାୟୀ ସଂଘ ମହୋତ୍ସବ ମଞ୍ଚରେ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ

# ନିଲାମ ହେଲା ୬୬ କିଲୋ ଲଡୁ

## ୪୦୦୦୧ ଟଙ୍କାରେ ନିଲାମ ନେଲେ ରମେଶ ସାହୁ

ଜଟଣୀ,୨୭।୯(ରବୀନ୍ଦ୍ରନାଥ ମହାକୁଡ଼)

ଗଣେଶ ମହୋତ୍ସବର ୯ମ ଦିନରେ ପ୍ରତି ବର୍ଷ ଭଳି ଗୋପବନ୍ଧୁ ଛକ ବ୍ୟବସାୟୀ ସଂଘ ପକ୍ଷରୁ ୬୬ କିଲୋ ଲଡୁ ନିଲାମ କରାଯାଇଛି। ବ୍ୟବସାୟୀ ସଂଘ ସଭାପତି ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଲଡୁ ନିଲାମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଲଡୁ ନିଲାମ ଡାକ ୧୦୧ ଟଙ୍କାରୁ ଆରମ୍ଭ ହୋଇଥିଲା ବେଳେ ଶେଷରେ ଜଟଣୀ ଅଞ୍ଚଳର ବ୍ୟବସାୟୀ ରମେଶ ସାହୁ ୪୦୦୦୧ ଟଙ୍କାରେ ନିଲାମ ଡାକି ଉକ୍ତ ଲଡୁର ହକଦାର ହୋଇଥିଲେ। ଏହି ନିଲାମ ପ୍ରକ୍ରିୟାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁଙ୍କ ସହିତ ସ୍ଥାନୀୟ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଟଣୀ ପୌର ପରିଷଦର ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ରାଉତରାୟ ଉଦଘାଟକ ରୂପେ ଯୋଗଦେଇଥିଲେ। ଅନ୍ୟ ବରେଣ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ଛୋଟରାୟ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ନୋଟାରୀ ଅବନୀ କୁମାର ରାଉତରାୟ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ରୂପେ ବରିଷ୍ଠ ନେତା ତଥା ପାଣ୍ଡ ଜେନା ଫାଉଣ୍ଡେସନ ଅଧ୍ୟକ୍ଷ



ଡ. ସନ୍ତୋଷ ଜେନା, ପଦନପୁରର ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ସୁକାନ୍ତ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଭୁ ଶ୍ରୀଗଣେଶଙ୍କ ନିକଟରେ ପୂଜା ପାଉଥିବା ଲଡୁ ନିଲାମ ପ୍ରକ୍ରିୟା ଦେଖିବା ପାଇଁ ମଣ୍ଡପ ସମ୍ମୁଖରେ ପ୍ରବଳ ଜନସମାଗମ ହୋଇଥିଲା। ରଶ୍ମିତା ନାୟକ ଏବଂ ସୁଶାନ୍ତ ରାଉତ ମଞ୍ଚ ପରିଚାଳନା କରିଥିଲେ।

# ୬ ଜଣ ପାଇଲେ ଯୁବ ସମ୍ମାନ

ଜଟଣୀ,୨୭।୯(ରବୀନ୍ଦ୍ରନାଥ ମହାକୁଡ଼)

**ଜଟଣୀ ଗଣେଶ ମହୋତ୍ସବର ୯ମ ଦିନ**

- ଯୁବ ସମ୍ମାନ ଉତ୍ସବ ଅନୁଷ୍ଠିତ
- ସମ୍ବର୍ଦ୍ଧନା କାର୍ଯ୍ୟକରିବା ପାଇଁ ଉତ୍ସାହ ପ୍ରଦାନ କରେ

ଜଟଣୀ ଗଣେଶ ମହୋତ୍ସବ ବୁଧବାର ୯ମ ଦିନରେ ପହଞ୍ଚିଛି। ଏଥିପାଇଁ ଚଳଚଞ୍ଚଳ ଜଟଣୀ ସହର। ଗଣେଶ ମୋହତ୍ସବ ଅବସରରେ ଜଟଣୀ ସହରର ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନ ଜଟଣୀ ୟୁଥ ଫେଡେରେଶନ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଯୁବ ସମ୍ମାନ ଉତ୍ସବ ପାଳନ କରାଯାଇଛି। ଏହି ସପ୍ତମ ଯୁବ ସମ୍ମାନ ଉତ୍ସବ-୨୦୨୩ କାର୍ଯ୍ୟକ୍ରମକୁ ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଉଦଘାଟନ କରିଥିଲେ। ୟୁଥ ଫେଡେରେଶନର ସଭାପତି ତଥା ବିଜେଡି ଜିଲା ଉପସଭାପତି ପ୍ରଶାନ୍ତ ପାଇକରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ରାଜ୍ୟସଭା ସଦସ୍ୟ ମୁଜୁବୁଲା ଖାନ(ମୁନା) ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ଉଦେଶ୍ୟରେ କହିଥିଲେ, ସମ୍ବର୍ଦ୍ଧନା ଓ ସମ୍ମାନ କୌଣସି ବ୍ୟକ୍ତିଙ୍କୁ ନିଜକ୍ଷେତ୍ରରେ କାର୍ଯ୍ୟ କରିବା ଏବଂ ଆଗକୁ ଯିବା ପାଇଁ ଉତ୍ସାହ ପ୍ରଦାନ କରିଥାଏ। ମୁଖ୍ୟ ବକ୍ତା ରୂପେ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଏବଂ ସମ୍ମାନିତ ଅତିଥି ରୂପେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ତଥା ଜଟଣୀର ପୂର୍ବତନ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ, ଜଟଣୀ ନଗରପାଳ ଅନନ୍ତ ବେହେରା, ପୌର ଉପାଧ୍ୟକ୍ଷା ଆରତୀ ରାଉତ, ଚଳଚ୍ଚିତ୍ର ଅଭିନେତ୍ରୀ ଜିନା ସାମଲ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଧର୍ମ, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ଏବଂ ଆମ ବର୍ତ୍ତମାନ ଓ ପରପୀଢ଼ିଙ୍କୁ ନିଜ ଧର୍ମ ସଂସ୍କୃତି ବିଷୟରେ ଅବଗତ କରିବା ପାଇଁ ମେଳା ମହୋତ୍ସବ ଅପରିହାର୍ଯ୍ୟ। ଜଟଣୀ ୟୁଥ ଫେଡେରେଶନ ଯେଉଁ ପ୍ରୟାସ ଜାରି ରଖିଛି, ନିଶ୍ଚିତ ରୂପେ ପ୍ରଶଂସନୀୟ ବୋଲି ଆମନ୍ତ୍ରିତ ଅତିଥି ମତ ପ୍ରକାଶ କରିଥିଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ଶିଶୁ ପ୍ରତିଭା ରୂପେ ୨୦୨୨-୨୩ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଥିବା ସାଇ ସିମ୍ପୁଲ, ଯୁବ ସ୍ୱେଚ୍ଛାସେବୀ ଅବଦୁଲ ଆସିଫ, ବରିଷ୍ଠ ଦାନ୍ତ ବିଶେଷଜ୍ଞ ସୁନୀଲ କୁମାର ରାଉତରାୟ, ରାଜନୈତିକ ସଂଗଠକ ବିରଞ୍ଚି ନାରାୟଣ ସେଠୀ, ସମାଜସେବୀ ଦିନେଶ କୁମାର ମଙ୍ଗରାଜ, ସମାଜ ସଂସ୍କାରକ ଓ ଦିଗଦର୍ଶକ ଡାକ୍ତର ଉମାକାନ୍ତ ପଟନାୟକ ପ୍ରମୁଖଙ୍କୁ ୨୦୨୩ ବର୍ଷର ଯୁବ ସମ୍ମାନରେ ଆମନ୍ତ୍ରିତ ଅତିଥିଙ୍କ ଦ୍ୱାରା ମାନପତ୍ର, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଉତ୍ସବରେ ସଂଗଠନର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ମହାକୁଡ଼ ଏବଂ ଆଶୁତୋଷ ପ୍ରତାପସିଂ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଆଇନଜୀବୀ ଦୀପକ ମହାକୁଡ଼, ଅରୁଣ କୁମାର ସାହୁ, ମନମୋହନ ରାଉତରାୟ, ମହେନ୍ଦ୍ର ସାମନ୍ତରାୟ, ଶିବପ୍ରସାଦ ମହାପାତ୍ର, ପ୍ରଶନ୍ନ ଅଟଶାଣି, ପ୍ରଶାନ୍ତ କୁମାର ମିଶ୍ର, ଏମ୍.ଡି. ଇଫତିକାର ଅଲୀ, ଶକ୍ତିଧର ମହାପାତ୍ରଙ୍କ ସହିତ ବହୁ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ଆୟୋଜିତ ରଙ୍ଗାରଙ୍ଗ ମେଲୋଡି କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ।

# 'ମୋ ଘର' ଯୋଜନାରୁ ବାଦ୍, ଜିଲାପାଳଙ୍କୁ ଅଭିଯୋଗ

ବେଗୁନିଆ,୨୭।୯(ହର ପ୍ରସନ୍ନ ପଣ୍ଡା)

ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ହିତରେ ରାଜ୍ୟ ସରକାର 'ମୋ ଘର' ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଅନୁମୋଦିତ ଆବଶ୍ୟକୀୟ ପ୍ରମାଣପତ୍ର ଦାଖଲ କରି ଲୋକେ ତାଲିକାଭୁକ୍ତ ହୋଇଥିଲେ। ହେଲେ ବ୍ଲକ ପ୍ରଶାସନର ଖାମଖିଆଲ ନୀତି ଯୋଗୁ ଅନେକ ଲୋକ ଏହି ଯୋଜନାରୁ ବାଦ୍ ପଡିଛନ୍ତି। ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ବଡବେରଣା ଗ୍ରାମ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ। ସମସ୍ତ ପ୍ରମାଣପତ୍ର ଥାଇ ମଧ୍ୟ ଜଣେ ମହିଳା ହିତାଧିକାରୀଙ୍କୁ ଏହି ଯୋଜନାରୁ ବାଦ୍ ଦିଆଯାଇଛି। ସାଧାରଣ ବର୍ଗର ମହିଳା ହିତାଧିକାରୀ ଜଣଙ୍କ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ପଞ୍ଚାୟତିରାଜ ବିଭାଗ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ମେଲ ଜରିଆରେ ଅଭିଯୋଗ ପତ୍ର ପଠାଇଛନ୍ତି। ଅଭିଯୋଗ ମୁତାବକ, ଗ୍ରାମର ଅନସୂୟା ପଣ୍ଡା 'ମୋ ଘର' ଯୋଜନା ପାଇଁ ଗତ ଜୁନ୍‌ରେ ଉପଯୁକ୍ତ ପ୍ରମାଣପତ୍ର ସହିତ ଆବେଦନ କରିଥିଲେ। ସେ ପ୍ଲଟ୍ ନଂ. ୪୬୬ ଓ ଖାତା ୩୩୨/୧୧୬ ନଂ. ବିଶିଷ୍ଟ ନିଜ ଜାଗାରେ ନୂତନ ଘର ନିର୍ମାଣ କରିବା ଲାଗି ଋଣ ସହାୟତା ଯୋଗାଇ ଦେବାକୁ ଫର୍ମ ଦାଖଲ କରିଥିଲେ। ହେଲେ ଉକ୍ତ ସ୍ଥାନରେ ଗୋଟିଏ ବଖରା ପକ୍କା ଘର ଥିବା ଦର୍ଶାଇ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସୁପାରିସକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ବାଦ୍ ଦିଆଯାଇଥିଲା। ମାତ୍ର ହିତାଧିକାରୀ ଅନସୂୟା ଆବେଦନ କରିଥିବା ପ୍ଲଟ୍‌ରେ କୌଣସି ପକ୍କା ଘର ନ ଥିବା ଦେଖିବାକୁ ମିଳିଛି। ତେବେ ଠିକ ପ୍ରମାଣପତ୍ର ଥାଇ ମଧ୍ୟ ତାଙ୍କୁ କ'ଣ ପାଇଁ ଏହି ଯୋଜନାରୁ ବାଦ୍ ଦିଆଯାଇଛି ସେନେଇ ଅନସୂୟା ସୂଚନା ଅଧିକାର ଆଇନର ଆଶ୍ରୟ ନେଇଛନ୍ତି। ସେହିପରି ଉପଯୁକ୍ତ ମାର୍ଗରେ ସ୍ଥାନର ନିରୀକ୍ଷଣ କରା ନ ଯାଇ କେଉଁ କାରଣରୁ ବ୍ଲକ ପ୍ରଶାସନ ତାଙ୍କୁ ବାଦ୍ ଦେଇଛନ୍ତି ବୋଲି ଅନସୂୟା ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଏହାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ କୁହନ୍ତି, ତାଙ୍କ ପାଖରେ ଏପରି କୌଣସି ଅଭିଯୋଗ ହୋଇନାହିଁ।

# ହର୍ବାଲ୍ ଜୁସ୍ ପାଇଁ ବଢୁଛି ଗ୍ରାହକଙ୍କ ଆଦର

ଖୋର୍ଦ୍ଧା,୨୭।୯(ପ୍ରଭାତ ପାଣିଗ୍ରାହୀ)

ଦୈନିକ ଜୀବନଚର୍ଯ୍ୟା ଏବଂ ଖାଦ୍ୟପେୟରେ ଅସନ୍ତୁଳନ କାରଣରୁ ମନୁଷ୍ୟ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି। ମଧୁମେହ, ରକ୍ତଚାପ, ଅଧକପାଳି, କୋଷ୍ଠକାଠିନ୍ୟ, ଅଜୀର୍ଣ୍ଣ ପରି ଅନେକ ରୋଗରେ ଆକ୍ରାନ୍ତ ହୋଇ ଛଟପଟ ହେଉଛନ୍ତି। ଏହାର ନିରାକରଣ ପାଇଁ ପ୍ରାକୃତିକ ଉପରେ ସବୁଜ ତଟକାପତ୍ର, ପରିବା ଖାଦ୍ୟ ଗ୍ରହଣ ସହ ଜଡ଼ିବୁଟି, ଔଷଧୀୟ ଉପରେ ନିର୍ଭର କରୁଛନ୍ତି। ଏଥିରୁ ମୁକ୍ତି ପାଇଁ ଖୋର୍ଦ୍ଧା ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ ନିକଟରେ ଖୋଲିଛି ପୃଷ୍ଟି ହର୍ବାଲ ଜୁସ୍ କେନ୍ଦ୍ର। ସ୍ଥାନୀୟ ଶ୍ରୀବିହାର ଅଞ୍ଚଳର ରଞ୍ଜନ କୁମାର ପୃଷ୍ଟି ଗତ କିଛିଦିନ ହେଲା ଏହି କେନ୍ଦ୍ର ଖୋଲିଛନ୍ତି। ଏଠାରେ ବିଭିନ୍ନ ସବୁଜପତ୍ର, ତଟକା ପରିବା ତାଜା ପାନୀୟ (ଜୁସ୍) ମିଳିଥାଏ। ଅଲଗା ଅଲଗା ରୋଗ ପାଇଁ ଭିନ୍ନ ଜଡ଼ିବୁଟି ମିଶାଇ ସେ ପାନୀୟ ପ୍ରସ୍ତୁତ କରିଥାନ୍ତି। ସକାଳ ହେଲେ ପୃଷ୍ଟି ହର୍ବାଲ୍ ଜୁସ୍ କେନ୍ଦ୍ରରେ ଲୋକଙ୍କ ଭିଡ଼ ଜମୁଛି। ସକାଳୁ ମର୍ନିଂ ୱାକ୍ କରି ଫେରିବା ବେଳେ ଏଠାରେ ହର୍ବାଲ ଜୁସ୍ ସେବନ କରିଥାନ୍ତି। ଜାମୁପତ୍ର, ନିମ୍ବପତ୍ର, ପୋଦିନା ପତ୍ର, ଗହମ ଘାସ,



ତଟକା ସବୁଜ କଲରା, କାକୁଡ଼ି, ଘିକୁଆଁରୀ, ଅଶ୍ୱଗନ୍ଧା, ଗୁଳ୍‌ଚି, ବିଟ୍, ଗାଜର, ଲେମ୍ବୁ, ଅଁଳା, ଚିରେଇତା, ହଳଦି, ଅର୍ଜ୍ଜୁନଛେଲି, ଅଦା, ଭୃଷଙ୍ଗପତ୍ର ପ୍ରଭୃତି ବ୍ୟବହାର କରି ରଞ୍ଜନ ଏହି ଜୁସ୍ ପ୍ରସ୍ତୁତ କରିଥାନ୍ତି। ରଞ୍ଜନ କୁହନ୍ତି, ପୂର୍ବରୁ ଏଠାରେ ଫଳଜୁସ୍ ସେଣ୍ଟର ଖୋଲିଥିଲି। ୨୦୨୦ରେ ଦିଲ୍ଲୀ ବୁଲିବାକୁ ଯାଇଥିବାବେଳେ ବିଭିନ୍ନ ଛକ ସ୍ଥାନରେ ହର୍ବାଲ ଜୁସ୍ ସେଣ୍ଟର ଖୋଲିଥିବା ଦେଖି କୌତୂହଳ ଜାତ ହୋଇଥିଲା। ସମସ୍ତ ହର୍ବାଲ ଜୁସ୍ ସେଣ୍ଟରରେ ଲୋକଙ୍କ ଭିଡ଼ ରହୁଥିବା ଦେଖି ଜନୈକ ବ୍ୟବସାୟୀଙ୍କୁ ଏ ସମ୍ପର୍କରେ ପଚାରି ବୁଝିଥିଲି। ସହରାଞ୍ଚଳରେ ଲୋକେ କାର୍ଯ୍ୟବ୍ୟସ୍ତତା କାରଣରୁ ଠିକ ସମୟରେ ଖାଦ୍ୟପାନୀୟ ଗ୍ରହଣ କରିପାରୁନାହାନ୍ତି। ପୁଣି ଅଫିସ କାମ ବୋଝ ଯୋଗୁ ମାନସିକ ସ୍ତରରେ ଚାପଗ୍ରସ୍ତ ରହୁଛନ୍ତି। ସକାଳୁ ସକାଳୁ ତଟକା ପନିପରିବା, ଜୁସ ସେବନ କଲେ ମନ ହାଲୁକା ରହିବା ସହ ପେଟଗତ ଯାବତୀୟ ରୋଗରୁ ଉପଶମ ମିଳିଥାଏ। ସେଠାରୁ ପ୍ରେରଣା ପାଇବା ପରେ ମୁଁ ଖୋର୍ଦ୍ଧାରେ ହର୍ବାଲ ଜୁସ କେନ୍ଦ୍ର ଖୋଲିବା ପାଇଁ ମନସ୍ଥ କରିଥିଲି। ତେବେ କୋଭିଡ ମହାମାରୀ କଟକଣା ଯୋଗୁ ୨ବର୍ଷ ଫିକା ପଡ଼ିଲା। ଲକ୍‌ଡାଉନ, ଶଟ୍‌ଡାଉନ ମଧ୍ୟରେ ମୁଁ ସୋସିଆଲ ମିଡିଆରେ ଏହାର ପ୍ରସ୍ତୁତି ଏବଂ ପାଠ୍ୟ ପୁସ୍ତକ ଅଧ୍ୟୟନ କରି ନିଜେ ଘରେ ରହି ପ୍ରଶିକ୍ଷଣ ପାଇଥିଲି। ହର୍ବାଲ ଜୁସ୍ ବିକ୍ରି କରୁଥିବା କେତେଜଣ ଲୋକଙ୍କ ସହ ଯୋଗାଯୋଗ କରି ଏ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲି। ଚଳିତ ବର୍ଷ କିଛି ମାସ ହେଲା ଏଠାରେ ହର୍ବାଲ ଜୁସ୍ କେନ୍ଦ୍ର ଖୋଲିଛି। ଲୋକଙ୍କ ଚାହିଦା ରହିଛି। ବିଶେଷତଃ ଅଧିକ ସଂଖ୍ୟକ ମଧୁମେହ, ଉଚ୍ଚ ଓ ନିମ୍ନ ରକ୍ତଚାପ ଆକ୍ରାନ୍ତ ଏଠାକୁ ଆସି ଜୁସ୍ ପିଉଛନ୍ତି। ଯେଉଁମାନଙ୍କର ଅଜୀର୍ଣ୍ଣ ସମସ୍ୟା ରହୁଛି ସେମାନେ ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଗ୍ଲାସ୍ ପିଛା ଦର ୧୦ ଓ ୨୦ ଟଙ୍କା ରହିଛି। ଏ ନେଇ ଆଇନଜୀବୀ ଲୋତକ ବିନ୍ଦୁ ପଟ୍ଟନାୟକ କୁହନ୍ତି, ମୁଁ ମଧୁମେହରେ ପୀଡ଼ିତ। ଏହି କେନ୍ଦ୍ର ସମ୍ପର୍କରେ ଜାଣିବା ପରେ ସପ୍ତାହକୁ ୨ରୁ ୩ଥର ଆସି ହର୍ବାଲ ଜୁସ ସେବନ କରୁଛି। ଫଳରେ ଦିନସାରା ଫୂର୍ତ୍ତି ଅନୁଭବ କରିଥାଏ। ସେହିଭଳି ପାନବରଜର ସତ୍ୟ ନାରାୟଣ ବିଶୋଇ କୁହନ୍ତି, ମୋର ଯଦିଓ କୌଣସି ରୋଗ ନାହିଁ ତଥାପି ଏଠାରେ କଲରା, ନିମ୍ବପତ୍ର, ଗାଜର ଜୁସ ପିଇଥାଏ। ଟିକିଏ କଡ଼ା ଲାଗିଲେ ମଧ୍ୟ ଶରୀର ପାଇଁ ଉତ୍ତମ। ସେହିଭଳି ଯୁବ ସାମାଜିକ କର୍ମୀ ଅବ୍ୟକ୍ତ ହରିହର ଖାଡଙ୍ଗା କୁହନ୍ତି ରାସାୟନିକ ସାରଦିଆ ଖାଦ୍ୟ ଗ୍ରହଣ ଯୋଗୁ ଶରୀରରେ ବିଭିନ୍ନ ରୋଗ ସୃଷ୍ଟି ହେବା ସହ ପରବର୍ତ୍ତୀ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ଏଣୁ ପ୍ରାକୃତିକ ଉପାୟରେ ପ୍ରସ୍ତୁତ ହର୍ବାଲ ଜୁସ୍ ଶରୀରକୁ ସନ୍ତୁଳନ ରଖିବାରେ ସହାୟକ ହୋଇପାରିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୮ ସେପ୍ଟେମ୍ବର, ୨୦୨୩



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କବିବର ରାଧାନାଥ ରାୟଙ୍କ ୧୭୫ତମ ଜୟନ୍ତୀ, ପିଏମ୍‌ଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଓଡ଼ିଶା ଏଲିମେଣ୍ଟାରି ଶିକ୍ଷକ ସଂଘ ୭ ଦଫା ଦାବି ନେଇ ଆନ୍ଦୋଳନ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା।
- ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟର ଓଡ଼ିଶା ସଂଶୋଧନ ସମ୍ପର୍କରେ ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ସଂଗଠନ ସମ୍ମିଳନୀ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୦ଟା।
- ଇନ୍ଦୁ ଉତ୍ସବ, ଜମାତ୍ ଅହମଦିୟା, ମଧ୍ୟାହ୍ନ ୧୨ଟା ୩୦।
- ବର୍ଷା ଉତ୍ସବ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୫ଟା।
- ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଜାତୀୟ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

# ଘରୋଇ ନମ୍ବରଯୁକ୍ତ ବାଇକ୍‌ର ପରିବହନ ସେବାକୁ ବିରୋଧ

ଭୁବନେଶ୍ୱର,୨୭।୯
(ଅନୁରାଧା ମହାରଣା)

ଅନ୍‌ଲାଇନ୍ ପରିବହନ ସେବା ପ୍ରଦାନ କରୁଥିବା ଓଲା, ରାପିଡୋ, ଉବର ପକ୍ଷରୁ ବହୁ ବାଇକ୍ ରାଜ୍ୟରେ ବେଆଇନ ଭାବେ ଚଳାଚଳ କରୁଛି। ବ୍ୟକ୍ତିଗତ କାମ ଉଦ୍ଦେଶ୍ୟରେ ଲୋକମାନେ ବାଇକ୍ କିଣି ତାହାକୁ ଏସବୁ କମ୍ପାନୀ ଅଧୀନରେ ଅନ୍‌ଲାଇନ୍ ପରିବହନ ସେବାରେ ଲଗାଉଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବ୍ୟବସାୟିକ ଅନୁମତି ନ ନିଆଯାଇ ଏଭଳି ଆଇନ ଉଲ୍ଲଂଘନ କରୁଥିବା ଘରୋଇ ନମ୍ବରଯୁକ୍ତ ବାଇକ୍ ଚାଳକ ଓ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ-୧) ପକ୍ଷରୁ ମଙ୍ଗଳବାର ଶହୀଦନଗର ଥାନାରେ ଏ ସଂକ୍ରାନ୍ତରେ ଏତଲା ଦିଆଯାଇଛି। ଏତଲା ଅନୁଯାୟୀ, ଗତ ଏପ୍ରିଲ ୨୦ରେ ପରିବହନ ପାଇଁ 'ଏମ୍‌ଭି ଆକ୍ଟ, ୧୯୮୮' ଅଧୀନରେ 'ଦି ଓଡ଼ିଶା ଅନ୍-ଡିମାଣ୍ଡ ଟ୍ରାନ୍ସପୋର୍ଟେଶନ ଟେକ୍ନୋଲୋଜି ଆଗ୍ରିଗେଟର୍ସ ଗାଇଡ୍‌ଲାଇନ୍‌ସ - ୨୦୨୩' ସର୍ତ୍ତାବଳୀ ଅଣାଯାଇଥିଲେ ମଧ୍ୟ ଅନ୍‌ଲାଇନ୍ ସଂସ୍ଥାଗୁଡ଼ିକ ଏହାକୁ ମାନୁନାହାନ୍ତି। ବିନା ଏଗ୍ରିଗେଟର୍ ଲାଇସେନ୍ସରେ ବାଇକ୍‌ଗୁଡ଼ିକ ଚଳାଚଳ କରୁଛି। ଏଥିପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି। ଏପରିକି ଏହି ସର୍ତ୍ତାବଳୀ ମାନିବାକୁ ପରିବହନ କମିଶନରଙ୍କ ପକ୍ଷରୁ ଉକ୍ତ ସଂସ୍ଥାଗୁଡ଼ିକୁ ବାରମ୍ବାର ତାଗିଦ୍ କରାଯାଇଛି। ହେଲେ ସଂସ୍ଥା ପକ୍ଷରୁ ଏହି ନିର୍ଦ୍ଦେଶାବଳୀକୁ ପାଳନ କରା ନ ଯାଇ ବେଆଇନ ଭାବେ ଯାତ୍ରୀ ପରିବହନ ଜାରି ରହିଛି। ତେଣୁ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉକ୍ତ ଏତଲାରେ ଦର୍ଶାଯାଇଛି।


ଲୋୟର ପିଏମ୍‌ଜିରେ ସ୍ମାର୍ଟ ସିଟି ଅନଲାଇନ୍ ଅଟୋ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଉଛି।

**ଶହୀଦନଗର ଥାନାରେ ଆର୍‌ଟିଓ-୧ର ଏତଲା**

**ସ୍ମାର୍ଟ ସିଟି ଅନଲାଇନ୍ ଅଟୋ ସଂଘର ପ୍ରତିବାଦ**

ଅପରପକ୍ଷରେ ଏଭଳି ବେଆଇନ ଭାବେ ପରିବହନ କରୁଥିବା କରୁଥିବା ବାଇକ୍‌କୁ ନେଇ ସ୍ମାର୍ଟ ସିଟି ଅନଲାଇନ୍ ଅଟୋ ସଂଘ ପକ୍ଷରୁ ବିରୋଧ କରାଯାଇଛି। ବୁଧବାର ସକାଳେ ପ୍ରାୟ ୨ ଘଣ୍ଟା ଯାଏ ସଂଘ ପକ୍ଷରୁ ଶତାଧିକ ଅଟୋ ଚାଳକ ମାଷ୍ଟରକ୍ୟାଣ୍ଟିନ୍‌ରେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ବାଇକ୍‌ଗୁଡ଼ିକୁ କମର୍ସିଆଲ୍ କରାଯାଇ ବ୍ୟବସାୟରେ ଲଗାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏନେଇ ସଂଘ ସଭାପତି ଦିନବନ୍ଧୁ ନାୟକଙ୍କ କହିବା କଥା, ଅନ୍‌ଲାଇନ୍ ବ୍ୟବସାୟରେ ଲାଗୁଥିବା ବାଇକ୍‌କୁ ସଂଘ ପକ୍ଷରୁ ବିରୋଧ କରାଯାଉନାହିଁ। ଉକ୍ତ ବାଇକକୁ ବ୍ୟବସାୟିକ ପଞ୍ଜୀକରଣ କରାଯାଇ ଚଳାଚଳ କରାଯାଉ। ବାଇକ୍‌ଗୁଡ଼ିକର କମର୍ସିଆଲ ଲାଇସେନ୍ସ ନେବା ପାଇଁ ଆର୍‌ଟିଓରେ ସ୍ୱତନ୍ତ୍ର କାଉଣ୍ଟର୍ ଖୋଲାଯାଇଛି। କେବଳ ୨୭୦୦ ଟଙ୍କା ଦେଇ ଲାଇସେନ୍ସ କରିହେବ। ଏହି ଲାଇସେନ୍ସ ନେଇ ବାଇକ୍‌ଗୁଡ଼ିକ ଯାତ୍ରୀଙ୍କୁ ସେବା ପ୍ରଦାନ କରୁ ବୋଲି ଦୀନବନ୍ଧୁ କହିଛନ୍ତି।

# ଡିସିପିଙ୍କୁ ଶିଶୁ ସୁରକ୍ଷା ଆୟୋଗଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୨୭।୯(ସତ୍ୟଜିତ୍ ରାଉତ)

**ଅଗ୍ନିକାଣ୍ଡବେଳେ ନାବାଳକ ଉଦ୍ଧାର ଘଟଣା**

**ଅତିରିକ୍ତ ସିଡବ୍ଲ୍ୟୁସି ଦେଲା ନୋଟିସ୍**

ମେଟ୍ରୋ ଟାୱାରରେ ଅଗ୍ନିକାଣ୍ଡବେଳେ ଦୁଇ ନାବାଳକ ଉଦ୍ଧାର ଘଟଣାକୁ ନେଇ ପୋଲିସ ଅଡୁଆରେ ପଡ଼ିଛି। ନାବାଳକଦ୍ୱୟ ଏଠାରେ କାମରେ ନିୟୋଜିତ ଥିବାବେଳେ ଉଦ୍ଧାର ପରେ ଉଭୟଙ୍କୁ ଚାଲାଣକାରୀଙ୍କୁ ହସ୍ତାନ୍ତର କରାଯିବାକୁ ନେଇ ଶହୀଦନଗର ଥାନା ବିରୋଧରେ ଭୁବନେଶ୍ୱର ଚାଇଲ୍ଡଲାଇନ ପକ୍ଷରୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍)ଙ୍କ ନିକଟରେ ଅଭିଯୋଗ କରାଯାଇଛି। କମିଶନ ଏହି ପିଟିଶନ୍‌କୁ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି। କେଉଁ ପରିସ୍ଥିତିରେ ପୋଲିସ ଏଭଳି ପଦକ୍ଷେପ ନେଲା ଏବଂ ଏହା ଉପରେ କେଉଁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ନେଇ ଅକ୍ଟୋବର ୧୦ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି। ସେହିଭଳି ଚାଇଲ୍ଡଲାଇନ୍ ପକ୍ଷରୁ ଏନେଇ ଅତିରିକ୍ତ ସିଡବ୍ଲ୍ୟୁସିଙ୍କ ନିକଟରେ ମଧ୍ୟ ପିଟିଶନ୍ ଦାଖଲ କରାଯାଇଥିଲା। ସିଡବ୍ଲ୍ୟୁସି ଏହାର ଦ୍ରୁତ ଶୁଣାଣି କରି ଶହୀଦନଗର ପୋଲିସକୁ ନୋଟିସ୍ କରିଛନ୍ତି।

ସୂଚନାଯୋଗ୍ୟ, ମେଟ୍ରୋ ଟାୱାରର ପଞ୍ଚମ ମହଲାରେ ଏକ ଅଫିସ୍ କାମ ଚାଲିଥିଲା। ଏଥିରେ ଦୁଇ ନାବାଳକ ନିୟୋଜିତ ଥିଲେ। ରାତିରେ ସେମାନେ ସେଠାରେ ଶୋଇଥିବାବେଳେ ହଠାତ୍ ସେଠାରେ ନିଆଁ ଲାଗିଯିବାରୁ ଅଣନିଃଶ୍ୱାସୀ ହୋଇପଡିଥିଲେ। ଖବର ପାଇ ଅଗ୍ନିଶମ ଟିମ୍ ନାବାଳକଦ୍ୱୟଙ୍କୁ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲା। ନାବାଳକଙ୍କୁ କାମରେ ଲଗାଇବା ବେଆଇନ। ହେଲେ ପୋଲିସ ଏହାକୁ ଗୁରୁତ୍ୱ ନ ଦେଇ ଦୁଇ ନାବାଳକଙ୍କୁ ତାଙ୍କ ସମ୍ପର୍କୀୟ ମାମୁଙ୍କୁ ହସ୍ତାନ୍ତର କରିଦେଇଥିଲା। ଏପରିକି ପୋଲିସ କୌଣସି ମାମଲା ରୁଜୁ କରି ନ ଥିଲା। ଏଥିସହ ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ, ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଓ ଶିଶୁ ଚାଲାଣ ଆଇନକୁ ଉଲ୍ଲଂଘନ କରିଥିବା ନେଇ ଚାଇଲ୍ଡଲାଇନ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ)ଙ୍କୁ ମଧ୍ୟ ଚାଇଲ୍ଡଲାଇନ ପକ୍ଷରୁ ଅବଗତ କରାଯାଇଛି।

# ରାସ୍ତା କଡ଼ରୁ ମହିଳାଙ୍କୁ ଉଦ୍ଧାର କଲା ପୋଲିସ

**ବାରଙ୍ଗ,୨୭।୯ (ଲିଙ୍ଗରାଜ ରାଉତ):** ବାରଙ୍ଗ ଥାନା ଅଧୀନ ଷଣ୍ଢପୁର ଗ୍ରାମ ନିକଟରୁ ମଙ୍ଗଳବାର ବିଳମ୍ବିତ ରାତିରେ ଗୁରୁତର ଅବସ୍ଥାରେ ଜଣେ ଆଦିବାସୀ ମହିଳାଙ୍କୁ ଗୋଡିସାହି ଫାଣ୍ଡି ପୋଲିସ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ପଠାଇଛି। ପ୍ରକାଶ ଯେ, ଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତା କଡ଼ରେ ଗୁରୁତର ଅବସ୍ଥାରେ ଜଣେ ଆଦିବାସୀ ମହିଳା ଚେତାଶୂନ୍ୟ ଅବସ୍ଥାରେ ପଡିଥିଲେ। ମହିଳା ପିନ୍ଧିଥିବା ଶାଢି କେତେକାଂଶରେ ଚିରି ଯାଇ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ସହ ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ସ୍ଥାନୀୟ ଗ୍ରାମର କିଛି ଯୁବକ ଶୌଚ ପାଇଁ ପୁରୀ ମେନ କେନାଲକୁ ଯାଇଥିବାବେଳେ ମହିଳାଙ୍କୁ ଦେଖିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଗୋଡିସାହି ଫାଣ୍ଡି ପୋଲିସ ଆସି ଆହତ ମହିଳାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ନେଇଥିଲା। ତେବେ ମହିଳାଙ୍କ ଘର ମୟୂରଭଞ୍ଜ ଜିଲାରେ ହୋଇଥିବାବେଳେ ଏଠାକୁ କେମିତି ଆସିଲେ ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ।

# ଚପଲକୁ ନେଇ ଗଣ୍ଡଗୋଳ, ୪ ଗିରଫ

**ଭୁବନେଶ୍ୱର,୨୭।୯ (ସୂର୍ଯ୍ୟକାନ୍ତ ବେହେରା):** ଘର ବାହାରେ ରଖାଯାଇଥିବା ଚପଲକୁ ଗୋଇଠା ମାରି ଫୋପାଡିବାକୁ କେନ୍ଦ୍ର କରି ଖାରବେଳନଗର ଥାନା ଅନ୍ତର୍ଗତ ଦୁର୍ଗାମଣ୍ଡପ ବସ୍ତିରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଗାଳିଗୁଲଜ କରିବା ସହିତ ବାଉଁଶ ଓ ପ୍ଲାଷ୍ଟିକ ଚୌକିରେ ପରସ୍ପରକୁ ଆକ୍ରମଣ କରିଥିଲେ। ଏଥିରେ ଉଭୟ ପକ୍ଷ ଗୁରୁତର ଆହତ ହୋଇଥିଲେ। ଅଭିଯୋଗ ପରେ ପୋଲିସ ପୃଥକ ମାମଲା ରୁଜୁ କରି ଉଭୟ ପକ୍ଷରୁ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସତ୍ୟନଗର ଦୁର୍ଗାମଣ୍ଡପ ବସ୍ତିରେ ରହୁଥିବା ବାଲେଶ୍ୱରର ୨ଭାଇ ଅଜୟ କୁମାର ନାୟକ ଓ ବିଜୟ କୁମାର ଏବଂ ନୟାଗଡର ୨ ଭାଇ ମାନସ ନାୟକ ଓ ପ୍ରକାଶ ନାୟକ। ଅଭିଯୁକ୍ତମାନେ ଦୁର୍ଗାମଣ୍ଡପ ବସ୍ତିରେ ଥିବା ଜଣେ ମାଲିକଙ୍କ ଘରେ ଭଡାରେ ରହୁଛନ୍ତି।

# ଜୈବିକ କୃଷିକୁ ଗୁରୁତ୍ୱ, ମାର୍ଗଦର୍ଶିକା ପ୍ରସ୍ତୁତ ନିର୍ଦ୍ଦେଶ


କୃଷି ଭବନଠାରେ ଆୟୋଜିତ ବୈଠକରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ।

ଭୁବନେଶ୍ୱର, ୨୭।୯(ଅସମାପିକା ସାହୁ)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ବିଭିନ୍ନ ଯୋଜନାରେ 'ମୋ ଖତ', 'ଜିଆ ଖତ', ଫାର୍ମ କମ୍ପୋଷ୍ଟ ଆଦିର ପ୍ରୟୋଗକୁ ସୁନିଶ୍ଚିତ କରିବା ପାଇଁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ୭ ଦିନ ମଧ୍ୟରେ ଜୈବିକ କୃଷି ଉପାଦାନର ବ୍ୟବହାର ସମ୍ବନ୍ଧୀୟ ଏକ ମାର୍ଗଦର୍ଶିକା ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ବୁଧବାର କୃଷି ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ କୃଷି ବିଭାଗର ବିଭିନ୍ନ ଯୋଜନାରେ ଚାରାରୋପଣ କାର୍ଯ୍ୟକ୍ରମରେ ଜୈବିକ କୃଷି ଉପାଦାନର ବ୍ୟବହାର ସମ୍ପର୍କରେ ସମୀକ୍ଷା କରିଥିଲେ। 'ଜୈବିକ ଖତ', 'ଜିଆ ଖତ', 'ମୋ ଖତ' ଇତ୍ୟାଦିର ଗୁଣବତ୍ତାକୁ ସୁନିଶ୍ଚିତ କରିବା ପାଇଁ ବ୍ୟାପକ ଭାବରେ ନମୁନା ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଏଚ୍‌ଜି ମହିଳାଙ୍କ ଦକ୍ଷତା ବିକାଶ କରି ସେମାନଙ୍କୁ ଅଧିକ ସଂଖ୍ୟାରେ ଜୈବିକ ଖତ ପ୍ରସ୍ତୁତ କାର୍ଯ୍ୟରେ ନିୟୋଜିତ କରାଯାଇ ଉତ୍ପାଦିତ ଖତକୁ ବିଭାଗର ବିଭିନ୍ନ ଯୋଜନାରେ କିଣିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକ ସବୁ ଏସ୍‌ଏଚ୍‌ଜିକୁ ଜିଆ ଖତ ପ୍ରସ୍ତୁତ କରିବା ପାଇଁ ତାଲିମ ମାଧ୍ୟମରେ ଆବଶ୍ୟକ କୌଶଳ ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବେସରକାରୀ 'ଖତ' ଯୋଗାଣକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଖତର ଗୁଣାତ୍ମକ ମାନ ନିରୀକ୍ଷଣ ଓ ସେମାନଙ୍କ ପ୍ଲାଣ୍ଟର କ୍ଷମତା ପରିଦର୍ଶନ କରିବା ପାଇଁ ବିଭାଗର ଏକ ବୈଷୟିକ ଦଳ ପଠାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମିଶନ ଶକ୍ତି ବିଭାଗର ରାଜ୍ୟ ମିଶନ୍ ଡାଇରେକ୍ଟର ତଥା ସିଇଓ ଏନ୍. ତିରୁମାଲା ନାୟକଙ୍କ ସମେତ ନଗର ଓ ଗୃହ ନିର୍ମାଣ ବିଭାଗ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ସ୍ୱଚ୍ଛ ଭାରତ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବାବେଳେ ସମସ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ, ଉପନିର୍ଦ୍ଦେଶକ ପ୍ରମୁଖ ଭିଡିଓ କନ୍‌ଫରେନ୍ସରେ ଯୋଗଦେଇଥିଲେ।

# ଗଣେଶପୂଜା ଭସାଣିରେ ଏସିଡ୍ ମାଡ଼

**ଯୁବକ ଗୁରୁତର**

**ନିରାକାରପୁର,୨୭।୯(ମାନସ ଚନ୍ଦ୍ର ପଟ୍ଟନାୟକ):** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳରେ ମଙ୍ଗଳବାର ଗଣେଶ ଭସାଣିରେ ଏକ ଅଘଟଣ ଘଟିଛି। ସରପାରି ଗ୍ରାମରେ ଭସାଣି ପାଇଁ ମେଢ଼ ଯାଉଥିବାବେଳେ ଜଣେ ଯୁବକଙ୍କ ଏସିଡ୍ ମାଡ଼ରେ ସେହି ଗ୍ରାମର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ସରପାରି ଗ୍ରାମର ସନ୍ତୋଷ ସାହୁ। ତାଙ୍କୁ ମେଡିକାଲକୁ ନେଇ ଚିକିତ୍ସା କରାଯିବା ପରେ ସେ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏ ନେଇ ସେ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ୨୩ତାରିଖରେ ଗ୍ରାମରେ ଗଣେଶ ପୂଜା ଭସାଣି ଉତ୍ସବ ହେଉଥିଲା। ତେବେ କୌଣସି କାରଣ ନ ଥାଇ ସେଇ ଗ୍ରାମର କାଳନ୍ଦୀ ବେହେରା ଓରଫ କାଳିଆ ଏକ ଏସିଡ ଭର୍ତି ବୋତଲ ଧରି ହଠାତ ତାଙ୍କ ମୁଣ୍ଡକୁ ପିଟି ମୁଣ୍ଡ ଫଟାଇ ଦେବା ସହ ତାଙ୍କ ଉପରକୁ ଏସିଡ ଫିଙ୍ଗିଥିଲେ। ଏଥିଯୋଗୁ ତାଙ୍କର ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ସହ ପିଠି ଓ ବେକମୁଣ୍ଡା ପୋଡ଼ିଯାଇଥିଲା। ଏସିଡ ଜ୍ୱାଳା କଷ୍ଟରେ ସେ ଛଟପଟ ହେଉଥିବା ଦେଖି ପରିବାର ପକ୍ଷରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା ବୋଲି ସନ୍ତୋଷ ଏତଲାରେ ଉଲ୍ଲେଖ କରିଛନ୍ତି। ଏ ନେଇ ପୋଲିସ ଏକ କେସ୍ (ନଂ. ୩୩୮/୨୩) ରୁଜୁ କରି ତଦନ୍ତ ଚଳାଇଥିବା ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞାତୁମ୍ବରା କର କହିଛନ୍ତି।

# ଜିଆଇଏମ୍‌ରେ 'ଆଗମନ ୨୦୨୩'



କାର୍ଯ୍ୟକ୍ରମରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱର, ୨୭।୯(ଅସମାପିକା ସାହୁ)

ଭୁବନେଶ୍ୱରସ୍ଥିତ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ(ଜିଆଇଏମ୍) ପକ୍ଷରୁ 'ଆଗମନ ୨୦୨୩' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ନୂଆ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ମାଧ୍ୟମରେ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଆଇଏମ୍‌ର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ, ମଇଥାନ ଇସ୍ପାତ ଲିମିଟେଡ୍‌ର ମାନବ ସମ୍ବଳ ମୁଖ୍ୟ ଅଧିକାରୀ ମାନସ ରଞ୍ଜନ ମାନ୍ଧାତା, ଜିଆଇଏମ୍ ଅଧ୍ୟକ୍ଷ ପ୍ରଫେସର ଡ. ନରେନ୍ଦ୍ର କିଶୋର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନେ ଏମ୍‌ବିଏ/ଏମ୍‌ସିଏ କ୍ଷେତ୍ରରେ ଭଲ ପାଠ ପଢ଼ି ସୁନାମ ଆଣିବାକୁ ଗୁରୁତ୍ୱ ଦେଇଥିଲେ। ଜିଆଇଏମ୍ ଡିନ୍(ଆକାଡେମିକ) ଡ. ମୁନମୁନ ମହାନ୍ତି ଅତିଥି ପରିଚୟ ଓ ଡିନ୍(ଆଡମିନିଷ୍ଟ୍ରେଟିଭ) ପ୍ରଫେସର ବିପୁଲ କୁମାର ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ଜିଆଇଏମ୍‌ର ବରିଷ୍ଠ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାବ ବିନିମୟ କାର୍ଯ୍ୟକ୍ରମ କରାଯାଇଥିଲା।

# ଅଭିନେତ୍ରୀଙ୍କଠାରୁ ୨ଲକ୍ଷ ଠକେଇ, ଭିଡିଓ ଭାଇରାଲ ଧମକ

ଭୁବନେଶ୍ୱର,୨୭।୯(ସୂର୍ଯ୍ୟକାନ୍ତ ବେହେରା)

**ମହିଳା ଥାନାରେ ମାମଲା**

ଅଭିନେତ୍ରୀଙ୍କଠାରୁ ୨ଲକ୍ଷ ଟଙ୍କା ଠକିନେବା ପରେ ଏବେ ଗାଧୁଆ ବେଳର ଭିଡିଓକୁ ଭାଇରାଲ କରିଦେବାର ଧମକ ଦିଆଯାଉଛି। ଏନେଇ ଠକେଇର ଶିକାର ଅଭିନେତ୍ରୀ ଜଣକ ରିଙ୍କୁ ନାମକ ଜଣେ ଦଲାଲଙ୍କ ବିରୋଧରେ ମହିଳା ଥାନାରେ ବୁଧବାର ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା (ନଂ.୧୫୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଅଭିନେତ୍ରୀ ଜଣକ ଏକ ଏନ୍‌ଜିଓରେ କାମ କରିବା ସହ ୟୁଟ୍ୟୁବ୍ ଭିଡିଓ ଓ ଶର୍ଟଫିଲ୍ମରେ ଅଭିନୟ କରନ୍ତି। କିଛିବର୍ଷ ତଳେ ରିଙ୍କୁଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ରିଙ୍କୁ ବିଭିନ୍ନ ଯାତ୍ରାପାର୍ଟି, ଟିଭି ସିରିଏଲ ଓ ଡ୍ୟାନ୍ସ ଗ୍ରୁପ୍‌ରେ କଳାକାର ଯୋଗାଇଥାନ୍ତି। ତାଙ୍କ ପରାମର୍ଶରେ ଅଭିନେତ୍ରୀଜଣକ ଅନ୍ୟ ପ୍ରଯୋଜନା ସଂସ୍ଥାଠାରୁ ଦୂରେଇ ଯାଇଥିଲେ। ସମୟକ୍ରମେ ରିଙ୍କୁ ଅଭିନେତ୍ରୀଙ୍କୁ ନାନା ଆଳ ଦେଖାଇ ବିଭିନ୍ନ ପର୍ଯ୍ୟାୟରେ ୨ ଲକ୍ଷ ଟଙ୍କା ନେଇଥିଲେ। ଏହାସହ ଶାରୀରିକ ସମ୍ପର୍କ ରଖିବାକୁ ଉଦ୍ୟମ କରିବା ସହ ଦେହ ବେପାରରେ ନିୟୋଜିତ କରିବା ପାଇଁ ଯୋଜନା କରୁଥିଲେ। ସେଥିପାଇଁ ଶୁଟିଂ ବାହାନାରେ ତାଙ୍କୁ ବିହାର ନେଇଥିଲେ। ସେଠାରେ ତାଙ୍କୁ ବନ୍ଦୀ କରି ରଖାଯାଇଥିଲା। ଅଭିନେତ୍ରୀ ଜଣକ ସେଠାରୁ କୌଶଳକ୍ରମେ ଖସି ଆସିଥିଲେ ବୋଲି ସେ ଏତଲାରେ ଦର୍ଶାଇଛନ୍ତି।

# ମେଘ ବରଷିଲା ଟୁପୁରୁଟୁପୁରୁ

ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଶ୍ୱେତପଦ୍ମା କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ବୁଧବାର ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ମେଘ ବରଷିଲା ଟୁପୁରୁଟୁପୁରୁ' ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ, ସମାଜବିଜ୍ଞାନୀ ଲିନା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସିତାଂଶୁ ଶେଖର ରାଉତ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଗୀତିକାର ବୃନ୍ଦାବନ ଜେନା, ବାବାଜୀ ଚରଣ ଜେନା, ଗୌର ପଟ୍ଟନାୟକ, ସଫିକ୍ ଅହମ୍ମଦ, ଅଜୟ କୁମାର ମହାନ୍ତି, ମଧୁସୂଦନ ଦାସ, ହଂସନାଥ ମୁଦୁଲି, ବସନ୍ତ ଦାସ, ମହାଦା ଦଳବେହେରା, ସ୍ନେହଲତା ପୃଷ୍ଟି ପ୍ରମୁଖ ସଙ୍ଗୀତ ରଚନା କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ସନ୍ତୋଷ ଲେଙ୍କା, ସ୍ୱୟମ୍ ସମ୍ପୂର୍ଣ୍ଣା ଏବଂ ଅନ୍ତରୀକ୍ଷା କଣ୍ଠଦାନ କରିଥିଲେ। ମିନତୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସୂଚନା ଭବନଠାରେ ଅନୁଷ୍ଠିତ 'ମେଘ ବରଷିଲା ଟୁପୁରୁଟୁପୁରୁ' କାର୍ଯ୍ୟକ୍ରମରେ ଅତିଥିମାନେ ଜଣେ କଣ୍ଠଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# 'ଓଡ଼ିଆ ଭାଷାକୋଷରୁ ଭାଷାର ଆନନ୍ଦ ମିଳିଥାଏ'

ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ)

**ଗୋପାଳଚନ୍ଦ୍ର ପ୍ରହରାଜଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ପ୍ରତିମୂର୍ତ୍ତି ଅନାବରଣ**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରହରାଜ ପ୍ରତିଭା ପୂଜା ପରିଷଦ ପକ୍ଷରୁ ବୁଧବାର ସୂଚନା ଭବନଠାରେ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜଙ୍କ ୧୫୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ କହିଲେ, ଓଡ଼ିଆ ଭାଷାକୋଷରୁ ଭାଷାର ଆନନ୍ଦ ମିଳିଥାଏ। ତେଣୁ ଜୀବନର ଅର୍ଥ ଖୋଜୁଥିବା ଲୋକେ ହିଁ ଭାଷା ପାଖକୁ ଯାଆନ୍ତି। ସମ୍ମାନିତ ଅତିଥି ତଥା ଅବସରପ୍ରାପ୍ତ ପ୍ରଶାସକ ଓ ଲେଖକ ବିଜୟ ଚନ୍ଦ୍ର ଜେନା କହିଲେ, ପ୍ରହରାଜଙ୍କ ଭାଷାକୋଷକୁ ଗାନ୍ଧୀ ଓ ରବୀନ୍ଦ୍ରନାଥ ଠାକୁର ଦେଖି ପ୍ରଶଂସା କରିଯାଇଛନ୍ତି। ବିଶିଷ୍ଟ ଅତିଥି ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ କହିଲେ, ମଧୁବାବୁଙ୍କ ପ୍ରେରଣା ଭିତରୁ ଜନ୍ମ ନେଇଥିଲା ଓଡ଼ିଆ ଭାଷାକୋଷ। ଏକାଡେମୀ ପକ୍ଷରୁ ଭାଷାକୋଷର ନୂତନ ସଂସ୍କରଣ ପ୍ରକାଶ କରାଯାଇ ସୁଲଭ ମୂଲ୍ୟରେ ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କୁ ଯୋଗାଇ ଦିଆଯିବା ଆବଶ୍ୟକ। ମୁଖ୍ୟବକ୍ତା ଡ. ସଂଘମିତ୍ରା ଭଞ୍ଜ କହିଲେ, ଗୋପାଳ ପ୍ରହରାଜଙ୍କ ଭାଷାକୋଷ ଥିଲା ଅୟସ୍କାନ୍ତ ମଣି। କଟକ ଟ୍ରେନିଂ କଲେଜର ତତ୍କାଳୀନ ଅଧ୍ୟକ୍ଷ ହଣ୍ଡରସନ୍‌ଙ୍କ ଦ୍ୱାରା ପ୍ରେରିତ ହୋଇ ପ୍ରହରାଜ ଭାଷାକୋଷ ପ୍ରଣୟନକୁ ଜୀବନର ବ୍ରତ କରିଥିଲେ ବୋଲି ସେ ମତ ଦେଇଥିଲେ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ପୌରୋହିତ୍ୟ କରି କହିଲେ, ଓଡ଼ିଶାର ତିନୋଟି ଅମରକୃତି ହେଉଛି କୋଣାର୍କ, ଓଡ଼ିଆ ଭାଗବତ ଓ ପ୍ରହରାଜଙ୍କ ଭାଷାକୋଷ। କେବଳ ରାଜା, ଜମିଦାର ନୁହେଁ, ସାଧୁସନ୍ଥ ଓ ସାଧାରଣ ଲୋକଙ୍କ ସ୍ୱେଚ୍ଛାକୃତ ଅର୍ଥଦାନରେ ଆଲୋକ ଦେଖିଛି ବିଶାଳତମ ଓଡ଼ିଆ ଭାଷାକୋଷ। ଏହା ଏକ ସାଧାରଣ କାମ ନୁହେଁ, ଓଡ଼ିଆ ଭାଷାର ସୁରକ୍ଷା ଓ ସମୃଦ୍ଧି ଲକ୍ଷ୍ୟରେ ଏକ ଜାତୀୟ ଯଜ୍ଞ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ 'ପ୍ରଣାମ ପ୍ରହରାଜ' ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏକାଡେମୀର ଉପବିଭାଗ ଅଧିକାରୀ ସଞ୍ଜୟ ଛୁଆଳସିଂହ ସ୍ୱାଗତ ଭାଷଣ ଓ ଲକ୍ଷ୍ମୀପ୍ରିୟା ଓଝା ଅତିଥି ପରିଚୟ ଦେଇଥିବାବେଳେ ପୀୟୂଷ ପରିଡ଼ା ପରିଷଦର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପୀତାମ୍ବର ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ରଘୁନାଥ ପୃଷ୍ଟି ଧନ୍ୟବାଦ ଦେଇଥିଲେ।



ଜୟନ୍ତୀ ଉତ୍ସବରେ ଅତିଥିମାନେ ପୁସ୍ତକ 'ପ୍ରଣାମ ପ୍ରହରାଜ'କୁ ଉନ୍ମୋଚନ କରୁଛନ୍ତି।

ସକାଳେ ସଂସ୍କୃତି ବିଭାଗ ପକ୍ଷରୁ ପ୍ରହରାଜଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ମହାଲେଖାଗାର ସାମ୍ନାରେ ଅନାବରଣ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଅନନ୍ତ ନାରାୟଣ ଜେନା, ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଏକାଡେମୀ ସଭାପତି ଡ.ହୃଷୀକେଶ ମଲ୍ଲିକ ଓ ପ୍ରହରାଜଙ୍କ ଦାୟାଦ ତଥା ଲେଖକ ଶାନ୍ତନୁ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

**ମାଣିଆବନ୍ଧ ଉପ-ଡାକଘର ପକ୍ଷରୁ ସଚେତନତା, ଶୋଭାଯାତ୍ରା**

**ମାଣିଆବନ୍ଧ (ଅଖିଳ କୁମାର ସାହୁ):** ଭାରତ ସରକାରଙ୍କ ଡାକ ବିଭାଗ ପକ୍ଷରୁ ମହିଳା ସଶକ୍ତୀକରଣ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ନୂଆ ଯୋଜନା ଉପରେ ମାଣିଆବନ୍ଧ ଉପ-ଡାକଘର ଆନୁକୂଲ୍ୟରେ ଏକ ଜନସଚେତନତା ଓ ଶୋଭାଯାତ୍ରା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ଼ ଉପଖଣ୍ଡ ଡାକ ବିଭାଗ ପରିଦର୍ଶକ ଅମୂଲ୍ୟ ରଞ୍ଜନ ରଥ, ମାଣିଆବନ୍ଧ ଉପଡାକପାଳ ମାନକେତନ ବେହେରା ଓ ଡାକ ଓଭରସିୟର ସୁଜିତ କୁମାର ବାରିକ ଯୋଗଦେଇ ମହିଳା ସମ୍ମାନ ସଞ୍ଚୟ ପ୍ରମାଣପତ୍ର-୨୦୨୩ ଅନ୍ତର୍ଗତ ବିଭିନ୍ନ ଯୋଜନା ଉପରେ ଗ୍ରାମ ଶୋଭାଯାତ୍ରା କରି ଜନସଚେତନତା କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ନାରାୟଣ ରଥ, ଉପଡାକଘର କର୍ମଚାରୀ ରବୀନ୍ଦ୍ର କୁମାର ସାହୁ, ଈଶ୍ୱର ଚନ୍ଦ୍ର ସ୍ୱାଇଁ ଓ ଉପଡାକଘର ସମସ୍ତ ଶାଖା କାର୍ଯ୍ୟାଳୟ କର୍ମଚାରୀ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଜଏଣ୍ଟ କୋଅର୍ଡିନେଶନ କମିଟିର ବନ୍ଧୁମିଳନ କାର୍ଯ୍ୟକ୍ରମ

**ମଙ୍ଗୁଳି-ଜଗତପୁର,୨୭।୯(ମାନସ ସାମଲ):** ଜଗତପୁରସ୍ଥିତ ଦେବ ପ୍ୟାଲେସରେ ଜଏଣ୍ଟ କୋଅର୍ଡିନେଶନ କମିଟିର ଏକ ବନ୍ଧୁମିଳନ ବୁଧବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଚେୟାରମ୍ୟାନ ତଥା ମଙ୍ଗୁଳି ଟ୍ରକ ଆସୋସିଏଶନ ସଭାପତି ନରେନ୍ଦ୍ର ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଙ୍ଗୁଳି ନିର୍ଗୁଣ୍ଡି ଟ୍ରକ ଆସୋସିଏଶନ ସମ୍ପାଦକ ସୌଭାଗ୍ୟ ରାଉତରାୟ, ବିଲ ତେରୁଆଁ ଟ୍ରକ ମାଲିକ ଆସୋସିଏଶନ ସଭାପତି କସର ଖାନ, ଉପଦେଷ୍ଟା ରବୀନ୍ଦ୍ର ଜେନା, ରାମରହିମ ନିର୍ଗୁଣ୍ଡି ରେଲ୍‌ୱେ ସାଇଡ ଟ୍ରକ ଆସୋସିଏଶନ ସଭାପତି ଅବଦୁଲ୍ ଶାଭିର ଖାନ, ସମ୍ପାଦକ ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇ ପରସ୍ପର ମଧ୍ୟରେ ଏକତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ରାମରହିମ ନିର୍ଗୁଣ୍ଡି ରେଲ୍‌ୱେ ସାଇଡ୍ ଟ୍ରକ ଆସୋସିଏଶନ ଉପସଭାପତି ଜାକିର ଶାହା ଧନ୍ୟବାଦ ଦେଇଥିବାବେଳେ ଟାଙ୍ଗୀ ଅଞ୍ଚଳର ସମସ୍ତ ଟ୍ରକ ମାଲିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ସାଇଣ୍ଟୋ ଗ୍ରାମରେ ସମତା ଦୂତ ପ୍ରଶିକ୍ଷଣ

**ମଙ୍ଗୁଳି-ଜଗତପୁର,୨୭।୯(ମାନସ ସାମଲ):** ଟାଙ୍ଗି-ଚୌଦ୍ୱାର ବ୍ଲକ ଅଧୀନ ନପଙ୍ଗ ପଞ୍ଚାୟତ ସାଇଣ୍ଟୋ ଗ୍ରାମସ୍ଥିତ ଉତ୍କଳମଣି ସେବାସଂଘ କାର୍ଯ୍ୟାଳୟ ପରିସରରେ ଆମ୍ବେଦ୍‌କର ଲୋହିଆ ମଞ୍ଚ କଟକ ପକ୍ଷରୁ ସମତା ଦୂତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଶାଖା ସମ୍ପାଦକ ଅଶୋକ ସାମଲଙ୍କ ନେତୃତ୍ୱରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଆମ୍ବେଡକର ଲୋହିଆ ମଞ୍ଚର ରାଜ୍ୟ ସଭାପତି ସଂଗ୍ରାମ କେଶରୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅରବିନ୍ଦ ମଲ୍ଲିକ, ଅତିଥି ଭାବେ ଆଇନଜୀବୀ ସନ୍ତୋଷ ପ୍ରଧାନ ଯୋଗଦେଇ ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଆଲୋକପାତ କରିଥିଲେ। ଦେଶ ଓ ରାଜ୍ୟର ମହିଳାମାନେ ଅଧିକାଂଶ ସମୟରେ ଘରୋଇ ହିଂସାର ଶିକାର ହେଉଛନ୍ତି, ତାହା ସହ ଅନୁସୂଚିତ ଜାତି/ଜନଜାତିର ମହିଳାମାନେ ଅସ୍ପୃଶ୍ୟତାର ଶିକାର ହେବାର ଦେଖାଯାଉଛି। ଏହାକୁ ପ୍ରତିରୋଧ ଲକ୍ଷ୍ୟରେ କିପରି ନିରାକରଣ ଆଇନ ଆଣିବେ ସେଥିପ୍ରତି ଜନ ଜାଗରଣ ନିହାତି ଆବଶ୍ୟକତା ରହିଛି। ଏହାକୁ ଲକ୍ଷ୍ୟ ରଖି ଏହିଭଳି ପ୍ରଶିକ୍ଷଣ ବିଭିନ୍ନ ସ୍ଥାନ କରାଯାଇ ମହିଳାଙ୍କୁ ସଚେତନ କରାଯାଉଛି। ରାଜ୍ୟ ସମ୍ପାଦକ ତପନ ସାମଲ ସଭାପତିତ୍ୱ କରିଥିଲେ। ରାଜ୍ୟ କମିଟି ସଦସ୍ୟା/ସଦସ୍ୟ ଲିପିକା ମହାନ୍ତି, ଭରତ ଚନ୍ଦ୍ର ମଲ୍ଲିକ, ମିଞ୍ଜି ସେଠୀ, ଗୁଣ୍ଡିଚାମଲ୍ଲିକ, ସାଗର ସାମଲ, ସୁଚରିତା ନାୟକ ପ୍ରମୁଖଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସଦସ୍ୟ ତ୍ରିଲୋଚନ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

### ବ୍ଲକ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**କଟକ ସଦର,୨୭।୯(ସୁଶାନ୍ତ ଜେନା):** କଟକ ସଦର ବ୍ଲକ ପରିସରରେ ବୁଧବାର ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବିଡିଓ ରାଜୀବଲୋଚନ ପରିଡ଼ା, ଅତିରିକ୍ତ ବିଡିଓ ଖାଡେଶ୍ୱର ଦାସ ଓ ଅନ୍ୟ ଷ୍ଟାଫଙ୍କ ସହ ସ୍ୱଚ୍ଛତା କାର୍ଯ୍ୟକ୍ରମ ପାଳିଥିଲେ। ଏଥିରେ ବ୍ଲକ ପରିସରକୁ ସମସ୍ତ ଷ୍ଟାଫ ସଫା କରିଥିଲେ। ତେଜସ୍କର ସିଂ, ସମର ବେହେରା, ବିଭୂତି ଭୂଷଣ ପରିଡ଼ା, ବିତ୍ତୀୟ ଅଧିକାରୀ ସରିତା ବିଶ୍ୱାଳ, ଯଶସ୍ୱିନୀ ମହାନ୍ତି, ଲୋପାମୁଦ୍ରା ନାୟକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ସାହିତ୍ୟ ପ୍ରତି ସବୁସ୍ତରରେ ଆଗ୍ରହ ସୃଷ୍ଟି ହେଉ

**ସାଲେପୁର,୨୭।୯(ଅରବିନ୍ଦ ଭୂୟାଁ)**

ସାଲେପୁର ସାରସ୍ୱତ ସମାରୋହ ସମିତିର ୨୨ତମ ସ୍ୱନକ୍ଷତ୍ର ଦିବସ ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲ୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ କଟକ ଜିଲାପାଳ ଭବାନୀ ଶଙ୍କର ଚଇନି ଉଦ୍‌ଘାଟନ କରିଥିଲେ। ସାହିତ୍ୟ ପ୍ରତି ସବୁସ୍ତରରେ ଆଗ୍ରହ ସୃଷ୍ଟି କରାଯିବା ଉପରେ ସେ ଗୁରୁତ୍ୱଦେବା ସହ ମଣିଷ ଜୀବନରେ ବଞ୍ଚିବା ପାଇଁ ସଂଘର୍ଷ କରୁଛି। ଭଲ ହୃଦୟ ନେଇ ମଣିଷ ବଞ୍ଚିବା ଶ୍ରେଷ୍ଠ ହେବ। ଏହା କହିବା ସହ ନିଜର ସମୟ ଭିତରୁ କିଛି ବାହାର କରି କବିତା ରଚନା କରିଥାନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ତାଙ୍କର ନିଜସ୍ୱ କବିତା 'କିଛି ସ୍ମୃତି କିଛି ଅନୁଭୂତି' ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜସ୍ୱ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ କବି ଅଭୟ କୁମାର ନାୟକ ଯୋଗଦେଇ କବି ପ୍ରାଣ ସବୁବେଳେ ମଣିଷମାନଙ୍କ ମନର କଥା କହିଥାଏ ବୋଲି କହିଥିଲେ। ତାଙ୍କର କବିତା ପୁସ୍ତକରୁ 'ଅଧା ଗଢ଼ାଥିବା ଛାତଘର' ଉପରେ କବିତା ପାଠ କରିଥିଲେ। ରାଜ୍ୟ ସଂସ୍କୃତି ବିଭାଗର




ସାରସ୍ୱତ ସମାରୋହରେ ଉପସ୍ଥିତ ଅତିଥିମାନେ।

**ସାଲେପୁର ସାରସ୍ୱତ ସମାରୋହ ସମିତିର ୨୨ତମ ପ୍ରତିଷ୍ଠା ଦିବସ**

**ପୁସ୍ତକ ଉନ୍ମୋଚନ, କବିତା ପାଠୋତ୍ସବ**

ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇ ସାହିତ୍ୟ ପ୍ରକାଶ କରିବା କବିମାନଙ୍କ ପାଇଁ ଏକ ନିଆରା ଅନୁଭୂତି ଆଣିଥାଏ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ଶାଶ୍ୱତୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି କବି ପ୍ରଦୀପ୍ତ କୁମାର ଆଚାର୍ଯ୍ୟଙ୍କ ପୁସ୍ତକ 'କହିବା କାହାକୁ ଶୁଣିବା କିଏ' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ବିଷ୍ଣୁଚରଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ କବି ମଧୁସୂଦନ ଦାଶଙ୍କୁ ଚଳିତବର୍ଷ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମାନ ୨୦୨୩ ପ୍ରଦାନ କରାଯାଇଥିଲା। ସେହିପରି ସାରସ୍ୱତ ଗଳ୍ପ ସମ୍ମାନ ପ୍ରାଧ୍ୟାପିକା ପ୍ରେମଲତା ବେହେରା, ସାରସ୍ୱତ କବିତା ସମ୍ମାନ କବି ସରୋଜ କୁମାର ସାହୁ, ସାରସ୍ୱତ କଳା ସମ୍ମାନ ନାଟ୍ୟକାର ସନ୍ତୋଷ କୁମାର ମହାପାତ୍ର, ସାରସ୍ୱତ ସ୍ୱତନ୍ତ୍ର ପ୍ରତିଭା ସମ୍ମାନ ଯାଜପୁରର ଅଭିନେତା ସନ୍ତୋଷ କୁମାର ପରିଡ଼ା, ଡା. ରୁକ୍ମିଣୀ ଦେବୀ ସ୍ମାରକୀ ସାହିତ୍ୟ ସମ୍ମାନ ଅଧ୍ୟାପିକା ମୀରା ବେହୁରାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଡ. ତରୁଲତା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମୁଖ୍ୟବକ୍ତା ରୂପେ କବି ଭକ୍ତଚରଣ ସାହୁ, ଅତିଥି ରୂପେ ସାଲେପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋରଞ୍ଜନ ବାରିକ, ସଂଯୋଜକ ରୂପେ ମାର୍ଶାଘାଇ କଲେଜର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ସୁକାନ୍ତ କୁମାର ପ୍ରଧାନ ଯୋଗଦେଇ କବିତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମିତିର ସହସମ୍ପାଦକ ଦୟାନିଧି ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ଡ. ନିଖିଳେଶ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପରମାନନ୍ଦ ସ୍ୱାଇଁ ତାଙ୍କର ବହୁ ପୁସ୍ତକ ଅତିଥିମାନଙ୍କୁ ପ୍ରଦାନ କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ର ନାୟକ, ମାନସ କୁମାର ଦାଶ, ଅନନ୍ତ ଚରଣ ଦାଶ, ଅଧ୍ୟାପିକା ମମତା ପଣ୍ଡା, ଦୀପ୍ତିମୟୀ ରାଉତ, ରାମଚନ୍ଦ୍ର ସାହୁ, ସୁସ୍ମିତା ପଣ୍ଡା, ଅବସର ଷଡ଼ଙ୍ଗୀ, ପୂର୍ବତନ ପ୍ରଧାନ ଶିକ୍ଷକ ବିପିନ ବିହାରୀ କର, କବି ସଦାଶିବ ଦାଶ, କବି ପ୍ରସନ୍ନ ମିଶ୍ର, ଡ. ଗିରୀଶ ସାହୁ, ଡ. ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ସମେତ ବହୁ ସାହିତ୍ୟିକ, ଲେଖକ ଓ କର୍ମକର୍ତ୍ତା ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କୂଅରୁ ମିଳିଲା ଗଳିତ ମୃତଦେହ

**ଟିଗିରିଆ,୨୭।୯(ଜାଫର ଖାଁ)**

- ୩ ଦିନ ତଳେ ନିଖୋଜ ହୋଇଥିଲେ ଯୁବକ
- ହତ୍ୟା ଅଭିଯୋଗ ଆଣିଲେ ବାପା

କଟକ ଜିଲା ଟିଗିରିଆ ଥାନା ଅଞ୍ଚଳରେ ନିଖୋଜର ୩ ଦିନ ପରେ ଜଣେ ଯୁବକଙ୍କ ମୃତଦେହ ବୁଧବାର ଏକ କୂଅରୁ ଜବତ କରାଯାଇଛି। ଏହି ଘଟଣାକୁ ନେଇ ମୃତ ଯୁବକଙ୍କ ବାପା ହତ୍ୟା ଅଭିଯୋଗ ଆଣିଛନ୍ତି। ଏଭଳି ଘଟଣା ଘଟିଛି ଥାନା ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତର ଗୌତମପୁର ଗ୍ରାମର ଦାଶରଥି ଚନ୍ଦଙ୍କ ପୁଅ ସନ୍ତୋଷ (୨୫)ଙ୍କ କ୍ଷେତ୍ରରେ। ନୂଆପାଟଣାସ୍ଥିତ ପତିତପାବନ ମନ୍ଦିରକୁ ପୂଜା କରିବାକୁ ସନ୍ତୋଷ ସୋମବାର ପୂର୍ବାହ୍ନରେ ଯାଇ ଘରକୁ ଆଉ ଫେରି ନ ଥିଲେ। ପତିତପାବନ ମନ୍ଦିର ପରିସରରେ ପୁଅ ଚପଲ ପଡିଥିବା ପରିବାର ଲୋକ ପାଇଥିଲେ। ହେଲେ ତାଙ୍କୁ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ସନ୍ଧାନ ମିଳି ନ ଥିଲେ। ସନ୍ଧ୍ୟାରେ ବାପା ଦାଶରଥି ପୁଅ ନିଖୋଜ ନେଇ ଥାନାରେ ଅଭିଯୋଗ କରିଥିଲେ। ୩ ଦିନ ପରେ ବୁଧବାର ତାଙ୍କ ଗଳିତ ମୃତଦେହ କୂଅରେ ଭାସୁଥିବା ଅବସ୍ଥାରେ ଜବତ କରାଯାଇଛି। ବୁଧବାର ମନ୍ଦିର ପାଚେରି ବାହାରେ ଥିବା ଏକ କୂଅ ପାଖରୁ ଫୁଲ ତୋଳୁଥିବା ମହିଳାମାନେ ଭିତରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକଙ୍କୁ କହିଥିଲେ। ପରେ ପରିବାର ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଆଇଆଇସି ଜ୍ଞାନରଞ୍ଜନ ସାମଲ, ଏସ୍‌ଆଇ ସନ୍ତୋଷ କୁମାର ପ୍ରଧାନ, ଆଠଗଡ଼ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ, ଟିଗିରିଆ ଦମକଳ ବାହିନୀ ସହାୟତାରେ ମୃତଦେହକୁ କୂଅରୁ ଉଦ୍ଧାର କରି ବ୍ୟବଚ୍ଛେଦ କରିବାକୁ ଆଠଗଡ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ମୃତ ସନ୍ତୋଷଙ୍କ ବାପା ଦାଶରଥି ପୁଅକୁ ହତ୍ୟା କରାଯାଇ କୂଅରେ ପକା ଯାଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ନଂ. ୧୯୫/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଆଇଆଇସି ସାମଲ କହିଛନ୍ତି।

# ଅକ୍ଟୋବର ୨ରେ ଥାନା ଆଗରେ କଂଗ୍ରେସର ସତ୍ୟାଗ୍ରହ



**ବାଙ୍କୀ,୨୭।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

**ବାଙ୍କୀରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ପୋଲିସର ନିଷ୍କ୍ରିୟତା**

ବାଙ୍କୀରେ ଆଇନଶୃଙ୍ଖଳା ଦିନକୁଦିନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜନସାଧାରଣ ସେମାନଙ୍କ ଜୀବନକୁ ନିରାପଦ ମଣୁନାହାନ୍ତି। ପୋଲିସର ନିଷ୍କ୍ରିୟତା ବୃଦ୍ଧିପାଇବାକୁ ଲାଗିଛି। ପୋଲିସ ଅଧିକାରୀମାନେ ସରକାରୀ ଦଳର ନେତାମାନଙ୍କ ପ୍ରଭାବ ଯୋଗୁ ଲୋକଙ୍କୁ ଉଚିତ୍ ନ୍ୟାୟ ଦେଇପାରୁନାହାନ୍ତି। ଏହାର ପ୍ରତିବାଦ କରି ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ବାଙ୍କୀ ଥାନା ସମ୍ମୁଖରେ କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୁଧବାର ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ରାଜ୍ୟ କଂଗ୍ରେସ ଉପସଭାପତି ତଥା ବାଙ୍କୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ କାର୍ଯ୍ୟକ୍ରମକୁ ସଫଳ କରିବାକୁ କଂଗ୍ରେସର ବରିଷ୍ଠ ନେତାମାନେ ଏକାଠି ହୋଇଥିଲେ। ବାଙ୍କୀ ପୋଲିସର ନିଷ୍କ୍ରିୟତା ଯୋଗୁ ଜନସାଧାରଣ ନ୍ୟାୟ ପାଇପାରୁନାହାନ୍ତି ଏବଂ ସେମାନେ ପୋଲିସ ପାଖକୁ ଯାଇ ଅଭିଯୋଗ କରିବାକୁ ଡରୁଥିବା କଂଗ୍ରେସ କର୍ମୀମାନେ ବୈଠକରେ ଅଭିଯୋଗ କରିଥିଲେ। ଏଥିରେ ଯୁବ କଂଗ୍ରେସ ସଭାପତି ରାକେଶ ବେହେରା, କଂଗ୍ରେସ ଉପଦେଷ୍ଟା କ୍ଷେତ୍ରବାସୀ ଦାଶ, ଏନ୍‌ଏସି କଂଗ୍ରେସ ସଭାପତି କାଶୀନାଥ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ଆଇନଜୀବୀ ବିଶ୍ୱରଞ୍ଜନ ପଣ୍ଡା, ପୂର୍ବତନ କାଉନ୍‌ସିଲର ଗୋପୀନାଥ ବେହେରା, ଟଙ୍କଧର ବେହେରା, ବାବୁଲି ଦଳେଇଙ୍କ ସମେତ ବହୁ କର୍ମୀ ଆଲୋଚନାରେ ସାମିଲ ହୋଇଥିଲେ।

# ନର୍ସିଂହୋମ୍ ଚାଲୁଥିବା ଭଡ଼ାଘରକୁ ସିଲ୍ କଲା ବ୍ୟାଙ୍କ



ବ୍ୟାଙ୍କ ପକ୍ଷରୁ ଭଡ଼ାଘରେ ଚାଲିଥିବା ନର୍ସିଂହୋମ୍‌କୁ ସିଲ୍ କରାଯାଇଛି।

**ଚୌଦ୍ୱାର,୨୭।୯(ଆଶୁତୋଷ ଦାସ)**

ବ୍ୟାଙ୍କରୁ ଋଣ ଆଣି ଶୁଝି ନ ପାରିବାରୁ ବ୍ୟାଙ୍କ ପକ୍ଷରୁ ଚୌଦ୍ୱାର କଳିଙ୍ଗ ଛକ ନିକଟ ଏକ ଘରକୁ ବୁଧବାର ସିଲ୍ କରାଯାଇଛି। ଏଥି ସହିତ ଉକ୍ତ ଘରେ ଦୀର୍ଘଦିନ ହେବ ଭଡ଼ାରେ ଚାଲୁଥିବା ଏକ ନର୍ସିଂହୋମ୍‌ର ସମସ୍ତ ଆସବାବପତ୍ର ସହିତ ଚିକିତ୍ସାଧୀନ ରୋଗୀଙ୍କୁ ଉକ୍ତ ଘରୁ ବାହାର କରିଦିଆଯାଇଛି। ବ୍ୟାଙ୍କ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ, ୟୁନିୟନ୍ ବ୍ୟାଙ୍କରୁ ସ୍ଥାନୀୟ ଗୋଡ଼ିପାଟଣା ଗ୍ରାମର ଅଧିକାରୀ ବେହେରା ନାମକ ଜନୈକ ବ୍ୟକ୍ତି ନିଜ ନାମ ସହିତ ମହାବଳୀ ଅଏଲ ଓ ନୀଳାଚଳ ଏଣ୍ଟରପ୍ରାଇଜ୍ ନାମରେ ୨୦୧୬ରେ ୟୁନିୟନ୍ ବ୍ୟାଙ୍କରୁ ସୁଧ ମୂଳ ସମେତ ୨କୋଟି ୭୫ ଲକ୍ଷ ଟଙ୍କା ଋଣ କରି କଳିଙ୍ଗ ଛକରେ ୩୪୦ ଡିସିମିଲ ଜାଗାରେ ଘର କରିବା ସହିତ ଏହାକୁ ଭଡ଼ା ସୂତ୍ରରେ ନର୍ସିଂହୋମକୁ ଦେଇଥିଲେ। ଇତିମଧ୍ୟରେ ଋଣ ପରିଶୋଧ କରିବାକୁ ବ୍ୟାଙ୍କ ପକ୍ଷରୁ ବହୁବାର ଅଧିକାରୀଙ୍କୁ ନୋଟିସ୍ ଜାରି କରାଯାଇଥିଲେ ମଧ୍ୟ ସେ ଏହାକୁ କର୍ଣ୍ଣପାତ କରୁ ନ ଥିଲେ। ଏନେଇ ବ୍ୟାଙ୍କ ପକ୍ଷରୁ ଅଧିକାରୀଙ୍କ ବିରୋଧରେ ଏସ୍‌ଡିଜେଏମ୍ କୋର୍ଟରେ ଏକ ମାମଲା ରୁଜୁ କରାଯାଇ ୧୫ଦିନ ଭିତରେ ଘର ଖାଲି କରିବାକୁ ନୋଟିସ ଜାରି ହୋଇଥିଲା। ହେଲେ ଅଧିକାରୀ ନର୍ସିଂହୋମ ମାଲିକଙ୍କୁ ଏ ବାବଦରେ କୌଣସି ତଥ୍ୟ ପ୍ରଦାନ କରି ନ ଥିଲେ। ଓଲଟା ସେ ବ୍ୟାଙ୍କ ନାମରେ କୋର୍ଟରେ କେସ୍ କରିଛି, କିଛି ଅସୁବିଧା ହେବନି ବୋଲି ନର୍ସିଂହୋମ ମାଲିକଙ୍କୁ ଆଶ୍ୱାସନା ଦେଇଥିଲେ। ବୁଧବାର ବ୍ୟାଙ୍କ ମୁଖ୍ୟ ପ୍ରବନ୍ଧକ ଜୟପ୍ରକାଶ ସାହୁ, ଆଇନ ପ୍ରବନ୍ଧକ ଚନ୍ଦନ ପରିଡ଼ା, ବ୍ୟାଙ୍କ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ପ୍ରିୟମ୍ବଦା ଦାସ ଏବଂ ସ୍ଥାନୀୟ ପୋଲିସ, ବ୍ୟାଙ୍କର ପଦସ୍ଥ ଅଧିକାରୀବୃନ୍ଦ ଏସ୍‌ଡିଜେଏମ୍ କୋର୍ଟର ଓକିଲଙ୍କ ଉପସ୍ଥିତିରେ ନର୍ସିଂହୋମର ସମସ୍ତ ଜିନିଷ ଖାଲି କରି ଘରକୁ କବ୍‌ଜା କରିଥିବା ଜଣାପଡିଛି।

### ପୁରାଣ ପ୍ରସିଦ୍ଧ ଖପରଚଣ୍ଡୀ ପୀଠକୁ ପର୍ଯ୍ୟଟନ ମାନ୍ୟତା ଦାବି

**ବାଙ୍କୀ,୨୭।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତସ୍ଥ ସାମନ୍ତରାପୁରଠାରେ ପୁରାଣ ପ୍ରସିଦ୍ଧ ବୌଦ୍ଧ ଯୁଗର ଖପରଚଣ୍ଡୀ ମନ୍ଦିର ରହିଛି। ପୂର୍ବରୁ ମା'ଏକ ଓସ୍ତଗଛମୂଳେ ପୂଜା ପାଉଥିଲେ। ମା'ଙ୍କର ମୁଖ୍ୟ ଅସ୍ତ୍ର ଖପର। ଏହି ଅସ୍ତ୍ର ସାହାଯ୍ୟରେ ମା'ଶତ୍ରୁମାନଙ୍କୁ ବିନାଶ କରିଥାନ୍ତି। ୧୭୧୦ରେ ଡମପଡ଼ାଗଡ଼ର ତତ୍କାଳୀନ ରାଜା କୃପାସିନ୍ଧୁ ନରେନ୍ଦ୍ର ଭ୍ରମରରାୟ ଏକ ମନ୍ଦିର ନିର୍ମାଣ କରିଥିଲେ। ଶବର ସମ୍ପ୍ରଦାୟର ଦେହୁରୀ ପୂଜକମାନେ ମା'ଙ୍କୁ ପୂଜା କରିଥାନ୍ତି। ବୁଧବାର ସାରା ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଏହି ପୁରାଣ ପ୍ରସିଦ୍ଧ ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାକୁ ପ୍ରାଧ୍ୟାପକ ମନୋଜ କୁମାର ମହାପତ୍ର, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଦୀପକ ସାମନ୍ତରା ପ୍ରମୁଖ ସରକାରଙ୍କ ପାଖରେ ଦାବି କରିଛନ୍ତି।

### ବାଙ୍କୀ ଉପକାରାଗାର ସମ୍ମୁଖରେ ୱାର୍ଡରଙ୍କ ଧାରଣା

**ବାଙ୍କୀ,୨୭।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ବାଙ୍କୀ ଉପଖଣ୍ଡ କାରାଗାର ସମ୍ମୁଖରେ ବିଭିନ୍ନ ଦାବି ନେଇ ୱାର୍ଡରମାନଙ୍କ ଧାରଣା ଜାରି ରହିଛି। କାରାରକ୍ଷୀମାନଙ୍କ ଗ୍ରେଡ୍ ପେ ୧୯ଶହରୁ ୨ହଜାର ଟଙ୍କା, ମୁଖ୍ୟ କାରାରକ୍ଷୀମାନଙ୍କ ଗ୍ରେଡ ପେ ୨ ହଜାରରୁ ୨୪ଶହ ଟଙ୍କା, ପୁରୁଣା ପଦୋନ୍ନତି ନିୟମ ୨୦୧୨କୁ ଲାଗୁ କରିବା, ଉପଖଣ୍ଡସ୍ତରକୁ ବଦଳି ନିୟମ କୋହଳ କରିବା, ଖାଦ୍ୟ ଭତ୍ତା ୪ ଶହରୁ ୧୪ଶହ ଟଙ୍କାକୁ ବୃଦ୍ଧି କରିବା ଆଦି ଦାବି ରହିଛି। ରାଜ୍ୟ ସଂଘର ଆହ୍ୱାନକ୍ରମେ ବାଙ୍କୀ ଉପକାରାଗାରର ୬ଜଣ ୱାର୍ଡର ମଳୟ ସାମଲ, ନୀହାର ରଞ୍ଜନ ଜେନା, ସୂର୍ଯ୍ୟକାନ୍ତ ସାହୁ, ଲିଜାରାଣୀ ଦାଶ, ଶୁଭଲକ୍ଷ୍ମୀ ସ୍ୱାଇଁ ଉପକାରାଗାର ସମ୍ମୁଖରେ କଳାବ୍ୟାଜ୍ ପରିଧାନ କରି ସୋମବାରଠାରୁ ଆମରଣ ଅନଶନରେ ବସିଛନ୍ତି।

# ହିନ୍ଦୁ, ମୁସଲମାନ ଭାଇମାନେ ପାଳିଲେ ସୁନିଆ ପର୍ବ

**ମାହାଙ୍ଗା,୨୭।୯(ଯଯାତି ସିଂହ)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଣ୍ଡି ପଞ୍ଚାୟତସ୍ଥିତ ଜଗନ୍ନାଥପୁରଠାରେ ସୁନିଆ ପର୍ବ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ସୟଦ ମନସୁର ସାହେବ ବାବାଙ୍କ ପୀଠସ୍ଥଳୀରେ ହିନ୍ଦୁ ଓ ମୁସଲମାନ ଭାଇମାନେ ପୂଜା କରିଛନ୍ତି। ବରିଷ୍ଠ ପୂଜକ ଭାବେ ନସିରୁଦ୍ଦିନ ସାହା, କଦିରୁଦ୍ଦିନ ସାହା, ହାକିମ ସାହା ଓ ଶୋଭନ ସାହା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜକମାନେ ନନ୍ଦକିଶୋର ଗାଁରୁ ଜୁଲୁସ ନେଇ ପୂଜା ମଣ୍ଡପକୁ ଆସିଥାନ୍ତି। ଯେଉଁ ଶ୍ରଦ୍ଧାଳୁମାନଙ୍କ ମାନସିକ ପୂରଣ ହୋଇଥାଏ, ସେମାନେ ପୂଜା ମଣ୍ଡପରେ ଚାଦର ଅର୍ପଣ କରିଥାନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ, ସତ୍ୟଜିତ କିଶୋର ଦାସ, ରବୀନ୍ଦ୍ର ବାଗ, ସେକ ରହିମଉଦ୍ଦିନ, ଲତିଫୁର ରହେମନ, କାହ୍ନୁ ଚରଣ ସାହୁ, ବିରଜା ପ୍ରସାଦ ଦାସ, ପନ୍ନଗ ଭୂଷଣ ଦାସ, କ୍ଷୀରୋଦ ଦାସଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

# ଦଧୀଚି ଶିଳ୍ପ ତାଲିମ କେନ୍ଦ୍ରରେ ସମାବର୍ତ୍ତନ ସମାରୋହ

**କଣ୍ଠାପଡ଼ା,୨୭।୯(ସୁରନାରାୟଣ ସାହୁ)**

**ଗତ ୨ ବର୍ଷର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ**

କଣ୍ଠାପଡ଼ା ବ୍ଲକ ଅଧୀନ ସୁନ୍ଦରଗ୍ରାମସ୍ଥିତ ଦଧୀଚି ଶିଳ୍ପ ତାଲିମ କେନ୍ଦ୍ରରେ ସମାବର୍ତ୍ତନ ସମାରୋହ-୨୦୨୩ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗତ ୨ ବର୍ଷରେ ଆଇଟିଆଇର ଯେଉଁ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ, ସେମାନଙ୍କୁ ଏହି ସମାରୋହରେ ପୁରସ୍କୃତ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଦକ୍ଷତା ବିକାଶ ଅନୁଷ୍ଠାନର ମୁଖ୍ୟ ପ୍ରବନ୍ଧକ (ଏଲ୍ ଆଣ୍ଡ ଟି) ନୀହାର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ କ୍ଷେତ୍ରରେ ଆଇଟିଆଇର ଉପାଦେୟତା ସମ୍ପର୍କରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଅବଗତ କରାଇଥିଲେ। ସେହିପରି ଦଧୀଚି ସମୂହ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ମନୋଜ ଦାଶ ଓ ଟ୍ରଷ୍ଟି ଯୋଗ ଦେଇଥିଲେ। ଆଇଟିଆଇର ଅଧ୍ୟକ୍ଷା ସ୍ନିଗ୍ଧବେଦିତା ମହାନ୍ତି, ଡାଇରେକ୍ଟର ଏକାଡେମୀ ସଂଗ୍ରାମ କିଶୋର ପଟ୍ଟନାୟକ ପ୍ରମୁଖ ଆଇଟିଆଇ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ଆଇଟିଆଇର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଦଧୀଚି ଶିକ୍ଷାନୁଷ୍ଠାନ ସମୂହର ଡାଇରେକ୍ଟର ଆଡ୍‌ମିନଷ୍ଟ୍ରେସନ ସୀମାଞ୍ଚଳ ପଣ୍ଡା ଧନ୍ୟବାଦ ଦେଇଥିଲେ। ଶିକ୍ଷାନୁଷ୍ଠାନ ସମୂହର ପ୍ରଶିକ୍ଷଣ ଓ ନିଯୁକ୍ତି ଅଧିକାରୀ ହରେକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଧିକୁଦର ରକ୍ଷଣାବେକ୍ଷଣ, ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

**ଚୌଦ୍ୱାର,୨୭।୯(ଆଶୁତୋଷ ଦାସ)**

ଐତିହାସିକ ତଥା ପୌରାଣିକ ବିଶେଷତା ବହନ କରୁଥିବା ଚୌଦ୍ୱାରସ୍ଥିତ ବଧିକୁଦର ରକ୍ଷଣାବେକ୍ଷଣ ସହିତ ଏହାକୁ ଏକ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବାକୁ ଦାବି ହୋଇଛି। ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେଶନର ସଦସ୍ୟ ବଧୀକୁଦରେ ଏକତ୍ରିତ ହୋଇ ଏହି ଦାବି ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ, ବଧୀକୁଦର ଐତିହ୍ୟ, ଲୋକ କଥା ଓ ଏହାର ପ୍ରତିଷ୍ଠା ସମ୍ପର୍କରେ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହେବା ପରେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଏହି କୁଦର ଖନନ କରାଯାଇଥିଲା। ଖନନ କାର୍ଯ୍ୟ ସମ୍ପନ୍ନ ହେବା ପରେ ଏହାର ଏକ ସୁଦୃଶ୍ୟ ନୂଆ କଳେବର ପଦାକୁ ଆସିଲା। କୁଦର ନବ ରୂପଟି ଏକ ବୌଦ୍ଧ ଧର୍ମର ସମାଧି ଓ ପ୍ରାର୍ଥନା ସ୍ଥଳ ବୋଲି ସର୍ବେକ୍ଷଣ ବିଭାଗର କର୍ମକର୍ତ୍ତା ଜାଣିବାକୁ ପାଇଥିଲେ। ଏଏସ୍‌ଆଇ ପକ୍ଷରୁ ଏହାର ଚତୁର୍ପାର୍ଶ୍ୱରେ ତାରବାଡ଼ ଲଗାଯିବା ସହିତ ଏହି କ୍ଷେତ୍ରରେ ଏକ ସୁଦୃଶ୍ୟ ପାର୍କ ନିର୍ମାଣ କରାଯାଇଥିଲା। ଫଳରେ ପ୍ରତିଦିନ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ ଆସି ଉକ୍ତ ଐତିହାସିକ ସ୍ଥଳୀକୁ ଦେଖିବା ସହିତ ଏହି ମୁକ୍ତସ୍ଥଳରେ ସମୟ ବିତାଉଥିଲେ। ହେଲେ ରକ୍ଷଣାବେକ୍ଷଣ ଅଭାବରୁ କୁଦଟି ଏବେ ଜରାଜୀର୍ଣ୍ଣ ହୋଇ ପଡ଼ିଲାଣି। ଅସାମାଜିକ ବ୍ୟକ୍ତି କୁଦ ଚାରିପାଖର ତାରବାଡ଼କୁ କାଟି ନେବା ସହ ସେଠାରେ ବିଦ୍ୟୁତ୍ ବ୍ୟବସ୍ଥା ନ ଥିବାରୁ ରାତି ହେଲେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଉଦ୍ୟାନ ପାଣି ଓ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଟାଙ୍ଗରା ଭୂଇଁରେ ପରିଣତ ହେଲାଣି। ଏହି ଐତିହ୍ୟ କୀର୍ତ୍ତିରାଜିର ରକ୍ଷଣାବେକ୍ଷଣ ସହିତ ଏହାକୁ ପର୍ଯ୍ୟଟନସ୍ଥଳୀ ଘୋଷଣା କରିବାକୁ ଉଦ୍ଧାର ଫାଉଣ୍ଡେଶନ ସଭାପତି ନରୋତ୍ତମ ଦାସଙ୍କ ନେତୃତ୍ୱରେ ସମ୍ପାଦକ ଶିବାନନ୍ଦ ବାରିକ, ଦିଲୀପ ସାହୁ, କାହ୍ନୁ ଚରଣ ସେଠୀ, କେଦାରନାଥ ବେହେରା, ବିନୋଦ ପ୍ରଧାନ, ଶ୍ରୀକାନ୍ତ ଜେନା, କୃଷ୍ଣଚନ୍ଦ୍ର ଜେନା ଆଦି ପ୍ରମୁଖ ସରକାରଙ୍କ ନିକଟରେ ଦାବି କରିଛନ୍ତି।




ବିଶ୍ୱ ପର୍ଯ୍ୟଟନ ଦିବସରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେଶନ ପକ୍ଷରୁ ବଧିକୁଦର ରକ୍ଷଣାବେକ୍ଷଣ, ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି କରୁଛନ୍ତି।

# ଓଡ଼ିଶା ସାହିତ୍ୟର ଧ୍ରୁବତାରା ଥିଲେ ପ୍ରହରାଜ

**କଟକ ସଦର,୨୭।୯(ସୁଶାନ୍ତ ଜେନା)**

ଓଡ଼ିଆ ସାହିତ୍ୟର ବିକାଶ ପାଇଁ ସ୍ୱର୍ଗତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଉଦ୍ୟମ ଚିରସ୍ମରଣୀୟ ହୋଇ ରହିଥିବ। ଓଡ଼ିଆ ସାହିତ୍ୟ ଆକାଶରେ ଧ୍ରୁବତାରା ଭାବେ ପ୍ରହରାଜ ସର୍ବଦା ରହିଥିବେ ବୋଲି ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। କଟକ ସଦର ବ୍ଲକ ସିଦ୍ଧେଶ୍ୱରପୁର ଗ୍ରାମ ଗୋପାଳ ସ୍ମୃତି ବିଦ୍ୟାପୀଠରେ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତାଙ୍କ ୧୫୦ତମ ଜୟନ୍ତୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପ୍ରହରାଜ ପ୍ରତିଭା ପୂଜା ପରିଷଦର ମିଳିତ ଆନୁକୂଲ୍ୟରେ ଏହି ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ତଥା ସାହିତ୍ୟିକ ଶାନ୍ତନୁ ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଭାବେ ଡ. ପ୍ରତିଭା ଶତପଥୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ବିଜୟଚନ୍ଦ୍ର ଜେନା, ଶିକ୍ଷାବିତ୍ ନିଶାମଣି ସ୍ୱାଇଁ ଯୋଗଦେଇଥିଲେ। ଓଡ଼ିଆ ଶବ୍ଦକୋଷକୁ ହିନ୍ଦୀ, ଇଂଲିଶ ଓ ବଙ୍ଗଳା ଭାଷାରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ମାଧ୍ୟମରେ ସଂଯୋଜନା କରିବା ଭଳି ପଦକ୍ଷେପ ତାଙ୍କୁ ଚିରନମସ୍ୟ କରି ରଖିବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଡ. ଶତପଥୀଙ୍କୁ ଗୋପାଳଚନ୍ଦ୍ର ସାହିତ୍ୟ ସମ୍ମାନରେ ଭୂଷିତ କରାଯାଇଥିଲା। ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ର ସୂର୍ଯ୍ୟକାନ୍ତ ମହାପାତ୍ର, ଋତୁପର୍ଣ୍ଣା ମହାନ୍ତି ଓ ସିପ୍ରା ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ୨୦୨୩ ମାଟ୍ରିକ ପରୀକ୍ଷାରେ ଓଡ଼ିଆ ବିଷୟରେ ସର୍ବାଧିକ ନମ୍ବର ରଖିଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭୀମ ଟାଙ୍ଗୀ, ଭୁବନେଶ୍ୱରର ଛାତ୍ର ଆଶୁତୋଷ ନନ୍ଦ ସ୍ୱର୍ଗତ ଭାଗୀରଥି ଭୂୟାଁ ସମ୍ମାନରେ ସମ୍ମାନିତ ହୋଇଥିଲେ। ପ୍ରାରମ୍ଭରେ ସାହିତ୍ୟ ଏକାଡେମୀର ସଭ୍ୟ ସଞ୍ଜୟ ଛୁଆଳସିଂ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରହରାଜ ପ୍ରତିଭା ପୂଜା ପରିଷଦର ସଭାପତି ପ୍ରତାପ ଚନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ପୀୟୂଷ ରଞ୍ଜନ ପରିଡ଼ା, ରମାକାନ୍ତ ନାୟକ, ଲକ୍ଷ୍ମୀପ୍ରିୟା ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କବି ପୀତାମ୍ବର ମହାପାତ୍ରଙ୍କ ଦ୍ୱାରା ରଚିତ ଭିଜା ଭିଜା ବର୍ଷା ରାତି ପୁସ୍ତକର ଉନ୍ମୋଚନ କରାଯାଇଥିଲା। ଶେଷରେ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ନ୍ୟାୟ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ

ପୁରୀ, ୨୭।୯(ଅଜିତ ମହାନ୍ତି)

ଝିଅକୁ ଫେରାଇ ଆଣିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ପରିବାର ଲୋକେ ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କର ନାବାଳିକା ଝିଅକୁ ଜଣେ ମୁସଲମାନ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଗତ ୬ତାରିଖରେ ମନ୍ଦ ଉଦ୍ଦେଶ୍ୟ ରଖି କେଉଁଆଡ଼େ ନେଇ ଫେରାର ହୋଇଯାଇଥିବା କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଛି। ତେବେ ଥାନା ଅଧିକାରୀ ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ ଥାନାକୁ ଡାକି ପଚରାଉଚରା କରି ଛାଡିଦେବା ସହ କୋହଲ ଦଫା ଲଗାଇଛନ୍ତି। ଏପରିକି ପୁରୀ ସହରରେ ଅଭିଯୁକ୍ତ ଯୁବକ ବୁଲୁଥିଲେ ମଧ୍ୟ ଥାନା ଅଧିକାରୀ ଜାଣିଶୁଣି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ ଝିଅର ପରିବାରବର୍ଗ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି।

### ଗଣେଶପୂଜା ଭସାଣିରେ ଏସିଡ୍ ମାଡ଼, ଯୁବକ ଗୁରୁତର

ନିରାକାରପୁର,୨୭।୯
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳରେ ମଙ୍ଗଳବାର ଗଣେଶ ଭସାଣିରେ ଏକ ଅଘଟଣ ଘଟିଛି। ସରପାରି ଗ୍ରାମରେ ଭସାଣି ପାଇଁ ମେଢ଼ ଯାଉଥିବାବେଳେ ଜଣେ ଯୁବକଙ୍କ ଏସିଡ୍ ମାଡ଼ରେ ସେହି ଗ୍ରାମର ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ସରପାରି ଗ୍ରାମର ସନ୍ତୋଷ ସାହୁ। ତାଙ୍କୁ ମେଡିକାଲକୁ ନେଇ ଚିକିତ୍ସା କରାଯିବା ପରେ ସେ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏ ନେଇ ସେ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ୨୩ତାରିଖରେ ଗ୍ରାମରେ ଗଣେଶ ପୂଜା ଭସାଣି ଉତ୍ସବ ହେଉଥିଲା। ତେବେ କୌଣସି କାରଣ ନ ଥାଇ ସେଇ ଗ୍ରାମର କାଳନ୍ଦୀ ବେହେରା ଓରଫ କାଳିଆ ଏକ ଏସିଡ ଭର୍ତି ବୋତଲ ଧରି ହଠାତ ତାଙ୍କ ମୁଣ୍ଡକୁ ପିଟି ମୁଣ୍ଡ ଫଟାଇ ଦେବା ସହ ତାଙ୍କ ଉପରକୁ ଏସିଡ ଫିଙ୍ଗିଥିଲେ। ଏଥିଯୋଗୁ ତାଙ୍କର ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ସହ ପିଠି ଓ ବେକମୁଣ୍ଡା ପୋଡ଼ିଯାଇଥିଲା। ଏସିଡ ଜ୍ୱାଳା କଷ୍ଟରେ ସେ ଛଟପଟ ହେଉଥିବା ଦେଖି ପରିବାର ପକ୍ଷରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା ବୋଲି ସନ୍ତୋଷ ଏତଲାରେ ଉଲ୍ଲେଖ କରିଛନ୍ତି। ଏ ନେଇ ପୋଲିସ ଏକ କେସ୍ (ନଂ. ୩୩୮/୨୩) ରୁଜୁ କରି ତଦନ୍ତ ଚଳାଇଥିବା ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞାତୃପ୍ତରା କର କହିଛନ୍ତି।

### ବୋଲେରୋ ଧକ୍କାରେ ଯୁବକ ମୃତ: ବୋଲେରୋ ଜବତ

ନିରାକାରପୁର, ୨୭।୯
(ମାନସ ଚନ୍ଦ୍ର ପଟ୍ଟନାୟକ)

ବୋଲେରୋ ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ରାସ୍ତାରେ ଯାଉଥିବା ଯୁବକଙ୍କ ମୃତ୍ୟୁ ଘଟିଥିବା ନେଇ ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଜଗତସିଂହପୁର ଜିଲା ତରତଙ୍ଗ –ମୁଣ୍ଡା ସାହିର ପ୍ରଦ୍ୟୁମ୍ନ ବିଶ୍ୱାଳ (୨୬)। ତାଙ୍କ ଦାଦା ଚୈତନ୍ୟ ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ପୁତୁରା ତାଙ୍କ ପୁତୁରା ଜଙ୍କିଆ ଥାନା ଅଞ୍ଚଳରେ କିଛିଦିନ ହେବ ରହି ଏକ ମୋରମ ଖଣି ମାଲିକଙ୍କ ପାଖରେ କାର୍ଯ୍ୟ କରୁଥିଲେ। ତେବେ ସେ କୌଣସି କାର୍ଯ୍ୟ ବଶତଃ ଜଙ୍କିଆ ବଜାର ଅଞ୍ଚଳକୁ ଆସୁଥିଲେ। ଜଙ୍କିଆ ଥାନା ସନ୍ନିକଟ ୧୬ନମ୍ବର ଜାତୀୟ ରାଜପଥରେ ସେ ଆସି ଠିଆ ହୋଇଥିବା ସମୟରେ ବାଲୁଗାଁରୁ ଆସୁଥିବା ଓଡି–୩୩–ଏଏଚ–୪୭୪୦ନମ୍ବର ବିଶିଷ୍ଟ ବୋଲେରୋ ପ୍ରଦ୍ୟୁମ୍ନଙ୍କୁ ଧକ୍କା ଦେଇଥିଲା। ସେ ରାସ୍ତାରେ ଛିଟିକି ପଡିବାରୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ସରକାରୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ପ୍ରଚୁର ରକ୍ତସ୍ରାବ ଯୋଗୁଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା | ଗାଡି ଚାଳକଙ୍କ ବେପରୁଆ ଓ ମନମୁଖୀ ଗାଡି ଚାଳନା ଯୋଗୁଁ ତାଙ୍କ ପୁତୁରାଙ୍କର ମୃତ୍ୟୁ ହୋଇଥିବା ନେଇ ସେ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଘଟଣାସ୍ଥଳରେ ଜଙ୍କିଆ ପୋଲିସ ପହଞ୍ଚି ଗାଡିଟିକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ଶବକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିବା ସହ ତଦନ୍ତ ଚାଲିଥିବା ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞାରତ୍ନମ୍ବରା କର ସୂଚନା ଦେଇଛନ୍ତି ।

# ଅର୍ଥନୀତି, ସଦ୍‌ଭାବନାକୁ ସମୃଦ୍ଧ କରେ ପର୍ଯ୍ୟଟନ

ପୁରୀ, ୨୭।୯ (ଅଜିତ ମହାନ୍ତି)



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀମାନେ।

- ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ
- ପୁରୀ ରେଳଷ୍ଟେଶନ, ରଘୁରାଜପୁରରେ ପର୍ଯ୍ୟଟକଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ

ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପର୍ଯ୍ୟଟନ ଜଡ଼ିତ। ମଣିଷ ଭ୍ରମଣ ପ୍ରିୟ। ଆଉ ଏହି ପର୍ଯ୍ୟଟନ ଅର୍ଥନୀତି ଓ ପାରସ୍ପରିକ ସଦଭାବନାକୁ ସମୃଦ୍ଧ କରିଥାଏ ବୋଲି ପୁରୀ ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ବୁଧବାର ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ପୁରୀ ଏକ ଅଗ୍ରଣୀ ଜିଲା। ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏଠାରେ ବହୁବିଧ ବ୍ୟବସ୍ଥା କରାଯାଉଛି। ସାଧାରଣ ଜନତାଙ୍କ ସହଭାଗିତା ପର୍ଯ୍ୟଟନକୁ ଅଧିକ ପରିପକ୍ୱ କରିଥାଏ ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପର୍ଯ୍ୟଟନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପର୍ଯ୍ୟଟନ କୁଇଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟସ୍ତରରେ ଗଙ୍ଗାଧର ସରକାରୀ ଉଚ୍ଚ ବିଦ୍ୟାଳୟର ତନ୍ମୟୀ ସାହୁ ପ୍ରଥମ, କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ଶୁଭମ ଜ୍ୟୋତି ସ୍ୱାଇଁ ଦ୍ୱିତୀୟ, ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମିତ ବଳିଆରସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହାବିଦ୍ୟାଳୟ ସ୍ତରରେ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ତୁଷାରକାନ୍ତ ସାହୁ ପ୍ରଥମ, ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜର ଦୁର୍ଗାମାଧବ ମହାନ୍ତି ଦ୍ୱିତୀୟ, ସାକ୍ଷୀଗୋପାଳସ୍ଥିତ ଉତ୍କଳ ଗୌରବ ସ୍ମୃତି ମହାବିଦ୍ୟାଳୟର ଓମ ପ୍ରକାଶ ପରିଡା ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କୁଇଜ ପ୍ରତିଯୋଗିତାକୁ ଏସ୍‌ସିଏସ୍ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ନମିତା ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିଲେ। ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ପର୍ଯ୍ୟଟନ ବିଭାଗର କର୍ମଚାରୀ ସନ୍ତୋଷ ମହାନ୍ତି, ମଳୟ ପ୍ରଧାନ, ଅମୃତା ଦାଶ ପ୍ରମୁଖ ସହଯୋଗ କରିଥିଲେ। ପରେ ପୁରୀ ରେଲୱେ ଷ୍ଟେଶନ ଏବଂ ଐତିହ୍ୟ ଗ୍ରାମ ରଘୁରାଜପୁରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ପାରମ୍ପରିକ ଫୁଲ ଚନ୍ଦନ ଇତ୍ୟାଦି ଦେଇ ସ୍ୱାଗତ କରାଯାଇଥିଲା।

# ୬୭ ଚାଳକଙ୍କୁ ୪,୩୨, ୭୦୭ ଟଙ୍କା ଜରିମାନା

ପୁରୀ, ୨୭।୯ (ଅଜିତ ମହାନ୍ତି)

- ମୋଟରଯାନ ସଂଶୋଧିତ ଆଇନ ଉଲ୍ଲଂଘନ ଅଭିଯୋଗ
- ୬ ମଦୁଆ ଧରାପଡ଼ିଲେ

ଆଞ୍ଚଳିକ ପରିବହନ ବିଭାଗ ପୁରୀ ପକ୍ଷରୁ ମୋଟରଯାନ ସଂଶୋଧିତ ଆଇନ ଉଲ୍ଲଂଘନ କରୁଥିବା ଚାଳକଙ୍କ ବିରୋଧରେ ଚଢ଼ାଉ ଅଭିଯାନ ଜାରି ରହିଛି। ପରିବହନ କମିଶନର ଅମିତାଭ ଠାକୁରଙ୍କ ନିର୍ଦ୍ଦେଶ କ୍ରମେ ତଥା ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି ଡା. କନୱର ବିଶାଲ ସିଂଙ୍କ ତତ୍ତ୍ୱାବଧାନରେ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ରବିନ ପଟ୍ଟନାୟକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଚଢାଉ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରାତିରେ ଆର୍‌ଟିଓ ପଟ୍ଟନାୟକ ଏବଂ ବାସେଳିସାହି ଥାନା ପୋଲିସ ମିଳିତ ଭାବେ ମଙ୍ଗଳଘାଟ ଛକରେ ଯାନବାହନ ଯାଞ୍ଚ କରିଥିଲେ। ସମୁଦାୟ ୬୭ଜଣ ଗାଡ଼ି ଚାଳକଙ୍କଠାରୁ ଜରିମାନା ବାବଦକୁ ସମୁଦାୟ ୪,୩୨,୪୦୭ ଟଙ୍କାର ଚାଲାଣ କଟାଯାଇଥିବାବେଳେ ନଗଦ ୯୨,୪୮୭ ଟଙ୍କା ଆଦାୟ ହୋଇଛି। ଏହି ଧରପଗଡରେ ୬ଜଣ ମଦୁଆ ଧରାପଡ଼ିଛନ୍ତି। ଚଢାଉ ବେଳେ ଆର୍‌ଟିଓଙ୍କ ସମେତ ଏମ୍‌ଭିଆଇ ରାଜେଶ କୁମାର ମହାପାତ୍ର, ଆସିଷ୍ଟାଣ୍ଟ ଏମ୍‌ଭିଆଇ ଅମିତ କୁମାର ରଣା, ଟ୍ରାଫିକ ଇନ୍ସପେକ୍ଟର ସୁଶାନ୍ତ କୁମାର ପାତ୍ର ଏବଂ ବାସେଳିସାହି ଥାନା ଅଧିକାରୀ ମାନସ ରଞ୍ଜନ ବାରିକ ପ୍ରମୁଖ ସାମିଲ ଥିଲେ।

# 'ସେବା ପାଇଁ ସମ୍ମାନର ପାତ୍ର ହୋଇପାରିଛନ୍ତି ଫାର୍ମାସିଷ୍ଟ'

ପୁରୀ, ୨୭।୯(ଅଜିତ ମହାନ୍ତି)

**କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ପକ୍ଷରୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ**

ପୁରୀ–କୋଣାର୍କ ବେଳାଭୂମି ମାର୍ଗସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ ପକ୍ଷରୁ ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଟେକ୍ନୋଲୋଜିର ଡାଇରେକ୍ଟର ପ୍ରଫେସର ଡ. ପ୍ରଦୀପ ଭାବିଆ ଯୋଗଦେଇଥିଲେ। ଫାର୍ମାସିଷ୍ଟମାନେ ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ତୁଲାଇବା ସହ ଅଙ୍ଗଦାନ ପାଇଁ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଡ. ମିଶ୍ର କହିଥିଲେ, କରୋନା ଭଳି ମହାମାରୀ ସମୟରେ କଠିନ ପରିଶ୍ରମ ଓ ସେବା ପାଇଁ ଫାର୍ମାସିଷ୍ଟମାନେ ଆଜି ବିଶ୍ୱ ଦରବାରରେ ସମସ୍ତଙ୍କ ଆଦର ତଥା ସମ୍ମାନର ପାତ୍ର ହୋଇପାରିଛନ୍ତି। ସେହିପରି କଲେଜର ଚେୟାରପର୍ସନ ଅନିମା ଦାସ ରୋଗୀ ସେବା ହିଁ ମାଧବ ସେବା ମନୋଭାବ ରଖି କର୍ତ୍ତବ୍ୟ ସମ୍ପାଦନ କରିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଦ୍ୱିତୀୟ ବର୍ଷର ୨ୟ ସଂସ୍କରଣ ତ୍ରୟୋମାସିକ ସୂଚନା ପତ୍ରିକା ଉନ୍ମୋଚନ କରାଯିବା ସହ ବିଭିନ୍ନ ସରକାରୀ ଡାକ୍ତରଖାନାରେ କର୍ତ୍ତବ୍ୟରତ ଉକ୍ତ କଲେଜର ୬ଜଣ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବକ୍ତୃତା ଓ ପୋଷ୍ଟର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯାଇଥିଲା। ଅଧ୍ୟାପିକା ସୁନୀତା ମିଶ୍ର ଏବଂ ଅଧ୍ୟାପକ ସିଦ୍ଧେଶ୍ୱର ପ୍ରସାଦ ପାଟ୍ଟଯୋଶୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପାଧ୍ୟକ୍ଷ ଡ. ସଞ୍ଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।


ପୁରୀସ୍ଥିତ ଆଇଏମଟି ଫାର୍ମାସୀ କଲେଜ ତରଫରୁ ମଙ୍ଗଳବାର ବିଶ୍ୱ ଫାର୍ମାସୀ ଦିବସ ପାଳନ କରାଯାଉଛି।



ଆଲୋଚନାଚକ୍ରରେ ଅତିଥିମାନେ ସୂଚନା ପତ୍ରିକା ଉନ୍ମୋଚନ କରୁଛନ୍ତି।

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇର ପ୍ରତିବାଦ ସଭା

ସାକ୍ଷୀଗୋପାଳ,୨୭।୯ (ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର/ ଭରତ ରାଉତ)

**ବିଡିଓଙ୍କୁ ୧୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ**

ବୁଧବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ରାଜ୍ୟ କମିଟି ପକ୍ଷରୁ ରାଜ୍ୟ ବ୍ୟାପୀ ବିଭିନ୍ନ ଦାବିକୁ ନେଇ ଆନ୍ଦୋଳନ ଚାଲିଛି। ଏହି ପରିପ୍ରେକ୍ଷୀରେ ଏସ୍‌ୟୁସିଆଇ କମ୍ୟୁନିଷ୍ଟ ସତ୍ୟବାଦୀ ଆଞ୍ଚଳିକ କମିଟି ପକ୍ଷରୁ ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କମିଟିର ସଭ୍ୟ କମ୍ରେଡ୍ ଶ୍ୟାମସୁନ୍ଦର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ପାର୍ଟିର ପୂର୍ବ ଜିଲା କମିଟି ସମ୍ପାଦକ କମ୍ରେଡ୍ ସୁବାସ ବରାଳ ଓ ସତ୍ୟବାଦୀ ଆଞ୍ଚଳିକ କମିଟି ସମ୍ପାଦକ କମ୍ରେଡ୍ ସୁବାସ ବେହେରା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେବା ସହ ୧୪ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ସରକାରଙ୍କୁ ସତ୍ୟବାଦୀ ବିଡିଓ ଲୋଚନ ଦାଶଙ୍କ ଜରିଆରେ ପ୍ରଦାନ କରିଥିଲେ। କୃଷି ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରିବା ସହ ସମସ୍ତ ସହାୟତା ଯୋଗାଇ ଦେବା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ବୃଦ୍ଧି, ସତ୍ୟବାଦୀରେ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବା ସହ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଶୁଳ୍କ ଛାଡ଼ କରାଯିବା, ପାଣି ପଞ୍ଚାୟତ ଆଇନ ବାତିଲ କରିବା ସଙ୍ଗେ ସଙ୍ଗେ କେନାଲଗୁଡ଼ିକୁ ମରାମତି କରି ଯୁଦ୍ଧ କାଳୀନ ଭିତ୍ତିରେ ଜଳସେଚନ ବ୍ୟବସ୍ଥା କରାଯିବା ଆଦି ଦାବି ରହିଛି। ଆନ୍ଦୋଳନରେ କମ୍ରେଡ୍ ହଡିବନ୍ଧୁ ବେହେରା, ପଦ୍ମନାଭ ଭୋଇ, ବାସୁଦେବ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।



ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭା।

### ୪୫ ଗ୍ରାମ ବ୍ରାଉନସୁଗାର ଜବତ: ବେପାରୀ ଗିରଫ

ଖୋର୍ଦ୍ଧା,୨୭।୯ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବ୍ରାଉନସୁଗାର କାରବାର ଥମିବାର ନା ଧରୁନି। ଖୋର୍ଦ୍ଧା ଅବକାରୀ ପୋଲିସ ବୁଧବାର ନୂଆବସ୍‌ଷ୍ଟାଣ୍ଡ ନିକଟରେ ଚଢାଉ କରି ଜଣେ ବେପାରୀଙ୍କଠାରୁ ୪୫ ଗ୍ରାମ ବ୍ରାଉନସୁଗାର ସହ ଏକ କଳା ରଙ୍ଗର ହିରୋହୋଣ୍ଡା ବାଇକ୍ (ନଂ. ଓଆର୍ ୧୬ ବି ୪୪୭୫) ଜବତ କରିଛି। ଅଭିଯୁକ୍ତ ବେପାରୀ ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ପଲ୍ଲାହାଟର ସୁବ୍ରତ କୁମାର ପାତ୍ର(୩୩)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୪ ଲକ୍ଷ ୫୦ ହଜାର ଟଙ୍କା ହେବ। ସୂଚନା ଅନୁଯାୟୀ, ନୂଆବସ୍‌ଷ୍ଟାଣ୍ଡ ନିକଟରେ ସୁବ୍ରତ ବାଇକରେ ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ଅବକାରୀ ପୋଲିସ୍‌ର ଏକ ଟିମ୍ ସେଠାରେ ଚଢାଉ କରିଥିଲା। ପଚାରଉଚୁରା ବେଳେ ତାଙ୍କଠାରୁ ବ୍ରାଉନସୁଗାର ମିଳିଥିଲା।

### ହତ୍ୟା ଅଭିଯୋଗ ଆଣିଲେ ଯୁବକଙ୍କ ବାପା

ନିମାପଡ଼ା,୨୭।୯ (ବିଚିତ୍ରାନନ୍ଦ ସାହୁ)

**ଯୁବକଙ୍କ ଗଳା କାଟି ହତ୍ୟା ମାମଲା**

ନିମାପଡ଼ା ଥାନା ଅଧୀନ ରେଞ୍ଚଠାରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଥିଲା। ମୃତକ ହେଲେ ପିପିଲି ଥାନା ଅଧୀନ ଶିରିଆପୁର ଗ୍ରାମର ବାସୁଦେବ ଓଝା। ଏନେଇ ମୃତକଙ୍କ ବାପା ପ୍ରଭାକର ଓଝା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ପୁଅକୁ କେହି ପୂର୍ବ ଶତ୍ରୁ ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଏନେଇ ଦଫା ୩୦୨ରେ ୩୪୯/୨୩ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ଯୁବକଙ୍କ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ମେଡିକାଲକୁ ପଠାଇଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ରାତାରାତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଯୁବକଙ୍କ ମୃତଦେହଠାରୁ ୨ଶହ ମିଟର ଦୂରରେ ପଡ଼ିଥିବା ବାଇକ୍‌କୁ ପୋଲିସ୍ ଜବତ କରିଛି। ବାଲିପାଟଣା ଥାନା ଅଧୀନ ବିଶ୍ୱାଳପଡ଼ା ଗ୍ରାମରେ ମୃତ ଯୁବକଙ୍କ ଶ୍ୱଶୁରଘର ବୋଲି ଜଣାପଡ଼ିଛି।

# କୁଶଭଦ୍ରା ନଦୀରେ କୁମ୍ଭୀର ଆତଙ୍କ

ନିମାପଡ଼ା,୨୭।୯ (ବିଚିତ୍ରାନନ୍ଦ ସାହୁ)

କୁଶଭଦ୍ରା ନଦୀରେ ବୁଧବାର ଏକ କୁମ୍ଭୀରକୁ ଦେଖି ନଦୀ କୂଳ ଅଞ୍ଚଳରେ ବାସ କରୁଥିବା ଲୋକ ଆତଙ୍କିତ ହୋଇପଡ଼ିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଲୋକେ ନଦୀକୁ ସ୍ନାନ କିମ୍ବା ଶୌଚ ପାଇଁ ଯିବାକୁ ଡରୁଛନ୍ତି। ନିମାପଡ଼ା ବ୍ଲକ ଅଧୀନ ଧୀରପୁର, ଦିଘାଲୋ, ବାମଝାଟିପାଟଣା, ପ୍ରହରାଜ ସାହୁ ଆଦି ଗ୍ରାମବାସୀ ନଦୀର ଗଣ୍ଡପାଣିରେ ଏହି କୁମ୍ଭୀର ବୁଲୁଥିବା ଦେଖିଥିବା ଶୁଣିବାକୁ ମିଳିଛି। କୁମ୍ଭୀର ଭୟରେ ଉପରୋକ୍ତ ଗ୍ରାମବାସୀ ନଦୀ ପଠାକୁ ଗୋରୁ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁଙ୍କୁ ଛାଡୁ ନାହାନ୍ତି। ଗତ କିଛି ମାସ ତଳେ କୁଶଭଦ୍ରା ନଦୀରେ ଆସିଥିବା ବନ୍ୟାରେ ଏହି କୁମ୍ଭୀରଟି ଆସିଯାଇଥିବା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ବନ ବିଭାଗ ପାଖରେ କୌଣସି ଖବର ନ ଥିବା ଜଣାପଡିଛି। ଏ ବାବଦରେ ଫରେଷ୍ଟର ପ୍ରଦୀପ ପାଣିଗ୍ରାହୀଙ୍କୁ ପଚାରିବାରେ, ଏ ସମ୍ପର୍କରେ କୌଣସି ଠିକ୍ ତଥ୍ୟ ତାଙ୍କୁ ମିଳି ନାହିଁ। ଠିକ୍ ତଥ୍ୟ ମିଳିଲେ ନଦୀରୁ କୁମ୍ଭୀରକୁ ଧରାଯିବାକୁ ବନ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବ ବୋଲି ଫରେଷ୍ଟର ପାଣିଗ୍ରାହୀ କହିଛନ୍ତି। ଅନ୍ୟପକ୍ଷରେ ନଦୀରୁ ତୁରନ୍ତ କୁମ୍ଭୀରକୁ ଠାବ କରି ତାକୁ ଧରିବାରୁ ସ୍ଥାନୀୟ ଅଞ୍ଚଳବାସୀ ବନ ବିଭାଗ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।



# ଧୁମଧାମରେ ସରିଲା ଗଣେଶ ଭସାଣି ଉତ୍ସବ

ପୁରୀ, ୨୭।୯(ଅଜିତ ମହାନ୍ତି)

ବଡ଼ଦାଣ୍ଡସ୍ଥିତ ଅଶୋକ ବଜାର ବ୍ୟବସାୟୀଙ୍କ ସହଯୋଗରେ ଅନୁଷ୍ଠିତ ଗଣେଶ ପୂଜା ଭସାଣୀ ଉତ୍ସବ ଭକ୍ତିପୂତ ପରିବେଶ ମଧ୍ୟରେ ବୁଧବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି। ୯ଦିନ ଧରି ମଣ୍ଡପରେ ଅଗ୍ରପୂଜ୍ୟ ଗଜାନନ ପୂଜା ପାଇବା ପରେ ବୁଧବାର ସନ୍ଧ୍ୟାରେ ରୀତିନୀତି ଅନୁଯାୟୀ ବିଘ୍ନ ବିନାଶକଙ୍କ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଶୋକ ଗାଣପତ୍ୟ ସମିତିର କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କ ଉପସ୍ଥିତିରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଗଣନାୟକଙ୍କ ପ୍ରତିମୂର୍ତ୍ତିକୁ ଯଥାବିଧି ପୂଜାର୍ଚ୍ଚନା ପରେ ବିର୍ସଜନ ପାଇଁ ନିଆଯାଇଥିଲା। ପ୍ରଥମେ ବଡ଼ଦାଣ୍ଡରେ ପରିକ୍ରମା କରାଯିବା ପରେ ଠାକୁରଙ୍କୁ ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ପୋଖରୀରେ ନେଇ ବିସର୍ଜନ କରାଯାଇଥିଲା। ପୁରୀ ସହରରେ ୫୦ରୁ ଅଧିକ ମୂର୍ତ୍ତି ବିଭିନ୍ନ ମଣ୍ଡପରେ ପୂଜା ପାଉଥିଲେ ମଧ୍ୟ ଅଶୋକ ଗାଣପତ୍ୟ ସମିତିର ସ୍ୱତନ୍ତ୍ରତା ରହିଛି। ତେଣୁ ଏହି ପୂଜାମଣ୍ଡପରେ ଲୋକଙ୍କ ଗହଳିପରିଲକ୍ଷିତ ହୋଇଥାଏ। ସମିତିର ସଭାପତି ଜାନକୀ ନନ୍ଦନ ମହାନ୍ତିଙ୍କ କହିବା ଅନୁଯାୟୀ, ସମିତି ପକ୍ଷରୁ ସର୍ବଦା ପରିବେଶ ସୁରକ୍ଷା ଉପରେ ଧ୍ୟାନ ଦିଆଯାଇଆସୁଛି। ପ୍ରଦୂଷଣଠାରୁ ଦୂରରେ ରହି ସଚେତନତା ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ସମିତି ପକ୍ଷରୁ ମୂର୍ତ୍ତି ନିର୍ମାଣରେ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଉଛି। ସେହିପରି ପ୍ରତ୍ୟେକ ବର୍ଷ ପୂଜା ମଣ୍ଡପର ତୋରଣ ଭିନ୍ନ ଭିନ୍ନ ରହିଥାଏ। ଚଳିତ ବର୍ଷ ଟାଇଟନିକ ଜାହାଜର ତୋରଣ ନିର୍ମାଣ କରାଯାଇଥିଲା। ଯାହାକୁ ଦେଖିବା ପାଇଁ ସମସ୍ତଙ୍କ ମନରେ ଆଗ୍ରହ ପ୍ରକାଶ ପାଇଥିଲା। ଭାସାଣି ଶୋଭାଯାତ୍ରାରେ ସଭାପତି ଜାନକୀ ନନ୍ଦନ ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରଭାକର ପଣ୍ଡା, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ସହସମ୍ପାଦକ ଅଶୋକ କୁମାର ପୃଷ୍ଟି, କୋଷାଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସାହୁ, ଗୋପାଳ ଚୌଧୁରୀ, ସତ୍ୟନାରାୟଣ ସାହୁ, ଶଙ୍କର ପ୍ରସାଦ ନାୟକ, ଦୋଳଗୋବିନ୍ଦ ମହାନ୍ତି, ଲଲାଟେନ୍ଦୁ ସାହୁ, ମୁରୁଲୀଧର ନାୟକ, ଅଶୋକ କୁମାର ପ୍ରଧାନ, ଶରତ ପୃଷ୍ଟି, ନେତ୍ରାନନ୍ଦ ପାତ୍ର, ତ୍ରିନାଥ ସାହୁଙ୍କ ସମେତ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।


ଭସାଣି ପାଇଁ ଗଣେଶ ମେଢ଼ ଶୋଭାଯାତ୍ରାରେ ନିଆଯାଉଛି।

# ଶବ୍ଦ ପ୍ରଦୂଷଣ: ସଚେତନତା ଅଭାବରୁ ବଢୁଛି ବିପଦ

## କାର୍ଯ୍ୟକାରୀ ହେଉନି ଆଇନ

**ଭୁବନେଶ୍ୱର,୨୭।୯(ସତ୍ୟଜିତ୍ ରାଉତ)**

ରାଜ୍ୟରେ ଶବ୍ଦ ପ୍ରଦୂଷଣ ଚିନ୍ତା ବଢ଼ାଇଛି। ବିଭିନ୍ନ ସ୍ଥାନରେ ବିବାହ ରୋଷଣୀ, ଧାର୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ମନଇଚ୍ଛା ମ୍ୟୁଜିକ୍ ସିଷ୍ଟମ୍ ଓ ଡିଜେ ବ୍ୟବହାର ଫଳରେ ଅତ୍ୟଧିକ ଶବ୍ଦ ପ୍ରଦୂଷଣ ହେଉଛି। ଏଥିଯୋଗୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଅତ୍ୟଧିକ ଶବ୍ଦ ବୟସ୍କ ବ୍ୟକ୍ତି, ରୋଗୀ ଓ ଶିଶୁଙ୍କ ଉପରେ କୁପ୍ରଭାବ ପକାଉଛି। ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ମ୍ୟୁଜିକ୍ ସିଷ୍ଟମ୍ ଓ ଡିଜେ ଉପରେ କଟକଣା ଲଗାଇବାକୁ ସ୍ୱତନ୍ତ୍ର ଆଇନ ରହିଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ବିଶେଷକରି ଯୁବଗୋଷ୍ଠୀମାନେ ଏବେ ଗ୍ରାମାଞ୍ଚଳରେ ଶବ୍ଦ ପ୍ରଦୂଷଣ ଅଧିକ କରୁଥିବା ଦେଖିବାକୁ ମିଳୁଛି। ଏକାଧିକ ପୂଜା ଭସାଣିରେ ବିଭିନ୍ନ କମିଟି ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଡିଜେ ଆଣିବା ଉପରେ ଜୋର୍ ଦେଉଛନ୍ତି। କିଏ କେତେ ଉଚ୍ଚ ଧ୍ୱନି ସୃଷ୍ଟି କରିପାରୁଛି, ଏଥିପାଇଁ ସେମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଚାଲୁଛି। ସଚେତନ ନାଗରିକମାନେ ସେମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଭୟ କରୁଛନ୍ତି। ୨୦୨୧ ମାର୍ଚ୍ଚରେ ରାଜ୍ୟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ପରିବେଶ ତଦାରଖ ସେଲ୍ ବୈଠକରେ ଶବ୍ଦ ପ୍ରଦୂଷଣକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶବ୍ଦ ପ୍ରଦୂଷଣକୁ ରୋକିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ନିର୍ଦ୍ଦେଶ ଦେଇଥିଲେ। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଜିଲାପାଳ ଓ ଏସ୍‌ପିମାନଙ୍କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମେମ୍ବର ସେକ୍ରେଟାରୀ କେ. ମୁରୁଗେସନ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶ ଠିକ ଭାବେ ପାଳନ କରାଯାଉ ନାହିଁ, ଫଳରେ ଲୋକଙ୍କ ପାଇଁ ବିପଦ ବଢ଼ୁଛି ବୋଲି ପରିବେଶବିତ୍ ମତ ଦେଉଛନ୍ତି।



## ଆଇନ କ'ଣ କହୁଛି

'ଏନ୍‌ଭାଇରନ୍‌ମେଣ୍ଟ ପ୍ରୋଟେକ୍ସନ୍ ଆକ୍ଟ ୧୯୮୬' ଅନ୍ତର୍ଗତ 'ନଏଜ୍ ପୋଲ୍ୟୁସନ୍ (କଣ୍ଟ୍ରୋଲ ଏଣ୍ଡ୍ ରେଗୁଲେଶନ୍) ରୁଲ୍‌ସ ୨୦୦୦' ଅନୁଯାୟୀ ଶବ୍ଦ ପ୍ରଦୂଷଣ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ଏହି ନିୟମ ଅନୁଯାୟୀ, ବିଭିନ୍ନ ଅଞ୍ଚଳକୁ ୪ଟି ଜୋନ୍ ଯଥା ଇଣ୍ଡଷ୍ଟ୍ରିଆଲ ଏରିଆ, କମର୍ସିଆଲ୍ ଏରିଆ, ରେସିଡେନ୍ସିଆଲ ଏରିଆ ଓ ସାଇଲେନ୍ସ ଜୋନ୍‌ରେ ବିଭକ୍ତ କରାଯାଇଛି। ଦିନ ଓ ରାତି ପାଇଁ ଏହି ଅଞ୍ଚଳଗୁଡ଼ିକରେ କେତେ ଡେସିବଲ୍ ଯାଏ ଶବ୍ଦ ସୃଷ୍ଟି କରିହେବ ସେନେଇ ସମୟ ଧାର୍ଯ୍ୟ ରହିଛି। ସକାଳ ୬ରୁ ରାତି ୧୦ ଦିନ ଏବଂ ରାତି ୧୦ରୁ ସକାଳ ୬ ପର୍ଯ୍ୟନ୍ତ ରାତି ସମୟ ବୋଲି ସମୟସୀମା ଧରାଯାଉଛି। ଇଣ୍ଡଷ୍ଟ୍ରିଆଲ ଏରିଆରେ ଦିନ ବେଳା ୭୫ ଡେସିବଲ୍ ଓ ରାତିରେ ୭୦ ଡେସିବଲ୍ ଯାଏ ସର୍ବାଧିକ ଶବ୍ଦ ସୃଷ୍ଟି କରିହେବ। ସେହିଭଳି କମର୍ସିଆଲ୍ ଏରିଆ ପାଇଁ ଦିନ ୬୫ ଓ ରାତି ୫୫, ରେସିଡେନ୍ସିଆଲ୍ ଏରିଆ ପାଇଁ ଦିନ ୫୫ ଓ ରାତି ୪୫ ଏବଂ ସାଇଲେନ୍ସ ଜୋନ୍ ପାଇଁ ଦିନ ୫୦ ଓ ରାତି ବେଳା ୪୦ ଡେସିବଲ୍ ଯାଏ ଶବ୍ଦ ସୃଷ୍ଟି କରିହେବ। ଏଥିସହ ରାଜ୍ୟ ସରକାର କୌଣସି ସାଂସ୍କୃତିକ ଏବଂ ଧାର୍ମିକ ଉତ୍ସବ ପାଇଁ ରାତି ୧୨ଟା ପର୍ଯ୍ୟନ୍ତ ମ୍ୟୁଜିକ୍ ସିଷ୍ଟମ ପାଇଁ ଅନୁମତି ଦେଇପାରିବେ। ହେଲେ ଏହା ଗୋଟିଏ ବର୍ଷ ମଧ୍ୟରେ ସର୍ବାଧିକ ୧୫ ଦିନ ପାଇଁ ଏହି ଅନୁମତି ଦେଇପାରିବାକୁ ନିୟମ ରହିଛି। ଏହି ଆକ୍ଟ ଅନୁଯାୟୀ ଉଲ୍ଲଂଘନକାରୀଙ୍କୁ ୫ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ୧ ଲକ୍ଷ ଟଙ୍କା ଯାଏ ଜରିମାନାରେ ଦଣ୍ଡିତ କରାଯିବ। ଏଥିସହ ଆଇପିସି ଦଫା ୨୬୮, ୨୯୦, ୨୯୧ ଅନୁସାରେ ମଧ୍ୟ ଜରିମାନା ଏବଂ ଜେଲଦଣ୍ଡର ବ୍ୟବସ୍ଥା ରହିଛି।

### ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଦରକାର



ଶବ୍ଦ ପ୍ରଦୂଷଣ ରୋକିବାକୁ ସବୁପ୍ରକାର ଆଇନକାନୁନ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ହେଲେ ବାହାଘର, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ଡିଜେ ନ ବାଜିଲେ ଉକ୍ତ କାମ ଅସମ୍ପୂର୍ଣ୍ଣ ରହିଗଲା ବୋଲି ଲୋକଙ୍କ ଭାବନା ରହୁଛି। ଯାହା ପାଇଁ ଆମର ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି। ସେସବୁକୁ ଦୂରେଇ ଦେବା ପାଇଁ ଆମ ଭିତରେ ଯଥେଷ୍ଟ ସଚେତନତା ସୃଷ୍ଟି ହେବା ଦରକାର। ଏଥିପାଇଁ ଯେଉଁ ଆଇନ ବ୍ୟବସ୍ଥା ରହିଛି, ଆମେ ତାହାକୁ ସମ୍ମାନ ଦେବା ଦରକାର। ଜାଣିଶୁଣି ଆଇନ ଉଲ୍ଲଂଘନ କରୁଥିବା ଲୋକଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ପରିବେଶ ପ୍ରଦୂଷିତର ପ୍ରଭାବ ଗୋଟିଏ ଦିନରେ ହୁଏନାହିଁ। ଏହା ଲମ୍ବା ସମୟ ଅବଧି ମଧ୍ୟରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାଠୁ ଆରମ୍ଭ କରି କ୍ୟାନ୍‌ସର ପର୍ଯ୍ୟନ୍ତ ରୋଗ ଆଦି ବୃଦ୍ଧି ପାଇ ଚାଲିଛି। ଶବ୍ଦ ପ୍ରଦୂଷଣରୁ ସାଧାରଣ ଲୋକଙ୍କ କାର୍ଯ୍ୟଦକ୍ଷତା ହ୍ରାସ ପାଏ। ପଶୁପକ୍ଷୀମାନେ ମଧ୍ୟ ସମଭାବରେ ପ୍ରଭାବିତ ହୁଅନ୍ତି। ସମସ୍ତଙ୍କ ସୁବିଧା ଦୃଷ୍ଟିରୁ ପ୍ରଦୂଷଣ ସୃଷ୍ଟି କରୁଥିବା ଜିନିଷକୁ ଆମେ ବର୍ଜ୍ୟ କରିବା ଉଚିତ୍।

**– ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍**

### ପୋଲିସ, ପ୍ରଶାସନ ଜାଣିଶୁଣି ଚୁପ୍ ବସୁଛି



ଆମ ଅଞ୍ଚଳରେ ଅଧିକାଂଶ ସମୟରେ ଅତ୍ୟଧିକ ଶବ୍ଦ କରୁଥିବା ଡିଜେ ବଜାଯାଉଛି। ଅଧିକାଂଶ ଅନୁମତି ନ ଆଣି ଡିଜେ ବଜାଉଥିବାବେଳେ ଆଉ କିଛି ଆୟୋଜକ ନିର୍ଦ୍ଧାରିତ ସୀମା ମଧ୍ୟରେ ଡିଜେ ବଜାଇବାକୁ ଅନୁମତି ଆଣୁଥିଲେ ମଧ୍ୟ ତାହାକୁ ପାଳନ କରୁନାହାନ୍ତି। ସାଧାରଣ ଲୋକେ ପ୍ରତିବାଦ କଲେ ଅନେକ ସମୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହେଉଛି। ସ୍ଥାନୀୟ ପୋଲିସ ଓ ପ୍ରଶାସନ ଅନୁମତି ଦେଇ ଚୁପ୍ ବସୁଥିବାରୁ ଶବ୍ଦ ପ୍ରଦୂଷଣ ଲୋକଙ୍କ ପାଇଁ କାଳ ହେଉଛି।

**– ବିଶ୍ୱମ୍ଭର ବିଶ୍ୱଜିତ୍ ସାହୁ, ସଚେତନ ନାଗରିକ**

### ଅଭିଯୋଗ ଆସିଲେ ହେଉଛି କାର୍ଯ୍ୟାନୁଷ୍ଠାନ



ଶବ୍ଦ ପ୍ରଦୂଷଣ ରୋକିବାକୁ ଆମ ପକ୍ଷରୁ ସବୁ ପ୍ରକାର କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଶୋଭାଯାତ୍ରା ଆଦିରେ ୬୫ ଡେସିବଲ୍ ମଧ୍ୟରେ ଡିଜେ ବଜାଇବାକୁ ଅନୁମତି ଦିଆଯାଉଛି। ଏହାକୁ ଉଲ୍ଲଂଘନ କରାଯିବାର ଅଭିଯୋଗ ଆସିଲେ ଜରିମାନା ନିଆଯିବା ସହ ଡିଜେ ଗାଡ଼ି ଜବତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ୨ଦିନ ତଳେ ଧଉଳିରେ ଏକ ଡିଜେ ସିଷ୍ଟମ୍ ଜବତ କରାଯାଇ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଥିଲା। ସାଧାରଣ ଲୋକଙ୍କୁ ସମସ୍ୟାରେ ପକାଉଥିବା ମ୍ୟୁଜିକ୍ ସିଷ୍ଟମ୍ ବ୍ୟବହାର ନ କରିବାକୁ ଆମ ପକ୍ଷରୁ ବିଭିନ୍ନ ସମୟରେ ପରାମର୍ଶ ଦିଆଯାଉଛି।

**– ପ୍ରତୀକ ସିଂ, ଡିସିପି ଭୁବନେଶ୍ୱର**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ମଧୁସୂଦନ



@ ଆରିୟନ



@ ବୁଲୁ



@ ମଧୁସ୍ମିତା



@ ଅନିଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଦିନକରେ ନୀଳ ଗାଈ, ଦେଶୀ ଭାଲୁ ମୃତ

**ବାରଙ୍ଗ,୨୭।୯(ଲିଙ୍ଗରାଜ ରାଉତ):** ଗତ କିଛିଦିନ ଧରି ନନ୍ଦନକାନନରେ ଗୋଟିଏ ପରେ ଗୋଟିଏ ପଶୁପକ୍ଷୀଙ୍କ ମୃତ୍ୟୁ ଘଟିବାରେ ଲାଗିଛି। କୁଜିହରିଣ, ଚିତ୍ରାହରିଣ, ଦୁଇ ନୀଳ ଗାଈ, ବଜ୍ରକାପ୍ତା, କଳା ହଂସ ଆଦି ଜନ୍ତୁଙ୍କ ମୃତ୍ୟୁ ଘଟିଥିବାବେଳେ ବୁଧବାର ଏକ ମାଈ ନୀଳ ଗାଈ ଓ ଦେଶୀଭାଲୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ନନ୍ଦନକାନନର ୬୫ନମ୍ବର ଏନ୍‌କ୍ଲୋଜରରେ ରହୁଥିବା ୪/୫ବର୍ଷର ଏକ ମାଈ ନୀଳ ଗାଈର ପଛ ଗୋଡ ଖୋରାରେ ଗତ କିଛିଦିନ ତଳେ କ୍ଷତ ସୃଷ୍ଟି ହୋଇଥିବାରୁ ସେ ଚାଲିବାରେ କଷ୍ଟ ଅନୁଭବ କରୁଥିଲା। ଫଳରେ ଏଠାକାର ଡାକ୍ତର ତାର ଚିକିତ୍ସା କରୁଥିବାବେଳେ ବୁଧବାର ତାର ମୃତ୍ୟୁ ଘଟିଛି। ନୀଳଗାଈର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସପାଇ ୧୩ରେ ପହଞ୍ଚିଛି। ସେହିପରି ଭାଲୁ ସଫାରିରେ ରହୁଥିବା ୮ବର୍ଷର ଏକ ମାଈ ଦେଶୀଭାଲୁ ତାରିଣୀର ମଧ୍ୟ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ତାରିଣୀକୁ ୫ ମାସର ହୋଇଥିବାବେଳେ ମା'ବାପାଙ୍କୁ ହରାଇଥିଲା। ତାକୁ ଉମରକୋଟରୁ ୨୦୧୫ ସେପ୍ଟେମ୍ବର ୧୫ରେ ନନ୍ଦନକାନନକୁ ଅଣାଯାଇଥିଲା।

**ଅର୍ଥମନ୍ତ୍ରୀଙ୍କୁ ଭେଟିଲା ସରପଞ୍ଚ ମହାସଂଘ**

### ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟିକୁ ଯିବ ସ୍ମାରକପତ୍ର

**ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ):** ରାଜ୍ୟ ସରପଞ୍ଚ ମହାସଂଘର କର୍ମକର୍ତ୍ତାମାନେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ବିଧାନସଭା ପ୍ରକୋଷ୍ଠରେ ଭେଟି ସେମାନଙ୍କ ଦାବି ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅର୍ଥମନ୍ତ୍ରୀ ଆରୁଖ ସେମାନଙ୍କ ଦାବି ସମ୍ବନ୍ଧରେ ଅବଗତ ହେବା ପରେ ଏହି ଦାବିଗୁଡ଼ିକୁ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ଅଧିକ ନିରୀକ୍ଷଣ କରିବା ପାଇଁ ପଠାଯିବ ବୋଲି ପ୍ରକାଶ କରିଥିଲେ। ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ସରପଞ୍ଚମାନଙ୍କ ଦାବି ଓ ସମସ୍ୟା ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ନିରୀକ୍ଷଣ କରିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଆରୁଖ କହିଛନ୍ତି।




ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବୁଧବାର ନାଲ୍‌କୋ ପକ୍ଷରୁ ପୁରୀ ଗୋଲ୍ଡେନ୍ ବିଚ୍‌ରେ ଅନ୍ତର୍ଜାତୀୟ ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

### ନାଲ୍‌କୋ ପକ୍ଷରୁ ୱାର୍ଲଡ ଟୁରିଜମ୍ ଡେ

ଭୁବନେଶ୍ୱର,୨୭।୯: ନବରତ୍ନ କମ୍ପାନୀ ନାଲ୍‌କୋ ପକ୍ଷରୁ ବୁଧବାର ୱାର୍ଲଡ ଟୁରିଜମ୍ ଡେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱଚ୍ଛତା ପକ୍ଷ, ଆଜାଦୀ କା ଅମୃତ ମହୋତ୍ସବ ଏବଂ ଜି-୨୦ଭଳି ଜାତୀୟସ୍ତରର ଅଭିଯାନଗୁଡ଼ିକ ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପୁରୀର ଗୋଲ୍‌ଡେନ ବିଚ୍‌ଠାରେ ନାଲ୍‌କୋ ପକ୍ଷରୁ ଏକ ବାଲୁକା କଳାକୃତିର ଆୟୋଜନ କରାଯାଇଥିଲା। ବିଶେଷକରି ଅନ୍ତର୍ଜାତିକସ୍ତରରେ ଖ୍ୟାତି ଲାଭ କରିଥିବା ବାଲୁକା ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ଉକ୍ତ କଳାକୃତିକୁ କମ୍ପାନୀର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ପୁରୀର ଗୋଲ୍‌ଡେନ ବିଚ୍ (ବେଳାଭୂମି) ଠାରେ ନିର୍ମିତ ଉକ୍ତ ବାଲୁକା କଳାକୃତି ପର୍ଯ୍ୟଟକମାନଙ୍କୁ ବିଶେଷ ଭାବେ ଆକୃଷ୍ଟ କରିବ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଇଛି।

# କଳିଙ୍ଗ ରାଇଡର୍ସରେ ସାମିଲ ହେଲେ ୧୫୦ ବାଇକର୍ସ




ଭୁବନେଶ୍ୱରସ୍ଥିତ ସ୍ୟାଣ୍ଡିସ୍ ଟାୱାରଠାରେ ସୁପର ବାଇକ୍ ରାଲିକୁ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର,୨୭।୯(ଶର୍ମିଷ୍ଠା ପାଣିଗ୍ରାହୀ)**

ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସୁପର ରାଇଡର୍ସ ସଂଘ ପକ୍ଷରୁ ବାର୍ଷିକ ସୁପର ବାଇକ୍ ରାଲି 'କଳିଙ୍ଗ ରାଇଡର୍ସ' ଭୁବନେଶ୍ୱରସ୍ଥିତ ସ୍ୟାଣ୍ଡିସ୍ ଟାୱାରରୁ ବାହାରି କଟକସ୍ଥିତ ସିଲ୍‌ଭର ସିଟି ବୋଟ କ୍ଲବ୍‌ରେ ପହଞ୍ଚିଥିଲା। ଏଥିରେ ଓଡ଼ିଶା ସୁପର ରାଇଡର୍ସର ପ୍ରାୟ ୧୫୦ ଜଣ ସଦସ୍ୟ ଭାଗ ନେଇଥିଲେ। ଏହି ରାଲିକୁ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ରାଜ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଏବଂ ଉଦ୍ୟୋଗୀଙ୍କ ସମେତ ବିଭିନ୍ନ ଅଂଶୀଦାରମାନେ ହାତ ମିଳାଇବା ଉଚିତ୍। ବିଭାଗୀୟ ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ, ୩ ବର୍ଷ ତଳେ ଆରମ୍ଭ ହୋଇଥିବା 'ଓଡ଼ିଶା ବାଇ ରୋଡ୍ ଅଭିଯାନ' ମାଧ୍ୟମରେ ଅଧିକରୁ ଅଧିକ ଉତ୍ସାହୀ ସୁପର ବାଇକରମାନେ ଯୋଗଦେବା ସହ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପର୍ଯ୍ୟଟନ ନିଗମର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ମୟୂର ସୂର୍ଯ୍ୟବଂଶୀ, ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ଅଲୋକ ଯୋଶୀ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଉପଦେଷ୍ଟା ଦୁର୍ଗା ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ବାଇକ୍ ରାଲି କଟକରେ ପହଞ୍ଚିବା ପରେ ନିର୍ଦ୍ଦେଶକ ଯାଦବ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ପାଠ କରିଥିଲେ। ସେଠାରେ ଉପସ୍ଥିତ ଥିବା କଟକ ଏମ୍‌ପି ଭର୍ତ୍ତୃହରି ମହତାବ କଟକସ୍ଥିତ ତାଳଦଣ୍ଡା କେନାଲ୍‌ରେ 'ବ୍ୟଞ୍ଜନ ଖାଦ୍ୟ କୋର୍ଟ', 'ୱାଟର ସ୍ପୋର୍ଟସ ଜୋନ୍' ଏବଂ ସିଲ୍‌ଭର ସିଟି ବୋଟ୍ କ୍ଲବ୍ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବାର ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ-ବାରବାଟି ବିଧାୟକ ମହମ୍ମଦ ମୋକିମ୍, ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, କଟକ ମେୟର ସୁବାସ ସିଂ, ସିଡିଏ ଅଧ୍ୟକ୍ଷ ଅନିଲ୍ ସାମଲ, କଟକ ଜିଲାପାଳ ଭବାନୀ ଶଙ୍କର ଚଇନି, ଓଡ଼ିଶା ସୁପର ରାଇଡର୍ସର ଆବାହକ ଦେବଜ୍ୟୋତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ପରିକ୍ରମା କରିଥିବା ଓଡ଼ିଶା ସୁପର ରାଇଡର୍ସର ସଦସ୍ୟ ଏବଂ ବ୍ଲଗର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ମହାନଗର ନିଗମ ଏବଂ ପର୍ଯ୍ୟଟନ ବିଭାଗ ସହଯୋଗରେ ସିଲ୍‌ଭର ସିଟି ବୋର୍ଟ କ୍ଲବ୍‌ଠାରେ ଏକ ଛଅ ଦିନିଆ ଖାଦ୍ୟ ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ବିଭିନ୍ନ ପାରମ୍ପରିକ ବ୍ୟଞ୍ଜନ ଓ ଖାଦ୍ୟ ଉପଲବ୍ଧ ହେଉଛି। ସନ୍ଧ୍ୟାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ସାଂସ୍କୃତିକ ସନ୍ଧ୍ୟା ଅନୁଷ୍ଠିତ ହୋଇଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ନାଟକ 'ନିସ୍ତବ୍ଧ ସାହାନାଇ' ମଞ୍ଚସ୍ଥ ହେବା ସହ ବାର୍ଷିକ ମୁଖପତ୍ର 'ପରିବ୍ରାଜକ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସନ୍ଧ୍ୟାରେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଏୟାର ପୋର୍ଟ ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ, ପ୍ରତ୍ନତତ୍ତ୍ୱ ବିଭାଗର ସୁପରିଣ୍ଟେଣ୍ଡିଂ ଆର୍କୋଲୋଜିଷ୍ଟ ସୁଶାନ୍ତ କୁମାର କର ପ୍ରମୁଖ ଯୋଗ ଦେଇଥିଲେ।

■କଟକରେ ୬ ଦିନିଆ ଖାଦ୍ୟ ମହୋତ୍ସବ ଆରମ୍ଭ

■ନାଟକ 'ନିସ୍ତବ୍ଧ ସାହାନାଇ' ମଞ୍ଚସ୍ଥ



ଓଡ଼ିଶା ସୁପର ରାଇଡର୍ସ ସଂଘ ପକ୍ଷରୁ ଆୟୋଜିତ ସୁପର ବାଇକ୍ ରାଲି 'କଳିଙ୍ଗ ରାଇଡର୍ସ'।




କଟକ ସିଲଭର୍ ସିଟି ବୋଟ୍ କ୍ଲବ ପରିସରରେ ଅନୁଷ୍ଠିତ ବିଶ୍ୱ ପର୍ଯ୍ୟଟନ ଦିବସ କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟମାନେ।

## ସୀମାନ୍ତରେ ୨ ମାଓବାଦୀ ଗିରଫ

ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ଦାନ୍ତେୱାଡା ଜିଲା ଫର୍ସେଗଡ ଥାନା ପୋଲିସ ଓ ଡିଆରଜି ଯବାନମାନେ ବୁଧବାର ଅଲବାରା ଅଞ୍ଚଳରେ କୋମ୍ବିଂ ଅପରେଶନ ବେଳେ ଦୁଇଜଣ ମାଓବାଦୀ ଗିରଫ ହୋଇଛନ୍ତି। ସେମାନେ ହେଲେ ବୁଦ୍ଧରାମ ଉଦଡେ ଓ ରାମ ସିଂ। ୧୦।୧୨।୨୦୧୭ରେ ଅଲବାରା ଜଙ୍ଗଲରେ ପୋଲିସ ଉପରେ ଆକ୍ରମଣରେ ସେମାନେ ସାମିଲ ଥିଲେ। ୨୯।୨୦୨୦ରେ ଗୁମରନ ଜଙ୍ଗଲରେ ପୋଲିସ ଉପରେ ଆକ୍ରମଣ ଏବଂ ଫରସେଗଡ ଓ ଛୋଟା ଅଲବାରା ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ମେଶିନରେ ନିଆଁ ଲଗାଇ ପୋଡିଦେବା ଘଟଣାରେ ଉଭୟେ ଜଡିତ ଥିଲେ।

# ଅମ୍ବିକା ପ୍ରସାଦ ଦାସ ନାଫ୍‌ସକବ୍‌ର ନିର୍ଦ୍ଦେଶକ ନିର୍ବାଚିତ



ଭୁବନେଶ୍ୱର,୨୭।୯
(ଅନିଲ ଦାସ)

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ଦାସ ରାଜ୍ୟ ସମବାୟ ବ୍ୟାଙ୍କ ଜାତୀୟ ମହାସଂଘ(ନାଫ୍‌ସକବ୍)ର ନିର୍ଦ୍ଦେଶକ ଭାବେ ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜସ୍ଥାନର ଜୟପୁରଠାରେ ମଙ୍ଗଳବାର ଅନୁଷ୍ଠିତ ନାଫ୍‌ସକବ୍‌ର ବାର୍ଷିକ ଅଧିବେଶନରେ ନାଫ୍‌ସକବ୍‌ର ଖାଲିଥିବା ୫ଟି ନିର୍ଦ୍ଦେଶକ ପଦବୀ ଲାଗି ନିର୍ବାଚନ ହୋଇଥିଲା। ଜାତୀୟସ୍ତରରେ ସର୍ବୋଚ୍ଚ ସମବାୟ ସଂସ୍ଥାରେ ନିର୍ଦ୍ଦେଶକ ପଦବୀକୁ ନିର୍ବାଚିତ ହେବାରେ ଅମ୍ବିକା କେନ୍ଦ୍ରାପଡ଼ା ଜିଲାରୁ ପ୍ରଥମ ସମବାୟବିତ୍। ଏହି ସଫଳତା ଲାଗି ସେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଓଏସ୍‌ସିବି ସଭାପତି ଟି. ପ୍ରସାଦ ରାଓ ଦୋରାଙ୍କ ସମେତ ଓଏସ୍‌ସିବି ପରିଚାଳନା ପରିଷଦର ସମସ୍ତ ସଦସ୍ୟ, ପରିଚାଳନା ନିର୍ଦ୍ଦେଶକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବୈତରଣୀ ନଦୀକୁ ଡେଇଁ ବାପ, ଝିଅ ନିଖୋଜ

ଭଣ୍ଡାରିପୋଖରୀ,୨୭।୯
(ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଆଖୁଆପଦା ବୈତରଣୀ ସେତୁ ଉପରୁ ନଦୀକୁ ଡେଇଁ ବାପ, ଝିଅ ନିଖୋଜ ହୋଇଛନ୍ତି। ନିଖୋଜ ବାପ, ଝିଅ ହେଲେ ବାଲିପୋଖରୀ ପଞ୍ଚାୟତ ଅନ୍ତର୍ଗତ ପରମାନନ୍ଦପୁର ଗ୍ରାମର ଚନ୍ଦନ ସାହୁ ଓ ତାଙ୍କ ନାବାଳିକା ଝିଅ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୯ଟା ବେଳେ ବାପ, ଝିଅ ଗାଁରୁ ବାଇକ୍ ଯୋଗେ ପୋଲ ନିକଟକୁ ଆସିଥିଲେ। ସେଠାରେ ମୋବାଇଲ, ଜୋତା ଓ ବାଇକ୍ ରଖି ଦୁହେଁ ନଦୀକୁ ଡେଇଁ ପଡ଼ିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ,ଦମକଳ ବାହିନୀ ପହଞ୍ଚି ନଦୀ ମଧ୍ୟରେ ଖୋଜାଖୋଜି ଚଳାଇଛନ୍ତି। ଉଲ୍ଲେଖଯୋଗ୍ୟ, ଚନ୍ଦନଙ୍କ ସ୍ତ୍ରୀଙ୍କ ଏକ ମାସ ପୂର୍ବରୁ ମୃତ୍ୟୁ ହୋଇଥିବା ବେଳେ କେଉଁ ପରିସ୍ଥିତିରେ ବାପ,ଝିଅ ନଦୀକୁ ଡେଇଁଲେ କାରଣ ଜଣାପଡ଼ିନାହିଁ।

# ରାଜ୍ୟ ସରକାର ଯୁବକମାନଙ୍କୁ ପ୍ରତାରିତ କରିଛନ୍ତି: ଶରତ

## ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟିର କର୍ମୀ ସମ୍ମିଳନୀ

ସୁନ୍ଦରଗଡ଼,୨୭।୯(ଜୟନାରାୟଣ ମେଣ୍ଢୁଲି)

ରାଜ୍ୟର କ୍ଷମତାସୀନ ବିଜେଡି ସରକାର ପ୍ରତ୍ୟେକ ବର୍ଷ ୨ଲକ୍ଷ ଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ଘୋଷଣା କରିଥିଲେ। ହେଲେ ସଚିବାଳୟରେ ବହୁ ପଦବୀ ଖାଲି ପଡିଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଯୁବକ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ରାଜ୍ୟ ସରକାର ଓଡ଼ିଶାର ଯୁବକମାନଙ୍କୁ ପ୍ରତାରିତ କରିଛନ୍ତି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ବୁଧବାର ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରେ ଜିଲା କଂଗ୍ରେସ କମିଟିର କର୍ମୀ ସମ୍ମିଳନୀରେ ଯୋଗଦେଇ ପଟ୍ଟନାୟକ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ବିଭିନ୍ନ କ୍ଷେତ୍ରରେ ବିଫଳତାକୁ ନେଇ ସମାଲୋଚନା କରିଥିଲେ। ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ ଯୋଗଦେଇ କଂଗ୍ରେସ କିଭଳି ପୁଣିଥରେ କ୍ଷମତାକୁ ଫେରିବ ସେ ନେଇ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଜନାର୍ଦ୍ଦନ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ବରିଷ୍ଠ ନେତୃବୃନ୍ଦ ନିମାଇଁ ନାଏକ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ରାଜକିଶୋର ଷଡଙ୍ଗୀ ଯୋଗ ଦେଇଥିଲେ।



କଂଗ୍ରେସ କମିଟିର କର୍ମୀ ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

# ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଜେଲ ଗଲେ ସ୍ୱାମୀ

ଦିଗପହଣ୍ଡି/ପାଟପୁର,୨୭।୯
(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଚୁଡ଼ଙ୍ଗପୁର ପଞ୍ଚାୟତ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଗିରଫ ହୋଇଛନ୍ତି। ସେ ହେଲେ ଶିବ ବେହେରା। ଶିବ ବିବାହ ପରଠାରୁ ସ୍ତ୍ରୀଙ୍କୁ ଅଧିକ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଉଭୟଙ୍କ ମଧ୍ୟରେ ଛୋଟ କଥାକୁ ନେଇ ଝଗଡ଼ା ଲାଗି ରହୁଥିଲା। ଶିବ ତାଙ୍କ ସ୍ତ୍ରୀଙ୍କ ଅଜାଣତରେ ମୋବାଇଲରେ ଅଶ୍ଳୀଳ ଫଟୋ ଉଠାଇବା ସହ ତାକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିଥିଲେ। ଏନେଇ ଶିବଙ୍କ ସ୍ତ୍ରୀ ଜାଣିବା ପରେ ତାଙ୍କ ସ୍ୱାମୀଙ୍କ ନାଁରେ ପାଟପୁର ଥାନାରେ ଏତଲା ଦେଇଥିଲେ। ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ ଘଟଣାର ତଦନ୍ତ କରି ଶିବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍ ଜେଲ ହାଜତକୁ ପଠାଇ ଦିଆଯାଇଛି।


# ନିଖୋଜ କାନାରା ବ୍ୟାଙ୍କ ମ୍ୟାନେଜର ଗିରିଶୋଳାରେ ଠାବ

ବାଙ୍କୀ,୨୭।୯(ଜ୍ଞାନେନ୍ଦ୍ର ମୋହନ ମିଶ୍ର)/
ଗୋପାଳପୁର (ନବୀନ ରାଜ ଆଚାରୀ)

କଟକ ଜିଲା ବଡ଼ମ୍ବା କାନାରା ବ୍ୟାଙ୍କ ମ୍ୟାନେଜର ତପନ ସାହୁ ସୋମବାରଠାରୁ ନିଖୋଜ ଥିଲେ। ବୁଧବାର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ତାଙ୍କୁ ଠାବ କରାଯାଇଛି। ପୋଲିସ ଗଞ୍ଜାମ ଜିଲାର ଗିରିଶୋଳା ନିକଟରୁ ସାହୁଙ୍କୁ ଠାବ କରିଛି। ଆନ୍ଧ୍ରର ଗିରିଶୋଳା ଆଡକୁ ଯିବା ବାଟରେ ଗୋଳନ୍ଥରା ଥାନା ପୋଲିସ ତାଙ୍କୁ ଧରିଛି। ନିଖୋଜ ବ୍ୟାଙ୍କ ମ୍ୟାନେଜରଙ୍କୁ ପୋଲିସ ଠାବ କଲା ପରେ ଖବରପାଇ ପରିବାର ଲୋକେ ଗୋଳନ୍ଥରା ଥାନାରେ ପହଞ୍ଚିଛନ୍ତି। ଏବେ ପୋଲିସ ତପନଙ୍କୁ ପଚରାଉଚରା କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

ମ୍ୟାନେଜର ତପନ ସୋମବାରଠାରୁ ନିଖୋଜ ନେଇ ବାଙ୍କୀ ବୈଦେଶ୍ୱର ଥାନାରେ ପରିବାର ଓ ବ୍ୟାଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଥିଲା। ପରେ ବୈଦେଶ୍ୱର ପୋଲିସ ଏ ସମ୍ପର୍କରେ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ଜ୍ଞାନ ମିଶ୍ରଙ୍କୁ ଜଣାଇ ଥିଲା। ବାଙ୍କୀ ପୋଲିସ ପକ୍ଷରୁ ଉପଖଣ୍ଡ ପୋଲିସ ଅଧିକାରୀ ମିଶ୍ରଙ୍କ ନେତୃତ୍ୱରେ କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ବିଭିନ୍ନ ଅଞ୍ଚଳରରେ ତନଖି କରିବା ସହ ପୋଲିସର ସ୍ୱତନ୍ତ୍ର ଟିମ ମୋବାଇଲ ଟ୍ରାକିଂ କରି ତପନଙ୍କୁ ୩ ଦିନ ପରେ ଠାବ କରିବାରେ ସଫଳ ହୋଇଛି। ଏ ସମ୍ପର୍କରେ ବାଙ୍କୀ ଉପଖଣ୍ଡ ପୋଲିସ ଅଧିକାରୀ ମିଶ୍ରଙ୍କୁ ପଚାରିବାରୁ ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ଥିଲା। ଏହା ଉପଖଣ୍ଡରେ ପ୍ରଥମ ଘଟଣା ଥିଲା। ସ୍ୱତନ୍ତ୍ର ପୋଲିସ ଦଳ ପକ୍ଷରୁ ତନଖି ପରେ ଗଞ୍ଜାମ ଜିଲାରେ ମ୍ୟାନେଜରଙ୍କୁ ଠାବ କରାଯାଇଛି। ବର୍ତ୍ତମାନ ତାଙ୍କୁ ସେଠାକାର ଥାନାରେ ଅଟକ ରଖି ପଚରା ଉଚରା କରାଯାଇଛି। ତଦନ୍ତ ପରେ ନିଖୋଜ ଥିବାର ମୁଖ୍ୟ କାରଣ ଓ ଉଦ୍ଦେଶ୍ୟ ଜଣାପଡ଼ିବ। ତପନଙ୍କ ଘର ଗଜପତି ଜିଲା ଖାଣ୍ଡାବା ବାଲିଗାଁ ଢେପସାହି ବୋଲି ପୋଲିସ କହିଛି। ସୂଚନା ପ୍ରକାରେ, ସୋମବାର ତପନ ନିଜ ଶ୍ୱଶୁର ଘର ବ୍ରହ୍ମପୁରରୁ ବାହାରି ବଡ଼ମ୍ବାସ୍ଥିତ କାନାରା ବ୍ୟାଙ୍କକୁ ଆସୁଥିଲେ। ଦିନ ପ୍ରାୟ ୧୦ଟା ପରେ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଦେଖାଇଥିଲା କିନ୍ତୁ ତପନ ବ୍ୟାଙ୍କ ଆସି ନ ଥିଲେ। ପରିବାର ଲୋକେ ତାଙ୍କ ସହିତ ଯୋଗାଯୋଗ କରି ନ ପାରିବାରୁ ବୈଦେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୧୨୨/୨୩ରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ନାଲ୍‌କୋ ଆଲୁମିନିୟମ ପାର୍କରେ ୬୦ ହାତୀ



ବଁଅରପାଳ,୨୭।୯(ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲା ନାଲ୍‌କୋ ଆଲୁମିନିୟମ ପାର୍କରେ ବୁଧବାର ୬୦ ହାତୀ ଉପଦ୍ରବ କରିଛନ୍ତି। ହାତୀପଲ ଗଛ ଭାଙ୍ଗି ନଷ୍ଟ କରିବା ସହ ଲୋକଙ୍କ ବଗିଚାରେ ପଶି ପନିପରିବା ଫସଲ କ୍ଷତି ଘଟାଇଛନ୍ତି। ହାତୀପଲକୁ ଦେଖି କୁଲାଡ଼, ଗିରାଙ୍ଗ, ତୁଳସୀପାଳ, ଲଙ୍ଗୁଳିଆବେଡା, ଗଡସନ୍ତ୍ରୀ, ବନ୍ଦା, ବଉଳିଗଡ଼, ନାଲ୍‌କୋ ସିପିପି, ଅମାନ୍ତପୁର ଆଦି ୧୦ ଖଣ୍ଡ ଗ୍ରାମର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ହାତୀଙ୍କୁ ଘଉଡାଇବା ପାଇଁ ବନବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।


## ODISHA STATE HIGHER EDUCATION COUNCIL

2nd Floor, Pustak Bhawan, A-11, Suka Vihar, Bhubaneswar
Mail Id: oshec.hed@gmail.com, Phone No.: 0674-2545484

**Advertisement for the Proposal "Mukhyamantri Research Innovation (MRI) for extramural research funding - 2023" under Mukhyamantri Research and Innovation Programme (MRIP)**

**NOTICE**
**Extension of Date**

No. n-190: The last date for submission of proposals/applications for extramural research funding - 2023 under **Mukhyamantri Research and Innovation Programme (MRIP) - 2023** invited vide **Advertisement No. 911/190/OSHEC dated 02.09.2023** is extended upto 15.10.2023.

**Sd./- Member Secretary, OSHEC**
**OIPR-11036/11/0007/2324**

## ODISHA HYDRO POWER CORPORATION LTD.

(A Gold Rated State PSU)
O/O. SR. GENERAL MANAGER, RENGALI HYDRO ELECTRIC PROJECT, RENGALI
P.O. RENGALI DAM SITE, DIST.: ANGUL (ODISHA), INDIA, PIN:759105
No.CAD-2200: TEL.NO.-06760-266031, Email: sgmel500@gmai.com, CIN:U40101OR1995SGC003963
No.OHPC:RHEP/C&P/PUR-III-248/ 6304 /Date:26.09.2023

**NOTICE INVITING TENDER NO.28/2023-24**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the reputed firms having valid ELECTRICAL CONTRACTOR LICENSE (MV) or above for the work as mentioned below.

| Description of the Tender | Cost of Tender Paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of availability of tender at OHPC website (Sale) | Last date & Time of receipt of tender | Date & Time of Opening of Techno -Commercial bid |
|---|---|---|---|---|---|
| Rewiring of Employees Recreation Club, RHEP, Rengali | Rs.708/- (Inclusive of GST @ 18%) | Rs.1,840/- | From Dt.28.09.2023 to Dt.10.10.2023 (Upto 03.30 PM) | Dt.10.10.2023 upto 04.00 PM | Dt.10.10.2023 at 04.15 PM |

For details and further correspondence/ corrigendum, please visit our website www.ohpcltd.com
OIPR-04022/11/0031/2324 **Sd./- C & P Head, RHEP, Rengali**

## MO SCHOOL ABHIYAN PARICHALANA SANGATHAN

**An Initiative Under Dept. of School & Mass Education, Govt. of Odisha**

**RFP No. 3221/MSA/23** **Date: 27.09.2023**

**REQUEST FOR PROPOSAL FOR INTERNAL AUDIT**

No. n-191: The O/o. Mo School Abhiyan Parichalana Sangathan invites **RFP (Request for Proposal) from firms of Chartered Accountants which** meet all the conditions and eligibility criteria mentioned in the Terms of Reference (ToR) hosted on the website **www.moschool.in**, for carrying out internal audit of books of accounts of the Mo School for the Financial Year 2023-24 onwards. **The firms interested for the assignment of internal audit are to apply to the CEO, MO SCHOOL ABHIYAN PARICHALANA SANGATHAN along with the technical and financial bids**

**Important Dates:**

I. Last date for submission of bid: 18th October 2023, before 5.30 P.M.
II. Date of Opening of Bid: 19th October 2023, 5 P.M.
(In the presence of representative of firms)

**Venue for Pre-bid Conference etc.:** Opening of Technical Bids would be held at the Conference Hall of Mo School Abhiyan (MSAPS), 6th Floor, Toshali Bhawan, A1 Block, Satya Nagar, Bhubaneswar.

**Sd./- Chief Executive Officer, Mo School**
**OIPR-27045/11/0030/2324**

## OFFICE OF THE NOTIFIED AREA COUNCIL, KANTABANJI

No. 2380 Date: 26.09.2023

**E-Procurement Notice**

No. C-1510: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Bid Identification No. : NAC-KBJ-002/2324
2. Name of the work : Civil construction works as mentioned in DTCN
3. No. of works : 05
4. Estimated Cost : Rs.8,74,413.00 to Rs.16,74,978.00
5. Period of Completion : 60 days
6. Start Date & Time of Bidding : From Dt.30.09.2023, 11.00 A.M.
7. Last date & time for receipt of Bids in the portal : Dt.11.10.2023 upto 05.00 P.M.
8. Opening of Bid Online : On Dt.13.10.2023 at 11.00 A.M.
9. Name and address of the Officer Inviting Bid : Executive Officer, Kantabanji NAC

Further details can be seen from the procurement portal i.e. **https://www.tendersorissa.gov.in**.

**Sd./- Executive Officer, Kantabanj NAC**
**OIPR-13111/11/0004/2324**

## STATE POLLUTION CONTROL BOARD, ODISHA

[Department of Forest, Environment & Climate Change, Govt. of Odisha]
Paribesh Bhawan, A/118, Nilakanthanagar, Unit-VIII, Bhubaneswar- 751012
Tel: 2564033/2563924, EPABX : 2561909/2562847, Email :.paribesh1@ospcboard.org, Website:www.ospcboard.org
No.14829/IND-11-NOC-Misc-02 Date:22.09.2023

**OFFICE ORDER**

**No.CAD-2215:** In pursuance of Resolution of 128th Meeting of the SPC Board held on 16.08.2023 and in partial modification of earlier Office order No. 6256, dtd. 17.04.2023, the Revised Public Hearing fees to be paid by the Project Proponent is hereby fixed as follows;

| Category of the projects as per EIA Notification, 2006 | Existing Public hearing fees | Enhanced Public Hearing fees |
|---|---|---|
| Category-B Projects | Rs.1,00,000/- | Rs.1,50,000/- |
| Category-A Projects | Rs.1,50,000/- | Rs.2,00,000/- |

i. The above revised rate will be applicable in case of single publication in print media as well as single event management on the scheduled date of public hearing. The project proponent will bear actual cost over and above revised rates.
ii. The enhanced rate of Public hearing fees will be effective w.e.f. date of issuance of this office order until further order.

The fees must be paid through a Bank Draft drawn in favor of Member Secretary, State Pollution Control Board, Odisha payable at Bhubaneswar and should be enclosed along with the application for Public Hearing by the project proponent.

**By Order of the Board**
**Sd./- MEMBER SECRETARY**
OIPR-08012/11/0102/2324

## INDIRA GANDHI INSTITUTE OF TECHNOLOGY, SARANG

**Parjang, Dist. - Dhenkanal, Odisha - 759146, India**
Tender Notification No.: IGIT/MET/251 Dated:27.09.2023

**TENDER CALL NOTICE**

**No.KK-232:** For multi item sealed tenders having item-wise EMD in two-cover system (Technical and Commercial Bid) are invited from reputed Original Equipment Manufacturers (OEM) / Authorized Dealers / Suppliers with up-to-date valid GST /Income Tax clearance certificate for "Supply, Installation and Commissioning of Equipment for different Laboratory of the Department of Metallurgical and Materials Engineering" of the Institute, details of which are available in the tender papers. The sealed tenders will be received by Speed Post/Registered Post only. The authority will not be responsible for any postal delay. No hand delivery will be accepted. Tender received after the scheduled date and time will not be considered. The tender bid documents with details of Terms and Conditions are to be downloaded from the Institute web site: **www.igitsarang.ac.in.**

**Schedule for Submission of Tender**

| | |
|---|---|
| Last date of submission of tender | 30.10.2023(upto 3.00 PM) |
| Cost of tender paper (Nonrefundable) | Rs.6,000/- |
| EMD 2%. (Refundable) as per quoted items | |
| Opening of tender (Technical Bid) | 7.11.2023 at 3.00 PM |
| Opening of tender (Financial Bid) | To be intimated after evaluation of Technical Bid |

The authority reserves the right to reject/ cancel the tenders in whole or in part without assigning any reason thereof.
**Address for submission of Tender:** The Principal, Indira Gandhi Institute of Technology, Sarang, Parjang, Dist. - Dhenkanal, Odisha, India - 759 146
**With Kind Attention to:** Dr.P.K.Mallik, Associate Prof., Metallurgical & Materials Engg. Technically and commercially qualified bidders will be intimated later.

OIPR-14091/11/0069/2324 **Sd./- Director, I.G.I.T., Sarang**

## PANCHAYAT SAMITI OFFICE, LAHUNIPARA, SUNDARGARH

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଲହୁଣିପଡ଼ା, ସୁନ୍ଦରଗଡ଼**
e-mail id: ori-lahunipara@nic.in
Letter No. 3190 Date: 26.09.23

**ବିଜ୍ଞାପନ**

**No.i-401:-** ଏତଦ୍ୱାରା ଲହୁଣିପଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ଲହୁଣିପଡ଼ା ଏବଂ ମହୁଲପଦା ଗ୍ରାମପଞ୍ଚାୟତମାନଙ୍କରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁପରିଚାଳନା ପାଇଁ ଜଣେ ଲେଖାଏଁ "**ଯୋଗାଣ ସହାୟକ**" ନିଯୁକ୍ତ କରାଯିବ। ଏଣୁ ଲହୁଣିପଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ଲହୁଣିପଡ଼ା ଏବଂ ମହୁଲପଦା ଗ୍ରାମ ପଞ୍ଚାୟତରେ ଯୋଗାଣ ସହାୟକ ପଦବୀ ନିମନ୍ତେ ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ନିମ୍ନପ୍ରଦତ୍ତ ଦରଖାସ୍ତ ଫର୍ମରେ ଆବେଦନପତ୍ର ଆହ୍ୱାନ କରାଯାଉଛି।

**ଆବେଦନକାରୀଙ୍କ ଯୋଗ୍ୟତା:**
୧. ପ୍ରାର୍ଥୀ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ।
୨. ପ୍ରାର୍ଥୀ ଅତି କମ୍‌ରେ ଗ୍ରାଜୁଏଟ (+୩ ପାସ୍) ହୋଇଥିବା ଆବଶ୍ୟକ।
୩. ପ୍ରାର୍ଥୀଙ୍କର ବୟସ ତା୦୧।୦୯।୨୦୨୩ରିଖ ସୁଦ୍ଧା ୨୧ ବର୍ଷରୁ କମ୍ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ।

**ଚୟନ ପଦ୍ଧତି:**
ଯୋଗାଣ ସହାୟକ ନିଯୁକ୍ତି ପାଇଁ ଆବେଦନକାରୀଙ୍କ ମାଟ୍ରିକ୍ୟୁଲେସନ, +୨, +୩ ପରୀକ୍ଷାରେ ଉପଲବ୍ଧ ପାସ୍ ନମ୍ବରର ଶତକଡ଼ା ହାରକୁ ନେଇ ଅଗ୍ରାଧିକାର କ୍ରମ ତାଲିକା ତିଆରି କରାଯିବ ଏବଂ ତହିଁରୁ ପ୍ରଥମ ସ୍ଥାନରେ ଥିବା ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯିବ।

**ପାରିଶ୍ରମିକ:**
ନିଯୁକ୍ତ ପ୍ରାର୍ଥୀ (ଯୋଗାଣ ସହାୟକ) ମାସିକ ଟ.୬,୦୦୦/- ପାରିଶ୍ରମିକ ପାଇବେ।

**ଆବେଦନପତ୍ର ଗ୍ରହଣର ଶେଷ ତାରିଖ:**
ନିମ୍ନଲିଖିତ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଆବେଦନ ପତ୍ର ତା୧୭।୧୦।୨୦୨୩ରିଖ ସୁଦ୍ଧା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲହୁଣିପଡ଼ାଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରି/ଶୀଘ୍ରଡାକ **(Registered/Speed Post)** ଯୋଗେ ପହଞ୍ଚିବା ଆବଶ୍ୟକ। ଉକ୍ତ ତାରିଖ ପରେ ପ୍ରାପ୍ତ ହୋଇଥିବା ଆବେଦନପତ୍ରଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

**ଆବେଦନ ସହ ଆବଶ୍ୟକୀୟ ପ୍ରମାଣପତ୍ର:**
ଆବେଦନକାରୀମାନେ ଆବେଦନ ପତ୍ର ସହିତ ନିମ୍ନଲିଖିତ ଆବଶ୍ୟକୀୟ ପ୍ରମାଣପତ୍ରର ଅବିକଳ ନକଲ ଗେଜେଟେଡ୍ ଅଧିକାରୀଙ୍କଠାରୁ ଅନୁପ୍ରମାଣିତ (ଆଟେଷ୍ଟେଡ୍) କରି ନିଜର ଦସ୍ତଖତ ସହ ଦାଖଲ କରିବେ।
1) ମାଟ୍ରିକ୍ୟୁଲେସନ, +୨ ଓ +୩ ପରୀକ୍ଷାର ଉତ୍ତୀର୍ଣ୍ଣ ସାର୍ଟିଫିକେଟ୍ ଓ ମାର୍କସିଟ୍।
2) ତହସିଲଦାରଙ୍କଠାରୁ ପ୍ରାପ୍ତ ସଦ୍ୟ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର।
3) ଦୁଇଗୋଟି (୨) ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍।
4) ନିଜ ଠିକଣା ଉଲ୍ଲେଖ ଥିବା ଓ ପ୍ରତ୍ୟେକରେ ୩୦ ଟଙ୍କା ଲେଖାଏଁ ଡାକଟିକେଟ ଲାଗିଥିବା ଦୁଇଗୋଟି (୨) ୨୫ ସେ.ମି. x ୧୨ ସେ.ମି. ସାଇଜର ଲଫାପା।

ଦରଖାସ୍ତ ଫର୍ମ ଓ ତତ୍‌ସଂଲଗ୍ନ ପ୍ରମାଣପତ୍ର ଥିବା ଲଫାପା ଉପରେ "...................... **ଗ୍ରାମପଞ୍ଚାୟତରେ ଯୋଗାଣ ସହାୟକ ପାଇଁ ଆବେଦନ ପତ୍ର**" ତାହା ଉଲ୍ଲେଖ ଥିବା ଆବଶ୍ୟକ।

**ସର୍ତ୍ତାବଳୀ:**
1) ଯୋଗାଣ ସହାୟକ ନିଯୁକ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ। ନିଯୁକ୍ତି ପାଉଥିବା ବ୍ୟକ୍ତିଙ୍କ ପାଇଁ ଆଇନଗତ କିମ୍ବା ଅଦାଲତର ବ୍ୟବସ୍ଥାକୁ ବର୍ତ୍ତମାନ କିମ୍ବା ଭବିଷ୍ୟତରେ ବିଚାରକୁ ନିଆଯିବ ନାହିଁ।
2) ନିମ୍ନସ୍ୱାକ୍ଷରକାରୀଙ୍କଠାରେ ଆବେଦନକାରୀଙ୍କ ଆବେଦନପତ୍ର କିମ୍ବା ତାଙ୍କର ଚୟନ ପ୍ରକ୍ରିୟା ଓ ନିଯୁକ୍ତିକୁ ବିନା ସର୍ତ୍ତରେ କୌଣସି କାରଣ ନ ଦର୍ଶାଇ ଖାରଜ କିମ୍ବା ରଦ୍ଦ କରିବା କ୍ଷମତା ନ୍ୟସ୍ତ ରହିଛି।

ବି.ଦ୍ର.: ଏହି ବିଜ୍ଞାପନ ତଥା ଆବେଦନ ପତ୍ର ସୁନ୍ଦରଗଡ଼ ଜିଲ୍ଲା ୱେବ୍‌ସାଇଟ୍ **www.sundargarh.nic.in**ରେ ମଧ୍ୟ ଉପଲବ୍ଧ।

OIPR-19346/11/0002/2324 **ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲହୁଣିପଡ଼ା**

## Office of the CSO-cum-District Manager Odisha State Civil Supplies Corporation Ltd.,

**Dhenkanal District, Phone: 06762- 295760, District Website: www.dhenkanal.nic.in**
**Tender No.2398/Date 27.09.2023**

**No.CAD-2203:** Online tenders are invited from eligible bidders for selection and appointment of transport contractors for transportation of paddy from paddy purchase centers (PPC) to rice mills within district or outside district within the state of Odisha during the KMS: 2023-24.

| | | |
|---|---|---|
| 1 | Name of the Work | Selection and appointment of Transport Contractors in different blocks for Transportation of paddy from paddy purchase centers (PPC) to rice mills during the KMS: 2023-24 |
| 2 | Availability of Bid document in the Portal | From Dt.27.09.2023 |
| 3 | Last date/Time for receipt of bids in the Portal | Dt.11.10.2023 upto 5.00 P.M. |
| 4 | Date/Time of Opening of Technical Bid | Dt.12.10.2023 at 11.00 A.M. |
| 5 | Name and Address of the Office Inviting Tender | CSO-cum-District Manager, OSCSC Ltd., Dhenkanal, Mahisapat, Dhenkanal |

Tender Documents & Other details can be seen from the e-Procurement portal i.e. https://gem.gov.in along with district website.

OIPR-07005/11/0008/2324 **Sd./- CSO-cum-District Manager OSCSC Limited., Dhenkanal**

## BOARD OF REVENUE, ODISHA, CUTTACK

**(ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ)**
**(E-mail: exam2.bor@gmail.com / exam.bor@gmail.com)**
**File No. V-03/2023-603/Exam. Dated: 26.09.2023**

**NOTIFICATION**

No. F-138: It is hereby notified for general information that the 2nd Half Yearly Departmental Examination of Officers, 2023 conducted by the Board of Revenue for all Departments of Govt. of Odisha will be held in the last week of December.

Online applications are hereby invited from the prospective officers through the Proforma application to be made available in the Board's website **(boardodisha.nic.in)** w.e.f. 3rd October, 2023. The candidates are requested to visit the Board's website and before proceeding for filling the online application form, they are required to go through the guidelines and instructions available in Board's website (Annexure - I).

The candidates are required to furnish application through Online only. No offline applications will be entertained. The link for submission of application online shall be made available from 03.10.2023 (Tuesday) to 02.11.2023 (Thursday). (Note: 02.11.2023 is the last date for the submission of online application).

The detailed programme of the examination schedule (both Written & Viva-Voce) will be notified later on

**DOCUMENTS TO BE UPLOADED:**

- Candidates must upload recent coloured passport size photo and scanned signature as per the instruction mentioned in Annexure - I.
- The forwarding letter duly signed or approved by the head of office must be uploaded. (If the head of office is an examinee, his/her application should duly be approved by the next Higher Authority).
- No application without forwarding letter shall be entertained.
- The officers, who want to be exempted from passing of ODIA in the Departmental Examination, should upload their HSC/equivalent certificate. (Note: ODIA in M.E. Standard will not be considered for exemption)
- No need to upload HSC/Equivalent Certificate, if you have already been exempted by this office.

**No candidate shall be allowed into the Examination Hall without ADMIT CARD**. Candidates are advised to check updates on Baord's website regularly for latest updates like programme of the 2nd Half Yearly Departmental Examination of Officers, 2023 and availability of Admit Card.

The officers under training at the Gopabandhu Academy of Administration, Bhubanewar/Madhusudan Das Regional Academy of Financial Management (MDRAFM), Bhubaneswar/any other institution should submit their application in the above manner through their Academy/Institute.

**For answering the written papers "with books", the officers will be allowed to use only Bare Acts and Rules brought by them. No other reference material shall be alowed inside the Examination Hall**.

Any candidate found indulging in any kind of malpractice during examination shall be debarred from appearing in the Departmental Examination for the next three years. Besides she/he shall also be recommended for Departmental action.

**IMPORTANT INSTRUCTIONS FOR CANDIDATES**

- No candidate shall be allowed into the Examination Hall without ADMIT CARD.
- MOBILE PHONES & other electronic gadgets including smart watches etc. are strictly prohibited inside the Examination Hall.
- Candidate must carry "Any one of the original and valid Photo Identification Proof issued by the Government".
- Candidates can download their Admit Cards by logging into Board's website **"boardodisha.nic.in"** 1 week before the scheduled date of the Examination, which will be notified later on.
- For any queries and technical assistance, you may contact the Examination Branch, Board of Revenue, Odisha, Tel. No. 0671-2508006.

By orders of Member, Board of Revenue, Odisha, Cuttack
**Sd./- Secretary, Board of Revenue, Odisha, Cuttack**
OIPR-24002/11/0015/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଚିନ୍ତାମଣି
ପରିବାରବର୍ଗ


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବନ୍ୟାବେଳେ ଶିନ୍ଦେ ପାଳୁଛନ୍ତି ଗଣେଶ ଉତ୍ସବ: ସଞ୍ଜୟ

**ମୁମ୍ବାଇ,୨୭।୯ :** ମହାରାଷ୍ଟ୍ରର ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ବନ୍ୟା ପରିସ୍ଥିତି ଉପୁଜିଛି। ଏଭଳି ସମୟରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗଣେଶ ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଯୋଗଦେବାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି।

ମଙ୍ଗଳବାର ଖବରଦାତାଙ୍କୁ ସଞ୍ଜୟ କହିଛନ୍ତି, ନାଗପୁରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।


ଏକନାଥ ଶିନ୍ଦେ


ସଞ୍ଜୟ ରାଉତ

ସହର ବନ୍ୟା ଜଳରେ ଉବୁଟୁବୁ ହେଉଛି। ଶିନ୍ଦେ କାହିଁକି ସେହି ଅଞ୍ଚଳକୁ ଯାଉ ନାହାନ୍ତି ? ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ପରିବର୍ତ୍ତେ ବଲିଉଡ ଏବଂ ଟଲିଉଡ ସେଲିବ୍ରିଟିଙ୍କ ସହ ଗଣେଶ ଉତ୍ସବ ପାଳନରେ ମୁଖ୍ୟମନ୍ତ୍ରୀ ବ୍ୟସ୍ତ ଅଛନ୍ତି। ଏଥିସହିତ ସେ ଶିନ୍ଦେଙ୍କ ବିଦେଶ ଗସ୍ତ ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କୁ ପଚାରିଛନ୍ତି, 'ଆପଣ ରାଜ୍ୟରେ କେଉଁ ବିନିଯୋଗ ଆଣିବାକୁ ଯାଉଛନ୍ତି? ପ୍ରଥମେ ମହାରାଷ୍ଟ୍ରରୁ ଗୁଜରାଟକୁ ଯାଇଥିବା ନିବେଶକୁ ଫେରାନ୍ତୁ। ତେବେ ଶିନ୍ଦେଙ୍କ ୟୁରୋପ ଗସ୍ତ ସ୍ଥଗିତ ସମ୍ପର୍କରେ ସଞ୍ଜୟ କହିଛନ୍ତି, ଶିବସେନା (ୟୁବିଟି), ଆଦିତ୍ୟ ଠାକରେ ଏବଂ ମହାରାଷ୍ଟ୍ରର ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଭୟ କରୁଛନ୍ତି। ମହାରାଷ୍ଟ୍ରର ଲୋକେ ଦୁଃଖ ଯନ୍ତ୍ରଣା ଭୋଗୁଥିବା ସମୟରେ ଶିନ୍ଦେ ଗଣେଶ ଉତ୍ସବରେ ସାମିଲ ହେଉଛନ୍ତି। ଏହା ଅତ୍ୟନ୍ତ ନିନ୍ଦାଜନକ। ଅପେକ୍ଷା କରନ୍ତୁ ରାଜ୍ୟର ଜନତା ଏହାର ଉପଯୁକ୍ତ ଜବାବ ଦେବେ ବୋଲି ସଞ୍ଜୟ କହିଛନ୍ତି।

# ସଂସଦରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ବିଧୁରୀଙ୍କୁ ନୂଆ ଦାୟିତ୍ୱ

**ନୂଆଦିଲ୍ଲୀ,୨୭।୯:** ସଂସଦ ସ୍ୱତନ୍ତ୍ର ଅଧିବେଶନରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏମ୍‌ପି କୁଅଁର ଦାନିସ ଅଲୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଭାଜପା ଏମ୍‌ପି ରମେଶ ବିଧୁରୀଙ୍କୁ ବୁଧବାର ନୂଆ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ଭାଜପା ପକ୍ଷରୁ ରାଜସ୍ଥାନର କଂଗ୍ରେସ ନେତା ସଚିନ ପାଇଲଟଙ୍କ ଜିଲା ଟୋଙ୍କର ପ୍ରଭାରୀ ଦାୟିତ୍ୱ ଦିଆଯାଇଛି। ସଂସଦର ସ୍ୱତନ୍ତ୍ର ଅଧିବେଶନ ସମୟରେ ଚନ୍ଦ୍ରୟାନ-୩ ମିଶନର ସଫଳତା ଉପରେ ଆଲୋଚନା ଚାଲିଥିବାବେଳେ ଦକ୍ଷିଣ ଦିଲ୍ଲୀ ଏମ୍‌ପି ବିଧୁରୀ ଉତ୍ତର ପ୍ରଦେଶ ଆମରୋହା ଏମ୍‌ପି ଦାନିସଙ୍କୁ 'ମୁସଲମାନ ଆତଙ୍କବାଦୀ' ଆଖ୍ୟା ଦେଇଥିଲେ।

# କେତେ ମହିଳାଙ୍କୁ ଟିକେଟ ଦେଇଛ କୁହ : ପ୍ରଶାନ୍ତ କିଶୋର

## ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ ନେଇ ତେଜସ୍ୱୀଙ୍କୁ ପ୍ରଶ୍ନ



**ପାଟନା,୨୭।୯ :** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କେନ୍ଦ୍ର ସରକାର ଆଣିଥିବା ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରିବା ସହିତ ଏଥିରେ ଓବିସିଙ୍କ ସଂରକ୍ଷଣ ପାଇଁ ଦେଶରେ ଆନ୍ଦୋଳନ ଲାଗି ରଣନୀତି ପ୍ରସ୍ତୁତ କରୁଛନ୍ତି। ଏହି ପ୍ରସଙ୍ଗରେ ଏକ ଆନ୍ଦୋଳନ ହେବା ଉଚିତ କି ନୁହେଁ? ଜନ ସୁରଜ ଯାତ୍ରାର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର(ପିକେ) ଏହି ପ୍ରଶ୍ନ ଉପରେ ତାଙ୍କର ମତ ସ୍ପଷ୍ଟ କରିଛନ୍ତି। ପ୍ରଶାନ୍ତ କିଶୋର କହିଛନ୍ତି, ଯେଉଁମାନେ ବିରୋଧ କରିବାକୁ ଚାହୁଁଛନ୍ତି, ସେମାନେ ତାହା କରନ୍ତୁ। ମୁଁ ଭାବୁଛି ମହିଳାଙ୍କ ସଂରକ୍ଷଣ ପାଇଁ ଯାହା କାର୍ଯ୍ୟକାରୀ ହୋଇଛି ତାହା ଠିକ୍, ଏଥିରେ କୌଣସି ଅସୁବିଧା ନାହିଁ। ଏହାକୁ ବିରୋଧ କରୁଥିବା ବ୍ୟକ୍ତିମାନେ ମୂର୍ଖ। ସେମାନେ ମହିଳାଙ୍କ ସଂରକ୍ଷଣ କିମ୍ବା ମହିଳାଙ୍କ ସ୍ଥିତିକୁ ନେଇ ଚିନ୍ତିତ ନୁହନ୍ତି। ତାଙ୍କର ଉଦ୍ଦେଶ୍ୟ ହେଉଛି ଏହାକୁ ନେଇ ରାଜନୀତି ଜାରି ରହୁ ଏବଂ ସେମାନେ ଏଥିରୁ ନିଜର ଫାଇଦା ନେବାକୁ ଚାହିଁ ବସିଛନ୍ତି। ଯେଉଁମାନେ ଆଜି କହୁଛନ୍ତି ମହିଳା ସଂରକ୍ଷଣରେ ଓବିସି ପାଇଁ ପୃଥକ ସଂରକ୍ଷଣ ରହିବା ଆବଶ୍ୟକ। ତାହା ଠିକ ଅଛି, ତେବେ ପ୍ରଥମେ ସଂରକ୍ଷଣ ହେଉ ଏହାପରେ ଓବିସିଙ୍କ ପାଇଁ ପୃଥକ ସଂରକ୍ଷଣ ମଧ୍ୟ ଲାଗୁ କରି ଦିଅନ୍ତୁ। ରାଜ୍ୟରେ ଆରଜେଡି-ଜେଡିୟୁକୁ ପଚାରନ୍ତୁ ସେମାନେ ନିଜ ନିଜ ପାର୍ଟିରେ କେତେ ଓବିସି ମହିଳାଙ୍କୁ ଟିକେଟ ଦେଇଛନ୍ତି। ମୁସଲିମ ସମ୍ପ୍ରଦାୟ ଲୋକେ ଭାଜପାର ଭୟ ଯୋଗୁଁ ଲଣ୍ଠନକୁ ଭୋଟ ଦେଉଛନ୍ତି। ବିହାରରେ କେବଳ ଜାତି ଆଧାରରେ ଭୋଟ ଦିଆଯାଏ, ତେଣୁ ରାଜ୍ୟରେ ଭାଜପା କିପରି ଭୋଟ ପାଇବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜାତିର ଲୋକ କେହି ବିହାରରେ ରୁହନ୍ତି ନାହିଁ। ତେଣୁ ରାଜ୍ୟରେ ମୋଦି କିପରି ଜିତିବେ ବୋଲି ପ୍ରଶାନ୍ତ କିଶୋର କହିଛନ୍ତି।

# ଭାଜପାରେ ପୂର୍ବତନ ଏମ୍‌ପି ଅର୍କ କେଶରୀ

## ନର୍ଲା, ବନ୍ତର ବହୁ ନେତା ବି ବିଜେଡି ଛାଡ଼ି ଭାଜପାରେ ସାମିଲ

## ବାପାଙ୍କ ଅଧୁରା ସ୍ୱପ୍ନ ପୂରଣକରିବା ମୋର ପ୍ରାଥମିକ କାର୍ଯ୍ୟ: ଅର୍କ

**ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର)**

କଳାହାଣ୍ଡିର ପୂର୍ବତନ ଏମ୍‌ପି ଅର୍କ କେଶରୀ ଦେଓ ଏବଂ ତାଙ୍କ ସ୍ତ୍ରୀ ମାଳବିକା ଦେବୀ ଆନୁଷ୍ଠାନିକ ଭାବେ ବୁଧବାର ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ନର୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଦନପୁର-ରାମପୁର ରାଜ ପରିବାରର ସଂଯୁକ୍ତା ସିଂଦେଓ ଏବଂ ତନ୍ମୟ ପ୍ରସାଦ ସିଂଦେଓ ମଧ୍ୟ ଦଳରେ ଯୋଗଦାନ କରିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ବସନ୍ତ ପଣ୍ଡା, ଭବାନୀପାଟଣା ବିଧାୟକ ପ୍ରଦୀପ୍ତ କୁମାର ନାଏକ, ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଭାଜପାରେ ଯୋଗଦେଇଥିବା ଏହି ନେତାମାନଙ୍କୁ ସ୍ୱାଗତ କରିଛନ୍ତି।


ମିଶ୍ରଣ ପର୍ବରେ ଭାଜପା ନେତୃବୃନ୍ଦଙ୍କ ସହ ଅର୍କ କେଶରୀ ଦେଓ ଏବଂ ତାଙ୍କ ସ୍ତ୍ରୀ ମାଳବିକା ଦେବୀ।

ଭାଜପାରେ ସାମିଲ ହେବାପରେ ଅର୍କ କେଶରୀ କହିଛନ୍ତି, ଦେଶ ତଥା ରାଜ୍ୟର ସାମୂହିକ ବିକାଶ ପାଇଁ ଭାଜପା ହେଉଛି ପ୍ରକୃତ ରାଜନୈତିକ ଦଳ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଗତ ୯ ବର୍ଷ ଶାସନରେ ବହୁ ଗରିବ କଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ହୋଇଛି। ସାଧାରଣ କାର୍ଯ୍ୟକର୍ତ୍ତା ଭାବେ ଦଳର ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ଭାଜପାର ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମୋ ବାପା ବିକ୍ରମ କେଶରୀ ଦେଓଙ୍କ ଅଧୁରା ସ୍ୱପ୍ନ ପୂରଣକରିବା ହେଉଛି ପ୍ରାଥମିକ କାର୍ଯ୍ୟ। ସେହିପରି ଭଦ୍ରକ ଜିଲା ବନ୍ତ ବ୍ଲକର ୨ ଥରର ବ୍ଲକ ଅଧ୍ୟକ୍ଷ ରେବତୀ ନାୟକ, ଶିକ୍ଷାବିତ୍ ସୁଧାଂଶୁ ଶେଖର ନାୟକ ମଧ୍ୟ ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଏଥିସହ ବନ୍ତ ବ୍ଲକର ପୂର୍ବତନ ବିଜେଡି ସଭାପତି କମଳାକାନ୍ତ ସାହୁଙ୍କ ସମେତ ଆହୁରି ଅନେକ ବ୍ୟକ୍ତି ଭାଜପାରେ ଯୋଗଦେଇଥିବା ବେଳେ ଦଳର ରାଜ୍ୟ ସଭାପତି ମନମୋହନ ସେମାନଙ୍କୁ ସ୍ୱାଗତ କରିଛନ୍ତି।


## ପବିତ୍ର ଅନନ୍ତବ୍ରତ ଅବସରରେ



## ଚିନ୍ତାମଣିର ଜନ୍ମଦିନ ଶୁଭେଚ୍ଛା

ଦୂରେ ଥିଲେ ପାଖେ ଅଛି ଏହାଥିବୁ ଘେନି
କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ
ପ୍ରୀତି ଅଭେଦ୍ୟ ତାଙ୍କର...
ମଧୁର ସମ୍ପର୍କ ଅତୁଟ ରଖିବା ପାଇଁ ଓ ବର୍ତ୍ତମାନ
ଓ ଭବିଷ୍ୟତ ଉଜ୍ଜ୍ୱଳ ଓ କୁସୁମିତ ହେବା ପାଇଁ
ପରମବ୍ରହ୍ମ ଅନନ୍ତଙ୍କୁ ପ୍ରାର୍ଥନା କରୁଛୁ ।
ବୋଉ, ଡାଡି, ବାପି, ମାମି, ମଉସାମାଉସୀ, ଭାଇଭଉଣୀମାନେ

ଧ-୧୪୧୭

## ଜନ୍ମଦିନ ଶୁଭେଚ୍ଛା



## ସଂଘମିତ୍ରା ପାତ୍ର (ମାମୁନି)

୪୨ ମୌଜା, କଟକ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା, ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ- ତୋର ବାପା, ବୋଉ, ଅଜା, ଆଈ, ଭାଇ, ନନା ପାପା, ଡିଡ୍‌ଲି, ପାପା, ମାମା ଓ ଛୁଆ ପାପା ।

ଧ-୧୪୧୮


# ଅନ୍ଧାରରେ ୪୦ ଲକ୍ଷ ପିଲାଙ୍କ ଭବିଷ୍ୟତ: ଭାଜପା

## ଆନ୍ଦୋଳନରତ ଶିକ୍ଷକଙ୍କୁ ଭେଟିଲା ପ୍ରତିନିଧି ଦଳ

**ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର):** ଦୀର୍ଘବର୍ଷ ଧରି ଆନ୍ଦୋଳନରତ ଶିକ୍ଷକଙ୍କ ନ୍ୟାଯ୍ୟ ଦାବିକୁ ରାଜ୍ୟ ସରକାର ସମାଧାନ କଲେ ନାହିଁ। ସବୁ ସମୟରେ ଶିକ୍ଷକମାନେ ସେମାନଙ୍କ ସର୍ବନିମ୍ନ ଅଧିକାରକୁ ନେଇ ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ରାଜ୍ୟର ୫୦ ହଜାର ସ୍କୁଲରେ ବର୍ତ୍ତମାନ ତାଲା ପଡ଼ିଛି। ୧ ଲକ୍ଷ ୩୦ ହଜାର ଶିକ୍ଷକ ଏବେ ରାଜରାସ୍ତାରେ ନିଜ ଅଧିକାର ପାଇଁ ଲଢୁଛନ୍ତି। ରାଜ୍ୟର ୪୦ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଏଥିପାଇଁ ବିଜେଡି ସରକାର ଦାୟୀ ବୋଲି ଭାଜପା ଅଭିଯୋଗ କରିଛି।

ଭାଜପାର ଏକ ପ୍ରତିନିଧି ଦଳ ବୁଧବାର ଲୋୟର ପିଏମ୍‌ଜିଠାରେ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଳୀକୁ ଯାଇ ଆଲୋଚନା କରିଛି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଧ୍ୱସ୍ତବିଧ୍ୱସ୍ତ। କିନ୍ତୁ ରାଜ୍ୟ ସରକାର ରୂପାନ୍ତରଣ ନାମରେ ଭ୍ରଷ୍ଟାଚାରକୁ ପ୍ରୋତ୍ସାହିତ କରୁଛନ୍ତି। ଶିକ୍ଷକଙ୍କ ଦାବି ସହ ଭାଜପା ଏକମତ ବୋଲି ବିଧାୟକ ଶଙ୍କର ଓରାମ କହିଛନ୍ତି। ବିଧାନସଭା ସମ୍ମୁଖରେ ଧାରଣାରତ ଶିକ୍ଷକ ତଥା ଭିନ୍ନ ଭିନ୍ନ ଦାବି ନେଇ ଆନ୍ଦୋଳନକାରୀଙ୍କ ଅଭିଯୋଗ ଶୁଣିବାକୁ ସରକାରଙ୍କ ପାଖରେ ସମୟ ନ ହେବା ଲଜ୍ଜାଜନକ। ଶିକ୍ଷକଙ୍କ ଦାବି ସମ୍ପର୍କରେ ବିଧାନସଭାରେ ଆଗତ କରାଯାଇଥିବା ସତ୍ତ୍ୱେ ସରକାର ଏଥିପ୍ରତି କର୍ଣ୍ଣପାତ କଲେନାହିଁ। ଏ ସରକାର ପଳାୟନପନ୍ଥୀ ବୋଲି ବିଧାୟକ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି।

# ଆୟୁଷ ଡାକ୍ତରଙ୍କ ପ୍ରତି ବୈମାତୃକ ମନୋଭାବ ପଦାରେ ପଡିଛି: ଯୁବମୋର୍ଚ୍ଚା

**ଭୁବନେଶ୍ୱର, ୨୭।୯(ସୁନିତ୍ ମିଶ୍ର):** ନିଖିଳ ଓଡ଼ିଶା ଆୟୁଷ ଛାତ୍ରସଂଘ ଦୀର୍ଘ ୨୫ ଦିନ ହେବ ଆନ୍ଦୋଳନ କରୁଥିଲେ ମଧ୍ୟ ସେମାନଙ୍କ ଦାବି ପ୍ରତି ଶାସକ ଦଳ ନେତା, ମନ୍ତ୍ରୀ ଓ ବିଧାୟକମାନେ ଅଣଦେଖା କରିବା ଦୁର୍ଭାଗ୍ୟଜନକ। ଆଜିକୁ ୨୧ ବର୍ଷ ହେଲା ଆୟୁଷ ଡାକ୍ତରଙ୍କ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ନ ପାଇଥିବା ବେଳେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବା ପ୍ରତି ହେୟଜ୍ଞାନ ତଥା ଆୟୁଷ ଡାକ୍ତରଙ୍କ ପ୍ରତି ବୈମାତୃକ ମନୋଭାବ ପଦାରେ ପଡିଛି ବୋଲି ଭାଜପା ଯୁବମୋର୍ଚ୍ଚା ଅଭିଯୋଗ କରିଛି। ମାଷ୍ଟର କ୍ୟାଣ୍ଟିନ ସ୍ଥିତ ଲୋୟର ପିଏମ୍‌ଜିଠାରେ ଧାରଣା ଦେଇଥିବା ଆୟୁଷ ଡାକ୍ତରମାନଙ୍କ ସହ ଯୁବମୋର୍ଚ୍ଚା ଯୋଗଦେଇ କହିଛି, ଓଡ଼ିଶାରେ ହୋମିଓପ୍ୟାଥି, ଆୟୁର୍ବେଦ, ଯୋଗ, ୟୁନାନି, ସିଧ ଚିକିତ୍ସାରୁ ଓଡ଼ିଶାବାସୀ ବଞ୍ଚିତ ହେଉଛନ୍ତି। ଆଜି ଆନ୍ଦୋଳନରତ ଆୟୁଷ ଡାକ୍ତର ଛାତ୍ରୀଛାତ୍ରଙ୍କୁ ଯେଉଁଭଳି ଭାବେ ପୋଲିସ ଗିରଫ କରି ସେମାନଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚେଷ୍ଟା କରୁଛି ତାହା ନିନ୍ଦନୀୟ ଓ ଅଗଣତାନ୍ତ୍ରିକ।


# Classified Everyday 0674-2580101, 2549949


REAL ESTATE

## SALE

ଝିଅ ବିଭାଘର ପାଇଁ ପୁରୀ-ପିପିଲି-ଜଟଣୀ ରୋଡ୍‌ରେ ୩୦ ଫୁଟ ରୋଡ୍‌ଥାଇ ୫ ଗୁଣ୍ଠ ଜମିକୁ 32,00,000/- ବିକ୍ରି କରିବି - 9853150290. D-75217

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grandbazar NH-16** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ ଶସ୍ତାରେ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604.** D-75222

ନଖରା ତ୍ରିନାଥବଜାର ମହିଧରପଡ଼ା, ପାଖରେ SC plot 7400 sqft 11,00,000/-(Outright) 7978663279. D-75218


Healthcare

**Relax, Refresh your body, Mind at Saikrupa Spa with best therapies. 8984068077.** D-1358

Spa Kerala body Massage only best Therapist @699/- Bhubaneswar. 9337672475. D-1364

**Newly open SPA positively health benefits with expert therapist. 9938843929.** D-75150

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75042

## AFFIDAVIT

I, Sushma Tanaji Sawant, W/o Rajesh Kumar Sahoo, resident of EB-490, Badagada BRIT Colony, Bhubaneswar, PIN- 751018, Dist.-Khurda, Odisha declare by this affidavit No. 100 Dt.18.09.2023 that now onwards I shall be known as **SUSHMA SAHOO** for all future purposes. D-1405

Your classified advertisement published in Dharitri will be listed free in Dharitri online edition: **dharitriepaper.in**

See Career Appointment on every Wednesday & Saturday

## ଅଙ୍କିତ୍ ମହାରଣାଙ୍କ ବୀଜ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ପିଏଚ୍.ଡି. ଲାଭ



ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥାରେ ଜୈବ ନିରୀକ୍ଷକ ପଦବୀରେ କାର୍ଯ୍ୟରତ **ଶ୍ରୀ ଅଙ୍କିତ୍ ମହାରଣା,** ବୀଜ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା (Seed Science and Technology)ରେ ଗବେଷଣାତ୍ମକ ନିବନ୍ଧ ଲେଖି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓ.ୟୁ.ଏ.ଟି.), ଭୁବନେଶ୍ୱରରୁ Valid Notification: ACD-II-No.3738/UAT, Dt.10.03.2023ରେ ପିଏଚ୍.ଡି. ଲାଭ କରିଛନ୍ତି। ତାଙ୍କର ଗବେଷଣାତ୍ମକ ନିବନ୍ଧର ବିଷୟବସ୍ତୁ ଥିଲା "Standardisation of micronutrient delivery systems through seed in groundnut" ଯାହାକି ଓ.ୟୁ.ଏ.ଟି.ର Professor ଡଃ ସୀମାନ୍ତ ମହାନ୍ତି, ଡଃ ଦେବରାଜ ଲେଙ୍କା, ଡଃ ରବୀନ୍ଦ୍ର କୁମାର ନାୟକ ଏବଂ ଡଃ ମନୋରଞ୍ଜନ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁମୋଦିତ ହୋଇଅଛି। ତାଙ୍କର ସନ୍ଦର୍ଭଟି Dr. Shyamal Ku. Chakrabarty, Principal Scientist cum Head, Division of Seed Sci. & Tech., IARI, New Delhi ଏବଂ Dr. Prabir Chakraborty, Assoc. Professor, Dept. of Seed Sci. & Tech., BCKV, W.B.ଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ଡଃ ମହାରଣା ହେଉଛନ୍ତି, ଲେବର୍ କଲୋନୀ, ରାଜାବଗିଚା, କଟକ ନିବାସୀ ଶ୍ରୀ ଅଭିମନ୍ୟୁ ମହାରଣା ଓ ଶ୍ରୀମତୀ ଉର୍ମିଳା ଦାସଙ୍କର ପୁତ୍ର । ଏହି ସଫଳତା ପାଇଁ ସେ ତାଙ୍କର ତତ୍ତ୍ୱାବଧାରକ, ପିତାମାତା, ସହଯୋଗୀ, ବଡଭାଇ, ଭାଉଜ, ଶୁଭେଚ୍ଛୁ ଏବଂ ସର୍ବୋପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୧୪୧୫

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## CLASSIFIED DISPLAY
MORE SPACE • SAME PRICE

## BIJAYA FINANCE

Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି । ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ । ସୁଧ ୨%
Mob:7656825212 7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

## ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



## ସ୍ୱର୍ଗତ ଶ୍ରୀ ଲକ୍ଷ୍ମୀପ୍ରସାଦ ମିଶ୍ର

ସର୍ବୋଦୟ ନଗର, ପୁରୀ
ଆବିର୍ଭାବ- ୧୯।୧୨।୧୯୩୯
ତିରୋଧାନ- ୩୧।୦୮।୨୦୨୦
ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।
ଶୋକସନ୍ତପ୍ତ- ଲିଲି, ରମୁ, ମୀନା, ବିଜୁନା, ଅନାମ, ଅଶୋକ, ଜୟଚନ୍ଦ୍ର, ରାନ୍ତୁ, ସୋନି, ଦୀପୁନା, ବାପୁନୀ, ମାମୁନୀ, ଟିକିନା, ରୁଚି ।

ଧ-୬୯୦୯୨


# ୪ ଲକ୍ଷ ହେକ୍ଟର ଜମିରେ ହେବ ଡାଲି ଫସଲ

**ଭୁବନେଶ୍ୱର,୨୭।୯(ଅନିଲ ଦାସ):** ଧାନ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟରେ ପରିଣତ ହୋଇଛି। ୧୨ଟି ରାଜ୍ୟକୁ ଓଡ଼ିଶା ଚାଉଳ ଯୋଗାଉଛି। କେନ୍ଦ୍ର ସରକାର ଚାଉଳ ନେଉ ନ ଥିବାରୁ ରାଜ୍ୟରେ ଅଣଧାନ ଫସଲ ଉପରେ ଗୁରୁତ୍ୱ ଦିଆଯାଉଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ୪ ଲକ୍ଷ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବୁଧବାର ବିଧାନସଭା ପ୍ରଶ୍ନକାଳରେ ବିଜେଡି ସଭ୍ୟ ଭୂପିନ୍ଦର ସିଂଙ୍କ ମୂଳ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଡାଲି ଜାତୀୟ ଫସଲ ନିମନ୍ତେ ବିହନବୁଣା ଯନ୍ତ୍ର, ଡାଲି ଅମଳ ଯନ୍ତ୍ର, ଡାଲି କଳ ପାଇଁ ସରକାରୀ ରିହାତି ଦେବା ବ୍ୟବସ୍ଥା ରହିଛି। ୨୦୨୨-୨୩ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ଯଥାକ୍ରମେ ୨୫୪ ଏବଂ ୧୩୧ଟି ଡାଲି ଚାଷ ଯନ୍ତ୍ରପାତି ପାଇଁ ୧ କୋଟି ୨୩ ଲକ୍ଷ ଟଙ୍କା ଓ ସରକାରୀ ସବ୍‌ସିଡି ବାବଦରେ ୭୫ ଲକ୍ଷ ଟଙ୍କା ଡିବିଟି ମାଧ୍ୟମରେ ଦିଆଯାଇଛି। ସେଥିରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨୦ ଲକ୍ଷ ଟଙ୍କା ଏବଂ ସରକାରୀ ରିହାତି ବାବଦରେ ୪୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟରେ ପ୍ରଥମ ଥର ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୨୬ଟି ଜିଲା ଓ ୪ ଆଞ୍ଚଳିକ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ହୋଇଛି। ମୂଳ ପ୍ରଶ୍ନକର୍ତ୍ତା ଭୂପିନ୍ଦର ସିଂ, ପ୍ରଦୀପ ଦିଶାରୀ, ପ୍ରଫୁଲ୍ଲ ସାମଲ, ଅରବିନ୍ଦ ଢାଲି, ସତ୍ୟନାରାୟଣ ପ୍ରଧାନ, କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ, ଭାଜପା ସଦସ୍ୟ କୁସୁମ ଟେଟେ, ଭାସ୍କର ମଢ଼ାଇ ପ୍ରମୁଖ ରାଜ୍ୟରେ ଡାଲି ଚାଷ ହ୍ରାସକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଡାଲି ଜାତୀୟ ଫସଲ ପାଇଁ ପ୍ରୋତ୍ସାହନ ଲାଗି ସରକାର ସବ୍‌ସିଡି ବଢାନ୍ତୁ। ମହାନଦୀରେ ଆନିକଟ କରି ଚାଷୀଙ୍କୁ ଜଳସେଚନ ସୁବିଧା ଯୋଗାଇ ଦିଅନ୍ତୁ ବୋଲି କହିଥିଲେ।

# ବିନା ବିରୋଧୀରେ ୪ ବିଲ୍ ପାରିତ

- ଘଣ୍ଟେ ୧୫ ମିନିଟ୍‌ର ସର୍ବଦଳୀୟ ବୈଠକ ବିଫଳ
- କଂଗ୍ରେସ ବିଧାୟକ ଦଳ ନେତାଙ୍କୁ କହିବାକୁ ସୁଯୋଗ ନ ଦେବା ପ୍ରସଙ୍ଗ ଉଠାଇଲେ ସାଲୁଜା
- ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସିଲେ ଭାଜପା ସଦସ୍ୟ
- ବିଲ୍ ପାରିତ ବେଳେ ଗୃହ ତ୍ୟାଗକଲେ କଂଗ୍ରେସ, ଭାଜପା ସଦସ୍ୟ

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

ବିଧାନସଭାରେ ବୁଧବାର ୪ଟି ବିଲ୍ ପାରିତ ହୋଇଛି। ବିରୋଧୀଙ୍କ ଅନୁପସ୍ଥିତିରେ ଓଡ଼ିଶା ଭୂ-ସଂସ୍କାର ବିଲ୍ ୨୦୨୩, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ବିଲ୍ ୨୦୨୩, ସିଲିକନ୍ ବିଶ୍ୱବିଦ୍ୟାଳୟ ବିଲ୍ ୨୦୨୩ ଏବଂ ନିଷ୍ଟ ବିଶ୍ୱବିଦ୍ୟାଳୟ ବିଲ୍ ୨୦୨୩କୁ ଗୃହରେ ପାରିତ କରାଯାଇଛି। ଏହି ବିଲ୍ ପାରିତହେବା ବେଳେ ଶାସକ ଦଳ ସଦସ୍ୟମାନଙ୍କ କିଛି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଶାସକ ଦଳ ସଦସ୍ୟମାନେ ଦେଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଗୁରୁତ୍ୱ ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀମାନେ ନିଜ ଉତ୍ତରରେ କହିବା ପରେ ଏହି ବିଲ୍‌ଗୁଡିକୁ ପାରିତ କରାଯାଇଛି। ତେବେ ଗୃହରେ ବିରୋଧୀ ବିଭିନ୍ନ ପ୍ରସଙ୍ଗରେ ହୋହଲ୍ଲା କରି ଗୃହ ତ୍ୟାଗ କରିଥିଲେ।

ବିଧାନସଭା ଅଧିବେଶନ ବୁଧବାର ଅପରାହ୍ନରେ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ପଏଣ୍ଟ ଅଫ୍ ଅର୍ଡର ଆଣିଥିଲେ। ବାଚସ୍ପତି ତାଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ସେ କହିଥିଲେ, ଯେତେବେଳେ ଗୃହରେ କିଛି ପ୍ରସଙ୍ଗରେ ଆଲୋଚନା ହେବାବେଳେ ପ୍ରଥମେ ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ଦିଆଯାଏ। ପରମ୍ପରା ଅନୁଯାୟୀ ବିରୋଧୀ ଦଳ ନେତା କହିବା ପରେ କଂଗ୍ରେସ ବିଧାୟକ ଦଳ ନେତା କହିବା କଥା। ହେଲେ କଂଗ୍ରେସ ବିଧାୟକ ଦଳ ନେତାଙ୍କୁ କହିବାକୁ ଦିଆଯାଉ ନାହିଁ। ଏହି ପ୍ରସଙ୍ଗ ଉଠାଇ କଂଗ୍ରେସ ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା, ନାରାବାଜି କରିଥିଲେ। ଏହାପରେ ବିରୋଧୀ ଦଳ ନେତା ସଙ୍ଗେ ସଙ୍ଗେ ଠିଆହୋଇ କହିଥିଲେ, ବିଧାନସଭାର ପ୍ରଥମାର୍ଦ୍ଧରେ ଯେଉଁ ପ୍ରସଙ୍ଗ ଉଠାଇଥିଲି ତାହା ଅସମ୍ବିଧାନିକ ନ ଥିଲା। ତାଙ୍କ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଥିଲା। ହେଲେ ବାଚସ୍ପତି ଏହି କଥାକୁ ବିଚାର ନ କରି ଗୃହ ବିବରଣୀରୁ ବାଦ୍ ଦେଲେ। ଏହି ସମୟରେ ଶାସକ ଦଳ ସଦସ୍ୟମାନେ ନିଜ ଆସନରେ ଠିଆହୋଇ ପାଲଟା ଜୟନାରାୟଣଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଦେଇଥିଲେ। ଏଭଳି ହୋହଲ୍ଲା ଭିତରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ୪ଟା୨ରୁ ୩୦ ମିନିଟ୍ ଲାଗି ଗୃହ ମୁଲତବୀ ଘୋଷଣା କରିଥିଲେ। ସର୍ବଦଳୀୟ ବୈଠକରେ କିଛି ନିଷ୍କର୍ଷ ନ ବାହାରିବାରୁ ବିରୋଧୀ ପୁଣିଥରେ ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା, ନାରାବାଜି ଜାରି ରଖିଥିଲେ। ବାଚସ୍ପତି ପୁଣିଥରେ ୩୦ ମିନିଟ୍ ଲାଗି ସର୍ବଦଳୀୟ ବୈଠକ ଡାକିଥିଲେ। ଏହି ସମୟକୁ ଆହୁରି ୧୫ ମିନିଟ୍ ବୃଦ୍ଧି କରାଗଲା। ହେଲେ ସର୍ବଦଳୀୟ ବୈଠକରୁ କିଛି ସୁଫଳ ବାହାରିପାରି ନ ଥିଲା। ପ୍ରଥମେ କଂଗ୍ରେସ ସଦସ୍ୟମାନେ ସେମାନଙ୍କୁ ବିଲ୍ ପାରିତ ହେବାବେଳେ ଆଲୋଚନାରେ ସାମିଲ କରାଯାଉ ନ ଥିବାରୁ ସେମାନେ ଗୃହରେ ରହିବାର ଆବଶ୍ୟକତା ନ ଥିବା କହି ବିଧାନସଭା ଛାଡ଼ି ଚାଲିଯାଇଥିଲେ। ଏହାପରେ ଭାଜପା ସଦସ୍ୟମାନେ ମଧ୍ୟ ଗୃହ ଛାଡ଼ି ଚାଲିଯିବା ସହ ଗାନ୍ଧୀ ମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ଶେଷରେ ବିଧାନସଭା ସରିବା ପରେ ଭାଜପା ସଦସ୍ୟମାନେ ଧାରଣାରୁ ଉଠିଥିଲେ।

# ଇଏସ୍‌ଜିର ଲକ୍ଷ୍ୟ ହାସଲକୁ ଗୁରୁତ୍ୱ

## ୨ୟ ଇଣ୍ଡିଆ ମାଇନିଂ ସମ୍ମିଳନୀ

ଭୁବନେଶ୍ୱର,୨୭।୯ (ଅଭୟ ଦାଶ)



ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ଓଡ଼ିଶା ରାଜ୍ୟ ପରିଷଦ ଓ ଓଡ଼ିଶା ସରକାରଙ୍କ ଇସ୍ପାତ ଏବଂ ଖଣି ବିଭାଗର ମିଳିତ ସହଯୋଗରେ ୨ୟ ଇଣ୍ଡିଆ ମାଇନିଂ ସମ୍ମିଳନୀ ବୁଧବାର ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ ଖଣି ଶିଳ୍ପର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଉଦ୍‌ଘାଟନୀ ଅଧିବେଶନରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଜେ.ବି. ପାଣି ସମ୍ମିଳନୀକୁ ସମ୍ବୋଧିତ କରି କହିଥିଲେ, ଶିଳ୍ପ ଅଭିବୃଦ୍ଧି ତଥା ନିଯୁକ୍ତି ସୁଯୋଗ ବଢାଇବାରେ ଖଣି କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଆଜି ଆମେ ଏଠାରେ ଏକାଠି ହେବା ବେଳେ ଏ କ୍ଷେତ୍ରରେ ନିରନ୍ତର ବିକାଶ ପାଇଁ ଆମ ଉପରେ ନିର୍ଭର କରୁଥିବା ଅପାର ସମ୍ଭାବନା ଏବଂ ଦାୟିତ୍ୱକୁ ଆମେ ସ୍ୱୀକାର କରୁଛୁ। ସେହିପରି ଟାଟା ଷ୍ଟିଲ୍‌ର କାର୍ଯ୍ୟନିର୍ବାହୀ-ଇନ୍-ଚାର୍ଜ (ଏଫ୍‌ଏଡିଏମ୍) ଏବଂ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର କନ୍‌ଭେନର ମିନେରାଲ୍ସ ଆଣ୍ଡ ମେଟାଲ୍ କମିଟି ପଙ୍କଜ ସତୀଜା କହିଛନ୍ତି, ଇଏସ୍‌ଜିର ଲକ୍ଷ୍ୟ ହାସଲ କରିବାକୁ ଆମର ଏକ ଦୃଢ ନୀତି ଢାଞ୍ଚା ରହିବା ଆବଶ୍ୟକ,ଯାହାକି ସେହି ନିର୍ଦ୍ଦେଶାବଳୀ ଅନୁସରଣ ସହ ବୃତ୍ତିଗତ ଉତ୍କର୍ଷ ସହିତ ଲୋକଙ୍କ ଦକ୍ଷତାକୁ ସୁଗମ ତଥା ଦୃଢ କରିବା ଉଚିତ ବୋଲି ସେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍), ବେଦାନ୍ତ ଜିଙ୍କ୍ ବ୍ୟବସାୟ, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍ ଏବଂ ଏମ୍‌ଏନ୍‌ଏସ୍ ଭଳି ଜଣାଶୁଣା ଖଣି କମ୍ପାନୀଗୁଡ଼ିକର କର୍ପୋରେଟ ଲିଡରମାନେ ସେମାନଙ୍କର ମତ ଉପସ୍ଥାପନ କରିଥିଲେ। ଇଭେଣ୍ଟ ପାର୍ଟନର ଭାବେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଏବଂ ବେଦାନ୍ତ ଲିମିଟେଡ୍ ସହ-ସହଭାଗୀଭାବେ ସେମାନଙ୍କର ସହାୟତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜେଏସ୍‌ଏଲ୍, ଜେଏସ୍‌ଡବ୍ଲ୍ୟୁ, ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍, ଏସ୍‌ଏନ୍‌ଏମ୍ ଗ୍ରୁପ୍, ଏମ୍‌ଏନ୍‌ଏସ୍‌ଇଣ୍ଡିଆ, ଦୀପକଫର୍ଟିଲାଇଜର୍ସ ଏବଂ ପେଟ୍ରୋକେମିକାଲ୍ସ କର୍ପୋରେଶନ୍ ଲିମିଟେଡ୍, ନାଲ୍‌କୋ ଏବଂ ଟାଟା ଷ୍ଟିଲ୍ ପ୍ରାୟୋଜକ ଭାବେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇସିସିର ଆଞ୍ଚଳିକ ମୁଖ୍ୟ ଜେ.ପି. ପାଲ୍ ଓ ଅନ୍ୟ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ।

# ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୨୭।୯

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୭୩ (୧୭୩.୨୨) ପଏଣ୍ଟ ବୃଦ୍ଧି ଘଟି ୬୬,୧୧୯ (୬୬,୧୧୮.୬୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୦୭ (୧୦୭.୪୦) ପଏଣ୍ଟ ବଢି ୧୯,୭୧୬ (୧୯,୭୧୬.୪୫) ଅଙ୍କରେ କାରବାର ବନ୍ଦ କରିଥିଲା। ଉଲ୍ଲେଖଯୋଗ୍ୟ, ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ବୃଦ୍ଧି ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍ କ୍ୟାପ୍, ସ୍ମଲ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡିକରେ ମଧ୍ୟ କାରବାର ବଢିଥିବାବେଳେ ସେକ୍ଟୋରାଲ ଇଣ୍ଡେକ୍ସର ମଧ୍ୟ କାରବାର ବୃଦ୍ଧି ଘଟିଛି।

# ନୀତାଙ୍କୁ ସିଟିଜେନ୍ ଅଫ୍ ମୁମ୍ବାଇ ଆୱାର୍ଡ

ଭୁବନେଶ୍ୱର,୨୭।୯



ରିଲାଏନ୍ସ ଫାଉଣ୍ଡେଶନର ଅଧ୍ୟକ୍ଷା ନୀତା ଏମ୍ ଅମ୍ବାନୀଙ୍କୁ ନିକଟରେ ଆଉ ଏକ ସମ୍ମାନଜନକ ପୁରସ୍କାରରେ ପୁରସ୍କୃତ କରାଯାଇଛି। ଉଲ୍ଲେଖଯୋଗ୍ୟ, ରୋଟାରି କ୍ଲବ ଅଫ୍ ବମ୍ବେ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହରେ ନୀତାଙ୍କୁ ୨୦୨୩-୨୪ ବର୍ଷ ପାଇଁ ସମ୍ମାନଜନକ ସିଟିଜେନ୍ ଅଫ୍ ମୁମ୍ବାଇ ଆୱାର୍ଡ ଦିଆଯାଇଛି। ବିଶେଷକରି ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା, କଳା ଏବଂ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୀତାଙ୍କୁ ଉପରୋକ୍ତ ସମ୍ମାନ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନୀତା କହିଛନ୍ତି, ଉକ୍ତ ସମ୍ମାନକୁ ମୁଁ ଅତ୍ୟନ୍ତ ବିନମ୍ରତାର ସହ ଗ୍ରହଣ କରୁଛି। ଏପରିକି ଆମ ସହର ମୁମ୍ବାଇ ଓ ଏହାର ବାସିନ୍ଦାଙ୍କ ପାଇଁ ରୋଟାରି କ୍ଲବ ଅଫ୍ ବମ୍ବେର ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇଛୁ। ସେହିଭଳି ଜଣେ ରୋଟାରିଆନ ଭାବେ ଦୀର୍ଘ ୨୫ ବର୍ଷ ହେବ ମୁଁ ଆପଣମାନଙ୍କ ସାଙ୍ଗରେ ବିତାଇଛି। ସେହିପରି ଧୀରୁଭାଇ ଅମ୍ବାନୀ ୧୯୬୯ରେ ଜଣେ ଅନରାରି ରୋଟାରିଆନ ହେବା ପରଠାରୁ ଅମ୍ବାନୀ ପରିବାରର ରୋଟାରି ସହ ସମ୍ପର୍କ ଆରମ୍ଭ ହୋଇଥିଲା। ଉଲ୍ଲେଖଯୋଗ୍ୟ, ରିଲାଏନ୍ସ ଦ୍ୱାରା ମୁମ୍ବାଇଠାରେ ସୃଷ୍ଟି କରାଯାଇଥିବା ପ୍ରତିଟି ଅନୁଷ୍ଠାନ ମୁମ୍ବାଇ ସହର ସହ ଦୃଢ଼ ଭାବେ ସଂଯୁକ୍ତ ଏବଂ ମୁମ୍ବାଇର ଦର୍ଶନରେ ଅନୁପ୍ରାଣିତ ବୋଲି ନୀତା ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ବ୍ୟାଙ୍କ ମିତ୍ର ତାଲିମ ଶିବିର

ଭୁବନେଶ୍ୱର,୨୭।୯

ଓଡ଼ିଶା ଜୀବିକା ମିଶନ ଓ ରୁଡ୍‌ସେଟର ମିଳିତ ସହଭାଗିତାରେ ଏକ ୬ ଦିନିଆ ବ୍ୟାଙ୍କ ମିତ୍ର ତାଲିମ ଶିବିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ମହିଳା ସଶକ୍ତୀକରଣ ଓ ଆର୍ଥିକ ସାକ୍ଷରତାକୁ ସୁଦୃଢ କରିବା ଲକ୍ଷ୍ୟ ନେଇ ଭୁବନେଶ୍ୱରଠାରେ ଏଭଳି ଏକ ରାଜ୍ୟସ୍ତରୀୟ ଶିବିରର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ବିଭିନ୍ନ ଜିଲାରୁ ୬୦ରୁ ଅଧିକ ବ୍ୟାଙ୍କ ମିତ୍ର ଅଂଶ ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ ଓ ଏଲ୍‌ଡିଏମ୍ ଦିବାକର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଡ୍‌ସେଟ୍ ପ୍ରତିଷ୍ଠାନର ନିର୍ଦ୍ଦେଶକ ଅରକ୍ଷିତ ଦାସ, ଓଡ଼ିଶା ଜୀବିକା ମିଶନର ଆର୍ଥିକ ଅନ୍ତର୍ଭୁକ୍ତୀକରଣ କକ୍ଷର ଅଧିକାରୀ ପଦ୍ମଲୋଚନ ରାଉତରାୟ, ୟୁନିୟନ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ ଅମିୟ ପଟ୍ଟନାୟକଙ୍କ ସହ ରୁଡ୍‌ସେଟ୍ ପ୍ରତିଷ୍ଠାନର ପ୍ରଶିକ୍ଷକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିଭଳି ବର୍ତ୍ତମାନ ସମୟରେ ବ୍ୟାଙ୍କ ମିତ୍ରମାନଙ୍କର ଭୂମିକା ଓ ଗୁରୁଦାୟିତ୍ୱ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସେହିପରି ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଇମିଟେଶନ ଗହଣା ତିଆରି, ଏସି ଓ ଫ୍ରିଜ୍ ମରାମତି, ଝୋଟରୁ ତିଆରି ଉତ୍ପାଦ, ମହିଳା ସିଲାଇ ଓ ବିୟୁଟି ପାର୍ଲର ଆଦି ସମ୍ପୂର୍ଣ୍ଣ ନିଃଶୁଳ୍କ ତାଲିମ ଶିବିର ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା।

ଅପରପକ୍ଷରେ ରୁଡ୍‌ସେଟ୍ ପ୍ରତିଷ୍ଠାନର ସାମାଜିକ ଦାୟିତ୍ୱବୋଧତା ଓ ଗ୍ରାମାଞ୍ଚଳରେ ସାମଗ୍ରିକ ବିକାଶ କରିବା ଦିଗରେ ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି।

# ଫ୍ରିଡମ୍ ଅଏଲ୍‌ର ନୂତନ ଅଭିଯାନ




ଭୁବନେଶ୍ୱର,୨୭।୯

ଦେଶର ପ୍ରମୁଖ ଖାଇବା ତେଲ ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ ପକ୍ଷରୁ ଏକ ନୂତନ ଅଭିଯାନ 'ଧ୍ୟାନ୍ ସେ ଲିଜିୟେ' ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ସୁସ୍ଥ ରହିବା ସାଙ୍ଗକୁ ସ୍ୱାଦିଷ୍ଟ ଖାଦ୍ୟ ଖାଇବା ପାଇଁ ଗ୍ରାହକମାନେ ବ୍ୟବହାର ତେଲଗୁଡ଼ିକୁ କ୍ରୟ କରିବା ସମୟରେ ଠିକ୍ ଭାବେ ଦେଖିବା ସହ ସ୍ୱାଦ ଓ ଗୁଣବତ୍ତାକୁ ଲକ୍ଷ୍ୟ କରି କ୍ରୟ କରିବା ପାଇଁ ଉକ୍ତ ଅଭିଯାନରେ ସଚେତନ କରାଯାଉଛି। ଏପରିକି ଫ୍ରିଡମ କୁକିଂ ଅଏଲର ବ୍ରାଣ୍ଡ ଆମ୍ବାସାଡର ଜଣାଶୁଣା କଳାକାର ୟଶ ଏବଂ ରାଧିକା ସୁନ୍ଦର ଭାବେ ପ୍ରଚାର ଓ ପ୍ରସାର ସହିତ ଗ୍ରାହକଙ୍କୁ ସଚେତନ କରାଉଛନ୍ତି।

ଏ ସମ୍ପର୍କରେ ଫ୍ରିଡମ ହେଲ୍‌ଦି କୁକିଂ ଅଏଲର ବରିଷ୍ଠ ଉପସଭାପତି (ବିକ୍ରି ଏବଂ ବିପଣନ) ପି. ଚନ୍ଦ୍ର ଶେଖର ରେଡ୍ଡୀ କହିଛନ୍ତି, ବଜାରରେ ଫ୍ରିଡମ ହେଲ୍‌ଦି କୁକିଂ ଅଏଲର ଚାହିଦା ରହିଛି। କାରଣ ଏହାର ଗୁଣବତ୍ତା ଓ ଗ୍ରାହକ ବିଶ୍ୱାସକୁ କମ୍ପାନୀ ମୂଳ ଅସ୍ତ୍ର ଭାବେ ବ୍ୟବହାର କରିଥାଏ। ସେହିଭଳି ଗ୍ରାହକଙ୍କ ସୁବିଧା ପାଇଁ କମ୍ପାନୀ ସର୍ବଦା ଗ୍ରାହକକେନ୍ଦ୍ରିକ ସେବାକୁ ଗୁରୁତ୍ୱ ଦେବା ସହ ଗୁଣବତ୍ତା, ମୂଲ୍ୟ ଓ ଉତ୍ପାଦର ଚାହିଦାକୁ ତର୍ଜମା କରିଥାଏ। ସେହିପରି ୟଶ ଓ ରାଧିକାର ଭୂମିକା ଗ୍ରାହକଙ୍କ ଉପରେ ବିଶେଷ ପ୍ରଭାବ ପକାଇବ ବୋଲି ସେ ମତପ୍ରକାଶ କରିଛନ୍ତି।

# ଉତ୍କଳିକାର ବାର୍ଷିକ ସାଧାରଣ ଅଧିବେଶନ



ଭୁବନେଶ୍ୱର,୨୭।୯

ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିମିଟେଡ୍ ବା ଉତ୍କଳିକାର ବାର୍ଷିକ ସାଧାରଣ ଅଧିବେଶନ ବୁଧବାର ଜିଲା ଶିଳ୍ପକେନ୍ଦ୍ର ଭୁବନେଶ୍ୱର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପରିଚାଳନା କମିଟିର ସଦସ୍ୟମାନଙ୍କ ସହ ବିଭିନ୍ନ ପ୍ରାଥମିକ ସମବାୟ ହସ୍ତଶିଳ୍ପ ସମବାୟ ସମିତିରୁ ୪୫ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଉତ୍କଳିକାର ସଭାପତି କୁମାରୀ ଦେବାସମିତ ସାହୁଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ହସ୍ତଶିଳ୍ପର ନିର୍ଦ୍ଦେଶିକା ତଥା ଅତିରିକ୍ତ ନିବନ୍ଧକ ସମବାୟ ସମିତି ସମୂହ ପ୍ରଣତୀ ଛୋଟରାୟ,ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ପରିଚାଳନା ନିର୍ଦ୍ଦେଶିକା କଲ୍ୟାଣୀ ପଟ୍ଟନାୟକ ଏବଂ ଡିଆର୍‌ସିଏସ୍ ସୁନିତା ପତି ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ହସ୍ତଶିଳ୍ପର ବିକାଶ ଓ ଉନ୍ନତି ପାଇଁ ଅତିଥିମାନେ ଆବଶ୍ୟକ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ପରିଶେଷରେ ଉତ୍କଳିକାର ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିରାଗ ଇଣ୍ଡଷ୍ଟ୍ରିର ରାଜ୍ୟସ୍ତରୀୟ ଡିଲର ମିଟ୍

ଭୁବନେଶ୍ୱର,୨୭।୯

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଫର୍ନିଚର ଶିଳ୍ପର ବୃହତ୍ ନିର୍ମାତା ଚିରାଗ ଇଣ୍ଡଷ୍ଟ୍ରି ପକ୍ଷରୁ ବୁଧବାର ଏକ ରାଜ୍ୟସ୍ତରୀୟ ଡିଲର ମିଟ୍ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସମସ୍ତ ପ୍ରମୁଖ ବଜାରର ଜଣାଶୁଣା ବ୍ୟବସାୟୀ ଓ ୧୦୦୦ରୁ ଅଧିକ ଡିଲର ଅଂଶ ଗ୍ରହଣ କରିଥିଲେ। ଏ ସମ୍ପର୍କରେ ଚିରାଗ ଇଣ୍ଡଷ୍ଟ୍ରିର ଏମ୍‌ଡି ବି.ଜଗନ୍ନାଥ ରାଓ କହିଥିଲେ, ରାଜ୍ୟରେ ବ୍ୟବସାୟ ବୃଦ୍ଧି ଓ ଗ୍ରାହକଙ୍କ ଚାହିଦା ଓ ଆବଶ୍ୟକତା ପୂରଣ କରିବା ପାଇଁ ଡିଲର ମିଟ୍‌ର ପ୍ରମୁଖ ଭୂମିକା ରହିଛି। କମ୍ପାନୀ ଉତ୍ପାଦଗୁଡିକର ବୁକିଂ ଉପରେ ଡିଲରମାନଙ୍କ ପାଇଁ ଆକର୍ଷଣୀୟ ସୁବିଧା ସହ ଅଫର ଏବଂ ଲକି ଡ୍ର' ସାଙ୍ଗକୁ ଫ୍ରି ଡେଲିଭରିର ବ୍ୟବସ୍ଥା ମଧ୍ୟ କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯାଉଛି। କମ୍ପାନୀର ଭଲିକି ଭଳି ଡିଜାଇନ ଓ ଗୁଣାତ୍ମକ ଉତ୍ପାଦ ଉଭୟ ଗ୍ରାହକ ଓ ଡିଲରମାନଙ୍କର ପ୍ରଥମ ପସନ୍ଦ ହୋଇଥିବାବେଳେ କମ୍ପାନୀ ଉଭୟ ବାସୋପଯୋଗୀ ଓ କାର୍ଯ୍ୟାଳୟ ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ସୁଲଭ ମୂଲ୍ୟରେ ଯୋଗାଇ ଦେଇଥାଏ। ସୋଫା ସେଟ୍, ବେଡ୍, ଡାଇନିଂ ସେଟ୍‌ର ଚାହିଦା ଅଧିକ ରହିଥିବାବେଳେ ଅନ୍ୟ ସାମଗ୍ରୀର କାରବାର ମଧ୍ୟ ଭଲ ରହିଛି। ଉକ୍ତ ମିଟ୍‌ରେ ଚିରାଗ ଇଣ୍ଡଷ୍ଟ୍ରିର ଡାଇରେକ୍ଟର ପି.ଚିରାଗ ପାତ୍ର,ପି. ରିନା ପାତ୍ରଙ୍କ ସମେତ ରଞ୍ଜନ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।


**ODISHA HYDRO POWER CORPORATION LTD.**
(A Gold Rated State PSU)
O/O. SR. GENERAL MANAGER, RENGALI HYDRO ELECTRIC PROJECT, RENGALI
P.O. RENGALI DAM SITE, DIST.: ANGUL (ODISHA), INDIA, PIN:759105
No.CAD-2199: TEL.NO.-06760-266031, Email: sgmel500@gmai.com, CIN:U40101OR1995SGC003963
No.OHPC:RHEP/C&P/PUR-III-139/ 6295 /Date:26.09.2023

**NOTICE INVITING TENDER NO.RHEP-27/2023-24**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers/authorized dealers/ for carrying out the following works as mentioned below.

| Description of Materials/Services | Cost of Tender Paper (Non-refund-able) in Rs. | EMD in shape of DD/ Banker's Cheque only (Refundable) in Rs. | Period of availability of tender at OHPC website (Sale) | Last date & Time of receipt of tender | Date & Time of Opening of Techno -Commercial bid |
|---|---|---|---|---|---|
| Repair, Overhauling & Demonstration of one number of Drilling machine, one number of Shaper machine & one number of Lathe machine for RHEP, Rengali | Rs.2,360/- (Inclusive of GST @ 18%) | Rs.4,950/- | From Dt.28.09.2023 to Dt.10.10.2023 (Upto 03.30 PM) | Dt.10.10.2023 Upto 04.15 PM | Dt.10.10.2023 at 04.30 PM |

For details and further correspondence/ corrigendum, please visit our website www.ohpcltd.com
OIPR-04022/11/0032/2324 Sd./- C & P Head, RHEP, Rengali


# ଏଲ୍‌ଜିର 'ଇଣ୍ଡିଆ କା ସେଲିବ୍ରେଶନ୍'

## ଏଲ୍‌ଜିର 'ଫେଷ୍ଟିଭ୍ ଏକ୍ସକ୍ଲୁସିଭ୍ ଅଫର'

ଭୁବନେଶ୍ୱର,୨୭।୯

ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବହୁ ପ୍ରତୀକ୍ଷିତ 'ଇଣ୍ଡିଆ କା ସେଲିବ୍ରେଶନ୍' ସହିତ 'ଫେଷ୍ଟିଭ୍ ଏକ୍ସକ୍ଲୁସିଭ୍ ଅଫର' ନିକଟରେ ଘୋଷଣା ହୋଇଯାଇଛି। ସେହିଭଳି ଚଳିତ ବର୍ଷର ଦୀପାବଳି ଅବସରରେ ଗ୍ରାହକମାନେ ଆକର୍ଷଣୀୟ ଅଫର ଜିତିବା ପାଇଁ ଏକ ଅପୂର୍ବ ସୁଯୋଗ 'ଇଣ୍ଡିଆ କା ସେଲିବ୍ରେଶନ'ର ଶୁଭାରମ୍ଭ ହୋଇଯାଇଛି। ଅପରପକ୍ଷରେ ଚଳିତ ଦୀପାବଳି ଉତ୍ସବରେ ସାମିଲ ହେବାକୁ ଗ୍ରାହକଙ୍କୁ ୮୩୫୦୩୫୦୭ ନମ୍ବରରେ ଏକ ମେସେଜ୍ କରିବାକୁ ହେବ। ସେହିଭଳି ଏଲଜିର 'ଫେଷ୍ଟିଭ୍ ଏକ୍ସକ୍ଲୁସିଭ୍ ଅଫର'ଜରିଆରେ ଗ୍ରାହକମାନେ ଏଲଜି ଡ୍ରିମ୍ ହୋମ୍ ପ୍ୟାକେଜ୍ ସାଙ୍ଗକୁ ଅଡି କ୍ୟୁ ୩ ମଧ୍ୟ ଜିତି ପାରିବେ ବୋଲି କୁହାଯାଇଛି। ବିଶେଷ କରି ଏଲିଜି ଡ୍ରିମ୍ ହୋମ୍ ପ୍ୟାକେଜରେ ରେଫ୍ରିଜରେଟର, ୱାଶିଂ ମେଶିନ୍, ୱାଟର ପ୍ୟୁରିଫାଏର, ମାଇକ୍ରୋୱେଭ୍ ଓଭେନ୍ ଏବଂ ଏକ ଓଏଲଇଡି-ଟିଭି ଅନ୍ତର୍ଭୁକ୍ତ ରହିଛି। ଏଲଜିର 'ଇଣ୍ଡିଆ କା ସେଲିବ୍ରେସନ୍' ଅଫର ଜରିଆରେ ଲକି ୱିନର ଅଡି କ୍ୟୁ ୩ ଜିତିପାରିବେ। ଏହା ବ୍ୟତୀତ ଏଲଜି ଅତିରିକ୍ତ ଅଫର ହିସାବରେ ନିର୍ଦ୍ଦିଷ୍ଟ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ବ୍ୟବହାର କରି କୌଣସି ଉତ୍ପାଦ କ୍ରୟ କରିଲେ ୨୬% ପର୍ଯ୍ୟନ୍ତ ରିହାତି ମିଳିବ। ସେହିଭଳି ଆଉ କେତେକ ଏଲଜି ପ୍ରଡକ୍ଟ ଉପରେ ଗୋଟିଏ ଇଏମଆଇ ଦେବାକୁ ପଡ଼ିବ ନାହିଁ ଆଉ ତା ସହ ଜିରୋ ଡାଉନପେମେଣ୍ଟରେ ମଧ୍ୟ କିଣିପାରିବେ। ଏଲଜି ପ୍ରଡକ୍ଟସ ଏମିତି ଆହୁରି ଅନେକ ଅଫର ନେଇ ଆସିଛି। ସେହିପରି ଏଲଜି ୪୨୦୦ ଟଙ୍କା ପର୍ଯ୍ୟନ୍ତ ମେଣ୍ଟେନାନ୍ସ ଖର୍ଚ୍ଚ ବି ବହନ କରିବ। ଏଲଜି ଏଲଜି ଟିଭି ଉପରେ ୩ ବର୍ଷର ୱାରେଣ୍ଟି କମ୍ପାନୀ ଦେବାକୁ ଥିବାବେଳେ ୯୯୯୦ ଟଙ୍କାର ସ୍ମାର୍ଟ କ୍ୟାମେରା ମାଗଣା ଦେଇପାରେ ବୋଲି କୁହାଯାଇଛି। ଏଲଜିର ଏହି କ୍ୟାମ୍ପେନ୍ ୨୦୨୩ ନଭେମ୍ବର ୧୨ ପର୍ଯ୍ୟନ୍ତ ଚାଲିବ।


No. YY-05

**GOVERNOR'S SECRETARIAT, ODISHA**
RAJBHAVAN, BHUBANESWAR - 751008
No. GOV-OE-EV-0007/2021/6379/SG (Estt) Dated: 18.08.2023
From
Shri R.C. Majhi
Officer on Special Duty, Rajbhavan, Bhubaneswar
To
Shri Paul Kullu, Ex-Senior Grade Stenograhper
At: Qtrs. No. 2RB-4, Rajbhavan Staff Colony
Unit - 8, Bhubaneswar
Sub.: Submission of pension papers for onwards transmission to O/o. the AG (A&E), Odisha, Bhubaneswar for issue of PPO/ CPO/GPO - Ragarding.

Sir,
In inviting a reference to the subject mentioned above, I am directed to intimate you that in order to finalise the pensionery benefits in your favour, the penison papers duly filled in all respects along with some personal information/documents listed below are required to be submitted by you to this office for sanction of pensionery benefits and issue of authority by AG (A&E), Odisha, Bhubaneswar.

| Sl. No. | List of Documents or Nature of Information | | Copies |
|---|---|---|---|
| 01 | Proof of date of birth of spouse and children issued by the Competet Authority like Birth Certificate/ Certificate issued by School/College/Municipal/ Local Panchayat Authority (self attested) | - | Four Copies |
| 02 | Address for correspondence/contact number | - | |
| 03 | First page of Bank Pass Book where pensionary benefit to be credited (Self-attested) | - | Four Copies |
| 04 | Pass Port Size Joint Photographs of yourself and spouse | - | Four Copies |
| 05 | Specimen Signature of your spouse in the enclosed format | - | Four Copies |
| 06 | PAN Card (Self Attested) | - | Four Copies |
| 07 | Clearance Certificate issued by AG (A&E), Odisha against long term advances availed by you. | - | Two Copies |
| 08 | Aadhaar Cards of Self, Spouse and Children (Self Attested) | - | Four Copies each |

2. Further, you are advised to report to Shri Sanjeev Kumar Naik, SO, Establishment Section in person along with your spouse for submission of above information/documents and signature in relevant OCS (Penison) Forms. You should come over to Reception Office in any working day during office hours from 11.00 A.M. to 2.00 P.M. for the purpose. The office will not be responsible for any delay in regularisation of your pension case, if pension papers are not submitted by you in time.
Sd./- Officer on Special Duty
OIPR-12116/11/0007/2324

ଯାଜପୁର ପୌର ପରିଷଦ କାର୍ଯ୍ୟାଳୟ, ଯାଜପୁର
**OFFICE OF THE MUNICIPAL COUNCIL,JAJPUR**
ସ୍ଥାନ-ଯାଜପୁର, ୭୫୫୦୦୧
At/Po/Dist-Jajpur (Odisha), Pin-755001
Email:jajpur.m.1869@gmail.com, Phone No.06728-222073
Letter No.3577// JM, Dated 26.09.23

**QUOTATION CALL NOTICE**

No.C-1516:Quotations in sealed cover are invited from the intending Firms/Bidders/suppliers for supply & execution of the following nature works.
1. Supply of Tricycle with Iron Body.
2. All types of Sanitary Articles relating to sanitation work.
The Quotation Schedule for Quotation containing general bid information, terms & conditions for the above items of works will be available on payment of cost Rs. 2000 (Rupees Two Thousand) only in shape of cash to be deposited at Municipal Office towards paper cost from Dt.29.09.2023 to 10.10.2023 upto 2.00 P.M in the working days & hours respectively.
The Bidders are to submit the Quotation paper duly filled in on or before Dt.11.10.2023 by 3.30 P.M which shall be opened on the same day at 4.00 P.M in the presence of the Bidder or their authorized representatives. The date of opening shall not be differed in the absence of either bidder or their authorized representatives.
The authority reserves the right to accept or reject any or all the quotation without assigning any reason thereof.
Sd./- Executive Officer, Jajpur Municipality
OIPR-13171/11/0014/2324

**CUTTACK DEVELOPMENT AUTHORITY**
CDA
Arunodaya Bhawan, Link Road, Cuttack - 12
URL: cdacuttack.nic.in, E-mail: cda.cuttack@nic.in

**Request for Proposal**

Notice No. 10747 Date: 27.09.2023

**FOR SELECTION OF AN AGENCY FOR PROVIDING SERVICES FOR ONLINE E-AUCTION OF ASSETS/ PROPERTIES OF CUTTACK DEVELOPMENT AUTHORITY**

Brief Description of the process: Cuttack Development Authority (CDA) invites applications from prospective **AGENCY/FIRMS FOR PROVIDING SERVICES FOR ONLINE E-AUCTIONING OF ASSETS/ PROPERTIES OF CUTTACK DEVELOPMENT AUTHORITY.**

No. CAD-2218: The bidders are requested to make themselves aware of the illegibility criteria mentioned in the RFP before participating in the porcess. The RFP can be downloaded from CDA webstie **http://www.cdacuttack.nic.in** and the last date of submission of application in prescribed format and with required documents in Dtd.05.10.2023 till 15.00 hrs. Cuttack Development Authority, Cuttack reserves the right to accept or reject any applications and to annul the selection process at any time, without incurring any liability and without assigning any reason thereof.

For any assistance/ clarification in this regard, the prospective applicants may contact the **Scheme Officer on (Mob. No. 8249964517)** or reach out to **PMU Cell (Contact No. 9937022079/8050398938** during office hours.
Sd./- Secretary
OIPR-13037/11/0141/2324 Cuttack Development Authority, Cuttack

**GRIDCO LIMITED**
GRIDCO Empowering Odisha
( A Govt. of Odisha Undertaking)
Regd. Office : Janpath, Bhubaneswar-751022, ODISHA
CIN : U40109OR1995SGC003960
No.CAD-2214

**NOTICE INVITING TENDER FOR PURCHASE OF POWER**

GRIDCO Ltd. has issued Tender for procurement of power from Inter-state/ Intra-state sources on short term open access basis through DEEP e-bidding Portal for the period from **01.03.2024 to 31.07.2024.**
Interested bidders may please refer **www.mstcecommerce.com / www.gridco.co.in** for detailed terms and conditions and visit the website from time to time for further details / information.
OIPR-04056/11/0009/2324 **Chief General Manager (PP)**

**DIRECTORATE OF PRINTING, STATIONERY & PUBLICATION, ODISHA**
**MADHUPATNA, CUTTACK-753010**
E.O.I. NO.04
EXPRESSION OF INTEREST ON STITCHING WORK OF VOTER SLIPS (PINK & WHITE) RELATING TO SAMULTANEOUS GENERAL ELECTION (OUTSOURCING)- FOR THE YEAR- 2023-24

**No.J-17:**Director, Printing, Stationery & Publication, Odisha, Cuttack-10 invites Expression of Interest in sealed cover (Technical Bid /EMD in one cover and price bid in another cover) in prescribed form from the Reputed bonafide Printing/Binding Firms having GST Registration Certificate to offer the rate for outsourcing of stitching work of 4,00,000 books of voter slip (White) and 2,00,000 books of voter slip (Pink) are required to be stapled from the left side of the books.
Details of documents can be obtained on any working day during the office hour at 11.00 A.M. to 4.00 P.M. from **27.09.2023 to 09.10.2023** from the office of the undersigned on payment of Rs.505/- **(Rupees five hundred five)** only inclusive G.S.T. (Non-refundable) in cash by person only.
The tender information can also be downloaded from the Odisha State Government website i.e. **www.odisha gov.nic.in** and Odisha Govt. Press Website i.e. **www.ogpress.nic.in**. In such cases the bidder is to submit along with a bank draft of **Rs.505/-(Rupees five hundred five)** only (Non-refundable) drawn in favour of Director, Printing, Stationery & Publication, Odisha, Cuttack.
The documents as required by this office along with "EMD in prescribed manner should be received by 1.30 P.M. on **10.10.2023** and will be opened on same day at 3.00 P.M. in presence of the participated firms Authorized representatives.
Tender shall be finalised by the Authority. The Authority reserves the right to reject any or all offers without assigning any reason thereof. All disputes, if any, arises are subject to the Court of Cuttack jurisdiction.
DIRECTOR
Printing, Stationery & Publication, Odisha, Madhupatna, Cuttack-10
OIPR-02002/11/0013/2324


See Career Appointment on every Wednesday & Saturday

# ଭଲ ସମୟ ଆସୁଛି

''ସିନେମା ସମୂହକୁ ସାଧାରଣ ଦର୍ଶକ ପସନ୍ଦ କରିବା ଫଳରେ ଓଡ଼ିଆ ସିନେମାର ମନୋବଳ ବୃଦ୍ଧିରେ ଏହା ସହାୟକ ହେବ। କପି ଓଡ଼ିଆ ସିନେମାର ସଂକ୍ରମଣ ଏତେ ପରିମାଣରେ ଓଡ଼ିଆ ଦର୍ଶକମାନଙ୍କୁ ବ୍ୟାଧିଗ୍ରସ୍ତ କରିଛି ଯେ, ଭଲ ଓଡ଼ିଆ ସିନେମା ପ୍ରଦର୍ଶନ ହେଲେ ମଧ ଦର୍ଶକମାନେ ଦେଖିବାକୁ ବିମୁଖ ହେଉଛନ୍ତି। ସିନେମାରେ ଜ୍ଞାନ ଥିବା ଯୁବପିଢ଼ି ଆଗାମୀ ଦିନରେ ଭଲ ସିନେମାର ପ୍ରଭାବରେ ପ୍ରଭାବିତ ହେଲେ ଉତ୍ତାରୁ ସିନେମା ପ୍ରଭାବ ହ୍ରାସ ପାଇବ।''

ଓଡ଼ିଆ ସିନେମା ୮୭ ବର୍ଷ ଅତିକ୍ରାନ୍ତ କରୁଛି। ଇତିମଧରେ ନୂତନ ପିଢିର ପ୍ରଯୋଜକମାନେ ଭଲ ସିନେମାର ଅଭିପ୍ରାୟ ନେଇ ଅଗ୍ରସର ହେଉଛନ୍ତି। ସିନେମା ସମ୍ପର୍କରେ ଜ୍ଞାନ ଆହରଣ କରିବା ପରେ ନିଜକୁ ସକ୍ଷମ ଭାବି ଏହି ବୃହତ୍ ଗଣମାଧମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କେଉଁ ରକମର କାହାଣୀ ଅବଲମ୍ବନରେ ସିନେମା ବିଶ୍ୱସ୍ତରରେ ହେଉଛି ତା'ର ସମୀକ୍ଷା ମଧ କରୁଛନ୍ତି। ପରେ ଓଡ଼ିଆ କାହାଣୀକାରଙ୍କ କାହାଣୀକୁ ନେଇ ସିନେମା ନିର୍ମାଣରେ ବ୍ରତୀ ହେଉଛନ୍ତି। ଏହା ନିଶ୍ଚୟ ଏକ ସୁସ୍ଥ ପରମ୍ପରା। ବାସ୍ତବତାଠାରୁ ଦୂରେଇ ଗଲେ



ସିନେମା ମୂଲ୍ୟହୀନ ହୋଇଯାଏ। ସିନେମା ଶିଳ୍ପର ମାନ୍ୟତା କେବଳ ଅପେକ୍ଷାରେ ହିଁ ରହିଛି। ସିନେମା ଶିଳ୍ପକୁ ବଞ୍ଚିବା ପାଇଁ ରାଜ୍ୟର ୩୧୪ ବ୍ଲକ୍‌ରେ ପ୍ରେକ୍ଷାଳୟଟିଏ କଲେ ତାହା ଓଡ଼ିଆ ସିନେମା ପାଇଁ ଶୁଭପ୍ରଦ ହେବ। ଅତିକମ୍‌ରେ ୨୦୦ ସିଟ୍‌ବିଶିଷ୍ଟ ଏହି ପ୍ରେକ୍ଷାଳୟ ପାଇଁ ଯଦି ସରକାର ଜମି ଯୋଗାଇ ଦିଅନ୍ତେ ତେବେ ଅନେକ ବେସରକାରୀ ସଂସ୍ଥା ପକ୍ଷରୁ (ପି.ପି.ପି) ମୋଡରେ ପ୍ରେକ୍ଷାଳୟ ନିର୍ମାଣ ହୋଇପାରନ୍ତା।

ନୂଆପିଢ଼ିର ନିର୍ଦ୍ଦେଶକ-ପ୍ରଯୋଜକମାନେ ଭଲ କାହାଣୀକୁ ନେଇ ଭଲ ସିନେମା ଆରମ୍ଭ କରିଛନ୍ତି। ସେଥିପାଇଁ ଚଳଚ୍ଚିତ୍ର ଉନ୍ନୟନ ନିଗମ ପକ୍ଷରୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଦେବା କଥା। ଆମ ସିନେମା ଜାତୀୟସ୍ତରରେ ଶ୍ରେଷ୍ଠ ପ୍ରତିପାଦିତ ହେଉଛି। ଆଗାମୀ ଦିନରେ ଭଲ ସିନେମାକୁ ପ୍ରୋତ୍ସାହିତ ଉଦ୍ଦେଶ୍ୟରେ ନିଗମ ପକ୍ଷରୁ ଅର୍ଥରାଶି ଦେବା ଦିଗରେ ଉଦ୍ୟମ ହେବା ଜରୁରୀ। ଓଡ଼ିଆ ସିନେମା ପ୍ରଦର୍ଶନ ନିମନ୍ତେ ପ୍ରେକ୍ଷାଳୟ ସଂଖ୍ୟା କମି କମି ଯାଉଛି। ଫଳରେ ହିନ୍ଦୀ-ଓଡ଼ିଆ ସିନେମା ଶୁଭମୁକ୍ତି ନେଇ ପ୍ରଯୋଜକ-ବିତରକ ମଧ୍ୟରେ ସମନ୍ୱୟର ଅଭାବ ରହୁଛି। ଓଡ଼ିଆ ସିନେମା ପ୍ରଯୋଜକ, ବିତରକ ଓ ପ୍ରେକ୍ଷାଳୟ ମାଲିକମାନେ ଯଦି ଓଡ଼ିଆ ସିନେମାର ଭବିଷ୍ୟତ ରୂପରେଖ ପାଇଁ ଗୁରୁତ୍ୱ ନ ଦେବେ, ତେବେ ସିନେମା ଶିଳ୍ପ ବ୍ୟାପକ କ୍ଷତିର ସମ୍ମୁଖୀନ ହେବ। କିଛି ଭଲ ପ୍ରଯୋଜକ ଆସି ଓଡ଼ିଆ ସିନେମାର ବାତାବରଣକୁ ପ୍ରଭାବଶାଳୀ କରିବା ଦିଗରେ ଉଦ୍ୟମ ଜାରି ରଖିଛନ୍ତି, ସେମାନଙ୍କୁ ଅଶେଷ ଧନ୍ୟବାଦ। ଭଲ ସିନେମାରେ କଳାକାରଟି ଯଦି ଚରିତ୍ର ସହ ଓତପ୍ରୋତ ଭାବରେ ଜଡ଼ିତ ନ ହେବେ ତେବେ ସେ ଭଲ ଅଭିନେତା/ ଅଭିନେତ୍ରୀ ଭାବେ ପରିଗଣିତ ହେବନାହିଁ। ସେ ପ୍ରଭାବଶୂନ୍ୟ କଳାକାର ଭାବେ ରହିଯିବ।

ଭଲ କାହାଣୀ ହିଁ ସେମାନଙ୍କୁ ପ୍ରଭାବିତ କରୁଛି। ଓଡ଼ିଶାରେ 'ଦମନ', 'ଫାଲ୍‌ଗୁନ ଚୈତ୍ର', 'ଡେଲିଭରି ବୟ', 'ପ୍ରତୀକ୍ଷା', 'କିସ୍‌ମିସ୍', 'ଭୋକ', 'ପୁଷ୍କରା' ଆଦି ସିନେମା ପରେ ନୂତନ ପିଢିର ନିର୍ଦ୍ଦେଶକ, କଳାକାର, ସଙ୍ଗୀତକାର ଓ ସଂଳାପ ଲେଖକମାନଙ୍କ ପାଇଁ ନିଶ୍ଚୟ ପ୍ରେରଣାଦାୟକ ସାଜିବ। ନୂଆ ସିନେମା 'ମାଇଣ୍ଡ ଗେମ୍' ଏବଂ 'ମାଲ୍ୟଗିରି' ରିଲିଜ ଅପେକ୍ଷାରେ ରହିଛି। ଏଗୁଡିକ ଯଦି ଦର୍ଶକାଦୃତ ହୁଏ ତେବେ ତାହା ନୂଆ ପ୍ରଯୋଜକମାନଙ୍କୁ ଭଲ ସିନେମାଟିଏ ନିର୍ମାଣ କରିବାକୁ ନିଶ୍ଚୟ ସହାୟକ ହେବ। ସିନେମା ସମୂହକୁ ସାଧାରଣ ଦର୍ଶକ ପସନ୍ଦ କରିବା ଫଳରେ ଓଡ଼ିଆ ସିନେମାର ମନୋବଳ ବୃଦ୍ଧିରେ ସହାୟକ ହେବ। କପି ଓଡ଼ିଆ ସିନେମାର ସଂକ୍ରମଣ ଏତେ ପରିମାଣରେ ଓଡ଼ିଆ ଦର୍ଶକମାନଙ୍କୁ ବ୍ୟାଧିଗ୍ରସ୍ତ କରିଛି ଯେ, ଭଲ ଓଡ଼ିଆ ସିନେମା ପ୍ରଦର୍ଶନ ହେଲେ ମଧ ଦର୍ଶକମାନେ ଦେଖିବାକୁ ବିମୁଖ ହେଉଛନ୍ତି। ସିନେମାରେ ଜ୍ଞାନ ଥିବା ଯୁବପିଢି ଆଗାମୀ ଦିନରେ ଭଲ ସିନେମା ପ୍ରଭାବରେ ପ୍ରଭାବିତ ହେଲେ ଉତ୍ତାରୁ ସିନେମା ପ୍ରଭାବ ହ୍ରାସ ପାଇବ। ନୂତନ ପିଢି ନୂଆ ଆଶା, ନୂଆ ଭରସା ରଖି ସିନେମା କରିବା ଦ୍ୱାରା ପରବର୍ତ୍ତୀ ପିଢିର ସିନେ ବ୍ୟକ୍ତିତ୍ୱମାନଙ୍କୁ ଖୋରାକ ଯୋଗାଉଛି। ପରିବର୍ତ୍ତନଶୀଳ ସମାଜରେ ସାମାଜିକ କଥାବସ୍ତୁ ସମ୍ପର୍କରେ ସିନେମା ପରି ବୃହତ୍ ଗଣମାଧମରେ ଯେତେ ଅଧିକ କାର୍ଯ୍ୟ କରିବା ତାହା ଆମ ସିନେ ସମାଜର ସ୍ଥିତିରକ୍ଷା କରିବ। ବର୍ତ୍ତମାନ ଯୁବପିଢିଙ୍କ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ହିଁ ଭଲ ସିନେମାର ଶ୍ରୀବୃଦ୍ଧି କରିବ।

-ଦିଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨





# ଅପେକ୍ଷା କରିଛନ୍ତି ତାପସୀ

ତାପସୀ ପାନ୍ନୁ ଏବେ ଅପେକ୍ଷା କରି ରହିଛନ୍ତି। କେବେ ସେହି ଦିନ ଆସିବ, ଯେଉଁଦିନ ତାଙ୍କ ଅଭିନୀତ ତଥା ବହୁ ପ୍ରତୀକ୍ଷିତ ସିନେମା 'ଡୁନ୍‌କି' ରିଲିଜ ହେବ। ଚଳିତ ବର୍ଷ ଡିସେମ୍ବରରେ ଏହି ଚିତ୍ରଟି ପରଦା ଉପରକୁ ଆସିବାର ଯୋଜନା ରହିଛି। ଆଉ ଏଥିରେ ତାପସୀଙ୍କ ନାୟକ ସାଜିଛନ୍ତି ଶାହରୁଖ। ଏହି ଫିଲ୍ମ ବିଷୟରେ ତାପସୀ କହନ୍ତି, 'ଏହି ସିନେମାର କାହାଣୀ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି। ଏହାବ୍ୟତୀତ ନିକଟରେ ଶାହରୁଖଙ୍କ ଦୁଇଟି ସିନେମା 'ପଠାନ୍' ଏବଂ 'ଜୱାନ' ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି। ସେପଟେ 'ଡୁନ୍‌କି' ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ନାମୀ ନିର୍ଦ୍ଦେଶକ ରାଜ କୁମାର ହିରାନୀ। ତେଣୁ ଫିଲ୍ମଟିର ସଫଳତାକୁ ନେଇ ଦୃଢ଼ ଆଶା ରହିବା ସ୍ୱାଭାବିକ।' ଏହାର କାହାଣୀ ରଚନା କରିଛନ୍ତି କନିକା ଧିଲୋଁନ, ରାଜ କୁମାର ହିରାନୀ ଏବଂ ଅଭିଜିତ ଜୋଷୀ। ଏଥିରେ ଶାହରୁଖ ଏବଂ ତାପସୀଙ୍କ ବ୍ୟତୀତ ଧର୍ମେନ୍ଦ୍ର, ବୋମନ ଇରାନୀ ଏବଂ ଭିକି କୌଶଲଙ୍କ ପରି କଳାକାର ଅଭିନୟ କରିଛନ୍ତି। ତେବେ ପରଦା ଉପରକୁ ଆସିବା ପରେ 'ଡୁନ୍‌କି' କି କମାଲ କରୁଛି ତାହା ଦେଖିବାକୁ ବାକି ରହିଲା।

# ପରଦାରେ ଶଙ୍କର

ଆକ୍ସନ, ରୋମାଣ୍ଟିକ, ଓ ସସ୍‌ପେନ୍ସଭରା ଏକ ଭିନ୍ନ ଧରଣର କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଶଙ୍କର : ଦ ଡ୍ରେଷ୍ଟୟର'। ଖାସ୍ କଥା ହେଲା ଫିଲ୍ମଟି ଚଳିତ ମାସ ୨୯ରେ ରିଲିଜ ହେବାକୁ ଯାଉଛି। ସାଇ ଦରବାର ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି




ଅରବିନ୍ଦ ସାହୁ। କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଏନ. ପାଢ଼ୀ। ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ଦାସ। ସଂଯୋଜିତ ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। ଏହାର ଲିଡ୍ ରୋଲ୍‌ରେ ଦେବା-ଦିବ୍ୟା ଯୋଡିକୁ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ଲୋକପ୍ରିୟ ଷ୍ଟାର ସିଦ୍ଧାନ୍ତ ମହାପାତ୍ର ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ସିଦ୍ଧାନ୍ତ ମହାପାତ୍ରଙ୍କ ସାନ ଭାଇ ଭୂମିକାରେ ଦେବା ଅଭିନୟ କରିଥିବା ବେଳେ ବିଦ୍ୟା ଜଣେ ସ୍କୁଲ ଶିକ୍ଷୟିତ୍ରୀ ରୋଲ୍‌ରେ ଦେଖାଦେବେ। ଏହି ଫିଲ୍ମରେ କୁନା ତ୍ରିପାଠୀ, ଶିବ୍, କେ.କେ, କାଳୀ, ବିଜୁ ବଡ଼ଜେନା, ଦୀପ୍ତିରେଖା ପଣ୍ଡା, ସୁପ୍ରିୟା, ମିତା ଚକ୍ରବର୍ତ୍ତୀ, ନୁପୂର ଘୋଷ ଆଦି କଳାକାରଙ୍କୁ ଦେଖିବାକୁ ମିଳିବ।

# ସଙ୍ଗୀତଙ୍କ ଅନ୍ତରାଳେ...

ନୋରା ଫତେହିଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କାରଣ ସେ ସବୁ କାମକୁ ପଛରେ ପକାଇ ଗୋଟିଏ କଥାରେ ମନୋନିବେଶ କରିଛନ୍ତି। ତାହା କ'ଣ ଜାଣନ୍ତି ? ବର୍ତ୍ତମାନ ସେ ଏକ ସୋଲୋ ଗୀତ ପାଇଁ ପ୍ରାକ୍ଟିସ ଜାରି ରଖିଛନ୍ତି। ହେଲେ ଏହା ପଛରେ ଏମିତି କ'ଣ କାରଣ ରହିଛି, ଯାହା ପାଇଁ ସେ ଦିନରାତି ଏକାଠି କରିଦେଇଛନ୍ତି ତାହା ଜାଣିବେନି ? ହଁ, ସେ ନେଇ ନୋରା କହନ୍ତି, 'ଅସଲ କଥା ହେଲା, ଏହି ଗୀତର କୋରିଓଗ୍ରାଫି ଦେଖିବା ପରେ ତାହାକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦିଆଯିବ ସେ ନେଇ ଚେଷ୍ଟା ଜାରି ରଖିଛି। ବିଶେଷଭାବରେ ଯେହେତୁ ଏହା ଏକ ସୋଲୋ ଡ୍ୟାନ୍ସ ତେଣୁ ଗୀତଟିର ସଫଳତା ମୋ ଉପରେ ହିଁ ନିର୍ଭର କରେ। ସେଥିପାଇଁ ସବୁ କାମକୁ ପଛରେ ପକାଇ ଏହାର ଅଭ୍ୟାସରେ ଲାଗି ପଡିଛି।' ଏହି ନୂଆ ସିନେମାର ଟାଇଟଲ ଫାଇନାଲ ହୋଇନାହିଁ। ତେବେ ଏହି ଗୀତଟି ନୋରାଙ୍କ କ୍ୟାରିୟର ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଫିଲ୍ମଟି ରିଲିଜ ପରେ ହିଁ ଜଣାପଡିବ।




# ଲେଖାଲେଖିରେ ବ୍ୟସ୍ତ

ଆୟୁଷ୍ମାନ ଖୁରାନାଙ୍କ ହାତରେ ଏବେ ସିନେମା ନାହିଁ। ତେଣୁ ସେ ନିଜକୁ ଲେଖାଲେଖିରେ ବ୍ୟସ୍ତ ରଖିଛନ୍ତି। ହେଲେ ସେ ଏମିତି କ'ଣ ଲେଖୁଛନ୍ତି କି ? କଥା କ'ଣ କି ନିଜ ସିନେମା କ୍ୟାରିୟରର ସ୍ମରଣୀୟ ଘଟଣାଗୁଡିକୁ ଲିପିବଦ୍ଧ କରୁଛନ୍ତି ସେ। ଏ ବିଷୟରେ ଆୟୁଷ୍ମାନ କହନ୍ତି, 'ଆକ୍ଟିଂ କରିବା ସମୟରେ ମୋ ଜୀବନରେ ଅନେକ ଘଟଣା ଘଟିଛି। ସେଗୁଡିକୁ ଏବେ ମନେ ପକାଇ ଡାଏରୀରେ ଲେଖିବା ଆରମ୍ଭ କରିଛି। ମୋର ଆକ୍ଟିଂ କ୍ୟାରିୟର ଅନେକ ଉତ୍‌ଥାନ ପତନ ଭିତରେ ଗତି କରିଛି। ପ୍ରଥମ ସିନେମା 'ଭିକି ଡୋନର' ହିଟ୍ ହୋଇଥିଲା। ଏହି ଡେବ୍ୟୁ ଫିଲ୍ମ ପାଇଁ ମୋତେ ଅନେକ ପୁରସ୍କାର ମିଳିଥିଲା। କିନ୍ତୁ ତା'ପରେ କେତୋଟି ସିନେମା ଲଗାତର ଫ୍ଲପ୍ ହୋଇଥିଲା। ହେଲେ ସେଥିରେ ମୁଁ ଭାଙ୍ଗି ପଡି ନ ଥିଲି। କାରଣ ବିଫଳତାରୁ ଅନେକ ଶିଖିବାକୁ ମିଳିଥାଏ। ତେଣୁ ସେହି ସମୟରେ ରୋମାଞ୍ଚକର ଘଟଣାଗୁଡିକୁ ମନେ ପକାଇ ଲେଖି ରଖୁଛି।' ଆୟୁଷ୍ମାନଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ହେଲା-'ଦମ୍ ଲଗାକେ ହୈସା', 'ମେରି ପ୍ୟାରି ବିନ୍ଦୁ', 'ଅନ୍ଧାଧୁନ୍', 'ବଧାଇ ହୋ', 'ଡ୍ରିମ୍ ଗର୍ଲ', 'ଚଣ୍ଡିଗଡ଼ କରେ ଆସିକ', 'ଅନେକ୍' ଏବଂ 'ଡକ୍ଟରଜୀ'।

# ଅଭିନେତ୍ରୀ ହୋଇ ନ ଥିଲେ...

ଦିନ ଥିଲା ବଲିଉଡ୍‌ରେ ରାଜ କରୁଥିଲେ ମାଧୁରୀ ଦୀକ୍ଷିତ। କେବଳ ଅଭିନୟ ନୁହେଁ, ନୃତ୍ୟରେ ସେ କେତେ ପାରଙ୍ଗମ ଥିଲେ ତାହା କହିବା ବାହୁଲ୍ୟ। ହେଲେ ଯେତେବେଳେ ସେ ପାଠ ପଢୁଥିଲେ ତାଙ୍କର ଲକ୍ଷ୍ୟ ଥିଲା ଅଲଗା। ସେତେବେଳେ ସେ ଜଣେ ମାଇକ୍ରୋବାୟୋଲୋଜିଷ୍ଟ ହେବାକୁ ଇଚ୍ଛା କରିଥିଲେ। ହେଲେ ବିଧିର ବିଧାନ ଥିଲା ଅଲଗା। ପରବର୍ତ୍ତୀ ସମୟରେ ସେ ଅଭିନୟ କ୍ଷେତ୍ରରେ ପାଦ ରଖିଥିଲେ। ଆଉ ସମୟକ୍ରମେ ସେ ହିନ୍ଦୀ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ନାୟିକା ଭାବରେ ନିଜକୁ ପ୍ରତିପାଦିତ କରିପାରିଥିଲେ। ଶୁଣିବାକୁ ମିଳେ ଯେ 'ହମ୍ ଆପକେ ହୈ କୌନ' ସିନେମାର ତାଙ୍କୁ ପାରିଶ୍ରମିକ ଭାବରେ ୨.୭ କୋଟି ମିଳିଥିଲା। ଏପରିକି ଏହା ଉକ୍ତ ଫିଲ୍ମର ନାୟକ ସଲମାନ ଖାନ୍‌ଙ୍କଠାରୁ ଅଧିକ ଥିଲା।




# ଅତୀତରୁ...

■ ଆଇଡିଆଲ ପ୍ରଡକ୍ସନ, ସମ୍ବଲପୁର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମନ ଆକାଶ'। ରାସବିହାରୀ ମିଶ୍ରଙ୍କ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ। ଉପେନ୍ଦ୍ର କୁମାରଙ୍କ ସ୍ୱର ସଂଯୋଜିତ ଗୀତଗୁଡିକ ସେ ସମୟରେ ବେଶ୍ ଶ୍ରୋତାଦୃତ ହୋଇଥିଲା। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶାନ୍ତିସ୍ୱରୂପ ଏବଂ ଲାବଣ୍ୟବତୀ।

■ ସୋମନାଥ ସାହୁଙ୍କ ପ୍ରଯୋଜନାରେ ନିର୍ମିତ 'ଘର ବାହୁଡା' ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ସୋନା ମୁଖାର୍ଜୀ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁଜାତା ଆନନ୍ଦ, ସାମୁଏଲ୍ ସାହୁ (ବାବି), ନିରଞ୍ଜନ, ହିମାଂଶୁ ପ୍ରମୁଖ କଳାକାର।

■ 'ଅଦିନ ମେଘ' ଚିତ୍ରର ଗୀତଗୁଡିକୁ ସ୍ୱରରେ ସଜାଇଥିଲେ ବିଶିଷ୍ଟ ସ୍ୱରକାର ବାଳକୃଷ୍ଣ ଦାଶ। ପ୍ରଶାନ୍ତ ନନ୍ଦ, ଝରଣା ଦାସ, ସନ୍ଧ୍ୟା, ଗୀତା, ସାମୁଏଲ୍ ସାହୁ (ବାବି) ଆଦି କଳାକାର ଫିଲ୍ମରେ ଅଭିନୟ କରିଥିଲେ।

■ ସଚିନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ 'ନବଜନ୍ମ'ର ପ୍ରଯୋଜନା କରିଥିଲେ ବିଶିଷ୍ଟ ପ୍ରଯୋଜକ ଧୀର ବିଶ୍ୱାଳ। ଶତର ପୂଜାରୀ, ଝରଣା ଦାସ, ଅକ୍ଷୟ ମହାନ୍ତି ଏବଂ ଗୀତାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା।

■ ରାଧା ପିକ୍ଚର୍ସ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'କେଦାର ଗୌରୀ'। ଚୌଧୁରୀ ବଳରାମ ଦାସ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ନିତାଇ ପାଲିତ। ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଗୌର ପ୍ରସାଦ ଏବଂ ଚପଳା।

ଅପେରା ହାଲ୍‌ଚାଲ୍

# ଟୁ-ଇନ୍-ୱାନ୍ ପପୁ

ଜଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ପପୁ ପଣ୍ଡା। ଚଳିତ ଯାତ୍ରା ସିଜନ୍‌ରେ ତାଙ୍କୁ ଟୁ-ଇନ୍-ୱାନ୍ ଅବତାରରେ ଦେଖିବାକୁ ମିଳିଛି। ବର୍ତ୍ତମାନ ସେ ନବଗଠିତ ଯାତ୍ରା ଆକାଶଗଙ୍ଗାରେ ଅଭିନୟ ଜାରି ରଖିଛନ୍ତି। ତା'ସହ ଏହି ପାର୍ଟିର ନାଟ୍ୟ ପରିଚାଳକ ଭାବରେ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ପରିଚାଳନା କରୁଛନ୍ତି। ଏଥର ଉକ୍ତ ପାର୍ଟି ଦ୍ୱାରା ପରିବେଷିତ ନାଟକଗୁଡିକରେ ତାଙ୍କର ଅଭିନୟକୁ ଯେତେ ପ୍ରଶଂସା କରିବ ସେତେ କମ୍ ହେବ। 'ନିଜ ସ୍ୱାମୀ ମୋତେ ଭଲ ଲାଗୁନି'ରେ ଅଶୋକ, 'ଫେରିବୁ ତୁ ଏକା ଏକା'ରେ ଜନାର୍ଦ୍ଦନ ପୂଜାରୀ, 'ତୁ କହିବୁ ନା ମୁଁ କହିବି'ରେ ଦିଶୁଆ ଏବଂ 'ଆକାଶର ଲୁହ ଗଙ୍ଗାର କୋହ'ରେ ସୁରେଶ ମହାପାତ୍ର ଭୂମିକାରେ ପପୁଙ୍କୁ ଏଥର ଦେଖିବାକୁ ମିଳିଛି। ଦୀର୍ଘ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ସେ ଅପେରା ଜଗତ ସହ ଜଡିତ ଅଛନ୍ତି। 'ଏପର୍ଯ୍ୟନ୍ତ ମୁଁ ଅଭିନୟ ସହ ରହିଛି, କାରଣ ଦର୍ଶକଙ୍କ ଆଶୀର୍ବାଦ ସବୁବେଳେ ମୋ ଉପରେ ଅଛି। ବର୍ତ୍ତମାନ ମୋତେ ଅଭିନୟ ସହ ଏହି ପାର୍ଟିର ନାଟ୍ୟ ପରିଚାଳକ ଭାବରେ ଦାୟିତ୍ୱ ତୁଲାଇବାକୁ ପଡୁଛି।'



# ଚତୁର୍ଥ ଦିବସରେ ଶୁଟରଙ୍କ ଚମକ, ସେଲିଂରୁ ୧ ପଦକ



ରୌପ୍ୟ ପଦକ ପ୍ରଦର୍ଶନ କରୁଛନ୍ତି ଈଶା ସିଂ।

ଏସିଆନ ଗେମ୍ସର ଚତୁର୍ଥ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ ସହ ମୋଟ ୮ଟି ପଦକ ହାସଲ କରିଛନ୍ତି। ଫଳରେ ଭାରତର ପଦକ ସଂଖ୍ୟା ୫ ସ୍ୱର୍ଣ୍ଣ, ୭ ରୌପ୍ୟ, ୧୦ ବ୍ରୋଞ୍ଜ ସହ ୨୨ରେ ପହଞ୍ଚିଛି। ବୁଧବାର ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ବ୍ୟକ୍ତିଗତ ଇଭେଣ୍ଟରେ ସିଫ୍ଟ କୌର ସମ୍ରା ଏବଂ  ମହିଳା ୨୫ ମିଟର ପିସ୍ତଲ ଟିମ୍ ଇଭେଣ୍ଟରେ ମନୁ ଭାକର, ଈଶା ସିଂ, ରିଦମ ସଙ୍ଗୱାନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ଟିମ୍ ଇଭେଣ୍ଟରେ ଆଶି ଚୌକସେ, ମାନିନି କୌଶିକ, ସିଫ୍ଟ କୌର ସମ୍ରା,  ମହିଳା ୨୫ ମିଟର ପିସ୍ତଲରେ ଈଶା ସିଂ ଏବଂ ପୁରୁଷ ସ୍କିଟ୍ ଫାଇନାଲରେ ଅନନ୍ତ ଜିତ୍ ସିଂ ନରୁକା ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ବ୍ୟକ୍ତିଗତ ଇଭେଣ୍ଟରେ ଆଶି ଚୌକସେ, ପୁରୁଷ ସ୍କିଟ-୫୦ ଟିମ୍ ଇଭେଣ୍ଟରେ ଅନନ୍ତ ଜିତ ସିଂ, ଗୁରଜୋତ ସିଂ, ଅଙ୍ଗଦ ବୀର ସିଂ ବାଜୱା ଏବଂ ସେଲିଂର  ପୁରୁଷ ଡିଙ୍ଘି ଆଇଏଲ୍‌ସିଏ-୭ରେ  ବିଷ୍ଣୁ ସର୍ଭାନନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



ପୁରୁଷ ସ୍କିଟ୍ ଫାଇନାଲ ଅବସରରେ ଅନନ୍ତ ଜିତ୍ ସିଂ ନରୁକା।

## ଭାରତର ପଦକ (ବୁଧବାର)

**ସ୍ୱର୍ଣ୍ଣ**

- ସିଫ୍ଟ କୌର ସମ୍ରା: ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ବ୍ୟକ୍ତିଗତ ଇଭେଣ୍ଟ
- ମନୁ ଭାକର, ଈଶା ସିଂ, ରିଦମ ସଙ୍ଗୱାନ: ମହିଳା ୨୫ ମିଟର ପିସ୍ତଲ ଟିମ୍ ଇଭେଣ୍ଟ

**ରୌପ୍ୟ**

- ଆଶି ଚୌକସେ, ମାନିନି କୌଶିକ,ସିଫ୍ଟ କୌର ସମ୍ରା: ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ଟିମ୍ ଇଭେଣ୍ଟ
- ଈଶା ସିଂ: ମହିଳା ୨୫ ମିଟର ପିସ୍ତଲ
- ଅନନ୍ତ ଜିତ୍ ସିଂ ନରୁକା: ପୁରୁଷ ସ୍କିଟ୍ ଫାଇନାଲ

**ବ୍ରୋଞ୍ଜ**

- ଆଶି ଚୌକସେ: ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ୍ସ ବ୍ୟକ୍ତିଗତ ଇଭେଣ୍ଟ
- ଅନନ୍ତ ଜିତ ସିଂ, ଗୁରଜୋତ ସିଂ, ଅଙ୍ଗଦ ବୀର ସିଂ ବାଜୱା: ପୁରୁଷ ସ୍କିଟ-୫୦ ଟିମ୍ ଇଭେଣ୍ଟ
- ବିଷ୍ଣୁ ସର୍ଭାନନ: ପୁରୁଷ ଡିଙ୍ଘି ଆଇଏଲ୍‌ସିଏ-୭ (ସେଲିଂ)



ଶୁଟିଂରେ ସ୍ୱର୍ଣ୍ଣ ପଦକ ବିଜୟିନୀ ମନୁ ଭାକର, ରିଦମ ସଙ୍ଗୱାନ ଓ ଈଶା ସିଂ।

## ପଦକ ପକ୍କା କଲେ ରାମକୁମାର-ସାକେତ

**ହାଙ୍ଗଝୋ,୨୭।୯(ପି.ଟି.)**

ଟେନିସ୍‌ରେ ପୁରୁଷ ଡବଲ୍ସ ଯୋଡି ରାମକୁମାର ରାମନାଥନ ଓ ସାକେତ ମାଇନେନି ଭାରତ ପାଇଁ ପଦକ ପକ୍କା କରିଛନ୍ତି। ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ରାମକୁମାର-ସାକେତ ବୁଧବାର ଚାଇନାର ଝିଝେନ୍ ଝାଙ୍ଗ ଓ ୟିବିଙ୍ଗ ଉଙ୍କୁ ୬-୧, ୭-୬(୮)ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ସିଙ୍ଗଲ୍ସରେ ଭାରତୀୟ ଟେନିସ୍ ଖେଳାଳିଙ୍କ ଅଭିଯାନ ଶେଷ ହୋଇଛି। ୨୦୦୬ ମସିହା ପରେ ପ୍ରଥମ ଥର ପାଇଁ ଭାରତୀୟ ସିଙ୍ଗଲ୍ସ ଖେଳାଳି ଖାଲି ହାତରେ ଫେରିଛନ୍ତି। ବୁଧବାର ସୁମିତ ନାଗଲ ଓ ଅଙ୍କିତା ରାଇନା ନିଜର କ୍ୱାର୍ଟର ଫାଇନାଲ ମ୍ୟାଚରେ ପରାଜିତ ହେବା ଫଳରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ସ୍ଥାନୀୟ ଫେଭରିଟ୍ ତଥା ବିଶ୍ୱ ମାନ୍ୟତାର ୬୦ ନମ୍ବର ସ୍ଥାନରେ ଥିବା ଝିଝେନ୍ ଝାଙ୍ଗଙ୍କ ନିକଟରୁ ୭-୬(୩), ୧-୬ ଓ ୨-୬ ସେଟ୍‌ରେ ପରାଜିତ ହୋଇଥିଲେ ନାଗଲ। ଏହି ମ୍ୟାଚଟି ୨ ଘଣ୍ଟା ୧୬ ମିନିଟ ଧରି ଚାଲିଥିଲା। ବିଗତ ସଂସ୍କରଣର ବ୍ରୋଞ୍ଜ ପଦକ ବିଜୟିନୀ ଅଙ୍କିତା ୬-୩, ୪-୬, ୬-୪ ସେଟ୍‌ରେ ଜାପାନର ହାରୁକା ରାଜିଙ୍କ ନିକଟରୁ ପରାଜିତ ହୋଇଥିଲେ। ଏହି ମ୍ୟାଚଟି ୨ ଘଣ୍ଟା ୫୩ ମିନିଟ ଧରି ଚାଲିଥିଲା।

**ଇକ୍ୱିଷ୍ଟ୍ରିଆନ୍:** ଏସିଆନ୍ ଗେମ୍ସରେ ଭାରତୀୟ ଅଶ୍ୱଚାଳକଙ୍କ ଚମତ୍କାର ପ୍ରଦର୍ଶନ ଜାରି ରହିଛି। ଡ୍ରେସେଜ୍ ଟିମ୍ ଇଭେଣ୍ଟରେ ୪୧ ବର୍ଷ ପରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ବ୍ୟକ୍ତିଗତ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିଛନ୍ତି ହୃଦୟ ବିପୁଲ ଛେଡା,ଅଂଶୁ ଅଗ୍ରୱାଲ ଓ ଦିବ୍ୟକ୍ରିତି ସିଂ। ଇକ୍ୱିଷ୍ଟ୍ରିଆନ (ଅଶ୍ୱଚାଳନା)ର ଡ୍ରେସେଜ ଇଭେଣ୍ଟ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଚମତ୍କାର ପ୍ରଦର୍ଶନ କରିବା ସହିତ ହୃଦୟ ଓ ଅଂଶୁ ଫାଇନାଲରେ ପ୍ରବେଶ କରିବା ସହ ପଦକ ଦୌଡରେ ରହିଛନ୍ତି। ଚେମଏକ୍ସପ୍ରୋ ଆରୋହଣ କରିଥିବା ହୃଦୟ ୭୩.୮୮୩ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ରହିଥିଲେ। ଅନ୍ୟ ପକ୍ଷ୍ୟରେ ଏଟ୍ରୋ ଆରୋହଣ କରିଥିବା ଅଂଶୁ ୭୧.୭୦୬ ପଏଣ୍ଟ ସ୍କୋର କରି ୪ର୍ଥ ସ୍ଥାନରେ ରହିଥିଲେ। ଆଡ୍ରେନାଲିନ୍ ଫିର୍ଫୋଡ ଆରୋହଣ କରିଥିବା ଦିବ୍ୟାକ୍ରିତି ସିଂ ୬୭.୬୭୬ ପଏଣ୍ଟ ସହିତ ୧୧ତମ ସ୍ଥାନରେ ରହିଥିଲେ। ଅନ୍ୟତମ ପ୍ରତିଯୋଗୀ ସୁଦୀପ୍ତି ହାଲେଜା ଏଲିମିନେଟ୍ ହୋଇ ଯାଇଥିଲେ। ଟପ୍-୧୫ ମଧ୍ୟରେ ରହିଥିବା ଖେଳାଳି ଫାଇନାଲକୁ ଉନ୍ନୀତ ହୋଇଥିଲେ।

**ଥ୍ରୀ ଏ ସାଇଡ ବାସ୍କେଟବଲ୍:** ଭାରତୀୟ ଥ୍ରୀ ଏ ସାଇଡ ବାସ୍କେଟବଲ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ୍ ସିରେ ସ୍ଥାନ ପାଇଥିବା ଭାରତ ବୁଧବାର ମାକାଓ ବିପକ୍ଷରେ ଚମତ୍କାର ବିଜୟ ସହିତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସାହାଜୀ ପ୍ରତାପ ସିଂ ଶେଖୋନ୍ ସର୍ବାଧିକ ୧୦ ପଏଣ୍ଟ ସ୍କୋର କରିଥିବା ବେଳେ ମାକାଓକୁ ୨୧-୧୨ରେ ପରାସ୍ତ କରିଛି ଭାରତ। ପୂର୍ବରୁ ମାଲେସିଆକୁ ଦଳ ୨୦-୧୬ରେ ପରାସ୍ତ କରିଥିଲା। ଶୁକ୍ରବାରର କ୍ୱାର୍ଟର ଫାଇନାଲରେ ଭାରତ ଗତ ସଂସ୍କରଣର ସ୍ୱର୍ଣ୍ଣ ପଦକ ବିଜେତା ଚାଇନାକୁ ଭେଟିବ।

**ସାଇକ୍ଲିଂ:** ଭାରତୀୟ ସାଇକ୍ଲିଷ୍ଟ ଡେଭିଡ୍ ବେକ୍‌ହାମ ଏଲକାଟୋଚୋଙ୍ଗୋ ପୁରୁଷ ସ୍ପ୍ରିଣ୍ଟ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସିଏସ୍‌ସି ଭେଲୋଡ୍ରୋମର କଷ୍ଟସାଧ ଟ୍ରାକ୍‌ରେ ଡେଭିଡ୍ ରିପିଚେଜ ରାଉଣ୍ଡ ଜରିଆରେ ଟପ୍-୮ରେ ସାମିଲ ହୋଇଥିଲେ। କାଜାଖସ୍ତାନର ସର୍ଗେଇ ପୋନୋମାରେୟୋଭ ଓ ଆନ୍ଦ୍ରେ କାଜଚୁଗେଙ୍କୁ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ ରୋନାଲ୍ଡୋ ସିଂ ୧୩ ତମ ସ୍ଥାନରେ ରହି ବିଦାୟ ନେଇଥିଲେ। ମହିଳା କେଇରିନ୍ ଇଭେଣ୍ଟରେ ଭାରତର ଶଶୀକଳା ଆଗାଶେ ଓ ତ୍ରିୟାଶା ପଲ୍ ହିଟ୍‌ରୁ ଆଗେଇବାରେ ବିଫଳ ହୋଇଥିଲେ।

**ଚେସ୍:** ଭାରତୀୟ ଚେସ୍ ଖେଳାଳି ବ୍ୟକ୍ତିଗତ ଇଭେଣ୍ଟରେ ଖାଲି ହାତ ରହିଛନ୍ତି। ଅନ୍ତିମ ରାଉଣ୍ଡରେ ପରାଜୟ କାରଣରୁ ଭିଦିଥ୍ ସନ୍ତୋଷ ଗୁଜରାଠୀ ଏକ ପଦକରୁ ବଞ୍ଚିତ ହୋଇଥିଲେ। ଭିଦିଥ୍ ଓ ଅର୍ଜୁନ୍ ଏରିଗାସୀ ୫.୫ ପଏଣ୍ଟ ଲେଖାଏ ସ୍କୋର କରିଥିବା ବେଳେ ଯଥାକ୍ରମେ ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହିଛନ୍ତି। ମହିଳା ବ୍ୟକ୍ତିଗତ ବର୍ଗରେ ଭାରତର ଦ୍ରୋଣାବଳୀ ହାରିକା ୪ର୍ଥ ସ୍ଥାନରେ ରହିଥିବା ବେଳେ କୋନେରୁ ହମ୍ପି ୭ମ ସ୍ଥାନରେ ରହିଛନ୍ତି। ହାରିକା ୬ ପଏଣ୍ଟ ଅର୍ଜନ କରିଥିବା ବେଳେ ହମ୍ପିଙ୍କ ବିପକ୍ଷ ଅନ୍ତିମ ରାଉଣ୍ଡ ମ୍ୟାଚ୍ ଡ୍ର ରଖିଥିଲେ। ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲେ ସେ ବ୍ରୋଞ୍ଜ ପଦକ ହାସଲ କରିଥାନ୍ତେ।

**ସନ୍ତରଣ:** ବୁଧବାର ଜଣେ ବି ଭାରତୀୟ ସନ୍ତରଣକାରୀ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ଅଲିମ୍ପିଆନ୍ ମାନା ପଟେଲ ହିଟ୍ସରେ ତୃତୀୟ ଓ ଓଭରଅଲ ୧୩ତମ ସ୍ଥାନରେ ରହିଥିଲେ। ୧୦୦ ମି.ବଟରଫ୍ଲାଏ ଇଭେଣ୍ଟରେ ନିନା ଭେଙ୍କଟେଶ ୧୪ତମ ସ୍ଥାନରେ ରହିବା ସହିତ ଫାଇନାଲକୁ ଯୋଗ୍ୟତା ହାସଲ କରି ପାରି ନ ଥିଲେ।

## ଏସିଆନ ଗେମ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୭୬ | ୪୩ | ୨୧ | ୧୪୦ |
| ଦ.କୋରିଆ | ୧୯ | ୧୮ | ୩୩ | ୭୦ |
| ଜାପାନ | ୧୫ | ୨୭ | ୨୪ | ୬୬ |
| ଉଜ୍‌ବେକିସ୍ତାନ | ୬ | ୧୦ | ୧୨ | ୨୮ |
| ଥାଇଲାଣ୍ଡ | ୬ | ୩ | ୮ | ୧୭ |
| ହଂକଂ | ୫ | ୮ | ୧୪ | ୨୭ |
| **ଭାରତ** | **୫** | **୭** | **୧୦** | **୨୨** |
| ଇଣ୍ଡୋନେସିଆ | ୩ | ୨ | ୭ | ୧୨ |
| ସିଙ୍ଗାପୁର | ୨ | ୩ | ୪ | ୯ |
| ଚାଇନିଜ ତାଇପେ | ୨ | ୩ | ୪ | ୯ |
| ଇରାନ | ୧ | ୫ | ୯ | ୧୫ |
| କାଜାଖସ୍ତାନ | ୧ | ୨ | ୧୦ | ୧୩ |
| ମାଲେସିଆ | ୧ | ୨ | ୪ | ୭ |
| ୟୁଏଇ | ୧ | ୧ | ୩ | ୫ |
| ତାଜିକିସ୍ତାନ | ୧ | ୧ | ୧ | ୩ |
| କିର୍ଗିଜସ୍ତାନ | ୧ | ୦ | ୨ | ୩ |
| ମକାଓ | ୧ | ୦ | ୨ | ୩ |
| କୁଏଟ୍ | ୧ | ୦ | ୧ | ୨ |

## ସେଲିଂରେ ବିଷ୍ଣୁ ସର୍ଭାନନଙ୍କୁ ବ୍ରୋଞ୍ଜ

**ନିଙ୍ଗବୋ, ୨୭।୯ (ପି.ଟି.)**



ପୁରୁଷ ଡିଙ୍ଘି ଆଇଏଲ୍‌ସିଏ-୭ ଇଭେଣ୍ଟ ଅବସରରେ ବିଷ୍ଣୁ ସର୍ଭାନନ।

ଏସିଆନ ଗେମ୍ସରେ ଭାରତୀୟ ସେଲର ବିଷ୍ଣୁ ସର୍ଭାନନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ ଡିଙ୍ଘି ଆଇଏଲ୍‌ସିଏ-୭ ଇଭେଣ୍ଟରେ ସେ ଦେଶ ପକ୍ଷରୁ ପ୍ରଥମ ପଦକ ହାସଲ କରିଛନ୍ତି। ସର୍ଭାନନ ୩୪ ପଏଣ୍ଟ ସହିତ ଅଭିଯାନ ଶେଷ କରିଥିଲେ। ୧୧ ରେସ୍ ବିଶିଷ୍ଟ ପ୍ରତିଯୋଗିତାରେ ସେ ମାତ୍ର ୧ ପଏଣ୍ଟ ପାଇଁ ରୌପ୍ୟ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ପବନ ନ ଥିବାରୁ ମହିଳା ସିଙ୍ଗଲ୍ ଡିଙ୍ଘି ଆଇଏଲ୍‌ସିଏ-୬ ଇଭେଣ୍ଟରେ ଭାରତୀୟ ପ୍ରତିଯୋଗୀ ପଦକ ହାସଲ କରିପାରି ନ ଥିଲେ। ୧୨ ରେସ୍ ବିଶିଷ୍ଟ ପ୍ରତିଯୋଗିତାରେ ନେଥ୍ରା କୁମାନନ ୪ର୍ଥ ସ୍ଥାନରେ ରହି ନିରାଶ ହୋଇଥିଲେ। ଚଳିତ ଏସିଆନ ଗେମ୍ସରେ ଭାରତୀୟ ସେଲରମାନେ ଗୋଟିଏ ରୌପ୍ୟ ଓ ୨ଟି ବ୍ରୋଞ୍ଜ ସହ ଅଭିଯାନ ଶେଷ କରିଛନ୍ତି। ଯାହାକି ୨୦୧୮ ଏସିଆନ ଗେମ୍ସ ସଫଳତା ସହ ସମକକ୍ଷ। ପୂର୍ବରୁ ୧୭ ବର୍ଷୀୟା ନେହା ଠାକୁର ରୌପ୍ୟ ଓ ଇଆବାଦ ଅଲୀ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## ସଙ୍ଗୀତାଙ୍କ ହ୍ୟାଟ୍ରିକ୍: ମହିଳା ହକି ଦଳ ବିଜୟୀ

**ହାଙ୍ଗଝୋ,୨୭।୯(ପି.ଟି.)**

ବୁଧବାର ଏସିଆନ୍ ଗେମ୍ସ ମହିଳା ହକି ମ୍ୟାଚ୍‌ରେ ଭାରତ ୧୩-୦ରେ ସିଙ୍ଗାପୁରକୁ ପରାସ୍ତ କରିଛି। ପୁଲ୍ ଏ'ରେ ଭାରତ ନିଜର ଅଭିଯାନ ଆରମ୍ଭ କରିଥିବା ବେଳେ ଯୁବ ଷ୍ଟ୍ରାଇକର ସଙ୍ଗୀତା କୁମାରୀ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ପ୍ରଥମ ଦୁଇ କ୍ୱାର୍ଟରରେ ଭାରତ ୮ ଗୋଲ ସ୍କୋର କରିଥିଲା। ସଙ୍ଗୀତା (୨୩, ୪୭ ଓ ୫୬ ମିନିଟ) ୩ଟି ଗୋଲ ଦେଇଥିବା ବେଳେ ନବନୀତ କୌର (୧୪ ଓ ୧୪ ମିନିଟ) ଦୁଇଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦିତା(୬), ସୁଶୀଳା ଚାନୁ(୮), ଦୀପିକା(୧୧), ଦୀପଗ୍ରେସ୍ ଏକ୍କା(୧୭), ନେହା(୧୯), ସଲିମା ଟେଟେ(୩୫), ମୋନିକା(୫୨) ଓ ବନ୍ଦନା କଟାରିୟା(୫୬ ମିନିଟ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଶୁକ୍ରବାର ଭାରତ ନିଜର ପରବର୍ତ୍ତୀ ମ୍ୟାଚ୍‌ରେ ମାଲେସିଆକୁ ଭେଟିବ। ଦଳର ସମସ୍ତ ଖେଳାଳି ଚମତ୍କାର ପ୍ରଦର୍ଶନ କରିବାରୁ ଦଳ ସହଜ ବିଜୟ ହାସଲ କରିଥିଲା ବୋଲି ଅଧିନାୟିକା ସବିତା ପୁନିଆ କହିଛନ୍ତି। ଶୁକ୍ରବାର ପରବର୍ତ୍ତୀ ଲିଗ୍ ମ୍ୟାଚ୍‌ରେ ଭାରତ ମାଲେସିଆକୁ ଭେଟିବ।



ଗୋଲ ସ୍କୋର କରିବା ପରେ ଦୀପ ଗ୍ରେସ୍ ଏକ୍କାଙ୍କୁ ସାଥି ଖେଳାଳିମାନେ ବଧେଇ ଜଣାଉଛନ୍ତି।

## ମ୍ୟାକ୍‌ଗ୍ରା ସର୍ବାଧିକ ଉଇକେଟ ହାସଲକାରୀ







ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣକୁ ଆଉ ମାତ୍ର ୭ ଦିନ ବାକି ରହିଛି। ବିଶ୍ୱର ଶ୍ରେଷ୍ଠ ଦଳକୁ ନେଇ ଭାରତର ୧୦ଟି ଭେନ୍ୟୁରେ ଆରମ୍ଭ ହେବ ଏହି ମହାକୁମ୍ଭ। ବିଶ୍ୱକପ୍‌ର ୧୨ ସଂସ୍କରଣରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ସମ୍ପର୍କରେ ଆଜିର ପ୍ରସ୍ତୁତି...

**ଗ୍ଲେନ୍ ମ୍ୟାକ୍‌ଗ୍ରା: ୧୯୯୬-୨୦୦୭**
ଅଷ୍ଟ୍ରେଲିଆର ଏହି ସ୍ପିଡ୍‌ଷ୍ଟର ନିଜ ଚମତ୍କାର ସୁଇଙ୍ଗ ବୋଲିଂ ସହିତ ଉଇକେଟ ହାସଲକାରୀ କ୍ଷମତା ପାଇଁ ପ୍ରସିଦ୍ଧ। ବିଶ୍ୱକପ୍‌ର ୪ଟି ସଂସ୍କରଣରେ ସେ ଅଷ୍ଟ୍ରେଲିଆ ପାଇଁ ଖେଳିଛନ୍ତି। ଏହା ମଧ୍ୟରେ ୩୯ ମ୍ୟାଚ୍ ଖେଳି ସେ ନେଇଛନ୍ତି ୭୧ ଉଇକେଟ। ୭/୧୫ର ଶ୍ରେଷ୍ଠ ବୋଲିଂ ଫିଗର ସହିତ ସେ ୪୨ ମେଡେନ ଓଭର ମଧ୍ୟ ବୋଲିଂ କରିଛନ୍ତି।

**ମୁଥେୟା ମୁରଲୀଧରନ:୧୯୯୬-୨୦୧୧**
ଶ୍ରୀଲଙ୍କାର ଏହି ସ୍ପିନ୍ ଯାଦୁକର ୫ଟି ସଂସ୍କରଣର ବିଶ୍ୱକପ୍ ଖେଳି ୬୮ ଉଇକେଟ ନେଇଛନ୍ତି। ପଦାର୍ପଣରେ ୧୯୯୬ ବିଶ୍ୱକପ ବିଜୟୀ ଦଳର ସଦସ୍ୟ ରହିଥିବା ମୁରଲୀଧରନ ୪୦ ମ୍ୟାଚ୍ ଖେଳିଛନ୍ତି। ୪/୧୯ ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ରହିଥିବା ବେଳେ ସେ ୧୫ ମେଡେନ ଓଭର ବୋଲିଂ କରିଛନ୍ତି।

**ଲସିଥ୍ ମାଲିଙ୍ଗା: ୨୦୦୭-୨୦୧୯**
ଶ୍ରୀଲଙ୍କା ପାଇଁ ୩ଟି ବିଶ୍ୱକପ୍ ଖେଳିଥିବା ମାଲିଙ୍ଗା ୫୬ ଉଇକେଟ ସହିତ ସର୍ବାଧିକ ଉଇକେଟ ହାସଲକାରୀଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ରହିଛନ୍ତି। ଦୁଇଟି ସଂସ୍କରଣର ଫାଇନାଲ ଖେଳିଥିବା ମାଲିଙ୍ଗା ମାତ୍ର ୨୮ ମ୍ୟାଚରୁ ଏହି ସଫଳତା ହାସଲ କରିଛନ୍ତି। ୬/୩୮ର ଶ୍ରେଷ୍ଠ ବୋଲିଂ ଫିଗର ସହିତ ସେ ୧୧ଟି ମେଡେନ୍ ଓଭର ବୋଲିଂ କରିଛନ୍ତି।

**ୱାସିମ୍ ଆକ୍ରମ: ୧୯୮୭-୨୦୦୩**
ପାକିସ୍ତାନର କିମ୍ବଦନ୍ତୀ ପେସ୍ ବୋଲର ୱାସିମ୍ ଆକ୍ରମ ୫୫ ଉଇକେଟ ସହ ଏହି ତାଲିକାର ୪ର୍ଥ ସ୍ଥାନରେ ରହିଛନ୍ତି। ପାକିସ୍ତାନ ପକ୍ଷରୁ ୫ଟି ସଂସ୍କରଣ ବିଶ୍ୱକପ୍ ଖେଳିଥିବା ଆକ୍ରମ ୩୮ ମ୍ୟାଚରୁ ୫୫ ଉଇକେଟ ନେଇଛନ୍ତି। ଏହା ମଧ୍ୟରେ ୧୬ ମେଡେନ ଓଭର ବୋଲିଂ କରିଥିବା ବେଳେ ୫/୨୮ ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ରହିଛି।

**ମିଚେଲ ଷ୍ଟାର୍କ: ୨୦୧୫-ଜାରି ରହିଛି**
ଅଷ୍ଟ୍ରେଲିଆର ଦ୍ରୁତ ବୋଲର ମିଚେଲ୍ ଷ୍ଟାର୍କ ୧୮ ମ୍ୟାଚ୍‌ରୁ ୪୯ ଉଇକେଟ ନେଇ ଏହି ତାଲିକାର ପଞ୍ଚମ ସ୍ଥାନରେ ରହିଛନ୍ତି। ଚଳିତ ବିଶ୍ୱକପ୍‌ରେ ସେ ଆକ୍ରମ ଓ ମାଲିଙ୍ଗାଙ୍କୁ ଅତିକ୍ରମ କରିବାର ସମ୍ଭାବନା ରହିଛି। ୨୦୧୫ ଓ ୨୦୧୯ ବିଶ୍ୱକପ୍‌ରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ରହିଥିବା ଷ୍ଟାର୍କ ୮ ମେଡେନ୍ ଓଭର ପକାଇଥିବା ବେଳେ ୬/୨୮ ତାଙ୍କର ଶ୍ରେଷ୍ଠ ବୋଲିଂ ଫିଗର ରହିଛି।

**ବି.ଦ୍ର:** ଭାରତୀୟ ବୋଲରଙ୍କ ମଧ୍ୟରେ ଜାହିର ଖାନ୍ ଓ ଜାଭାଗଲ ଶ୍ରୀନାଥ ୪୪ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି। ମହମ୍ମଦ ଶାମି ଓ ଅନିଲ କୁମ୍ବଲେ ୩୧ଟି ଲେଖାଏ ଉଇକେଟ ନେଇଥିବା ବେଳେ ପ୍ରଥମ ବିଶ୍ୱକପ୍ ବିଜୟୀ ଅଧିନାୟକ କପିଳ ଦେବ ୨୮ ଉଇକେଟ ନେଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୮/୨୦୨୩ Bhubaneswar, Thursday, September 28/ 2023

# ଅନ୍ତିମ ଦିନିକିଆରେ ଅଷ୍ଟ୍ରେଲିଆ ବିଜୟୀ

**ରାଜକୋଟ,୨୭।୯**

ରାଜକୋଟରେ ଅନୁଷ୍ଠିତ ଭାରତ ବିପକ୍ଷ ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚକୁ ୬୬ ରନ୍‌ରେ ଜିତି ନେଇଛି ଅଷ୍ଟ୍ରେଲିଆ। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୫୦ ଓଭରରେ ୭ ଉଇକେଟ ହରାଇ ୩୫୨ ରନ୍ କରିଥିଲା। ଜବାବରେ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ୪ ଉଇକେଟ ସଫଳତା ବଳରେ ଭାରତ ୪୯.୪ ଓଭରରେ ୨୮୬ ରନରେ ଅଲଆଉଟ ହୋଇଥିଲା। ଅନ୍ତିମ ମ୍ୟାଚ୍ ହାରିଥିଲେ ମଧ୍ୟ ଭାରତ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ

## ମ୍ୟାକ୍ସୱେଲଙ୍କ ବୋଲିଂ ସଫଳତା

୨-୧ରେ ଜିତି ନେଇଛି। ଭାରତ ପକ୍ଷରୁ ରୋହିତ ଶର୍ମା, ବିରାଟ କୋହଲି ଓ ମହମ୍ମଦ ସିରାଜ ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଶୁବମନ ଗିଲ୍, ଇଶାନ କିଶନ, ଆର. ଅଶ୍ୱିନ ଓ ମହମ୍ମଦ ଶାମିଙ୍କୁ ବିଶ୍ରାମ ଦିଆଯାଇଥିଲା।

ଟସ୍ ଜିତି ବ୍ୟାଟିଂ କରିଥିଲା ଅଷ୍ଟ୍ରେଲିଆ। ଟପ୍-୪ ଖେଳାଳି ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଦଳ ବୃହତ ସ୍କୋର କରିଥିଲା। ଓପନର ମିଚେଲ ମାର୍ଶ ସର୍ବାଧିକ ୯୬ ରନ୍ ସ୍କୋର କରିଥିବା ବେଳେ ଷ୍ଟିଭେନ୍ ସ୍ମିଥ୍ ୭୪, ମାର୍ନସ୍ ଲାବୁଶେନ୍ ୭୨ ଓ ଡେଭିଡ୍ ୱାର୍ନର ୫୬ ରନ୍ କରିଥିଲେ। ମାର୍ଶ ୮୪ ବଲ୍ ଖେଳି ୧୩ ଚୌକା ଓ ୩ ଛକା ମାରିଥିଲେ। ଭାରତ ପକ୍ଷରୁ ଯଶପ୍ରୀତ ବୁମ୍‌ରା ସର୍ବାଧିକ ୩ ଉଇକେଟ ନେଇଥିଲେ। କୁଲଦୀପ ଯାଦବ୨ ଉଇକେଟ ନେଇଥିବା ବେଳେ ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଗିଲ୍‌ଙ୍କ ଅନୁପସ୍ଥିତିରେ ରୋହିତ ଶର୍ମାଙ୍କ ସହିତ ଓପନ କରିଥିଲେ ୱାଶିଂଟନ୍ ସୁନ୍ଦର। ପ୍ରଥମ ଉଇକେଟରେ ରୋହିତ ଶର୍ମା



ଟ୍ରଫି ସହ ସିରିଜ୍ ବିଜୟୀ ଭାରତୀୟ କ୍ରିକେଟ ଦଳ।

## ଭାରତ ୨-୧ରେ ସିରିଜ ଜିତିଲା

(୮୧ ରନ୍)ଙ୍କ ସହ ମିଶି ସେ ୭୪ ରନ୍ ଯୋଡିଥିଲେ। ୧୮ ରନ୍ କରି ସୁନ୍ଦର ଆଉଟ ହେବା ପରେ ବିରାଟ କୋହଲି(୫୬)ଓ ରୋହିତ ଶର୍ମାଙ୍କ ମଧ୍ୟରେ ୭୦ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଭାରତୀୟ ଇନିଂସର ଟପ୍ ସ୍କୋରର ରହିଥିବା ରୋହିତଙ୍କୁ ଏକ ଚମତ୍କାର କ୍ୟାଚ୍ ଜରିଆରେ କଟ୍ ଆଣ୍ଡ ବୋଲ୍ଡ କରିଥିଲେ ମ୍ୟାକ୍ସୱେଲ। ୫୭ ବଲ୍ ଖେଳି ସେ ୫ ଚୌକା ଓ ୬ ଛକା ମାରିଥିଲେ। ସେହିପରି ଦିନିକିଆରେ ୬୬ ତମ ଅର୍ଦ୍ଧଶତକ ପୂରଣ କରିଥିବା କୋହଲି ୫ ଚୌକା ଓ ୧ ଛକା ମାରିଥିଲେ। ମଧ୍ୟକ୍ରମରେ ଶ୍ରେୟସ ଆୟର ୪୮, ଲୋକେଶ ରାହୁଲ ୨୬, ରବୀନ୍ଦ୍ର ଜାଡେଜା ୩୫ ରନ୍ ସ୍କୋର କରିଥିଲେ ମଧ୍ୟ ଏହା ଯଥେଷ୍ଟ ନ ଥିଲା। ଟପ୍-୪ ଖେଳାଳିଙ୍କୁ ଆଉଟ କରି ଗ୍ଲେନ୍ ମ୍ୟାକ୍ସୱେଲ ଭାରତୀୟ ଇନିଂସର ବିପର୍ଯ୍ୟୟ ଘଟାଇଥିଲେ। ଜୋଶ ହାଜେଲଉଡ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୫୦ ଓଭରରେ ୩୫୨/୭(ମିଚେଲ ମାର୍ଶ-୯୬, ଷ୍ଟିଭେନ୍ ସ୍ମିଥ୍-୭୪, ମାର୍ନସ୍ ଲାବୁଶେନ୍-୭୨, ଯଶପ୍ରୀତ୍ ବୁମ୍‌ରା-୩/୮୧, କୁଲଦୀପ ଯାଦବ-୨/୪୮, ପ୍ରସିଦ୍ଧ କ୍ରିଷ୍ଣା-୧/୪୫)।

ଭାରତ ୪୯.୪ ଓଭରରେ ୨୮୬/୧୦(ରୋହିତ ଶର୍ମା-୮୧, ବିରାଟ କୋହଲି-୫୬, ଶ୍ରେୟସ୍ ଆୟର-୪୮, ଗ୍ଲେନ୍ ମ୍ୟାକ୍ସୱେଲ-୪/୪୦, ଜୋଶ ହାଜେଲଉଡ୍-୨/୪୨, କାମେରନ୍ ଗ୍ରୀନ୍-୧/୩୦)।

# ମୁମ୍ବାଇ ବିପକ୍ଷ ମ୍ୟାଚ୍ ସ୍ୱତନ୍ତ୍ର: ଲୋବେରା

**ଭୁବନେଶ୍ୱର,୨୭।୯**
**(ସରୋଜ ଜେନା)**


ସର୍ଗିଓ ଲୋବେରା

ଗୁରୁବାର ଇଣ୍ଡିଆନ୍ ସୁପର ଲିଗ୍‌ରେ ମୁମ୍ବାଇ ସିଟି ଏଫ୍‌ସି ବିପକ୍ଷରେ ଏହାର ଦ୍ୱିତୀୟ ମ୍ୟାଚ୍ ଖେଳିବ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଏହି ମ୍ୟାଚକୁ ନେଇ ସେ ଅତ୍ୟନ୍ତ ଉତ୍ସାହିତ ଅଛନ୍ତି ବୋଲି କହିଛନ୍ତି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ପୂର୍ବରୁ ମୁମ୍ବାଇର ମୁଖ୍ୟ କୋଚ୍ ରହିଥିବା କାରଣରୁ ଏହି ମ୍ୟାଚ୍ ପାଇଁ ଉତ୍ସାହିତ ଥିବା ସେ କହିଛନ୍ତି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବୁଧବାର ମ୍ୟାଚ୍ ପୂର୍ବବର୍ତ୍ତୀ ଖବରଦାତା ସମ୍ମିଳନୀରେ ଓଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଡିଫେଣ୍ଡର ମୋର୍ତାଡା ଫଲ୍ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ମୁମ୍ବାଇ ଏଫ୍‌ସିର କୋଚ୍ ଡେସ୍ ବକିଙ୍ଗହାମ୍ ଓ ଅଧିନାୟକ ରାହୁଲ ଭେକେ ପ୍ରେସ୍ ମିଟ୍‌ରେ ରହିଥିଲେ। ମୁମ୍ବାଇ ଏକ ଶକ୍ତିଶାଳୀ ଦଳ। ପ୍ରଥମ ମ୍ୟାଚରେ ସେମାନେ ମଧ୍ୟ ବିଜୟୀ ହୋଇ ଆସିଛନ୍ତି। ଉନ୍ନତ ପ୍ରଦର୍ଶନ କରିବା ପାଇଁ ଏହା ଆମ ନିକଟରେ ଏକ ଭଲ ସୁଯୋଗ ବୋଲି କହିଥିଲେ ଲୋବେରୋ। ପୂର୍ବରୁ ମୁମ୍ବାଇ ଦଳ ସହିତ କୋଚିଂ କରି ଥିବାରୁ ଏହି ମ୍ୟାଚ୍ ବ୍ୟକ୍ତିଗତ ଭାବରେ ମୋ ପାଇଁ ବେଶ୍ ସ୍ୱତନ୍ତ୍ର। ମୋହନବାଗାନ ବିପକ୍ଷ ଏଏଫ୍‌ସି କପ୍ ପରାଜୟ ପରେ ଦଳ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ କରିଛି। ଚେନ୍ନାଇନ୍ ବିପକ୍ଷରେ ଆମେ ଚମତ୍କାର ପ୍ରଦର୍ଶନ କରି ବିଜୟୀ ହୋଇଥିବା ବେଳେ ମୁମ୍ବାଇ ବିପକ୍ଷରେ ସମାନ ପ୍ରଦର୍ଶନ ଦୋହରାଇବା ନେଇ ଗୁରୁତ୍ୱ ଦେଇଛନ୍ତି। କଳିଙ୍ଗ ଷ୍ଟାଡିୟମ ଆମର ହୋମ୍ ଗ୍ରାଉଣ୍ଡ ରହିଥିବା ବେଳେ ଦଳ ମଧ୍ୟ ଜୋରଦାର ପ୍ରସ୍ତୁତି କରିଛି। ଗୁରୁବାର ମ୍ୟାଚରେ ମୁମ୍ବାଇକୁ କଡା ଟକ୍କର ଦେବା ନେଇ ଦୃଢୋକ୍ତି ପ୍ରକାଶ କରିଛନ୍ତି ମୋର୍ତାଡା ଫଲ୍। ହୋମ୍ ଗ୍ରାଉଣ୍ଡରେ ଓଏଫ୍‌ସି ଏକ ଶକ୍ତିଶାଳୀ ଦଳ ବୋଲି କହିଛନ୍ତି ବକିଙ୍ଗହାମ। ଉଭୟ ଦଳର ଅନେକ ଖେଳାଳି ପରସ୍ପରକୁ ଜାଣିଛନ୍ତି ଓ ମାତ୍ରାଧିକ ଫୁଟବଲ ମଧ୍ୟ ଖେଳିଛନ୍ତି। ତେଣୁ ଗୁରୁବାର ଏକ ଚମତ୍କାର ମ୍ୟାଚ୍ ଦେଖିବାକୁ ମିଳିବ ବୋଲି କହିଛନ୍ତି ମୁମ୍ବାଇ ସିଟି ଏଫ୍‌ସି ମୁଖ୍ୟ କୋଚ୍।

# ୭ ବର୍ଷ ପରେ ଭାରତରେ ପାକିସ୍ତାନ କ୍ରିକେଟ ଦଳ

**ହାଇଦ୍ରାବାଦ, ୨୭।୯ (ପି.ଟି.)**


ଭାରତରେ ପହଞ୍ଚିବା ପରେ ପାକିସ୍ତାନ ଅଧିନାୟକ ବାବର ଆଜମ ଓ ଅନ୍ୟମାନେ।

ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପର ଉଷ୍ମତା ବଢ଼ିଛି। ଦୀର୍ଘ ୭ ବର୍ଷ ବ୍ୟବଧାନରେ ପାକିସ୍ତାନ କ୍ରିକେଟ ଦଳ ପ୍ରଥମଥରପାଇଁ ଭାରତରେ ପହଞ୍ଚିଛି। ବାବର ଆଜମଙ୍କ ନେତୃତ୍ୱାଧୀନ ପାକିସ୍ତାନ ଦଳ ବୁଧବାର ଲାହୋରରୁ ଦୁବାଇ ବାଟଦେଇ ଏଠାରେ ପହଞ୍ଚିଛି। ଭାରତର ୧୦ ଗ୍ରାଉଣ୍ଡରେ କ୍ରିକେଟ ବିଶ୍ୱକପ ଅକ୍ଟୋବର ୫ରୁ ଆରମ୍ଭ ହେବ। ବିଶ୍ୱକପ ପୂର୍ବରୁ ପାକିସ୍ତାନ ଚଳିତ ମାସ ୨୯ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଏହାର ପ୍ରଥମ ୱାର୍ମଅପ୍ ମ୍ୟାଚ ଖେଳିବ। ଏହାପରେ ଅକ୍ଟୋବର ୩ରେ ଅଷ୍ଟ୍ରେଲିଆ ସହ ଦ୍ୱିତୀୟ ୱାର୍ମଅପ୍ ମ୍ୟାଚ ଖେଳି ନିଜକୁ ପ୍ରସ୍ତୁତ କରିବ। ବିଶ୍ୱକପରେ ପାକିସ୍ତାନ ଏହାର ପ୍ରଥମ ମ୍ୟାଚ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ। ଏହି ମ୍ୟାଚ ଅକ୍ଟୋବର ୬ ତାରିଖରେ ଏଠାରେ ଅନୁଷ୍ଠିତ ହେବ। ଏହାପରେ ୧୦ ତାରିଖରେ ଶ୍ରୀଲଙ୍କାକୁ ଭେଟିବ। ଭାରତ ଆସିବାର ୪୮ ଘଣ୍ଟା ପୂର୍ବରୁ ପାକିସ୍ତାନ ଖେଳାଳିଙ୍କୁ ଭିଜା ପ୍ରଦାନ କରା ଯାଇଥିଲା। ସମ୍ପର୍କ ଭଲ ନ ଥିବାରୁ ଭାରତ ଓ ପାକିସ୍ତାନ କେବଳ ଆଇସିସି ଇଭେଣ୍ଟରେ ପରସ୍ପରକୁ ଭେଟୁଛନ୍ତି। ବାବର ଆଜମ ଭାରତରେ ବିଶେଷ କରି ଅହମଦାବାଦରେ ଲକ୍ଷାଧିକ ଦର୍ଶକଙ୍କ ସମ୍ମୁଖରେ ଖେଳିବାକୁ ଆଗ୍ରହୀ ବୋଲି କହିଛନ୍ତି।

# ବିଶ୍ୱରେକର୍ଡ ସହ ନେପାଳ ବିଜୟୀ

**ହାଙ୍ଗଝୋ,୨୭।୯(ପି.ଟି.)**

ବୁଧବାର ଏସିଆନ୍ ଗେମ୍ସ ପୁରୁଷ କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଛି। ବିଶ୍ୱରେକର୍ଡ ସହିତ ମଙ୍ଗୋଲିଆ ବିପକ୍ଷ ପ୍ରଥମ ମ୍ୟାଚକୁ ଜିତି ନେଇଛି ନେପାଳ। ବିଶ୍ୱର ପ୍ରଥମ ଦଳ ଭାବରେ ଏକ ଟି୨୦ ମ୍ୟାଚ୍‌ରେ ୩୦୦ ରନ୍ ସ୍କୋର କରିବା ପରେ ନେପାଳ ୨୭୩ ରନ୍‌ରେ ଏହି ମ୍ୟାଚ୍‌କୁ ଜିତି ନେଇଛି। ଅନ୍ତର୍ଜାତୀୟ କ୍ରିକେଟରେ ଏହା ସର୍ବାଧିକ ରନ୍ ହୋଇଥିବା ବେଳେ ସର୍ବାଧିକ ରନ୍ ବ୍ୟବଧାନରେ ବିଜୟ ଅଟେ। ଏହା ବ୍ୟତୀତ ଟି୨୦ କ୍ରିକେଟରେ ଦ୍ରୁତତମ ଶତକ ଓ ଦ୍ରୁତତମ ଶତକ ମଧ୍ୟ ଏହି ମ୍ୟାଚ୍‌ରେ ରେକର୍ଡ ହୋଇଛି। ନେପାଳ ଦଳର ଟପ୍ ଅର୍ଡର ଖେଳାଳି କୁଶାଲ ମଲ୍ଲ ୩୪ ବଲ୍‌ରେ ଶତକ ଅର୍ଜନ କରିଥିବା ବେଳେ ଦୀପେନ୍ଦ୍ର ସିଂ ଆରି ମାତ୍ର ୯ ବଲ୍‌ରେ ହାସଲ କରିଥିଲେ ଅର୍ଦ୍ଧଶତକ। ୩୫ ବଲ୍‌ରେ ଦ୍ରୁତତମ ଶତକ ହାସଲର ରେକର୍ଡ ରୋହିତ ଶର୍ମା ଓ ଡେଭିଡ୍ ମିଲରଙ୍କ ନାମରେ ରହିଥିବା ବେଳେ କୁଶାଲ ୩୪ ବଲ୍‌ରେ ଶତକ ଅର୍ଜନ କରିଥିଲେ। ୫୦ ବଲ୍‌ର ଇନିଂସରେ ସେ ୮ ଚୌକା ଓ ୧୨ ଛକା ମାରିଥିବା ବେଳେ ୧୩୭ ରନ୍ କରି ଅପରାଜିତ ରହିଥିଲେ। ଅନ୍ୟ ପକ୍ଷରେ ଦୀପେନ୍ଦ୍ର ସିଂ ୧୬ ବର୍ଷ ଧରି ରହିଥିବା ଯୁବରାଜ ସିଂଙ୍କ ରେକର୍ଡ ଭାଙ୍ଗିଛନ୍ତି। ଯୁବରାଜ ୧୨ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଦୀପେନ୍ଦ୍ର ୯ ବଲ୍‌ରୁ ୮ ଛକା ସହିତ ତାଙ୍କ ରେକର୍ଡ ଭାଙ୍ଗିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ୨୦ ଓଭରରେ ୩ ଉଇକେଟରେ ୩୧୪ ରନ୍ ସ୍କୋର କରିଥିଲା। ଜବାବରେ ମଙ୍ଗୋଲିଆ ୧୩.୧ ଓଭରରେ ୪୧ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।


ଶତକ ହାସଲ କରିବାପରେ କୁଶାଲ ମଲ୍ଲ।









# ବିଶ୍ୱ କାରାଗାର ଚେସ୍: ଝାରପଡ଼ାକୁ ଯୋଗ୍ୟତା

**ଭୁବନେଶ୍ୱର, ୨୭।୯**
**(ତପନ ସ୍ୱାଇଁ)**

ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ (ଫିଡେ) ଆନୁକୂଲ୍ୟରେ ହେବାକୁଥିବା 'ପ୍ରିଜନ ଟୁ ପ୍ରାଇଡ୍' ବିଶ୍ୱ ଅନ୍‌ଲାଇନ୍ ଚେସ୍ ପ୍ରତିଯୋଗିତା ପାଇଁ ଝାରପଡ଼ା ଯୋଗ୍ୟତା ହାସଲ କରିଛି। ଚେସ ମାଧ୍ୟମରେ ଜେଲର ଅନ୍ତେବାସୀଙ୍କ ମାନସିକ ଓ ବୌଦ୍ଧିକ ବିକାଶ ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ ଉଦ୍ଦେଶ୍ୟରେ 'ପ୍ରିଜନ ଟୁ ପ୍ରାଇଡ୍' ସର୍ବଭାରତୀୟ ଅନ୍‌ଲାଇନ୍ କାରାଗାର ଚେସ୍ ପ୍ରତିଯୋଗିତା ବୁଧବାର ଶେଷ ହୋଇଛି। ଏହାର ସେମିଫାଇନାଲରେ ମେଘାଳୟର ଦିମାପୁରକୁ ହରାଇ ଝାରପଡା ଦଳ ଫାଇନାଲରେ ପ୍ରବେଶ କରିଥିବାବେଳେ ପୁଣେଠାରୁ ହାରି ସର୍ବଭାରତୀୟ ସ୍ତରରେ ରନରଅପ୍ ହୋଇଛି। ଫଳରେ ବିଶ୍ୱ କାରାଗାର ଚେସ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛି। ମ୍ୟାଚ୍ ଆୟୋଜନ ପୂର୍ବରୁ ଝାରପଡ଼ା, ଚୌଦ୍ୱାର, ପୁରୀ ଓ ବ୍ରହ୍ମପୁର କାରାଗାରର ଅନ୍ତେବାସୀଙ୍କୁ ଚେସ୍ ପ୍ରଶିକ୍ଷଣ ଦିଆଯାଇଥିଲା। ଭାରତୀୟ ତୈଳ ନିଗମ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ୍‌ଆର୍ ଚେସ୍ ପକ୍ଷରୁ ଅନ୍ତର୍ଜାତୀୟ ପ୍ରଶିକ୍ଷକ ସତ୍ୟ ରଞ୍ଜନ ପଟ୍ଟନାୟକ, ଅବିନାଶ ଦାଶ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ଅକ୍ଟୋବର ୧୩ ଓ ୧୪ରେ ଅନ୍‌ଲାଇନରେ ବିଶ୍ୱ କାରାଗାର ଚେସ୍ ଅନୁଷ୍ଠିତ ହେବ।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ